# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 6/2025 | Page 18 | ₹ 7.00

୫୧ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 221 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୬/୨୦୨୫ | Bhubaneswar, Sunday, July 6/2025 | ପୃଷ୍ଠା-୧




**ଗିଲ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ଶୁବମନ ଗିଲ୍।

୧୬

୧୦

**ସେନା ଅଧିକାରୀ ଭୂମିକାରେ ସଲ୍‌ମାନ**

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ସଲ୍‌ମାନ ଖାନ୍‌ଙ୍କୁ ସେନା ଅଧିକାରୀ ଭୂମିକାରେ ଦେଖିବାକୁ ମିଳିବ।



# ହିନ୍ଦୀକୁ ବିରୋଧ ଠାକ୍‌ରେ ଭ୍ରାତା ଏକାଠି

## ୨୦ ବର୍ଷ ପରେ ଗୋଟିଏ ମଞ୍ଚରେ

ମୁମ୍ବାଇ,୫।୭(ପି.ଟି./ଏଜେନ୍ସି)

୨୦୦୩ରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେ ପୁଅ ଉଦ୍ଧବ ଠାକ୍‌ରେଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଘୋଷଣା କରିବା ସହ ରାଜନୈତିକ ଉତ୍ତରାଧିକାରୀ ହେବା ପଥ ସୁଗମ କରିଥିଲେ। ବାଲ୍ ଠାକ୍‌ରେଙ୍କ ପୁତୁରା ରାଜ୍ ଠାକ୍‌ରେ ଏଥିରେ କ୍ଷୁବ୍ଧହୋଇ ୨୦୦୬ରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ନାମରେ ପୃଥକ୍ ରାଜନୈତିକ ଦଳ ଗଢ଼ିଥିଲେ। ଉଦ୍ଧବ ଓ ରାଜ୍‌ଙ୍କୁ ୨୦୦୫ରେ ଶେଷ ଥର ପାଇଁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଦୁଇ ଦଶନ୍ଧିର ରାଜନୈତିକ ବିଚ୍ଛେଦ ପରେ ମହାରାଷ୍ଟ୍ରରେ ହିନ୍ଦୀ ବିରୋଧୀ ବିଚାରଧାରା ଦୁଇଭାଇଙ୍କୁ ଏବେ ପୁଣି ଏକାଠି କରିଛି। କ୍ଷମତାସୀନ ମହାଯୁତି ସରକାର ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦) ଅଧୀନ ତିନିଭାଷା ସୂତ୍ର ବଳରେ ପ୍ରାଥମିକ ସ୍କୁଲଗୁଡ଼ିକରେ ହିନ୍ଦୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କିନ୍ତୁ ହିନ୍ଦୀ ଭାଷାକୁ ମରାଠୀଙ୍କ ଉପରେ ଜବରଦସ୍ତ ଲଦି ଦିଆଯିବାକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଜୋର୍‌ଦାର ବିରୋଧ କରାଯିବାରୁ ଜୁନ୍ ୨୯ରେ ରାଜ୍ୟ ସରକାର ବାଧହୋଇ ନିଜ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିନେଲେ। ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଏବଂ ଏମ୍‌ଏନ୍‌ଏସ୍ ସୁପ୍ରିମୋ ରାଜ୍ ଏହାକୁ 'ମରାଠୀଙ୍କ ବିଜୟ' ବୋଲି ଅଭିହିତ କରି ଶନିବାର ମୁମ୍ବାଇର ଓର୍ଲିରେ 'ଭିକ୍ଟ୍ରି ରାଲି' କରିଛନ୍ତି। ଉଦ୍ଧବଙ୍କ ସହ ମଞ୍ଚାସୀନ ରାଜ୍ କହିଛନ୍ତି, ଯାହା ବାଲ୍ ଠାକ୍‌ରେ କରିପାରି ନ ଥିଲେ, ତାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଉଦ୍ଧବ ମଧ୍ୟ 'ଆମେ ଏକାଠି ହୋଇଛୁ, ଏକାଠି ରହିବୁ' କହି ଆଗକୁ ହେବାକୁ ଥିବା ବ୍ରିହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ସମେତ ଅନ୍ୟ ପୌରପାଳିକା ନିର୍ବାଚନ ମିଳିତ ଭାବେ ଲଢ଼ିବା ପାଇଁ ସଙ୍କେତ ଦେଇଛନ୍ତି। ସଦ୍ୟ ଘଟଣାକ୍ରମ ଆଗାମୀ ଦିନରେ ମହାରାଷ୍ଟ୍ର ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି ଚର୍ଚ୍ଚା ହେଉଛି।

**(ଅଧିକ ରିପୋର୍ଟ: ଜାତୀୟ/ ଅନ୍ତର୍ଜାତୀୟ ପୃଷ୍ଠା)**



ଶ୍ରୀମସ୍ତକରେ ଟାହିଆ ସୁଶୋଭିତ, ଘଣ୍ଟ, କାହାଳି ତାଳେ ତାଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବବିହ୍ୱଳ ପରିବେଶରେ ଧାଡ଼ି ପହଣ୍ଡିରେ ନନ୍ଦିଘୋଷ ରଥକୁ ବିଜେ ହେଉଛନ୍ତି।

# ଜନ୍ମବେଦିରୁ ବାହୁଡ଼ିଲେ ମହାପ୍ରଭୁ

## ଆଜି ସୁନାବେଶରେ ଝଲସିବେ ଦାରୁଦିଅଁ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ମା' ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଜନ୍ମବେଦି ଆଡ଼ପ ମଣ୍ଡପ ଛାଡ଼ି କର୍ମବେଦି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ଗଡ଼ିଛି ଦାରୁବିଗ୍ରହଙ୍କ ତିନି ରଥ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତିକାନ୍ତିର ଯଥେଷ୍ଟ ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟ ଘଣ୍ଟା, ନୃତ୍ୟ ସଙ୍ଗୀତ ମଧ୍ୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପ୍ରଥମେ ବଳଭଦ୍ରଙ୍କ ରଥ ସନ୍ଧ୍ୟା ୬ଟା ୨୫ରେ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିବାବେଳେ ମା' ସୁଭଦ୍ରାଙ୍କ ରଥ ୭ଟା ୨୫ ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ୯ଟା ୩୦ରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା। ରବିବାର ମହାପ୍ରଭୁ ରଥ ଉପରେ ସୁନାବେଶରେ ଦର୍ଶନ

☞ପୃଷ୍ଠା-୨

# ଭାରତରେ ଗରିବଙ୍କ ସଂଖ୍ୟା ବଢ଼ୁଛି: ଗଡ଼କରୀ

ମୁମ୍ବାଇ, ୫।୭ (ପି.ଟି.)



କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ

ଭାରତରେ ଗରିବ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସମ୍ପତ୍ତି ଅଳ୍ପ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖରେ ସୀମିତ ରହୁଥିବାରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଶନିବାର ଚିନ୍ତା ପ୍ରକଟ କରିଛନ୍ତି। ସମ୍ପତ୍ତିର ବିକେନ୍ଦ୍ରୀକରଣ ହେବା ଆବଶ୍ୟକ ବୋଲି ନାଗପୁରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି। ଏହି ଅବସରର ଗଡ଼କରୀ କୃଷି, ଉତ୍ପାଦନ କ୍ଷେତ୍ର, ଟିକସ ବ୍ୟବସ୍ଥା ଏବଂ ଭିତ୍ତିଭୂମି ବିକାଶରେ ସରକାରୀ-ଘରୋଇ ସହଭାଗିତା ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ।

ଦେଶରେ ଗରିବଙ୍କ ସଂଖ୍ୟା ବଢ଼ିବା ଏବଂ ସମ୍ପତ୍ତି ମୁଷ୍ଟିମେୟ ଧନୀଙ୍କ ପାଖରେ ରହିବା ଉଚିତ ନୁହେଁ। ଅର୍ଥନୀତିକୁ ଏପରି ବିକଶିତ କରାଯିବା ଉଚିତ,

☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଏକାତ୍ମ ମାନବବାଦରେ ବିଶ୍ୱାସ







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: କମର୍ସ ମେରିଟ୍ ଏକାଡେମୀ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସମ୍ମିଳନୀ କକ୍ଷ ସଂସ୍କୃତି ଭବନ, କଳ୍ପନା ଛକ ନିକଟ ବିଜେବି ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ବର୍ତ୍ତନା, ଖଇରା, ସମୟ: ସକାଳ ୮ଟା।
- ସୁନାବେଶ ଦର୍ଶନ, ସ୍ଥାନ: ଇମାମୀ ମନ୍ଦିର, ରେମୁଣା, ସମୟ: ସକାଳ ୮ଟା ୩୦।
- ରୋଟାରୀ କ୍ଲବର ଅଧିଷ୍ଠାନ ଦିବସ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହରିଶୟନ ଏକାଦଶୀ (ବଡ଼), ରାଜାରାଜେଶ୍ୱର ବେଶ, ରଥଟଣା, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ଅପରାହ୍ନ ୩ଟା।
- ହରିଶୟନ ନୀତି, ସ୍ଥାନ: ବଡ଼ଦାଣ୍ଡ, ନୀଳଗିରି, ସମୟ: ରାତି ୧୦ଟା ୩୦।

## ଭଦ୍ରକ

- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ଭଦ୍ରକ କଲେଜର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ସମାରୋହ, ସ୍ଥାନ: ଆମ ପାଠାଗାର ପରିସର, ଧାମନଗର ହାଇସ୍କୁଲ, ସମୟ: ଅପରାହ୍ନ ୪ଟା।
- ହଜରତ ଇମାମ ହୋସେନଙ୍କ ଜନ୍ମଦିନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ମଦିନା ମଇଦାନ, ନଙ୍ଗାମହଲା, ଭଦ୍ରକ, ସମୟ: ରାତି ୧୦ଟା।

## କେନ୍ଦୁଝର

- ରାଜନଗର ଦଧିବାମନ ଜୀଉଙ୍କ ସୁନାବେଶ, ସ୍ଥାନ: ରାଜନଗର ସିଂହ ଦ୍ୱାର, ପାଟଣା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଅଭିଭାବକ ବୈଠକ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ସାହି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ରଥଟଣା, ସ୍ଥାନ: ଶ୍ରୀଗୁଣ୍ଡିଚା ମନ୍ଦିର, ବାରିପଦା, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ଅପରାହ୍ନ ୪.୩୦।

## ଗଞ୍ଜାମ

- ଏକାଦଶୀ ଉପଲକ୍ଷେ ମଞ୍ଚସ୍ଥ ହେବ ନାଟକ'ସତୀ ଲୁହରେ ଜଳୁଛି ଲଙ୍କା', ସ୍ଥାନ: ବୁଗୁଡ଼ା ବଡଦାଣ୍ଡ , ସମୟ: ସନ୍ଧ୍ୟା ୬ ଟା ୫ ।

## ଜଗତ୍‌ସିଂହପୁର

- ବଟଶ୍ରୀ ଚ୍ୟାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ତିର୍ତ୍ତୋଲ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥଟଣା, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ସ୍ୱାଧୀନତା ସଂଗ୍ରାମୀ ବାଉରୀବନ୍ଧୁ ମହାନ୍ତିଙ୍କ ସ୍ମୃତି ସମାରୋହ, ସ୍ଥାନ: ଅନ୍ଧୁଳି ମଠ, ମହାକାଳପଡା, ସମୟ: ସକାଳ ୯ଟା।

## ଯାଜପୁର

- ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଓ ପୂଜ୍ୟପୂଜା ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଭାଲୁଖାଇ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ , ସ୍ଥାନ:ନୟାଗଡ ପୁରୁଣା ସହର ବଡଦାଣ୍ଡ ; ଗୋଡିପଡା ; ଖଣ୍ଡପଡା ବଡଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ହରିଶୟନ ଏକାଦଶୀ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବଡ ଏକାଦଶୀରେ ତିନି ଠାକୁରଙ୍କ ସୁନାବେଶ ଅବସରରେ ନାଟକ, ସ୍ଥାନ:ଓଡଗାଁ ବ୍ଲକ କୁରାଳ, ସମୟ: ରାତି ୧୦ଟା।

## ରାୟଗଡ଼ା

- ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଶ୍ରଦ୍ଧା ଶ୍ରୀକ୍ଷେତ୍ର, ରାୟଗଡା, ସମୟ: ସକାଳ ୬ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବେଲମଗୁଡା, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡିଆ, ସମୟ: ସକାଳ ୫ଟା ୩୦।
- ହୀରାକୁଦ ବନ୍ଧରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ, ସ୍ଥାନ: ହୀରାକୁଦ ବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁଙ୍ଗ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର

- ଯୁବୋଦୟ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଯୁବୋଦୟ କଲେଜ କ୍ୟାମ୍ପସ, ସକ୍ମା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ମାଲ୍ୟ କଣିକା ମହୋତ୍ସବ-୨୦୨୫, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଲୋଇସିଂହା, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଅସ୍ତିତ୍ୱର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସେକ୍ଟର-୫ ଆଦର୍ଶ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ବାସି ବାହୁଡ଼ା ଯାତ୍ରା, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ରାଉରକେଲା କେନ୍ଦ୍ରୀୟ ମହରମ୍ କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ପୁରୁଣା ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ବୃକ୍ଷରୋପଣ, ପରିବେଶ ସଚେତନତା ଶିବିର,ସ୍ଥାନ: ବଗେଇବିରା, ବରଗଡ଼, ସମୟ:ସକାଳ ୭ଟା।

## କଳାହାଣ୍ଡି

- ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସୁନାବେଶ, ସ୍ଥାନ: ଭବାନୀପାଟଣା ମୁଖ୍ୟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସଚେତନତା ସଂଗ୍ରାମ ସମିତି ବୈଠକ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର ରଥଖଳା, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାହୁଡ଼ା ଯାତ୍ରା ପାଇଁ ଦେବଗଡ଼ରେ ରଥାରୂଢ ହେବେ ତିନିଠାକୁର, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୋନପୁର ଗଡଭିତର ବଡ ଜଗନ୍ନାଥଙ୍କ ରଥଟଣା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- ସୋନପୁର ଘୋଡାଘାଟପଡା ଦଧିବାବନ ମହାପ୍ରଭୁଙ୍କ ରଥଟଣା, ସ୍ଥାନ: ସୋନପୁର ଥାନା ସମ୍ମୁଖ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ପ୍ରଭାବରୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନ ଘଟିବ। ମନୋରଞ୍ଜନ ଉପକରଣ ଓ ଭୋଗ ବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ ମରାମତି, ଭୂମିକ୍ରୟ, ଯାନ୍ତ୍ରିକ ଜିନିଷ କ୍ରୟ ବିକ୍ରୟରେ କଳହ ଦେଖାଦେବ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ** ସମ୍ପର୍କୀୟଙ୍କ ସହଯୋଗ ପାଇ କାମ ସହଜରେ ସମ୍ପନ୍ନ କରିପାରିବେ। ଘରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା କାରଣରୁ କ୍ରୋଧାନ୍ୱିତ ହେବେ। ବାହାରକୁ ଯିବା ସମୟରେ ଦୂରାଗତ ବନ୍ଧୁଙ୍କ ସହ ଦେଖାହୋଇଯିବ। ଶାସ୍ତ୍ରାନୁଶୀଳନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ମିଳିବ।

**ମିଥୁନ** ଗତକାଲିର କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି ବିତର୍କର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ହେତୁ ପ୍ରଶଂସିତ ହେବେ। ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ, ମୂଲ୍ୟବାନ ଦ୍ରବ୍ୟ କ୍ରୟ ସକାଶେ ମନ ବଳାଇବେ। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜିର ତୃତୀୟଚନ୍ଦ୍ର ପ୍ରଭାବରେ ଦ୍ୱନ୍ଦ୍ୱାତ୍ମକ ଖବର ମନକୁ ଅସ୍ଥିର କରିଦେବ। ଆତ୍ମୀୟ ସ୍ୱଜନ ପରୋକ୍ଷରେ ସମାଲୋଚନା କରିପାରନ୍ତି। ଅଭାବଜନିତ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମନରେ ଉଦ୍‌ବେଗ ଭରି ରହିବ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ସତର୍କ ନ ରହିଲେ ଜିନିଷ ହଜିଯିବା ସଙ୍ଗକୁ ସାଧାରଣ ଆଘାତ ଲାଗିପାରେ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ପରିବାର ସଦସ୍ୟଙ୍କର ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ମଧ୍ୟରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହେବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କାମରେ ଅସନ୍ତୁଷ୍ଟ ହେତୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପିଲାଙ୍କ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ।

**ତୁଳା** ଆଜି ଯାହା ପାଇବାକୁ ଇଚ୍ଛା କରୁଛନ୍ତି, ସାମାନ୍ୟ ଚେଷ୍ଟାରେ ତାହା ପାଇପାରିବେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବାକୁ ପଛେଇ ଯାଇ ପାରନ୍ତି। ଅଫିସ୍ କାମରେ ଯୁକ୍ତିତର୍କର ସମ୍ଭାବନା ରହିଛି। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢ଼ିପାରେ।

**ବିଛା** ଆଜି ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟ ମଧ୍ୟରେ ସଫଳତା ପାଇବେ। ପରିବହନ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହେବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ ଓଲଟା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**ଧନୁ** ଆଜି ଦିନଟି ଆନୁଷ୍ଠାନିକ କାମ ପାଇଁ ଭଲ। ସାଧାରଣ ଭୁଲ୍‌ରୁ ପରିବାରରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସାଙ୍ଗକୁ ମନକୁ ସାମୟିକ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଅସୁବିଧା ସୃଷ୍ଟି ନ ହେଲେ ମଧ୍ୟ ଆର୍ଥିକ ଅନଟନ କାମକୁ ସଂକୁଚିତ କରିଦେଇପାରେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆଶ୍ୱସ୍ତି ଲାଭ କରିବେ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରା, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ। ଏକାଦଶସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ବନ୍ଧୁ ସମ୍ପର୍କରୁ ଖୁସି ହୋଇପାରନ୍ତି।

**କୁମ୍ଭ** ଆକସ୍ମିକ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟହାନି ମାନସିକ ଅସ୍ଥିରତାର କାରଣ ହେବ। ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣରେ ରଖିଲେ ଉପକାର ମିଳିବ। ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବ୍ୟବସାୟ, ପରିବହନ ସକାଶେ ଦିନଟି ଅନୁକୂଳ। ଆନୁଷ୍ଠାନିକ କାମ, ସାମ୍ବାଦିକତା, ଚୁକ୍ତିପତ୍ର, ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ମୀନ** ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡ଼ିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିପାରନ୍ତି। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇପାରନ୍ତି।

ଆଜି ଜୁଲାଇ ୬ ତାରିଖ, ଆଷାଢ଼ ଶୁକ୍ଲପକ୍ଷର ସର୍ବସମ୍ମତ ହରିଶୟନୀ ବଡ଼ ଏକାଦଶୀ ରବିବାର। ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବଡ଼ ତଡ଼ାଉ ବେଶ (ସୁନା ବେଶ), ଅଦ୍ୟ ରବିନାରାୟଣ ବ୍ରତ, ଚାତୁର୍ମାସ୍ୟା ବ୍ରତ ଆରମ୍ଭ, ଅଶୁଦ୍ଧ କାଳ ଆରମ୍ଭ, ମହରମ ପର୍ବ, ଆସୁରା, ଇମାମ ହୁସେନଙ୍କ ବଳିଦାନ ଦିବସ, ରାଶିନକ୍ଷତ୍ର-ବିଶାଖା/ତୁଳା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୭।୦୨ ଗତେ ଘ.୦୯।୩୯ ମଧ୍ୟେ, ଘ.୦୧।୩୦ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୭ ଗତେ ଘ.୦୬।୨୬ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା।**

ମଇଁଷି ଦଳ ନିଜ ନିଜ ଭିତରେ ଯେତେ ମାଡ଼ଗୋଳ ହୁଅନ୍ତୁ ପଛେ ବିପଦ ପଡିଲେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ବାହାରି ପଡନ୍ତି। ଦଳ ପ୍ରତି ଥିବା ଆନୁଗତ୍ୟ ଯୋଗୁ ଏପରି ହୋଇଥାଏ। ଏକତା ହିଁ ଶକ୍ତିର ଉତ୍ସ। ବାହ୍ୟ ଶତ୍ରୁ ଆକ୍ରମଣ କଲେ ପାରସ୍ପରିକ ବିବାଦ ଭୁଲି ପୁଣି ଏକମନ ହୋଇ ବିପଦର ମୁକାବିଲା କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମିଥୁନ ବରଷା ମହୀରେ ମାର କଙ୍କଡ଼ା ବରଷା ନଈରେ ଧାର।**

ସାଧାରଣତଃ ଆଷାଢ଼ ମାସରେ ଭଲ ବର୍ଷା ହେଲେ ଚାଷ କାମ ଠିକ୍‌ଠାକ୍ ବା ଭଲ ହେଉଥିବାର ଜଣାଯାଏ। ତେବେ ଶ୍ରାବଣ ମାସରେ ବର୍ଷା ହେଲେ ନଈରେ ବନ୍ୟା ଆସିବାର ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରେଲର ଧକ୍କାରେ ମହିଳା କନଷ୍ଟେବଲ୍‌ଙ୍କ ମୃତ୍ୟୁ

**ରାୟଗଡ଼ା,୫।୭(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଗୁନାଖାଲ ଛକରେ ସ୍କୁଟିକୁ ପଛପଟୁ ଟ୍ରେଲର ଧକ୍କାଦେବା ଫଳରେ ଚାପିହୋଇ ଜଣେ ମହିଳା କନଷ୍ଟେବଲ୍‌ଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖେଦାପଡ଼ା ପଞ୍ଚାୟତର ଲାବଣ୍ୟା ଗାଣ୍ଟା(୨୪)। ଲାବଣ୍ୟା ସକାଳୁ ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ବାହୁଡାଯାତ୍ରା ଡ୍ୟୁଟିରେ ଆସୁଥିଲେ। ଉକ୍ତ ରାସ୍ତାରେ ବିପରୀତ ଦିଗରୁ ଅନ୍ୟ ଏକବାଇକ୍‌ରେ ୨ଜଣ ଆସୁଥିଲେ। ରାସ୍ତାର ଗୋଟିଏ ସ୍ଥାନରେ ଲାବଣ୍ୟା କୌଣସି କାରଣରୁ ସ୍କୁଟି ବ୍ରେକ୍ ମାରିବା ବେଳେ ପଛ ପଟେ ଆସୁଥିବା ଟ୍ରେଲରଟି ତାଙ୍କୁ ଧକ୍କାଦେଇଥିଲା । ଏଥିରେ ଭାରସାମ୍ୟ ହରାଇ ଟ୍ରେଲର ଚକା ତଳେ ପଡି ଚାପିହୋଇ ଘଟଣାସ୍ଥଳରେ ଲାବଣ୍ୟାଙ୍କର ମୃତ୍ୟୁ ଘଟିଥିଲା।

## ଡ୍ୟୁଟି ବେଳେ ଟଳିପଡ଼ିଲେ କନଷ୍ଟେବଲ୍ ତାରିଣୀ

ସେହିପରି ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରାରେ ଡ୍ୟୁଟି କରୁଥିବା ବେଳେ କନଷ୍ଟେବଲ୍ ତାରିଣୀ ଚରଣ ଗମାଙ୍ଗ(୫୦)ଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳୁ ତହସିଲ ଛକରେ ଜାତୀୟ ରାଜପଥ କଡ଼ରେ ଡ୍ୟୁଟି କରୁଥିବା ବେଳେ ଅସୁସ୍ଥତା ଅନୁଭବକରି ତଳେ ପଡ଼ିଯାଇଥିଲେ। ସେଠାରେ ଥିବା ପୋଲିସ କର୍ମୀ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମାଲିରେ ଅପହୃତ ଭେଙ୍କଟରମଣ

**ଦୁଃଖରେ ପରିବାର**

## ବହିର୍ବ୍ୟାପାର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

**ହିଞ୍ଜିଳିକାଟୁ/ବ୍ରହ୍ମପୁର ୫।୭ (ଦ୍ୱିତୀକୃଷ୍ଣ ପଣ୍ଡା/ସୁବାଷ ଚନ୍ଦ୍ର ପାଢୀ)**

ପଶ୍ଚିମ ଆଫ୍ରିକା ମହାଦେଶର ମାଲିରେ ଆତଙ୍କବାଦୀ ୩ ଭାରତୀୟ ନାଗରିକଙ୍କୁ ଜୁଲାଇ ୧ରେ ଅପହରଣ କରି ନେଇଛନ୍ତି । ଅପହୃତଙ୍କ ମଧ୍ୟରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ସମରଝୋଳ ଛକର ପନାଡ ଭେଙ୍କଟରମଣ ଥିବା ଜାଣିବା ପରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଭେଙ୍କଟ ପିଲାଟି ଦିନରୁ ବାପା ଛେଉଣ୍ଡ ଥିଲେ। ତାଙ୍କର ୨ ଭଉଣୀ ଓ ଜଣେ ସାନ ଭାଇ ଅଛନ୍ତି। ଭେଙ୍କଟରମଣଙ୍କ ଫେରିବା ବାଟକୁ ସମସ୍ତେ ଚାହିଁ ରହିଛନ୍ତି। ଅପହରଣକାରୀ ତାଙ୍କ ପୁଅକୁ ଛାଡ଼ି ଦେବାକୁ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି ମା' ପନାଡ ନାର୍ସମା। ଭାଙ୍ଗିପଡିଥିବା ମା'ଙ୍କୁ ଧୈର୍ଯ୍ୟ ଦେବାକୁ ତାଙ୍କ ସମ୍ପର୍କୀୟମାନେ ସମରଝୋଳ ଛକସ୍ଥିତ ତାଙ୍କ ଘରକୁ ଆସିଛନ୍ତି। ତାଙ୍କ ମା' ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରି ପୁଅକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଗତ ୩୦ରେ ସେ ଶେଷ ଥର ପାଇଁ ପୁଅ ସହ ଫୋନରେ କଥା ହୋଇଥିଲେ। ଜୁଲାଇ ୧ରୁ ପୁଅର ଫୋନ ବନ୍ଦ ଥିବା କହିଛନ୍ତି ପି ନାର୍ସମା। ହିଞ୍ଜିଳି ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ



ଏକ୍ସ' ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ହସ୍ତକ୍ଷେପ କରିବାକୁ ଏବଂ ତାଙ୍କର ଶୀଘ୍ର ଏବଂ ନିରାପଦ ମୁକ୍ତି ପାଇଁ ଅନୁରୋଧ କରିଛନ୍ତି। ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ଏକ୍ସ'ରେ ଜୟଶଙ୍କରଙ୍କୁ ଅନୁରୋଧ କରିଛନ୍ତି। ଭେଙ୍କଟରମଣ ଗତ ନଭେମ୍ବରରେ ଏକ ଘରୋଇ କମ୍ପାନୀ ପକ୍ଷରୁ ମାଲିରେ ଏକ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିଲେ। ଗତ ୩ରେ ତାଙ୍କୁ ମାଲି ପୋଲିସ ଗିରଫ କରିଥିବା ନେଇ କମ୍ପାନୀ ପରିବାରକୁ ଜଣାଇଥିଲା । ପରେ ସେ ଅପହୃତ ବୋଲି ଘରଲୋକେ ଜାଣିବାକୁ ପାଇଥିଲେ। ଜୁଲାଇ ୧ରେ ଏହି ଘଟଣା ଘଟିଥିଲା। ଏହି ଅପହରଣ ପାଇଁ ଅଲ-କାଏଦା ସହଯୋଗୀ ଜାମାତ ନୁସରତ ଅଲ-ଇସ୍‌ଲାମ ୱାଲ୍-ମୁସଲିମିନ ନିଜକୁ ଦାୟୀ କରିଛି।

# ରେଙ୍ଗାଲି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ

**ପବିତ୍ରନଗର,୫।୭(ନିରୋଜ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇ ଶନିବାର ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ୍‌ରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା କହିଛନ୍ତି, ଡ୍ୟାମ୍‌ର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ଶନିବାର ଅପରାହ୍ନ ୫ଟା ସୁଦ୍ଧା ଜଳସ୍ତର ୧୨୦.୯୮ ମିଟରରେ ପହଞ୍ଚିଥିଲା। ଫଳରେ ସନ୍ଧ୍ୟା ୬ଟା ୨୦ରେ ଡ୍ୟାମ୍‌ର ୮ନଂ. ଗେଟ୍ ଖୋଲାଯାଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲାଯାଇଥିବା ଗୋଟିଏ ଗେଟ୍ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୧୭୦୦ ଘନ ମିଟର ବନ୍ୟାଜଳ ନିଷ୍କାସନ କରାଯାଉଛି। ରବିବାର ଅଧିକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ଡ୍ୟାମ୍ ଗେଟ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସମଲ ବ୍ୟାରେଜର ମଧ୍ୟ ୫ଟି ଗେଟ୍ ଖୋଲା ଯାଇଥିବା ବ୍ୟାରେଜ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଛି।

**ପ୍ରଥମ ପୃଷ୍ଠାରୁ...**

## ଜନ୍ମବେଦିରୁ ବାହୁଡ଼ିଲେ ...

ଦେବେ। ସୁନାବେଶରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ମନ୍ଦିର ଏବଂ ଜିଲା ପ୍ରଶାସନର ସମନ୍ୱୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ପାଗ ଅନୁକୂଳ ଥିବା ଯୋଗୁ ଶ୍ରୀକ୍ଷେତ୍ରରେ ପ୍ରାୟ ୧୨ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରାତିରେ ପହୁଡ଼ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ୮ଟା ୨୫ରେ ଶ୍ରୀମୁଖ ଖଣ୍ଡୁଆ, ୮ଟା ୫୫ଟାରେ ବାହୁଟକଣ୍ଠ ହୋଇ କୋଠ ସୁଆଁସିଆଙ୍କ ପକ୍ଷରୁ ସିଂହାସନରେ ଚାରମାଳ ବନ୍ଧାଯାଇଥିଲା। ପରେ ରାତି ୧୨ଟା ୧୦ରେ ଦଇତାପତି ସେବକମାନେ କୁସୁମଲାଗି କରିଥିଲେ। ଶନିବାର ସକାଳ ୬ଟା ୪୦ରେ କୁସୁମଲାଗି ନୀତି ସମ୍ପନ୍ନ ହୋଇଥିଲା। ସକାଳ ୭ଟା ୫ ରେ ମଙ୍ଗଳ ଆଳତି, ୭ଟା ୧୦ରେ ମଇଲମ, ତଡ଼ପ ଲାଗି ୭ଟା ୧୫, ରୋଷ ହୋମ ୭ଟା ୧୦, ଅବକାଶ ପୂଜା ୭ଟା ୪୦, ସୂର୍ଯ୍ୟପୂଜା ୮ଟା ୫, ଦ୍ୱାରପାଳ ପୂଜା ୮ଟା ୨୦ ଓ ଡୋରଲାଗି ହୋଇ ସକାଳ ୯ଟା ୫୫ରେ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ପର୍ଯ୍ୟାୟକ୍ରମେ ଶ୍ରୀବିଗ୍ରହମାନଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ମା' ସୁଭଦ୍ରାଙ୍କ ପହଣ୍ଡି ହୋଇଥିବାବେଳେ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମ୍ପନ୍ନ ହୋଇଥିଲା। ଦିନ ୧୨ଟା ୩୦ରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବହୁ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହଙ୍କ ପହଣ୍ଡି ପରେ ଚଳନ୍ତି ପ୍ରତିମା ରାମକୃଷ୍ଣ ଏବଂ ଶ୍ରୀମଦନମୋହନ ପହଣ୍ଡିହୋଇ ୧ଟା ୫ରେ ରଥାରୂଢ ହୋଇଥିଲେ। ଏହାପରେ ଗଜପତି ମହାରାଜା ଛେରା ପହଁରା ପାଇଁ ତିନି ରଥକୁ ତାମଜାନରେ ବିଜେ କରିଥିଲେ। ପରମ୍ପରା ଅନୁଯାୟୀ ଗଜପତି ମହାରାଜା ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଛେରା ପହଁରା କରିଥିଲେ। ପରେ ମହାପ୍ରଭୁଙ୍କ ଜଗନ୍ନାଥଙ୍କ ରଥରେ ରାଜ ନୀତି ସହ ଛେରାପହଁରା କରିଥିଲେ। ଶେଷରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ରାଜନୀତି ଓ ଛେରାପହଁରା କରିଥିଲେ। ଅପରାହ୍ନ ୨ଟା ୪୦ ତିନି ରଥର ଛେରାପହଁରା ସରିବା ପରେ ଚାରମାଳ ଫିଟା ଓ ଘୋଡ଼ା ଲାଗିଥିଲା। ୨ଟା ୫୦ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ଭକ୍ତି ସହ ବଡ଼ ଠାକୁରଙ୍କ ରଥକୁ ଟାଣିଥିଲେ। ପରେ ଅପରାହ୍ନ ୩ଟା ୪୫ରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ମହାପ୍ରଭୁଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ଜୟଜଗନ୍ନାଥ ଧ୍ୱନୀରେ ଭକ୍ତମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ରଥତ୍ରୟ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିବା ପରେ ଠାକୁରମାନଙ୍କୁ ପୋଡ଼ପିଠା ଭୋଗ କରାଯାଇଥିଲା। ପୋଡ଼ ପିଠା ଭୋଗ ଖାଇ ଠାକୁରମାନେ ଶ୍ରୀମନ୍ଦିର ଆଡ଼କୁ ପୁଣି ଥରେ ଯାତ୍ରା ଆରମ୍ଭ କରିଥିଲେ। ପ୍ରଥମେ ବଡ଼ ଠାକୁରଙ୍କ ତାଳଧ୍ୱଜ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହାପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ପହଞ୍ଚିଥିଲା। ତେବେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ରାଜନଅର ନିକଟରେ କିଛି ସମୟ ପାଇଁ ଅଟକି ରହିଥିଲା। ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିର ଚାହାଣି ମଣ୍ଡପକୁ ଆସି ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀନଅରଠାରେ ଅଟକିଥିବା ନନ୍ଦିଘୋଷ ନିକଟକୁ ଆସିଥିଲେ। ସେଠାରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପନ୍ନ କରିଥିଲେ। ନୀତି ସମ୍ପନ୍ନ କରି ମା' ମହାଲକ୍ଷ୍ମୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ଅଭିମୁଖେ ପୁଣି ଗଡ଼ି ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ବାହୁଡ଼ା ଯାତ୍ରା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୨୦୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ପ୍ରାୟ ଶୃଙ୍ଖଳିତ ଭାବରେ ଚଳିତ ବର୍ଷର ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତମାନେ ତିନି ରଥକୁ ଟାଣି ନେଇଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀଙ୍କ ସହ ବହୁ ବିଧାୟକ ରଥ ଟାଣିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାରତରେ ଗରିବଙ୍କ ...

ଯେପରି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଗ୍ରାମାଞ୍ଚଳର ବିକାଶ ହେବ। ସମ୍ପତ୍ତିର ବିକେନ୍ଦ୍ରୀକରଣ ଆବଶ୍ୟକ ଏବଂ ସେ ଦିଗରେ ଅନେକ କିଛି ପରିବର୍ତ୍ତନ ଘଟିଛି। ଉଦାରବାଦୀ ଅର୍ଥନୀତିକୁ ଆପଣାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଏବଂ ମନମୋହନ ସିଂଙ୍କୁ ଏହି ଅବସରରେ ଗଡ଼କରୀ ପ୍ରଶଂସା କରିଛନ୍ତି। ତେବେ ଅନିୟନ୍ତ୍ରିତ କେନ୍ଦ୍ରୀକରଣକୁ ନେଇ ସେ ସତର୍କ କରାଇବା ସହ କେନ୍ଦ୍ର ସରକାର ଏ ଦିଗରେ ଚିନ୍ତା କରିବା ଆବଶ୍ୟକ ବୋଲି କହିଛନ୍ତି। ଭାରତର ଆର୍ଥିକ ଢାଞ୍ଚାକୁ ଉଲ୍ଲେଖ କରି ସେ କହିଛନ୍ତି, ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ବିଭିନ୍ନ କ୍ଷେତ୍ରର ଅବଦାନ ସମାନ ନୁହେଁ। ଜିଡିପିରେ ଉତ୍ପାଦନ କ୍ଷେତ୍ରର ୨୨ରୁ ୨୪% ଅବଦାନ ରହିଥିବାବେଳେ ସେବା କ୍ଷେତ୍ରର ୫୨ରୁ ୫୪% ଅବଦାନ ରହିଛି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ଜନସଂଖ୍ୟାର ୬୫%ରୁ ୭୦% କୃଷିକ୍ଷେତ୍ରରେ ନିୟୋଜିତ ଥିବାବେଳେ ଏହା ଜିଡିପିକୁ କେବଳ ୧୨% ଯୋଗଦାନ ଦେଉଛି। ଚାଟାର୍ଡ ଆକାଉଣ୍ଟାଣ୍ଟମାନେ ଅର୍ଥନୀତିରେ ଗ୍ରୋଥ୍ ଇଞ୍ଜିନ ହୋଇପାରିବେ। ଆମ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ହେଉଛି। ଏହା କେବଳ ଆୟକର ରିଟର୍ନ ଦାଖଲ ଏବଂ ଜିଏସ୍‌ଟି ଭରିବାରେ ସୀମିତ ନୁହେଁ ବୋଲି ବରିଷ୍ଠ ଭାଜପା ନେତା କହିଛନ୍ତି।




# ଏକ୍ସପାଏରି ମଲମରେ ଚିକିତ୍ସା

**▪ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**
**▪ ମେଡିକାଲ ଷ୍ଟୋର୍ ରୁମ୍‌ରୁ ବହୁ ଏକ୍ସପାଏରି ମେଡିସିନ ଜବତ**

ବଇଣ୍ଡା,୫।୭(ପରିକ୍ଷିତ ସାହୁ)

ଆଘାତ ସ୍ଥାନରେ ଏକ୍ସପାଏରି ମଲମ ଓ ସ୍ପିରିଟ୍ ଲଗାଇ ବ୍ୟାଣ୍ଡେଜ୍ କରାଯିବାକୁ ନେଇ ଅନୁଗୋଳ ଜିଲା ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ଉତ୍ତେଜନା ଦେଖାଦେଇଛି। ବିରୋଧ ବଢ଼ିବା ଦେଖି କର୍ମଚାରୀମାନେ ଡାକ୍ତରଖାନାରେ ତାଲା ପକାଇ ପଳାଇ ଯାଇଛନ୍ତି। ଏ ନେଇ କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ଗୁଲ୍‌ଜାର ଖାଁ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୌରୀ ଶଙ୍କର ବଳଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବହୁ ଏକ୍ସପାଏରି ମେଡିସିନ ଜବତ କରିଛି।

ଗୁଲ୍‌ଜାର ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ହାତ ଆଙ୍ଗୁଠିରେ ଆଘାତ ଲାଗିଥିଲା। ସେ ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟାଣ୍ଡେଜ୍ କରିବା ପାଇଁ ଆସିଥିଲେ। ମେଡିକାଲର ଜଣେ କର୍ମଚାରୀ ତାଙ୍କର ବ୍ୟାଣ୍ଡେଜ୍ କରିଥିଲେ। ହେଲେ କର୍ମଚାରୀ ଜଣକ ଯେଉଁ ସ୍ପିରିଟ୍ ଓ ମଲମ ବ୍ୟବହାର କରିଥିଲେ ତାହା ଏକ୍ସପାଏରି ହୋଇଯାଇଥିଲା। ଏହା ଦେଖି ଗୁଲ୍‌ଜାର ପ୍ରତିବାଦ କରିଥିଲେ। କିନ୍ତୁ କର୍ମଚାରୀ ଜଣକ ଏକ୍ସପାଏରି ମଲମ ଲଗାଇଲେ କୌଣସି କ୍ଷତି ହେବ ନାହିଁ ବୋଲି କହି ବ୍ୟାଣ୍ଡେଜ୍ କରିଦେଇଥିଲେ। ଏ ସମ୍ପର୍କରେ ଗୁଲ୍‌ଜାର କମ୍ପାଉଣ୍ଡରଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଔଷଧ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯୋଗାଇ ଦିଆଯାଉ ନାହିଁ ବୋଲି କମ୍ପାଉଣ୍ଡର କହିଥିଲେ। ଗୁଲ୍‌ଜାର ଏହାର ବିରୋଧ କରିବା ସହ ଅଞ୍ଚଳବାସୀଙ୍କୁ ଜଣାଇଥିଲେ। ଫଳରେ ଘଟଣାକୁ ନେଇ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଖବରପାଇ କର୍ମଚାରୀମାନେ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଗୁଲ୍‌ଜାର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବଳ କହିଥିବା ବେଳେ ଅପରାହ୍ନରେ ତାଙ୍କ ନିର୍ଦ୍ଦେଶରେ ବଇଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, କିଶୋରନଗର ମେଡିକାଲର ଫାର୍ମାସିଷ୍ଟ ସରୋଜ କୁମାର ସାହୁ, ସୁପରଭାଇଜର ନାରାୟଣ ଦେହୁରୀ ହଣ୍ଡପା ମେଡିକାଲରେ ପହଞ୍ଚି ଔଷଧ ଗୋଦାମ ଗୃହ ଯାଞ୍ଚ କରି ସେଥିରୁ ବହୁ ଏକ୍ସପାଏରି ମେଡିସିନ ଜବତ କରିଥିଲେ। ପରେ ଉକ୍ତ ଏକ୍ସପାଏରି ମେଡିସିନଗୁଡ଼ିକୁ ଅଞ୍ଚଳବାସୀ ପୋଲିସ ଜିମା ଦେଇଥିଲେ।



ହଣ୍ଡପା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାଣ୍ଡେଜ୍ ପାଇଁ ବ୍ୟବହାର ହୋଇଥିବା ଏକ୍ସପାଏରି ସ୍ପିରିଟ୍ ଓ ମଲମ।

# ୯ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ

**ପେନ୍‌ସନ, ପଦବୀ ପୂରଣ ଦାବି**

ଭୁବନେଶ୍ୱର,୫।୭ (ଅନୁରାଧା ମହାରଣା)

ଆସନ୍ତା ୯ ତାରିଖରେ ସର୍ବଭାରତୀୟ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଘ ଏଆଇବିଇଏ, ବିଇଏଫ୍‌ଆଇ ଏବଂ ଏଆଇବିଓଏ ପକ୍ଷରୁ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ଶତାଧିକ କ୍ଷେତ୍ରୀୟ ଫେଡେରେଶନଙ୍କ ମିଳିତ ମଞ୍ଚର ଜାତୀୟ କନ୍‌ଭେନ୍‌ଶନରେ ଏହି ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ କଳା ୪ ଶ୍ରମକୋଡ୍‌ର ବାତିଲ, ବ୍ୟାଙ୍କ ସମେତ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ସମସ୍ତଙ୍କୁ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଦେବା, ଆଉଟ୍‌ସୋର୍ସିଂ ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାମକୁ ସମାନ ଦରମା, ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲିଥିବା ପଦବୀ ପୂରଣ, ସର୍ବନିମ୍ନ ମାସିକ ମଜୁରି ୨୬ ହଜାର ଟଙ୍କା ଦେବା, ପୁରୁଣା ପେନ୍‌ସନ ସ୍କିମ୍‌ର ପୁନଃ ପ୍ରଚଳନ ଆଦି ୧୭ ଦଫା ଦାବି କରାଯାଇଛି। ଏଥିସହ ବ୍ୟାଙ୍କର ସାଧାରଣ ଗ୍ରାହକଙ୍କ ଉପରୁ ସେବାକର ପ୍ରତ୍ୟାହାର, କର୍ପୋରେଟ୍‌ଙ୍କ ଖିଲାପୀ ଋଣର ଅସୁଲ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ବୀମା ପଲିସି ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଆଦି ଦାବିରେ ଏହି ଧର୍ମଘଟ ଆହ୍ୱାନ ଦିଆଯାଇଛି। ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଓ ଅଫିସର୍ସ ସଂଗଠନ ଏନ୍‌ସିବିଇ, ଏଆଇବିଓସି, ଆଇଏନ୍‌ବିଓସି ଏବଂ ଆଇଏନ୍‌ବିଇଏଫ୍ ଏହି ଧର୍ମଘଟକୁ ସମର୍ଥନ ଜଣାଇଛନ୍ତି। ଧର୍ମଘଟ ସଫଳ କରିବା ପାଇଁ ଏଓବିଇଏର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଏଓବିଇଏଫ୍‌ର ସାଧାରଣ ସମ୍ପାଦକ ପ୍ରକାଶ କୁମାର ରାୟ ଏବଂ ଏଆଇବିଓଏ ଓଡ଼ିଶା ରାଜ୍ୟ କମିଟିର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଦାସ ଆହ୍ୱାନ ଦେଇଛନ୍ତି।

# ଟ୍ରେଡ୍ ୟୁନିୟନ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଦେଶର ପ୍ରମୁଖ ଶ୍ରମିକ ସଙ୍ଗଠନଗୁଡ଼ିକର ୧୭ ଦଫା ଦାବିକୁ ନେଇ ଆସନ୍ତା ୯ ତାରିଖରେ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭକରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ଉଦ୍ଦେଶ୍ୟରେ ହେଉଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜିଲା କଂଗ୍ରେସ, ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ତଥା ପଞ୍ଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।




# କମିଟି ଗଠନକରି କରାଯିବ କାମ: ମୁଖ୍ୟ ଶାସନ ସଚିବ

**ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି, ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗ**

ଭୁବନେଶ୍ୱର,୪।୭(ସୁନିତ୍ ମିଶ୍ର)

ଶ୍ରୀଜଗନ୍ନାଥ ଧାମର ସମୃଦ୍ଧ ଇତିହାସ ଓ ପରମ୍ପରା ସମ୍ପର୍କରେ ପୁରୀକୁ ଆସୁଥିବା ଭକ୍ତଗଣଙ୍କୁ ଜଣାଇବା, ପୁରୀକୁ ଏକ ଉତ୍ତମ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀଠାରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସମ୍ପୃକ୍ତ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରିଛନ୍ତି। ମ୍ୟୁଜିୟମ, ଲାଇବ୍ରେରି ଏବଂ ଗବେଷଣା କେନ୍ଦ୍ର ଗୋଟିଏ ପରିସରରେ ନିର୍ମାଣ ହେବାକୁ ଥିବାବେଳେ ଏଥିପାଇଁ ସ୍ଥାନ ନିରୂପଣ ଓ ଆନୁଷଙ୍ଗିକ ପ୍ରସ୍ତୁତି ନିମନ୍ତେ ଏକ କମିଟି ଗଠନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ତେଲଙ୍ଗାନା କେମିକାଲ କମ୍ପାନୀ ବିସ୍ଫୋରଣରେ ମୃତ ଓଡ଼ିଆଙ୍କ ସଂଖ୍ୟା ୯କୁ ବୃଦ୍ଧି

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ତେଲଙ୍ଗାନାରେ କେମିକାଲ କମ୍ପାନୀରେ ଘଟିଥିବା ବିସ୍ଫୋରଣରେ ଓଡ଼ିଆ ମୃତକଙ୍କ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ମୃତକ ଜଣକ ହେଉଛନ୍ତି କଟକ ଶୁକରପଡାର ପୂର୍ଣ୍ଣଚନ୍ଦ୍ର ସାହୁ। ମୃତକମାନଙ୍କ ପରିଚୟ ପାଇବା ପାଇଁ ଡିଏନ୍‌ଏ ନମୁନା ଟେଷ୍ଟ କରାଯାଇଥିଲା। ଏଥିରେ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଡିଏନ୍‌ଏ ନମୁନା ତାଙ୍କ ବାପାଙ୍କ ଡିଏନ୍‌ଏ ସହିତ ମିଶିଥିବା ନେଇ ସୂଚନା ଦିଆଯାଇଛି। ସେହିପରି ଏହି ଦୁର୍ଘଟଣାରେ ଆଉ ୪ଜଣ ଓଡ଼ିଆ ଶ୍ରମିକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗଞ୍ଜାମର ସମୀ ପାଢୀ ଏବଂ ଭଦ୍ରକର ଚନ୍ଦନ କୁମାର ନାୟକ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ନବରଙ୍ଗପୁରର ନୀଳାମ୍ବର ବାତ୍ରା ଏବଂ ଚିତ୍ରସେନ ଭଦ୍ରା ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିବା ସୂଚନା ଦିଆଯାଇଛି।

ଅପରପକ୍ଷେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପୂର୍ବରୁ ମୃତ ୮ଜଣ ଓଡ଼ିଆ ଗଞ୍ଜାମ ଛତ୍ରପୁରର ରାଜନାଲା ଜଗନ୍‌ମୋହନ, କଟକ ଟିଗିରିଆ ପାଇକରାପୁରର ଲଗ୍ନଜିତ ଦୁଆରି, ବାଲେଶ୍ୱର ଜିଲା ସିମୁଳିଆ ପାର୍ବତୀପୁରର ମନୋଜ ରାଉତ, ଯାଜପୁର ଜିଲା ଧର୍ମଶାଳା ଏରବଙ୍କର ଦୋଳଗୋବିନ୍ଦ ସାହୁ, ନବରଙ୍ଗପୁର ଚଇତୁ ଭତ୍ରା, ରମେଶ ଗଉଡ଼, ଗଞ୍ଜାମ ମହାନନ୍ଦପୁରର ସିଦ୍ଧାର୍ଥ ଗଉଡ଼ ଏବଂ ବ୍ରହ୍ମପୁରର ପ୍ରଶାନ୍ତ ମହାପାତ୍ରଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଶୁକ୍ରବାର ସହାୟତା ଘୋଷଣା କରିଥିଲେ।






ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା

ରଥଉପରେ ମହାପ୍ରଭୁଙ୍କ ସୁନାବେଶ, ମହରମ ପର୍ବ



# ଏକାତ୍ମ ମାନବବାଦରେ ବିଶ୍ୱାସ



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)ର ସମ୍ବିଧାନ (ଧାରା-୩) କହେ, 'ଏକୀକୃତ ବା ଏକାତ୍ମ ମାନବବାଦ ପାର୍ଟିର ଦର୍ଶନ ହେବ'। ପାର୍ଟିର ସଦସ୍ୟତା ଫର୍ମରେ ସଦସ୍ୟମାନଙ୍କୁ ଏକ ସଙ୍କଳ୍ପ ନେବା ଦରକାର ପଡ଼େ, ଯାହାର ପ୍ରଥମ ଧାଡ଼ି ହେଉଛି,''ଭାରତୀୟ ଜନତା ପାର୍ଟିର ମୂଳ ଦର୍ଶନ ଇଣ୍ଟିଗ୍ରାଲ ହ୍ୟୁମାନିଜମ୍ ବା ଏକାତ୍ମ ମାନବବାଦରେ ମୁଁ ବିଶ୍ୱାସ କରେ''। ଏହି ଏକାତ୍ମ ମାନବବାଦ ହେଉଛି ମୁମ୍ବାଇରେ ୨୨ରୁ ୨୫ ଏପ୍ରିଲ ୧୯୬୫ରେ ଦୀନ୍‌ଦୟାଲ ଉପାଧ୍ୟାୟ ଦେଇଥିବା ୪ଟି ଅଭିଭାଷଣର ବିଷୟବସ୍ତୁ। ଉପାଧ୍ୟାୟ ଆର୍‌ଏସ୍‌ଏସ୍ ଦ୍ୱାରା ପ୍ରକାଶିତ ସାପ୍ତାହିକୀ 'ପାଞ୍ଚଜନ୍ୟ'ର ସାମ୍ବାଦିକ ଥିଲେ। ଏହି ଭାଷଣ ଦେବା ସମୟରେ ତାଙ୍କ ବୟସ ପାଖାପାଖି ୫୦ ଥିଲା ଏବଂ ଏହାର ଦୁଇ ବର୍ଷ ପରେ ସେ ଜନସଂଘର ସଭାପତି ହୋଇଥିଲେ। ଆସନ୍ତୁ ଭାଜପା ଦର୍ଶନର ବାର୍ତ୍ତାକୁ ଆଉଥରେ ସମୀକ୍ଷା କରିବା। ଉପାଧ୍ୟାୟ ତାଙ୍କ ଭାଷଣରେ ଯାହା କହିଛନ୍ତି ତାହା ହେଉଛି ଯୁକ୍ତିର ସାରାଂଶ। ସେ ଦର୍ଶାଇଥିଲେ, ଜାତୀୟ ପରିଚୟକୁ ଅଣଦେଖା କରିବା ଯୋଗୁ ଭାରତ ସମସ୍ୟାର ସାମ୍ନା କରୁଛି। ଦେଶ ହେଉଛି ଏକ ବ୍ୟକ୍ତିସତ୍ତା ଏବଂ ଏହାର ସ୍ୱାଭାବିକ ପ୍ରବୃତ୍ତିଗୁଡ଼ିକୁ ଅଣଦେଖା କଲେ ତାହା ରୁଗ୍‌ଣ ହୋଇଯାଏ। ସ୍ୱାଧୀନତା ସତ୍ତ୍ୱେ, କେଉଁ ଦିଗରେ ଗଲେ ଭାରତର ବିକାଶ ହେବ ତାହା ଏଯାବତ୍ ସ୍ଥିର ହୋଇନାହିଁ। ଭାରତ ଆର୍ଥିକ, ସାମାଜିକ ତଥା ରାଜନୈତିକ ସିଦ୍ଧାନ୍ତ ସହ ବିଜ୍ଞାନ କ୍ଷେତ୍ରରେ ପାଶ୍ଚାତ୍ୟ ଦୃଷ୍ଟିକୋଣକୁ ଆପଣାଇଥିବାରୁ ଏଠାରେ ଆର୍ଥିକ, ସାମାଜିକ ଓ ରାଜନୈତିକ ସମସ୍ୟା ଉପରେ ଧ୍ୟାନ ରହିଲା। ପ୍ରଗତି ପାଇଁ ପାଶ୍ଚାତ୍ୟକରଣ ଗୁରୁତ୍ୱପୂର୍ଣ୍ଣ ଥିଲା। ଜାତୀୟତାବାଦ, ଗଣତନ୍ତ୍ର ଏବଂ ସମାଜବାଦ ଆଣିବାରେ ପାଶ୍ଚାତ୍ୟ ବିଫଳ ହେଲା। ଏସବୁ ପାଶ୍ଚାତ୍ୟ ବିଚାରଧାରା ପରସ୍ପର ବିରୋଧୀ ଥିଲେ। ଆୟୁର୍ବେଦ ଘୋଷଣା କରିଥିଲା, ସ୍ଥାନୀୟ ରୋଗ ପାଇଁ ଆମକୁ ସ୍ଥାନୀୟ ଚିକିତ୍ସା ଖୋଜିବା ଦରକାର। ତେବେ ଭାରତୀୟ ସଂସ୍କୃତି ବିଶ୍ୱ ପାଇଁ ଏକ ସମାଧାନ ଦେଇପାରିଲା କି? ସାଧାରଣରେ ଧାରଣା ଅଛି, ଭାରତୀୟ ସଂସ୍କୃତି ଆତ୍ମାର ମୁକ୍ତି କଥା ଭାବେ; ଶରୀର, ବୁଦ୍ଧି ଓ ମନ ସମ୍ପର୍କରେ ମୁଣ୍ଡ ଖେଳାଏ ନାହିଁ। କିନ୍ତୁ ତାହା ମିଥ୍ୟା। ଭାରତୀୟ ସଂସ୍କୃତିରେ ଧର୍ମକୁ ସର୍ବାଗ୍ରେ ସ୍ଥାନ ଦିଆଯାଇଛି। ଧର୍ମ ହେଉଛି ପ୍ରାକୃତିକ ଆଇନ, ଯାହା ଶାଶ୍ୱତ ଏବଂ ବିଶ୍ୱସ୍ତରୀୟ। ବ୍ୟବସ୍ଥାପକ, କାର୍ଯ୍ୟନିର୍ବାହୀ ଓ ନ୍ୟାୟପାଳିକା ଏପରି କି ଲୋକଙ୍କଠାରୁ ଧର୍ମ ଊର୍ଦ୍ଧ୍ୱରେ। ଧର୍ମ ବିରୋଧରେ କାମ କରିବା ପାଇଁ ଲୋକଙ୍କର ଅଧିକାର ନାହିଁ। ଦେଶ ପାଇଁ ଧର୍ମ ଏକ ଆବଶ୍ୟକୀୟ ସର୍ତ୍ତ ହୋଇଥିବାରୁ ସମ୍ବିଧାନରେ 'ସେକୁଲାରିଜମ୍' ବା 'ଧର୍ମନିରପେକ୍ଷ' ଶବ୍ଦର ବ୍ୟବହାର ଭୁଲ୍। ଯାହା ଧର୍ମ ଉପରେ ଆଧାରି ନୁହେଁ ତାହା ଅଗ୍ରହଣୀୟ ଏବଂ ସେଥିପାଇଁ ଧର୍ମନିରପେକ୍ଷ କ୍ଷତିକାରକ ତଥା ତ୍ରୁଟିପୂର୍ଣ୍ଣ। ଜାତୀୟ ଏକତା ଭାରତର ଧର୍ମ, ବିବିଧତା ସମସ୍ୟାପୂର୍ଣ୍ଣ। ଏହି କାରଣ ପାଇଁ ଭାରତର ସମ୍ବିଧାନ ପରିବର୍ତ୍ତନ ଦରକାର କରେ, ଯେଉଁଥିରେ ସଂଘୀୟରୁ ଆରମ୍ଭ କରି ଏକକ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ ପାଇଁ କୌଣସି ବୈଧାନିକ କ୍ଷମତା ନ ଥିବ, କେବଳ କେନ୍ଦ୍ରର ରହିବ। ବ୍ୟକ୍ତି ଓ ସାମାଜିକ ବ୍ୟବସ୍ଥା ମଧ୍ୟରେ ବିଭେଦ ହେଉଛି ପତନ ଓ ବିକୃତିର ସଙ୍କେତ। ବ୍ୟକ୍ତି ଓ ବ୍ୟବସ୍ଥା ମଧ୍ୟରେ ଥିବା ବିରୋଧାତ୍ମକ ସମ୍ପର୍କକୁ ପ୍ରଗତିର କାରଣ ଭାବେ ଦେଖିବା ପାଶ୍ଚାତ୍ୟର ଭୁଲ୍ ଥିଲା। ଆତ୍ମା, ବୁଦ୍ଧି, ଶରୀର ଓ ମନକୁ ନେଇ ବ୍ୟକ୍ତି ଗଢ଼ା। ମଣିଷ ଆତ୍ମା ସହ ଜନ୍ମ ହୋଇଛି। ବ୍ୟକ୍ତିତ୍ୱ, ଆତ୍ମା ଓ ଚରିତ୍ର ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବ୍ୟକ୍ତିର ଆତ୍ମା ଉପରେ ବ୍ୟକ୍ତିଗତ ଇତିହାସର କୌଣସି ପ୍ରଭାବ ନାହିଁ। କିନ୍ତୁ ଇତିହାସ ଦ୍ୱାରା ଜାତୀୟ ସଂସ୍କୃତି ଲଗାତର ଭାବେ ପରିବର୍ତ୍ତନ ହୁଏ। ଯାହା ସବୁ ଭଲ ଓ ପ୍ରଶଂସନୀୟ ବିଷୟ ତାହା ସଂସ୍କୃତିରେ ଅଛି, କିନ୍ତୁ ସେସବୁ ଜାତୀୟ ଚେତନାକୁ ପ୍ରଭାବିତ କରେ ନାହିଁ।

ଭାରତର ଜାତୀୟ ଆତ୍ମା ହେଉଛି ମୌଳିକ ଓ ମୁଖ୍ୟ। ଚେତନା ସାଂସ୍କୃତିକ ପ୍ରଗତିର ଦିଗ ନିର୍ଣ୍ଣୟ କରେ। ସମାଜ ଚେତନଶୀଳ ଏବଂ ଗୋଟିଏ ସମାଜର କାୟ, ମନ, ବୁଦ୍ଧି ଓ ଆତ୍ମା ଅଛି। ଆରମ୍ଭରୁ କେତେକ ପାଶ୍ଚାତ୍ୟ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରୁଥିଲେ। ସେମାନଙ୍କ ମଧ୍ୟରୁ ୱିଲିୟମ ମ୍ୟାକଡୋଗାଲ କହିଥିଲେ, ଜଣେ ମଣିଷ ଭଳି ଗୋଟିଏ ଗୋଷ୍ଠୀର ଏକ ମନ ଓ ମନସ୍ତତ୍ତ୍ୱ, ନିଜସ୍ୱ ବିଚାର ପଦ୍ଧତି ଏବଂ କାର୍ଯ୍ୟକ୍ଷମତା ଅଛି। ସମାଜଗୁଡ଼ିକର ଏକ ଜନ୍ମଗତ ପ୍ରକୃତି ଅଛି, ଯାହା ଇତିହାସ ଉପରେ ଆଧାରିତ ନୁହେଁ। ଘଟଣାଗୁଡ଼ିକ ଏହାକୁ ପ୍ରଭାବିତ କରେନାହିଁ। ଏହି ଗୋଷ୍ଠୀ (ସମାଜ) ପ୍ରକୃତି ଠିକ୍ ମଣିଷ ଆତ୍ମା ସଦୃଶ, ଯାହା ଇତିହାସ ଦ୍ୱାରା ପ୍ରଭାବିତ ହୋଇ ନ ଥାଏ। ଦେଶ ପାଖରେ ଉଭୟ ଏକ ଆଦର୍ଶ ଓ ଏକ ମାତୃଭୂମି ଭାବନା ରହିଲେ ହିଁ ତାହା ଏକ ଦେଶ ଭାବେ ଗଣାହେବ। ଆମେ ଧର୍ମ ହାସଲ କରିବା ଲାଗି ଶରୀରକୁ ଏକ ସାଧନ ଭାବେ ଗ୍ରହଣ କରୁ। ଏହା ଥିଲା ଭାରତ ଓ ପାଶ୍ଚାତ୍ୟ ମଧ୍ୟରେ ପ୍ରଭେଦ ବୋଲି ଦର୍ଶାଇଥିଲେ। ଆମର ପ୍ରଚେଷ୍ଟା ଧର୍ମ, ଅର୍ଥ (ଟଙ୍କା), କାମ (ଆନନ୍ଦ) ଓ ମୋକ୍ଷ(ମୁକ୍ତି) ପାଇଁ ଥିଲା। ଏହି ୪ଟିକୁ ଭିନ୍ନ ଭାବେ ଦେଖିବା ପାଶ୍ଚାତ୍ୟର ତ୍ରୁଟି ଥିଲା। ଫଳରେ ଭୋଟଦେବା ଅଧିକାର ପାଇପାରିଲୁ କିନ୍ତୁ ଖାଦ୍ୟ ପାଇଲୁ ନାହିଁ। ଆମେରିକାର ଉଭୟ ରାଜନୈତିକ ସ୍ୱାଧୀନତା ଓ ଧନ ଥିଲେ ବି ଏହା ଆତ୍ମହତ୍ୟା ଓ ମାନସିକ ରୋଗୀଙ୍କ ସଂଖ୍ୟାରେ ବିଶ୍ୱରେ ଶୀର୍ଷରେ ରହିଲା। ଭୋଟଦେବା ଅଧିକାର ଓ ଖାଦ୍ୟ ଥାଇ ମଧ୍ୟ ସୁଖ କିମ୍ବା ଶାନ୍ତି ନ ଥିଲା। ଆମେରିକାରେ ସୁନିଦ୍ରାର ଅଭାବ ଥିଲା, କାରଣ ସେମାନେ ଏକୀକୃତ ମାନବବାଦ ବିଷୟରେ ଭାବି ନ ଥିଲେ। ଆମେରିକୀୟ କହନ୍ତି, ସାଧୁତା ହେଉଛି ସବୁଠୁ ଭଲ ବିଜ୍‌ନେସ୍ ନୀତି, କିନ୍ତୁ ଭାରତୀୟମାନେ କହନ୍ତି ସାଧୁତା ଏକ ନୀତି ନୁହେଁ, ବରଂ ଏକ ସିଦ୍ଧାନ୍ତ।

ଭାଜପା ତାହାର ମୂଳ ଦର୍ଶନରେ ଏକାତ୍ମ ମାନବବାଦ ଉପରେ ଯାହା କହୁଛି ତାହାର ମାନେ କ'ଣ ଏବଂ ଏହାର ଉଦ୍ଦେଶ୍ୟ କ'ଣ, ସେ ସମ୍ପର୍କରେ କିଭଳି ଭାଜପା ମନ୍ତ୍ରୀ କିମ୍ବା ସଦସ୍ୟମାନେ ବୁଝାଇପାରୁଛନ୍ତି, ତାହା ଦେଖିବା କୌତୂହଳର ବିଷୟ ହେବ। ସେମାନେ ଏଥିପାଇଁ ସଙ୍କଳ୍ପ ନେଉଛନ୍ତି ଏବଂ ଏଥିରେ କିଭଳି ବିଶ୍ୱାସ କରୁଛନ୍ତି ତାହା ଜାଣିବାକୁ ଜଣେ ଆଗ୍ରହୀ ହେବା ସ୍ୱାଭାବିକ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | 7 | | | |
| 5 | | | 4 | | | 6 | | 8 |
| | | | | | | | | |
| | 5 | | 8 | | 3 | | | |
| 6 | | | | 1 | | 2 | | |
| | | | | | | | | |
| | 6 | 2 | | | 4 | | 7 | |
| | 7 | 5 | | | | 3 | 8 | |
| 3 | | | 7 | | | 1 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 3 | 7 | 4 | 8 | 6 | 5 | 9 |
| 4 | 8 | 5 | 6 | 3 | 9 | 2 | 1 | 7 |
| 6 | 9 | 7 | 1 | 2 | 5 | 4 | 8 | 3 |
| 5 | 1 | 6 | 3 | 9 | 2 | 8 | 7 | 4 |
| 7 | 4 | 9 | 5 | 8 | 6 | 3 | 2 | 1 |
| 8 | 3 | 2 | 4 | 7 | 1 | 5 | 9 | 6 |
| 9 | 5 | 1 | 8 | 6 | 3 | 7 | 4 | 2 |
| 2 | 6 | 4 | 9 | 5 | 7 | 1 | 3 | 8 |
| 3 | 7 | 8 | 2 | 1 | 4 | 9 | 6 | 5 |

ଗତକାଲିର ଉତ୍ତର

# ୨୦୩୬ ଭିଜନରେ ବ୍ଲାଇଣ୍ଡ ସ୍ପଟ୍



ସହଦେବ ସାହୁ

ଆମ ଆଖିର ପଛପଟେ ଯେଉଁ ପରଦାଟିଏ ଅଛି, ତାକୁ ରେଟିନା କହନ୍ତି। ଯେଉଁଠି କୌଣସି ଜିନିଷଠାରୁ ଆସୁଥିବା ଆଲୋକ ପଡ଼ିଲା କ୍ଷଣି ସେଠାରେ ଥିବା ଆଲୋକ ଗ୍ରହଣକାରୀ କୋଷଗୁଡ଼ିକ ଜିନିଷର ଛବି ତିଆରି କରି ମସ୍ତିଷ୍କକୁ ପଠାନ୍ତି ବୋଲି ଆମେ ଜିନିଷଟିକୁ ଦେଖିପାରୁ। ଆଲୋକବାହୀ ସ୍ନାୟୁ (ଅପ୍ଟିକ୍ ନର୍ଭ)ଗୁଡ଼ିକ ଶେଷରେ ଏକାଠି ହୋଇ ରେଟିନାର ଯେଉଁ ବିନ୍ଦୁରେ ପ୍ରବେଶ କରନ୍ତି, ସେଠି ଆଲୋକଗ୍ରାହୀ କୋଷ ନାହିଁ ବୋଲି ସେହି ବିନ୍ଦୁଠାରେ କିଛି ଦିଶେ ନାହିଁ; ତେଣୁ ସେହି ଜାଗାକୁ ବ୍ଲାଇଣ୍ଡ ସ୍ପଟ୍, ଅନ୍ଧବିନ୍ଦୁ, କୁହାଯାଏ। ଆମ ରାଜ୍ୟ ସରକାର ତିଆରି କରିଥିବା 'ଓଡ଼ିଶା ଭିଜନ ୨୦୩୬'ରେ ବ୍ଲାଇଣ୍ଡ ସ୍ପଟ୍ ଅଛି କହିବା ମାନେ ସରକାରଙ୍କୁ କେତେକ ସମସ୍ୟା ଦିଶୁନାହିଁ। ତେଣୁ ସେଗୁଡ଼ିକର ସମାଧାନ ଉପରେ ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ସବୁ ଲୋକଙ୍କ ପାଖରେ ସରକାର ନ ପହଞ୍ଚିଲେ ଓ ପ୍ରତ୍ୟେକ ଓଡ଼ିଶାବାସୀ ସରକାରଙ୍କୁ ପାଖରେ ନ ପାଇପାରିଲେ (ସବ୍‌କା ସାଥ୍, ସବ୍‌କା ବିକାଶ ସ୍ଲୋଗାନ୍‌ର ମର୍ମ ତ ଏଇୟା!) ଭାଷାଭିତ୍ତିକ ରାଜ୍ୟ ଗଠନର ଉଦ୍ଦେଶ୍ୟ ଶହେ ବର୍ଷ ପରେ ବି ବିଫଳ ହୋଇଛି ବୋଲି ମନେହେବ।

ଓଡ଼ିଶାକୁ 'ସୁଚିନ୍ତିତ ଉଦ୍ଭାବନ ଓ ଜ୍ଞାନଭିତ୍ତିକ ସେବା ଉଦ୍ୟୋଗର କେନ୍ଦ୍ର ରୂପେ ପ୍ରତିଷ୍ଠା' କରିବା 'ଭିଜନ ୨୦୩୬'ର ମୂଳମନ୍ତ୍ର ବୋଲି କହିଲା ବେଳେ ସରକାର ଭୁଲି ଯାଉଛନ୍ତି ଯେ ଏ 'ସେବା' ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ଛୁଇଁପାରିବାର ବ୍ୟବସ୍ଥା 'ଭିଜନ'ରେ ନାହିଁ। ଭୁବନେଶ୍ୱରରେ ସବୁ ଟିଭି ଅଛି, ସବୁ ସମ୍ବାଦପତ୍ର ଅଛି (କଟକରେ ଗୋଟିଏ ମାତ୍ର) ମାନେ ଏହିଠି ପ୍ରେସ୍ ହାଣ୍ଡ ଆଉଟ୍ ବାଣ୍ଟିଦେଲେ ବା ଟିଭି ବୁମ୍‌ରେ କହିଦେଲେ ଓଡ଼ିଶାବାସୀ ସମସ୍ତେ ଜାଣୁଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍। ସରକାର ଏବେ ଯାହା କିଛି କହୁଛନ୍ତି ବା କରୁଛନ୍ତି ସବୁ କେବଳ ନେତାମାନଙ୍କ ଚାମଚାଙ୍କ ଜରିଆରେ ଦୂରଦୂରାନ୍ତର ଲୋକଙ୍କ ପାଖକୁ ଯାଉଛି। ସରକାରୀ ସେବା ବା ଅନୁଦାନ, ଜମିବାଡ଼ି ଗଣ୍ଡଗୋଳର ସମାଧାନ, ଚିକିତ୍ସା ସୁବିଧା ଅଥବା ଶିକ୍ଷାନୁଷ୍ଠାନରେ ପ୍ରବେଶ ସୁବିଧା ପାଇଁ ଏବେ ବି ବହୁତ ଲୋକ ପଲିଟିକାଲ୍ ମଧ୍ୟସ୍ଥ, ଗାଁର ଟାଉଟର, କଚେରିର ରାଇଟର୍ ବା ସେବାକେନ୍ଦ୍ରର କର୍ମଚାରୀଙ୍କ ପାଖକୁ ଦଉଡ଼ୁଛନ୍ତି, ହାତଗୁଞ୍ଜା ନ ଦେଲେ ସମାଧାନର ଦିଗ୍‌ବଳୟ ଘୁଞ୍ଚି ଘୁଞ୍ଚି ଯାଉଛି। ସରକାରଙ୍କ ସହ ସମ୍ପର୍କ ରଖିବାର ସାଧନ ସେମାନଙ୍କ ପାଖରେ ନାହିଁ। ପ୍ରାକୃତିକ ବା ସାମାଜିକ ବିପର୍ଯ୍ୟୟ ଓ ଗଣ୍ଡଗୋଳ ସମୟରେ ଆଭ୍ୟନ୍ତରୀଣ ଗାଁଗଣ୍ଡାର ଲୋକେ ଓ ପିଲାଏ ଗଛ ବା ପାହାଡ଼କୁ ଚଢ଼ିଲେ ହିଁ ମୋବାଇଲ୍ ଫୋନ୍ କିଞ୍ଚିତ୍ ପରିମାଣରେ ବ୍ୟବହାର କରିପାରୁଛନ୍ତି, କଣ୍ଟ୍ରାକ୍ଟର-ନେତା ମଧୁଚନ୍ଦ୍ରିକା ରାଜ୍ୟର ଯୋଗାଯୋଗ ବ୍ୟବସ୍ଥାକୁ ଅସମ୍ପୂର୍ଣ୍ଣ ବା ଅଚଳ ରଖୁଛି। ଲୋକେ ସରକାରଙ୍କୁ ତତ୍‌କ୍ଷଣାତ୍ ଜଣାଇବାର ସୁବିଧା ନାହିଁ। ୨୦୩୬ରେ ଓଡ଼ିଶାର ଚିତ୍ର କିପରି ଦିଶିବ, ତହିଁରେ ଏହିପରି ବହୁତ ବ୍ଲାଇଣ୍ଡ ସ୍ପଟ୍ ଅଛି, ଯେଉଁଗୁଡ଼ିକୁ ନ ହଟାଇଲେ ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ।

ସରକାରଙ୍କୁ କ'ଣ ଦିଶୁନାହିଁ ଦେଖିବା ଆସନ୍ତୁ। ବିଧାନସଭାରେ ସରକାର ପ୍ରକାଶ କରିଛନ୍ତି ୧୬୭ ପଞ୍ଚାୟତର ୨୦୬୩ ଗାଁରେ ମୋବାଇଲ ନେଟ୍‌ୱର୍କ ନାହିଁ, ୧୦ଟି ପଞ୍ଚାୟତରେ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନାହିଁ। ବିଜେଡି ସରକାର ୨୦୨୩ରୁ କହିଆସିଛନ୍ତି ଯେ, ପ୍ରାୟ ୧୩,୦୦୦ ଗାଁରେ ବିଜୁଳି ନାହିଁ। ମୋଟ ଗାଁ ସଂଖ୍ୟା ୫୧,୩୪୯ ଏକଚତୁର୍ଥାଂଶରେ କେବଳ ଆଲୋକ-ଅଭାବ ଅନ୍ଧାରରେ ରହୁନାହାନ୍ତି, (ବିଜୁଳି ଅଭାବରୁ ଇଣ୍ଟରନେଟ୍ କନେକ୍ଟିଭିଟି ବି ନ ଥିବା କାରଣରୁ) ସୂଚନା-ଅଭାବଜନିତ ଅଜ୍ଞାନ-ଅନ୍ଧକାରରେ ବି ଅଛନ୍ତି। ସରକାରୀ ପରିସଂଖ୍ୟାନରେ ତ ୨୮% ନିରକ୍ଷର। ସରକାରଙ୍କ ୨୦୩୬-ଭିଜନରେ ବ୍ଲାଇଣ୍ଡ ସ୍ପଟ୍ କେତେ ବଡ଼ ଭାବନ୍ତୁ! ସବୁ ଅଞ୍ଚଳକୁ ବ୍ରଡ୍ ବେଣ୍ଡ କନେକ୍ଟିଭିଟି ନ ଆଣିଲେ କେବଳ ନିରକ୍ଷର ଲୋକ ନୁହନ୍ତି, ସମସ୍ତଙ୍କ ନିକଟରେ ସରକାର ପହଞ୍ଚିପାରିବେ ନାହିଁ। ଏଥିପାଇଁ ଦରକାର ପ୍ରତି ୨୫ କିଲୋମିଟର ବ୍ୟାସ ପରିମିତ ଇଲାକାରେ ଗୋଟିଏ ଲେଖାଏଁ ମୋବାଇଲ୍ ଟାୱାର, ତହିଁରେ ପରିବାହିତ ବ୍ରଡ୍ ବେଣ୍ଡକୁ ବ୍ୟବହାର କରିବା ଲାଗି ପ୍ରତି ପରିବାର ପାଇଁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ (କମ୍ପ୍ୟୁଟର ଓ ସ୍ମାର୍ଟ ମୋବାଇଲ୍ ଉଭୟର କାମ କରିଥାଏ ଟାବ୍‌ଲେଟ୍)। ଇଣ୍ଟରନେଟ୍‌ର ବିଭିନ୍ନ ୱେବ୍‌ସାଇଟ୍‌କୁ ଯାଇ ଅସୀମ ସଂଖ୍ୟାର ବହି, ପତ୍ରିକା, ଗବେଷଣା ପ୍ରବନ୍ଧ, ସମ୍ବାଦପତ୍ର ଓ ଇ-ମେଲ୍ ସହ ୟୁଟ୍ୟୁବ୍ ବ୍ୟବସ୍ଥାର ସୁବିଧା ସମସ୍ତଙ୍କୁ ମିଳିପାରିବ। କମ୍ପ୍ୟୁଟର ଯନ୍ତ୍ରରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, କୃତ୍ରିମ ବୁଦ୍ଧିମତ୍ତା) ପାଠ ଥିବାରୁ ନିରକ୍ଷର ଲୋକ ଭଏସ୍ ମେସେଜ୍ (ଆଳାପ) ଜରିଆରେ ସରକାରଙ୍କ ସହ ସମ୍ପର୍କ ରଖିପାରିବ। ଗତ ଜୁନ୍ ମାସ ଶେଷରେ ଭାରତୀୟ ରେଳବାଇ ତ ଭଏସ୍ ବୁକିଂ ଆରମ୍ଭ କରିଦେଇଛି। ଇଣ୍ଡିଆନ୍ ରେଲ୍‌ୱେ କାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେଶନ୍ (ଆଇଆରସିଟିସି) ଆସ୍କଦିଶା ୨.୦ ନାମକ ନୂଆ ଚାଟ୍‌ବଟ୍ ପ୍ରୟୋଗ କରୁଛି। ଆଇଆର୍‌ସିଟିସି ୱେବ୍‌ସାଇଟ୍‌କୁ ଯାଇ କିମ୍ବା ମୋବାଇଲ୍ ଫୋନ୍‌ରେ ଆସ୍କଦିଶା ୨.୦ ଆପ୍ ଖୋଲି ତା' ଉପରେ ଟିପ ମାର, ହିନ୍ଦୀରେ କହି ଟିକେଟ୍ ବୁକିଂ କରିପାରିବ। ତୁମ କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ କହିବ ତୁମର ଭ୍ରମଣ ବିବରଣୀ କୁହ, ଷ୍ଟେଶନ ନାଁ, ତାରିଖ ଓ କେଉଁ କ୍ଲାସ୍‌ରେ ଯିବ। ସେଆଡୁ ଶୁଭିବ କେଉଁ କେଉଁ ଟ୍ରେନ୍ କେତେବେଳେ ଯାଉଛି, କେତେ ସିଟ୍ ଫାଙ୍କା ଅଛି ଓ ଟିକଟ ଦାମ୍। ତୁମେ ଟ୍ରେନ୍ ବାଛିବ, କ୍ଲାସ୍ ବାଛିବ। ଏଆଇର ଯନ୍ତ୍ର-ମଣିଷ ତାହା ଶୁଣି ଯାଞ୍ଚ କରିବ, ଠିକ୍ ଥିଲେ ପେମେଣ୍ଟ (ଦେୟ) ପୃଷ୍ଠା ଖୋଲିବ, ତୁମେ ତାହା କଥା ଶୁଣି ତୁମ ଭଏସ୍ (କଥା)ରେ ପଦ-ପୂରଣ କରିବ। ଯନ୍ତ୍ର-ମଣିଷଟି ପାଉଣା ମାଗିବ, ତୁମ କଥାରେ ତାହା ପୂରଣ କଲାକ୍ଷଣି ଏସ୍‌ଏମ୍‌ଏସ୍ ଜରିଆରେ ପିଏନ୍‌ଆର୍ ନମ୍ବର ସହ ଟିକଟଟିଏ ଛପା ହୋଇଯିବ। ଯିଏ ପାଠ ପଢ଼ି ନାହିଁ, କମ୍ପ୍ୟୁଟରରେ କି ବୋର୍ଡ ବ୍ୟବହାର ଜାଣିନାହିଁ କି ଟାଇପ୍ କରିବା ଜାଣିନାହିଁ ସିଏ ପାଟି କରି (ଭଏସ୍ ଅନୁଯାୟୀ) କହିଲେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଫରମ ପୂରଣ କରିଦେବ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ବା ଅଫିସ୍‌ରେ ସେହିଭଳି ଏଆଇ ଚାଟ୍‌ବଟ୍ ୱେବ୍‌ସାଇଟ୍ ଖୋଲି ନାଗରିକମାନଙ୍କ ଅଭିଯୋଗ ସାଙ୍ଗେ ସାଙ୍ଗେ ସମାଧାନ କରିହେବ। ତା' ହୋଇପାରିଲେ ଭୁବନେଶ୍ୱର ବା ଅନ୍ୟତ୍ର ଲୋକଙ୍କୁ ଡକାଇ ଅଭିଯୋଗ ଶୁଣାଣିରେ ସମୟ ଓ ଅର୍ଥ ଖର୍ଚ୍ଚରୁ ସରକାରୀ ଅଧିକାରୀ ଓ ମନ୍ତ୍ରୀମାନେ ନିଜକୁ ଓ ନାଗରିକମାନଙ୍କୁ ହଇରାଣରୁ ବଞ୍ଚାଇ ପାରିବେ। ଫର୍ମ ପୂରଣ ସତ୍ତ୍ୱେ ସମାଧାନ ନ ହୋଇପାରିଲେ କ'ଣ କଲେ ସମାଧାନ ହୋଇପାରିବ ଏଆଇ ତାହା ବତାଇବ। ଲୋକେ ଆଉ ଥରେ ଚେଷ୍ଟା କରିବେ, ଘରେ ବସି ବସି।



ଏଥିପାଇଁ ଭିଜନ ୨୦୩୬ ଦସ୍ତାବିଜ୍‌ରେ ଆଜିଠୁ ବ୍ୟବସ୍ଥା କରିବାକୁ ପଡ଼ିବ, ୨୦୨୬ରେ ବାର୍ଷିକ ୨୦,୦୦୦ କୋଟି ଖର୍ଚ୍ଚ ଏବଂ ପରବର୍ତ୍ତୀ ବର୍ଷମାନଙ୍କରେ ପୂର୍ବବର୍ଷଠାରୁ ୧୫% ବେଶି ପରିମାଣର ବଜେଟ କରି ୫ ବର୍ଷରେ (୨୦୩୦ ସୁଦ୍ଧା) ଭଏସ୍ ମେସେଜିଂ ବ୍ୟବସ୍ଥା ସମ୍ପନ୍ନ କରିହେବ। ଓଡ଼ିଶା ବଜେଟ ପ୍ରତି ବର୍ଷ ୧୫% ବଢ଼ୁଥିବାରୁ ଏଭଳି ପ୍ରସ୍ତାବ ସମ୍ଭବ। ସେହି ଅର୍ଥରେ ପ୍ରତି ଗ୍ରାମ ଓ ସାହିକୁ ବିଜୁଳି ଯୋଗାଇହେବ (ବିଦ୍ୟୁତ୍ ପରିବହନ ତାରରୁ ହେଉ ବା ସୌରଶକ୍ତିରୁ ହେଉ), ମୋବାଇଲ ଟାୱାର ବସାଇ ତାକୁ ଚାଲୁ କରିହେବ, ଓଡ଼ିଶାରେ ବିକ୍ରି ହେଉଥିବା ପ୍ରତି ସ୍ମାର୍ଟ ଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ଓ ସର୍ଭରରେ ୟୁନିକୋଡ୍ ଓଡ଼ିଆ ବର୍ଣ୍ଣ ଓ ମାତ୍ରା ଥିବା ସଫ୍ଟୱେୟାର ଭର୍ତ୍ତି କରିହେବ, ଉଚ୍ଚାରଣ କରି ଆବଶ୍ୟକ ଫର୍ମ ପୂରଣ କରିହେବ। ଯେଉଁ ଯନ୍ତ୍ର (ଡିଭାଇସ୍)ରେ ଏ ପ୍ରକାରର ସଫ୍ଟୱେୟାର୍ ଥିବ, ତାହାର ବିକ୍ରି ସହଜ ଓ ସରଳ କରିବା ଲାଗି ତା' ଉପରେ ସବୁ ପ୍ରକାରର ଟିକସ ଛାଡ଼ ଦିଆଯିବ ଏବଂ ତାହା ନଥିବା ଡିଭାଇସ୍ ଉପରେ ମୂଳ ଟିକସର ଚାରିଗୁଣ ସର୍‌ଚାର୍ଯ୍ୟ ଧାର୍ଯ୍ୟ ହେବ। ଦାରିଦ୍ର୍ୟ ସୀମାରେଖାରେ ଓ ରେଖା ତଳେ ଥିବା ପ୍ରତି ପରିବାରକୁ ଗୋଟିଏ ଲେଖାଏଁ ଟାବ୍‌ଲେଟ୍ ମାଗଣା ଦିଆଯିବ। ପ୍ରଥମେ ଓଡ଼ିଶାର ଯେଉଁ ଗାଁଗଣ୍ଡାକୁ ବିଜୁଳି ନାହିଁ, ସେଠାରେ ବିଜୁଳି ବନ୍ଦୋବସ୍ତ କରାଯାଉ ଏବଂ ନୂଆ କମ୍ପ୍ୟୁଟର ଡିଭାଇସ୍‌ମାନ ତିଆରି କରିବାକୁ ମାନୁଫାକ୍ଟରମାନଙ୍କୁ ଅଗ୍ରିମ ଦିଆଯାଉ, ବ୍ରଡ୍ ବେଣ୍ଡ ସେବା ଯୋଗାଉଥିବା କମ୍ପାନୀମାନଙ୍କଠାରୁ ଇଚ୍ଛାପତ୍ର ମଗାଯାଇ ତୁରନ୍ତ କାମ ପାଇଁ ଅଗ୍ରିମ ଦିଆଯାଉ। ଲୋକସେବା ପ୍ରଦାନକାରୀ ପ୍ରତି ଅଫିସ୍‌ରେ ଏଆଇ ଚାଟ୍‌ବଟ୍ ଭଳି ଭଏସ୍ ମେସେଜିଂ ବ୍ୟବସ୍ଥା କରାଯାଉ, ଲୋକଙ୍କ ଆପତ୍ତି (ଗ୍ରିଭାନ୍ସ) ସହଜରେ ତୁଟିପାରିବ, ଓଡ଼ିଶାର ହାପିନେସ୍ ଇଣ୍ଡେକ୍ସ ଖୁବ୍ ଉଚ୍ଚକୁ ଉଠିଯିବ।

sahadevasahoo@yahoo.com

# ନୌସେନା ଲଢୁଆ ପାଇଲଟ

**ବ୍ୟକ୍ତିତ୍ୱ**



ଆସ୍ଥା ପୁନିଆ

ସାଧାରଣରେ କୁହାଯାଇଥାଏ ପୁରୁଷମାନେ କଠିନ ତଥା ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ଅକ୍ଳେଶରେ କରିପାରିଥାଆନ୍ତି, ଯାହା ମହିଳାଙ୍କ କ୍ଷେତ୍ରରେ ସହଜ ହୋଇ ନ ଥାଏ। କିନ୍ତୁ କିଛିବର୍ଷ ହେବ ଦେଖାଯାଉଛି ଶତ୍ରୁଙ୍କ ସହ ଲଢ଼ିବା କ୍ଷେତ୍ରରେ ମଧ୍ୟ ଭାରତୀୟ ମହିଳାଙ୍କ ପ୍ରବେଶ ଉତ୍ସାହଜନକ ହେବାରେ ଲାଗିଛି। ଐତିହାସିକ ଦୃଷ୍ଟିରୁ ଦେଖିଲେ ରାଣୀ ଲକ୍ଷ୍ମୀବାଈଙ୍କ କଥା ପ୍ରାୟ ସମସ୍ତେ ପିଲାବେଳୁ ପଢ଼ିଆସିଥିବେ। ଏବର ସମୟରେ ମହିଳାମାନେ ମଧ୍ୟ ନିଜକୁ ଯୋଦ୍ଧା ସ୍ତରରେ ନେଇ ପହଞ୍ଚାଇ ସାରିଲେଣି। ଭାରତରେ ଯୁଦ୍ଧ ବିମାନ ଉଡ଼ାଣର ଧାରାରେ ୨୦୧୬ରେ ବିରାଟ ପରିବର୍ତ୍ତନ ଆସିଥିଲା। ଏହି ସମୟରେ ଭାରତୀୟ ବାୟୁସେନା ପ୍ରଥମେ ତିନି ଜଣ ମହିଳା ଅଫିସର ଅବନୀ ଚତୁର୍ବେଦୀ, ଭାବନା କାନ୍ଥ ଏବଂ ମୋହନା ସିଂହଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ନିଯୁକ୍ତ କରାଇ ଇତିହାସ ରଚିଥିଲା। ଏହାର ୯ ବର୍ଷ ପରେ ଭାରତୀୟ ନୌସେନାରେ ସବ୍ ଲ୍ୟୁଟ୍‌ନାଣ୍ଟ (ଏସ୍‌ଏଲ୍‌ଟି) ଆସ୍ଥା ପୁନିଆ ପ୍ରଥମ ମହିଳା ଭାବେ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ ହୋଇ ମହିଳା ପାଇଲଟମାନଙ୍କ ପାଇଁ ଏକ ନୂଆ ଯୁଗର ପଥ ଦେଖାଇଛନ୍ତି। ଭାରତୀୟ ନୌସେନା ମଧ୍ୟ ୩ ଜୁଲାଇ ୨୦୨୫ରେ ବିଶାଖାପାଟଣାର ଆଇଏନ୍‌ଏସ୍ ଡେଗାରେ ଦ୍ୱିତୀୟ ବେସିକ ହକ୍ କନ୍‌ଭରଶନ କୋର୍ସର ଅଂଶ ଭାବେ ଏହି ମହିଳାଙ୍କୁ ଏହାର ଫାଇଟର ଷ୍ଟ୍ରିମରେ ସାମିଲ କରିଛି। ଦେଖିବାକୁ ଗଲେ ଭାରତୀୟ ନୌସେନା ପୂର୍ବରୁ ଏମ୍‌ଆର୍ ବିମାନ ଏବଂ ହେଲିକପ୍ଟରରେ ମହିଳା ଅଫିସରମାନଙ୍କୁ ପାଇଲଟ ଏବଂ ନୌସେନା ଏୟାର ଅପରେଶନ ଅଫିସର ଭାବେ ଅନ୍ତର୍ଭୁକ୍ତ କରିସାରିଛି। କିନ୍ତୁ ଏସ୍‌ଏଲ୍‌ଟି ଆସ୍ଥା ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ଅନ୍ତର୍ଭୁକ୍ତ କରିବା ଭାରତୀୟ ନୌସେନାର ନୌସେନା ଏଭିଏସନ୍‌ରେ ଲିଙ୍ଗ ଅନ୍ତର୍ଭୁକ୍ତି ଓ ନାରୀ ଶକ୍ତିକୁ ପ୍ରୋତ୍ସାହନ ଦେବା, ସମାନତା ଏବଂ ସୁଯୋଗର ସଂସ୍କୃତି ସୃଷ୍ଟି କରିବା ପ୍ରତି ଥିବା ପ୍ରତିବଦ୍ଧତାକୁ ଉଜାଗର କରିଛି। ସବ୍ ଲ୍ୟୁଟ୍‌ନାଣ୍ଟ ଆସ୍ଥା ପୁନିଆ ଏବଂ ଲ୍ୟୁଟ୍‌ନାଣ୍ଟ ଅତୁଲ କୁମାର ଧୁଲ ଇତିମଧ୍ୟରେ ଆସିଷ୍ଟାଣ୍ଟ ଚିଫ୍ ଅଫ୍ ନାଭାଲ ଷ୍ଟାଫ୍ (ଏସିଏନ୍‌ଏସ୍) ଏୟାର ରିୟର ଆଡମିରାଲ ଜନକ ବେଭଲିଙ୍କଠାରୁ ମର୍ଯ୍ୟାଦାଜନକ 'ୱିଙ୍ଗ୍ସ ଅଫ୍ ଗୋଲ୍ଡ' ଗ୍ରହଣ କରିଛନ୍ତି। ତେବେ ବର୍ତ୍ତମାନ ଆସ୍ଥାଙ୍କ ବ୍ୟକ୍ତିତ୍ୱକୁ ନେଇ ଚାରିଆଡ଼େ ଚର୍ଚ୍ଚା।

ଉତ୍ତରପ୍ରଦେଶର ମିରଟ୍‌ରେ ଆସ୍ଥା ଜନ୍ମଗ୍ରହଣ କରିଥିଲେ। ମୁଜାଫରନଗର ସିଭିଲ ଲାଇନ୍ସସ୍ଥିତ ଏସ୍.ଡି. ଇଣ୍ଟର କଲେଜରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରାଜସ୍ଥାନର ବନସ୍ଥଳୀ ବିଦ୍ୟାପୀଠ(ବନସ୍ଥଳୀ ବିଶ୍ୱବିଦ୍ୟାଳୟ)ରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। ତାଙ୍କ ପିତା ଅରୁଣ ପୁନିଆ ମିରଟ୍‌ର ସାର୍ଦ୍ଧନାସ୍ଥିତ ଜବାହର ନବୋଦୟରେ ଗଣିତ ଶିକ୍ଷକ ଥିବା ବେଳେ ମାତା ସାନ୍ୟୋଗୀତା ଚୌଧାରୀ ମୁଜାଫରନଗରର ବାଘ୍ରାଠାରେ ଏକ ପ୍ରାଥମିକ ସ୍କୁଲର ଅଧକ୍ଷା ଅଛନ୍ତି। ଭାଇ ହର୍ଷବର୍ଦ୍ଧନ ପୁନିଆ ଏବେ ପାଠ ପଢ଼ୁଛନ୍ତି। ଏକ ଶିକ୍ଷକ ପରିବାରରୁ ଆସିଥିବା ଆସ୍ଥାଙ୍କ ଆକାଶରେ ଉଡ଼ିବା ପିଲା ବେଳରୁ ଲକ୍ଷ୍ୟ ଥିଲା। ଦ୍ୱାଦଶ ପରୀକ୍ଷାରେ ପଦାର୍ଥ ବିଜ୍ଞାନ, ଗଣିତ ଓ ରସାୟନ ବିଜ୍ଞାନ ନେଇ ପଢ଼ିଥିଲେ। ଆସ୍ଥା ବନସ୍ଥଳୀ ବିଦ୍ୟାପୀଠରେ ବି.ଟେକ୍ କରିବା ବେଳେ ଜୁଲାଇ ୨୦୨୨ରୁ ଡିସେମ୍ବର ୨୦୨୨ ଯାଏ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆର୍‌ଡିଓ)ରେ ୬ ମାସିଆ ଇଣ୍ଟର୍ନଶିପ୍ କରିଥିଲେ। ପରେ ମେ' ୨୦୨୩ରୁ ଜୁନ୍ ଶେଷଯାଏ ଦୁଇମାସ ଧରି ହାଇଦ୍ରାବାଦରେ ଥିବା ଆମେରିକୀୟ ସୂଚନା ପ୍ରଯୁକ୍ତି କମ୍ପାନୀ ହେୱଲେଟ୍-ପାକାର୍ଡ ଏଣ୍ଟରପ୍ରାଇଜ୍ (ଏଚ୍‌ପିଇ)ରେ ସେ ସଫ୍ଟୱେର ବିକାଶ ସମ୍ବନ୍ଧୀୟ ଇଣ୍ଟର୍ନଶିପ୍ ମଧ୍ୟ କରିଥିଲେ। ପରେ ସେ ଆର୍ମି ଏଣ୍ଟ୍ରି ଏକ୍‌ଜାମ (ଟେକ୍‌ନିକାଲ ଏଣ୍ଟ୍ରି) ଦେଇ ସେଥିରେ କୃତକାର୍ଯ୍ୟ ହୋଇଥିଲେ। ଫଳରେ ତାଙ୍କୁ ଭାରତୀୟ ନୌସେନାରେ ଯୋଗଦେବା ଲାଗି ସୁଯୋଗ ମିଳିଥିଲା। କେରଳର ଏଝିମାଲାସ୍ଥିତ ଇଣ୍ଡିଆନ୍ ନାଭାଲ ଏକାଡେମୀ (ଆଇଏନ୍‌ଏ)ରେ ସେ ଦୁଇବର୍ଷ ପ୍ରଶିକ୍ଷଣ ନେଇଥିଲେ। ୩ ଜୁଲାଇ ୨୦୨୫ରେ ନୌସେନା ବିମାନ ଚାଳନାର ଲଢୁଆ ଷ୍ଟ୍ରିମ୍‌ରେ ପ୍ରଥମ ମହିଳା ହେବାର ସେ ଗୌରବ ଅର୍ଜନ କଲେ।

ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଣେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରନ୍ତି ବୋଲି ଆସ୍ଥାଙ୍କ ଜୀବନଯାତ୍ରା ସୂଚାଇ ଦେଇଛି। ବି.ଟେକ୍‌ର ଛାତ୍ରୀ ହୋଇ ସେ ଯେଉଁ ପର୍ଯ୍ୟାୟ ଦେଇ ଆଜି ଏଭଳି ସ୍ଥାନରେ ପହଞ୍ଚିପାରିଛନ୍ତି, ନିଶ୍ଚିତ ଭାବେ ସେ ଦୁଃସାହସିକ ଲଢୁଆ ଉଡ଼ାଣ କରିବାକୁ ଲକ୍ଷ୍ୟ ରଖିଥିବା ଯୁବତୀଙ୍କ ପାଇଁ ପ୍ରେରଣାଦାୟିନୀ ପାଲଟିଛନ୍ତି। ଅବିବାହିତା ଆସ୍ଥାଙ୍କ କାର୍ଯ୍ୟଦକ୍ଷତା ଉପରେ ନୌସେନାର ଆସ୍ଥାପ୍ରକଟ ନିଶ୍ଚିତ ଭାବେ ତାଙ୍କୁ ଆଗକୁ ବଢ଼ି ଭବିଷ୍ୟତରେ ଆହୁରି ନୂଆ ମାଇଲଖୁଣ୍ଟ ସ୍ଥାପନର ସୁଯୋଗ ଦେଉ ବୋଲି ପ୍ରତି ଭାରତୀୟ ଆଶା ରଖିବା ସ୍ୱାଭାବିକ।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଓଡ଼ିଶାରେ ଆମେ ପାଖାପାଖି ୧ କେ.ଜି. ଓଜନର ଆମ୍ବ ଦେଖିଥାଉ। ଏହି କିସମର ଆମ୍ବକୁ ଆମେ ମଣିଷମୁଣ୍ଡିଆ ଆମ୍ବ ବୋଲି କହୁ ଓ ଏହା ଧୀରେ ଧୀରେ ଲୋପ ହେବାକୁ ବସିଲାଣି। ହେଲେ ଏବେ ମଧ୍ୟପ୍ରଦେଶରେ ୩ କେ.ଜି.ରୁ ଅଧିକ ଓଜନର ଆମ୍ବ ଫଳୁଛି। ବିଶ୍ୱାସ ହେଉ ନ ଥିଲେ ବି ସତ। କାଥିୱାଡର ଶିବରାଜ ସିଂ ଯାଦବ ତାଙ୍କ ଫାର୍ମରେ ଏହି କିସମର ଆମ୍ବ ଫଳାଉଛନ୍ତି। ତାଙ୍କ ଫାର୍ମର ନାଁ ହେଉଛି ନୁର୍‌ଜାହାଁ ମ୍ୟାଙ୍ଗୋ ଫାର୍ମ ଏବଂ ଏହି କିସମର ଆମ୍ବ ନାମ ଦେଇଛନ୍ତି ନୁର୍‌ଜାହାଁ ଆମ୍ବ। ମୋଗଲ ରାଣୀ ନୁର୍‌ଜାହାଁଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଅନେକ ଶତାବ୍ଦୀ ପୂର୍ବରୁ ନୁର୍‌ଜାହାଁ କିସମର ଆମ୍ବ ଆଫ୍‌ଗାନିସ୍ତାନରୁ ଗୁଜରାଟ ଦେଇ ମଧ୍ୟପ୍ରଦେଶକୁ ଆସିଥିଲା। ଏହି ଗଛରେ ଜାନୁଆରୀ କିମ୍ବା ଫେବୃଆରୀରେ ବଉଳ ଆସେ ଓ ଜୁନ୍‌ରେ ପାଚିଥାଏ। ଶିବରାଜଙ୍କ ବାପା ୧୯୬୫ରେ ପ୍ରଥମେ ଫାର୍ମ କରିବା ସହ ଏହି କିସମ ଆମ୍ବ ଲଗାଇଥିଲେ। ଏବେ ଏହି କିସମ ଆମ୍ବ ଆମେରିକା ଓ ଇଂଲଣ୍ଡକୁ ରପ୍ତାନି କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୬ ଜୁଲାଇ ୧୯୭୬**

- ବହିରାକ୍ରମଣ ଉଦ୍ୟମରୁ ଦେଶର ସୁରକ୍ଷା ପାଇଁ ସମଗ୍ର ସୁଦାନରେ ଜରୁରୀ ପରିସ୍ଥିତି ଘୋଷଣା।
- କମ୍ୟୁନିଷ୍ଟ ଦଳର ପୂର୍ବତନ ପାର୍ଲାମେଣ୍ଟ ସଦସ୍ୟ ଓ ଜନୈକ ଜଣାଶୁଣା ମାର୍କ୍ସପନ୍ଥୀ ଦାର୍ଶନିକ ଶ୍ରୀ କେ. ଦାମଦରନ୍‌ଙ୍କ ୬୩ବର୍ଷ ବୟସରେ ପରଲୋକ।
- ମାଡ୍ରାଜର ଏକ ସହରତଳି ଅଞ୍ଚଳରେ ମେଥିଲେଟେଡ୍ ସ୍ପିରିଟ୍ ମିଶା ବିଷାକ୍ତ ମଦ୍ୟପାନ କରି ୮୫ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

# ପାଠକ ଶ୍ରେଷ୍ଠ ବିଚାରକ

## ମିଳୁନି ପିଇବା ପାଣି

ମହାଶୟ,

ସରକାରଙ୍କ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସେସବୁ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ସାଧାରଣ ଲୋକେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୁରୀ ଜିଲା ସତ୍ୟବାଦୀ ବ୍ଲକର ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଏମିତି ଗାଁ ଅଛି, ଯେଉଁଠାରେ ପିଇବା ପାଣି ସୁବିଧା ନାହିଁ। ଖବରକାଗଜରେ ପ୍ରକାଶିତ ଖବର ଅନୁସାରେ ପୁରୀ ଜିଲାରେ ଝାଡ଼ାବାନ୍ତି ବ୍ୟାପିଛି। କଣାସ ଓ ଅସ୍ତରଙ୍ଗ ବ୍ଲକର ଶତାଧିକ ଗ୍ରାମରେ ନୂଆ ରୋଗୀ ଚିହ୍ନଟ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଏ ପର୍ଯ୍ୟନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରି ନ ପାରିବା ଚିନ୍ତାଜନକ। ପୁରୀ ଜିଲାର ୧୧ଟି ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳର ଅଭାବ ଏବଂ ଅପରିଷ୍କାର ପରିବେଶ ଏହି ରୋଗ ବ୍ୟାପିବାରେ ସହାୟକ ହୋଇଛି। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥାକୁ ଠିକ୍ କରାଯିବା ଆବଶ୍ୟକ। ଏଥିପ୍ରତି ସମସ୍ତ ଜନପ୍ରତିନିଧି, ସାମାଜିକ ସଂଗଠନ ତଥା ସରକାର ଗୁରୁତ୍ୱ ଦେବେ ବୋଲି ଆଶା।

**- ଦେବଚିତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଚିରନ୍ତନୀ

ତୋ ପରି ତରଙ୍ଗ ମୋର ବହଇ ଉଜାଣି।
ଜୁଆର କହଇ ଆସି ଜୁଆରର ବାଣୀ,
ତୁ କି ଲୋ ମୋହରି ପାଇଁ
ଚିର ଦିନ ଅଛୁ ଧାଇଁ?
ମୋର ଜୀବନର ନଦୀ ତୁହି କି ଲୋ ରାଣୀ!
(ଚିତ୍ରୋତ୍ପଳା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଲାଶୁଣୀ ପୀଠରୁ ମିଳିଲା ୧୩୧ ବର୍ଷ ତଳର ଶିଳାଲେଖ

ଯାଜପୁର,୫।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଓଲାଶୁଣୀ ଗୁମ୍ଫା ପୀଠରେ ପୂର୍ବପଟ ବାଇଶିପାହାଚରୁ ପ୍ରାୟ ୧୩୧ ବର୍ଷ ତଳର ଏକ ଶିଳାଲେଖ ମିଳିଛି। ଅଷ୍ଟାଦଶ ଶତାବ୍ଦୀର ସନ୍ଥସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ସାଧନା ପୀଠରୁ ମିଳିଥିବା ଏହି ଶିଳାଲେଖ ପୁରୀ ଗଜପତି ମହାରାଜା ମୁକୁନ୍ଦଦେବ-୩ୟଙ୍କ ସମୟର ବୋଲି କୁହାଯାଇଛି। ରବିବାର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ଅରକ୍ଷିତ ଦାସଙ୍କ ଆବିର୍ଭାବ ଦିବସ ପାଳନ କରାଯିବ। ଏହାପୂର୍ବରୁ ପୁରାତନ ଶିଳାଲେଖ ମିଳିବା ଏକ ବିରଳ ସଂଯୋଗ ବୋଲି ଆଲୋଚନା ହେଉଛି।

ସପ୍ତାହକ ତଳେ ଐତିହ୍ୟପ୍ରେମୀ ଛାତ୍ର ଶିବଜ୍ୟୋତି ପରିଡ଼ା ବାଇଶି ପାହାଚର ଶିରୋଭାଗରେ ଖଞ୍ଜାଯାଇଥିବା ଏହି ଶିଳାଲେଖର ସନ୍ଧାନ ପାଇଥିଲେ। ଏହାର ପାଠୋଦ୍ଧାର ପାଇଁ ସେ ପାରଳାଖେମୁଣ୍ଡିର ଲିପିତତ୍ତ୍ୱବିତ୍ ବିଷ୍ଣୁମୋହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପୁରୀ ଗଜପତି ମୁକୁନ୍ଦଦେବ-୩ୟଙ୍କ ଅଙ୍କରେ ଓଲାଶୁଣୀର ତତ୍କାଳୀନ ମହନ୍ତ ବୈରାଗୀ ଦାସଙ୍କ ସମୟର। ୪ଧାଡ଼ି ବିଶିଷ୍ଟ ଏହି ଶିଳାଲେଖରେ ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାକୁ ଯିବା ନିମନ୍ତେ ହୋଇଥିବା ପୂର୍ବପଟ ରାସ୍ତା ଓ ପ୍ରସ୍ତର ପାବଚ୍ଛ ନିର୍ମାଣ ଶେଷହେବା ବିଷୟରେ ଉଲ୍ଲେଖ ଥିବା ଲିପିତତ୍ତ୍ୱବିତ୍ ବିଷ୍ଣୁମୋହନ ସୂଚିତ କରିଥିଲେ। ୧୮୯୪ ମସିହାର ଏହି ଶିଳାଲେଖରେ ମହନ୍ତ ବୈରାଗୀ ଦାସ, ମହାପୁରୁଷ ଅରକ୍ଷିତ ଦାସଙ୍କ ଶିଷ୍ୟ ରାମଚନ୍ଦ୍ର ଦାସଙ୍କ ପରବର୍ତ୍ତୀ ବୋଲି ପୂର୍ବରୁ ବଡ଼ଖେମୁଣ୍ଡିର ଐତିହାସିକ ଅନନ୍ତରାମ କର କୌଣ୍ଡିନ୍ୟ ସ୍ୱଲିଖିତ ପୁସ୍ତକ 'ସନ୍ଥ ଅରକ୍ଷିତ ଦାସ'ରେ ଉଲ୍ଲେଖ ଥିବା କହିଛନ୍ତି । ଓଲାଶୁଣୀ ଗୁମ୍ଫା ପ୍ରତିଷ୍ଠା ପରବର୍ତ୍ତୀ ଯୁଗରେ ସନ୍ଥ ଅରକ୍ଷିତଙ୍କ ବ୍ରହ୍ମଲୀନ ପରେ ରାମଚନ୍ଦ୍ର ଦାସ ମହନ୍ତ ହୋଇଥିଲେ। ତାଙ୍କ ପରେ ୧୮୮୯ ରୁ ୧୯୧୫ ଯାଏ ବୈରାଗୀ ଦାସ ମହନ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ସଂସ୍କୃତି ଗବେଷକ ତଥା ଓଲାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ କହିଛନ୍ତି, ବ୍ରହ୍ମଦର୍ଶୀ ସାଧକ ଅରକ୍ଷିତ ଦାସ ଗଜପତି ରାମଚନ୍ଦ୍ର ଦେବ ମହାରାଜଙ୍କ ୨୫ ଅଙ୍କ ୧୨୪୪ ସାଲ ପବିତ୍ର କୃଷ୍ଣ ଏକାଦଶୀ ତିଥି ଅର୍ଥାତ୍ ୧୮୩୭ ମସିହାରେ ଓଲାଶୁଣୀଠାରେ



ମହାସମାଧି ଗ୍ରହଣ କରିଥିଲେ। ଏହାପରେ ତାଙ୍କ ଆଶ୍ରିତ ଭକ୍ତଙ୍କ ମଧ୍ୟରୁ ରାମଚନ୍ଦ୍ର ଦାସ ଏହାର ପ୍ରଥମ ମଠାଧୀଶ ଭାବରେ ୧୮୩୭ରୁ ୧୮୮୯ ମସିହା ପର୍ଯ୍ୟନ୍ତ ୫୨ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କ ପରେ ମଠର ମହନ୍ତ ଭାବେ ସନ୍ନ୍ୟାସୀ ବୈରାଗୀ ଦାସ ୧୮୮୯ ରୁ ୧୯୧୫ ମସିହା ପର୍ଯ୍ୟନ୍ତ ୨୬ ବର୍ଷ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଏହି ମହନ୍ତଙ୍କ ସମୟ ଭିତରେ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ସମ୍ମୁଖ ଭାଗରେ ଥିବା ସିଂହଦ୍ୱାର, ବାଇଶି ପାହାଚ ଏବଂ ସଂଲଗ୍ନ ରାସ୍ତା ନିର୍ମାଣ କରାଯାଇଥିଲା। ପାହାଚର ଶେଷଭାଗ ସୋପାନରେ ହିଁ ମହନ୍ତ ବୈରାଗୀ ଦାସଙ୍କ ନାମୋଲ୍ଲେଖ ରହିଥିଲାବେଳେ ଏହି କାର୍ଯ୍ୟ ୧୮୯୪ ମସିହାରେ ଶେଷ ହୋଇଥିବା ଶିଳାଲେଖରେ ଉଲ୍ଲେଖ କରାଯାଇଛି। କିନ୍ତୁ ୧୩୧ ବର୍ଷ ତଳର ଶିଳାଖୋଦିତ ଏକ ଐତିହାସିକ ତଥ୍ୟ ଓ ସତ୍ୟକୁ ବହନ କରୁଥିବା ଓଲାଶୁଣୀ ପୀଠର ଏହି ଗୌରବମୟ ବାଇଶିପାହାଚ ସଂଲଗ୍ନ ସିଂହଦ୍ୱାର ଏବଂ ପାବଚ୍ଛଶ୍ରେଣୀକୁ ଅବରୋଧକରି କୋଠାଘର ନିର୍ମାଣ କରାଯାଇଛି । ଉଲ୍ଲେଖଯୋଗ୍ୟ, ଓଲାଶୁଣୀ ପାହାଡ଼ ନିକଟସ୍ଥ ଶୁଖୁଆପଡ଼ା(ରାଜସ୍ୱ ଗ୍ରାମ ବନ୍ଦରେଶ୍ୱର) ଗ୍ରାମରେ ବସବାସ କରୁଥିବା ଶତାଧିକ ପଥରଶିଳ୍ପୀ ପରିବାରର କୁଶଳୀ କାରିଗରଙ୍କ ଦ୍ୱାରା ଓଲାଶୁଣୀର ପ୍ରାଚୀନ ସମାଧି ମନ୍ଦିର, ଏହାର ମୁଖଶାଳା, ପ୍ରବେଶ ପଥର ସିଂହମୂର୍ତ୍ତି, ଅନ୍ୟାନ୍ୟ ଦେବଦେବୀ ମନ୍ଦିର ସମେତ ଏହି ପୁରାତନ ବାଇଶି ପାହାଚ ନିର୍ମାଣ କରାଯାଇଥିଲା ।ମହାପୁରୁଷ ଅରକ୍ଷିତଙ୍କ 'ଭାଇଆ' ଭାବରେ ପରିଚିତ ଏହି ଭାସ୍କର୍ଯ୍ୟଶିଳ୍ପୀଙ୍କ ନିପୁଣ କଳା କାରିଗରିରେ ଟାଣ ବଉଳମାଳ ପଥରରେ 'ବାଇଶି ପାବଚ୍ଛ' ସମେତ ଏହିସବୁ କୀର୍ତ୍ତିରାଜି ତିଆରି କରାଯାଇଥିବା ବର୍ଷୀୟାନ ପ୍ରସ୍ତରଶିଳ୍ପୀ ଅରକ୍ଷିତ ମହାରଣା କହିଛନ୍ତି।

### ସନ୍ଥ ଅରକ୍ଷିତ ଖେମୁଣ୍ଡି ରାଜପରିବାରର ଦାୟାଦ ଥିଲେ

'ମହୀମଣ୍ଡଳ ଗୀତା'ର ରଚୟିତା ସନ୍ଥ ଅରକ୍ଷିତ ଦାସ ଖେମୁଣ୍ଡି ଗଙ୍ଗବଂଶୀ ଗଜପତି ରାଜା ପଦ୍ମନାଭ ଦେବଙ୍କ ପୁତ୍ର ବଳଭଦ୍ର ଦେବ, ଯିଏକି ୧୭୮୦ ମସିହାରେ ସନ୍ନ୍ୟାସ ଧର୍ମ ଗ୍ରହଣ ପରେ ନିର୍ଗୁଣ ନିରାକାର ଉପାସନାକରି ଅବଧୂତ ଧର୍ମ ଓ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ପ୍ରଚାର କରିଥିଲେ । ମହାପୁରୁଷ ଅଚ୍ୟୁତ ମଧ୍ୟ ଅରକ୍ଷିତଙ୍କ ଭବିଷ୍ୟ ଆଗମନ ବିଷୟରେ ବର୍ଣ୍ଣନା କରିଥିବା ଐତିହାସିକ ଅନନ୍ତରାମ କର କହିଛନ୍ତି।


ଓଲାଶୁଣୀ ପୀଠରୁ ମିଳିଥିବା ପ୍ରାଚୀନ ଶିଳାଲେଖ।

# ଦେବାଶିଷ ସିଂହଙ୍କୁ ମିଳିଲା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଆଇଏଏସ୍ ଅଫିସର ଦେବାଶିଷ ସିଂହଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଥିବା ଦେବାଶିଷଙ୍କୁ ଗତ ୨ ତାରିଖରେ ବଦଳି କରାଯାଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଥିଲା। ହେଲେ ଶନିବାର ଆଉ ଏକ ବିଜ୍ଞପ୍ତି ଜାରିକରି ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ସେ ଅତିରିକ୍ତ ଭାବେ ତୁଲାଇବେ ବୋଲି ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

କେନ୍ଦୁଝର,୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ହାତୀ ଘଉଡ଼ାଇଲା ବେଳେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉଦୟଗିରି ମହାନ୍ତ ସାହିର ଆକାଶ ମହାନ୍ତ (୧୮)। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ୬ ଟିକିଆ ହାତୀପଲ ଉଦୟଗିରି ମହାନ୍ତ ସାହିକୁ ପଶିଯାଇଥିଲେ। ସାହିର କେତେଜଣ ଯୁବକଙ୍କ ସହ ଆକାଶ ହାତୀ ଦଳକୁ ଘଉଡ଼ାଇବା ବେଳେ ଏକ ମାଇ ହାତୀ ଆକ୍ରମଣ କରିଥିଲା। ହାତୀ ଆକାଶଙ୍କୁ ଶୁଣ୍ଢରେ ଧରି ଫୋପାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବନ କର୍ମଚାରୀମାନେ ଉଦ୍ଧାରକରି ତେଲକୋଇ ମେଡିକାଲ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆକାଶଙ୍କ ମୃତ୍ୟୁ ଘଟିଥିଲା। ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ଘଟଣା ରାତି ୩ ଟାରେ ଘଟିଛି। ବନ କର୍ମଚାରୀ ହାତୀପାଲଙ୍କୁ ପାଖ କାଜୁ ବଗିଚାକୁ ଘଉଡ଼ାଇ ଦେଇଥିଲେ। କିନ୍ତୁ ଲୋକେ କାଜୁ ବଗିଚାରୁ ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ଉଦ୍ୟମ କରିବା ବେଳେ ଏଭଳି ଅଘଟଣ ଘଟିଛି। ତାଙ୍କୁ ସରକାରୀ ନିୟମାନୁଯାୟୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ।

# ଦୁର୍ଘଟଣାରେ ୨ ବୁଲେଟ ଆରୋହୀ ମୃତ

ବନ୍ତଳା,୫।୭(ସୁଶିତ ସାହୁ): ଅନୁଗୋଳ ଜିଲା ବନ୍ତଳା ଥାନା ଅନ୍ତର୍ଗତ ବଡ଼କେରା ପଞ୍ଚାୟତ ଚମ୍ପତି ମୁଣ୍ଡା ନବଦୋୟ ବିଦ୍ୟାଳୟ ସମ୍ମୁଖ ବୁଲାଣିରେ ବୁଲେଟ୍ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କଟକ ଜିଲା ଟିଗିରିଆ ଥାନା ସୁଣ୍ଡିପାଳ ଗାଁର ପ୍ରଭାତ ରାଉତ(୨୫) ଓ ଅମର ରାଉତ(୨୧) ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଶନିବାର ଅପରାହ୍ଣ ୫ଟାବେଳେ ଉପରୋକ୍ତ ସ୍ଥାନରେ ଦ୍ରୁତଗତିରେ ଆସୁଥିବା ବୁଲେଟ୍ ନଂ OD ୦୫BL ୦୯୬୧ ଭାରସାମ୍ୟ ହରାଇ ବାଙ୍କରେ ଥିବା ପୋଲ ଉପରେ ପିଟି ହେବା ସହ ଗଛରେ ପିଟି ହୋଇ ଛିଟିକି ପଡ଼ି ପଡ଼ିଥିଲା। ଫଳରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ବନ୍ତଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାରକରି ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଏନେଇ ବନ୍ତଳା ପୋଲିସ ପକ୍ଷରୁ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ ହୋଇଛି।

# ଗଳଗଣ୍ଡିରେ ଅଟକିଲା ବିଶ୍ୱର ଉଚ୍ଚତମ ରଥ

କେନ୍ଦୁଝର,୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କର ପବିତ୍ର ବାହୁଡ଼ାଯାତ୍ରା ଲଗାଣବର୍ଷା ମଧ୍ୟରେ ଶନିବାର ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଦାଣ୍ଡର ମଧ୍ୟଭାଗ ଗଳଗଣ୍ଡିରୁ ଅଳ୍ପ ବାଟ ଗଡ଼ି ବିଶ୍ୱର ଉଚ୍ଚତମ ରଥ ଅଟକିଯାଇଛି। ପ୍ରବଳ ବର୍ଷା ସହ ରଥ ବାମକୁ ଯିବା ଏବଂ ସନ୍ଧ୍ୟା ଆଳତି ସମୟ ହୋଇଯିବାରୁ ରଥକୁ ଅଟକାଯାଇଥିଲା। ରବିବାର ସକାଳ ୯ଟାରେ ପୁଣି ରଥଟଣା ଓ ସନ୍ଧ୍ୟାରେ ସୁନାବେଶ ଅନୁଷ୍ଠିତ ହେବ ବୋଲି ଉପଜିଲାପାଳ



ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳେଇଙ୍କଠାରୁ ସୂଚନା ମିଳିଛି।

ପ୍ରକାଶ ଯେ, ଶନିବାର ପ୍ରବଳ ବର୍ଷା ମଧ୍ୟରେ ଭୋର୍ ୪ ଟାରୁ ଶ୍ରୀଜୀଉଙ୍କ ଅବକାଶ, ୫ଟାରେ ଲୁଗାଲାଗି, ୯ରେ ଧୂପ, ୧୦ଟାରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୨ଟା ୧୦ରେ ଶ୍ରୀଜୀଉମାନଙ୍କ ପହଣ୍ଡି ହୋଇଥିଲା। ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଶ୍ରୀ ରଘୁନାଥଜୀଉ ମନ୍ଦିର ସହ ଗଳଗଣ୍ଡି ନିକଟରେ ପାରମ୍ପରିକ ଭୋଗନୀତି ପାଇଁ ରଥ ଅଟକିଥିଲା। ରବିବାର ରଥ ମନ୍ଦିରରେ ପହଞ୍ଚିବା ପରେ ସୁନାବେଶ ଅନୁଷ୍ଠିତ ହେବ।

# ୨ ନାବାଳକଙ୍କୁ ଧରିଲା ରେଲୱେ ପୋଲିସ

### ଟ୍ରାକ୍‌ରେ ଶୋଇ ଭିଡିଓ କରୁଥିଲେ

ବୌଦ୍ଧ,୫।୭ (ଅଜିତ କୁମାର ବାରିକ୍)

ଟ୍ରେନ୍ ଯିବା ସମୟରେ ଟ୍ରାକ୍‌ରେ ଶୋଇବା ନାବାଳକଙ୍କୁ ମହଙ୍ଗା ପଡ଼ିଛି। ରେଳ ଲାଇନରେ ଏଭଳି ଦୁଃସାହସିକ କାର୍ଯ୍ୟ କରିଥିବା ୨ ନାବାଳକଙ୍କୁ ଶନିବାର ବଲାଙ୍ଗୀର ରେଲୱେ ପୋଲିସ ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ସହାୟତାରେ ଧରିଛି।ଶୁକ୍ରବାର ଅପରାହ୍ଣରେ ବଲାଙ୍ଗୀର ପଟୁ ଏକ ଟ୍ରେନ୍ ବୌଦ୍ଧ ଆସୁଥିବା ବେଳେ ରେଳଲାଇନର ତାଲୁପାଲିଠାରେ କେତେଜଣ ନାବାଳକ ଦୁସାହସିକ କାର୍ଯ୍ୟ କରି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଜଣେ ନାବାଳକ ଟ୍ରେନ୍ ଆସୁଥିବା ବେଳେ ରେଳଲାଇନ ମଧ୍ୟରେ ଥିବା ଧାରଣାରେ ଶୋଇପଡ଼ିଥିଲେ। ଆଉ କେତେଜଣ ନାବାଳକ ଭିଡିଓ ଉତ୍ତୋଳନକରି ଜୟ ମାତାକି ନାରା ଦେଇଥିଲେ। ଟ୍ରେନ୍‌ଟି ଯିବା ପରେ ନାବାଳକ ଜଣକ ରେଳ ଧାରଣାରୁ ଉଠି ଖୁସିରେ ହସିଥିବା ଜଣାପଡ଼ିଛି। ଏହି ଭିଡିଓ ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ପୋଲିସ ୨ଜଣ ନାବାଳକଙ୍କୁ ଧରିଥିଲା। ପୋଲିସ ଧରିଥିବା ୨ ନାବାଳକ ଓ ସେମାନଙ୍କ ଅଭିଭାବକମାନଙ୍କୁ ବଲାଙ୍ଗୀରକୁ ଧରି ନେଇଥିବା ବାଉଁଶୁଣୀ ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

# ୭ଶହ ବର୍ଷର ପରମ୍ପରା ଭାଙ୍ଗିଲା

### ରଣପୁର ରଥଯାତ୍ରାରେ ବ୍ୟତିକ୍ରମ

- ୩ ରଥରେ ଛେରାପହରା କଲେନି ରାଜା
- ରାଜପୁରୋହିତ ଓ ରାଜାଙ୍କ ବିବାଦ ତେଜିଲା

ରଣପୁର,୫।୭
(ସୁକାନ୍ତ କିଶୋର ଡାକୁଆ)

ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୟାଗଡ଼ ଜିଲା ରଣପୁର ବାହୁଡ଼ାଯାତ୍ରାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ରାଜପୁରୋହିତ ଓ ରାଜାଙ୍କ ମଧ୍ୟରେ ଲାଗିଥିବା ବିବାଦ ଯୋଗୁ ରାଜା ୩ରଥରେ ଛେରାପହଁରା ନ କରିବାରୁ ୭ଶହ ବର୍ଷର ପରମ୍ପରା ଭାଙ୍ଗିଛି। ଏଥିପାଇଁ ରଥଟଣାରେ ବିଳମ୍ବ ଘଟିଥିଲା। ତେବେ ସନ୍ଧ୍ୟା ପୂର୍ବରୁ କେବଳ ତାଳଧ୍ୱଜ ରଥ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚି ଥିବା ବେଳେ ସୁଭଦ୍ରାଙ୍କ ଦେବଦଳନ ଓ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅଟକି ରହିଛି। ଲକ୍ଷାଧିକ ଭକ୍ତ ବାହୁଡ଼ାଯାତ୍ରା ଦେଖିବା ସହିତ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ଅପେକ୍ଷା କରିଥିଲେ। ହେଲେ ଏହି ବିବାଦ ଯୋଗୁ ନୀତିକାନ୍ତିରେ ଅଯଥା ବିଳମ୍ବ ଘଟିଥିଲା। ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୁରୀରେ ୩ ରଥରେ ଗଜପତି ମହାରାଜା ଛେରାପହଁରା କରନ୍ତି। ସେହିପରି ରଣପୁରରେ ୩ ରଥରେ ରଣପୁର ରାଜା ଦିଲୀପ ଚନ୍ଦ୍ର ସିଂହଦେଓ ଛେରାପହଁରା କରିଥାନ୍ତି । ଚଳିତ ବର୍ଷ ଘୋଷଯାତ୍ରାରେ ରାଜା ଛେରାପହଁରା କରିଥିଲେ। ହେଲେ ବାହୁଡ଼ା ରଥରେ ଛେରାପହଁରା କରିବାକୁ ରାଜା ମନା କରିଦେଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ରାଜା ରାଜବାଟୀରୁ ଆସି ନ ଥିଲେ।

ସୂଚନା ଅନୁଯାୟୀ, ଗତବର୍ଷ ଦଶହରାରେ ରାଜବାଟୀରେ ଥିବା ମନ୍ଦିରରେ ଜଣେ ବ୍ରାହ୍ମଣ ପୂଜା କରୁଥିଲେ। କୌଣସି କାରଣକୁ ନେଇ ରାଜା ଓ ସେହି ବ୍ରାହ୍ମଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ରାଜପୁରୋହିତ ବିଶ୍ୱନାଥ ଷଡ଼ଙ୍ଗୀ ଏହି କଥାକୁ ନେଇ ରାଜାଙ୍କୁ ପ୍ରଶ୍ନ କରିଥିଲେ। ତା'ପରେ ରାଜାଙ୍କ ସହିତ ରାଜ ପୁରୋହିତଙ୍କ


ରାଜପୁରୋହିତ ରଥ ଉପରେ ଛେରାପହରା କରୁଛନ୍ତି।

ବିବାଦ ଆରମ୍ଭ ହୋଇଥିଲା। ଏହାପରେ ରାଜବାଟୀକୁ ଆଉ ପୂଜା କରିବା ପାଇଁ ରାଜପୁରୋହିତ ଆସି ନ ଥିଲେ । ରାଜା ବାଧ୍ୟ ହୋଇ ଅନ୍ୟ ଏକ ଗ୍ରାମର ବ୍ରାହ୍ମଣଙ୍କୁ ରାଜବାଟୀରେ ପୂଜା କରିବାକୁ ନିୟୋଜିତ କରିଥିଲେ। ସେହି ବ୍ରାହ୍ମଣଙ୍କୁ ରାଜ ପୁରୋହିତ ସହିତ ଅନ୍ୟ ମନ୍ଦିର ପୂଜକମାନେ ବିରୋଧ କରିଥିଲେ। ଫଳରେ ରାଜବାଟୀକୁ ସେ ପୂଜା କରିବାକୁ ଆଉ ଯାଇ ନ ଥିଲେ। ଏହି ବିବାଦର ଯଦି ସମାଧାନ ନ ହୁଏ ତା'ହେଲେ ସେ ରଥ ଉପରେ ଛେରାପହଁରା କରିବେ ନାହିଁ ବୋଲି ଲିଖିତ ଭାବେ ନୟାଗଡ଼ ଜିଲାପାଳ ଓ ରଣପୁର ଦେବୋତ୍ତର ବିଭାଗକୁ ଜଣାଇଥିଲେ । ହେଲେ ଦେବୋତ୍ତର ବିଭାଗ ତରଫରୁ କୌଣସି ସହଯୋଗ ମିଳି ନ ଥିଲା। ଏହାକୁ ନେଇ ରାଜା ବାହୁଡ଼ା ରଥରେ ଛେରାପହଁରା କରିବାକୁ ରାଜା ଆସି ନ ଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ରାଜାଙ୍କୁ ନିମନ୍ତ୍ରଣ କରାଯାଇଥିଲେ ମଧ୍ୟ ସେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶେଷରେ ସ୍ଥାନୀୟ ପ୍ରଶାସନ ରାଜପୁରୋହିତ ବିଶ୍ୱନାଥ ଷଡ଼ଙ୍ଗୀଙ୍କୁ ଆଣି ତିନି ରଥରେ ଛେରାପହଁରା କରିବା ପରେ ସନ୍ଧ୍ୟା ୬ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ଏ ସଂକ୍ରାନ୍ତରେ ରଣପୁର ଯୁବରାଜ କୌଶକ ଚନ୍ଦ୍ର ସିଂହଦେଓ କୁହନ୍ତି, ପ୍ରତିବର୍ଷ ରଥଯାତ୍ରାରେ ଛେରାପହଁରା କାର୍ଯ୍ୟ ରାଜପରିବାର ତରଫରୁ କରାଯାଏ। ରାଜବାଟୀରେ ରାଜପୁରୋହିତ ଓ ଆମର ବିବାଦକୁ ଜିଲା ପ୍ରଶାସନ କି ସ୍ଥାନୀୟ ଦେବୋତ୍ତର ବିଭାଗ କିଛି ବୁଝିଲେ ନାହିଁ । ଚଳିତ ବର୍ଷ ମନ୍ଦିର ପ୍ରଶାସନ ବି ଆମକୁ ଅବହେଳିତ କରିଥିବାରୁ ଛେରାପହଁରା କରିବୁ ନାହିଁ ବୋଲି ନିଷ୍ପତ୍ତି ନେଇଛୁ।

ଏହିସବୁ ବିବାଦ ପରେ ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ଶନିବାର ବାହାରିଥିବା ଶ୍ରୀଜୀଉଙ୍କ ତାଳଧ୍ୱଜ ରଥ ସିଂହଦ୍ୱାରରେ ପହଞ୍ଚି ଥିଲା । ରାତି ହୋଇଯିବାରୁ ଆଉ ରଥଟଣା ହେଇ ପାରି ନ ଥିଲା । ରବିବାର ମା'ସୁଭଦ୍ରାଙ୍କ ରଥ ରବିବାର ମହିଳାମାନେ ଟାଣିବା ପରେ ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାରରେ ଶ୍ରଦ୍ଧାଳୁମାନେ ପହଞ୍ଚାଇବେ । ଏହା ପରେ ବାଟରେ ଲକ୍ଷ୍ମୀ ନାରାୟଣ ଭେଟ କରାଯିବ। ଏକାଦଶୀ ତିଥିରେ ରବିବାର ୩ ରଥ ଉପରେ ଶ୍ରୀଜୀଉମାନଙ୍କ ରୁପାବେଶ ହେବ ।

DSPL-169


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା
## ଲାପ୍‌ଟପ୍ କ୍ରୟ ନିମନ୍ତେ ଆର୍ଥିକ ସହାୟତା

- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରୀକ୍ଷା, ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା, ୨୦୨୫ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା'ରେ ଲାପ୍‌ଟପ୍ କିଣିବା ନିମନ୍ତେ DBT(Direct Benefit Transfer) ମାଧ୍ୟମରେ **₹ ୩୦,୦୦୦/-**ର ଆର୍ଥିକ ସହାୟତା ପ୍ରଦାନ।
- ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବସାଇଟ୍ www.dhe.odisha.gov.in ଓ www.scholarship.odisha.gov.in ରେ ଉପଲବ୍ଧ । ନିଜର ଆଧାର ନମ୍ବର ସଂଯୋଗ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ରେଜିଷ୍ଟ୍ରେସନ କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ Odisha State Scholarship Portal ରେ ଆବେଦନ କରନ୍ତୁ ।
- ଆବେଦନ କରିବାର ଶେଷ ତାରିଖ ହେଉଛି **୨୧.୦୭.୨୦୨୫** ।

OIPR-11001/13/0070/2526

www.scholarship.odisha.gov.in || ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର || www.dhe.odisha.gov.in

# ଶକ୍ତି ସଂରକ୍ଷଣ ପାଇଁ ନିରନ୍ତର ପ୍ରଚେଷ୍ଟା ଜରୁରୀ

## ପୂର୍ବାଞ୍ଚଳ ରାଜ୍ୟଗୁଡିକ ଲାଗି ଇସିଏସ୍‌ବିସି ସଂକ୍ରାନ୍ତୀୟ କର୍ମଶାଳା

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କ ପକ୍ଷରୁ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଶକ୍ତି ସଂରକ୍ଷଣ ଏବଂ ଭବନ ନିର୍ମାଣ ସଂହିତା (ଇସିଏସ୍‌ବିସି)ର କାର୍ଯ୍ୟକାରିତା ନେଇ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଂହିତାର ମୂଳ ଉଦ୍ଦେଶ୍ୟ ହେଉଛି ଶକ୍ତି ଦକ୍ଷତା ବୃଦ୍ଧି, ବିଦ୍ୟୁତ୍ ସଞ୍ଚୟ ଓ ନବୀକରଣ ଶକ୍ତିର ବ୍ୟବହାର ଏବଂ ପରିବେଶ


ଇସିଏସ୍‌ବିସି ସଂକ୍ରାନ୍ତୀୟ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଅନୁକୂଳ ଭବନ ନିର୍ମାଣକୁ ପ୍ରୋତ୍ସାହିତ କରିବା। ଏହା ୧୦୦ କିଲୋୱାଟରୁ ଊର୍ଦ୍ଧ୍ୱ ସଂଯୁକ୍ତ ଭାର ବିଶିଷ୍ଟ ଭବନ ପାଇଁ ପ୍ରଯୁଜ୍ୟ। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଶକ୍ତି ସଂରକ୍ଷଣ ଏକ ବୈଧାନିକ ଅନୁପାଳନ ନୁହେଁ, ବରଂ ଏହା ଆଗାମୀ ପିଢ଼ିର ଉତ୍କୃଷ୍ଟ ଭବିଷ୍ୟତ ପାଇଁ ଏକ ନିରନ୍ତର ପ୍ରଚେଷ୍ଟା ବୋଲି କହିଥିଲେ। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଯୋଗଦେଇ ଇସିଏସ୍‌ବିସିର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ବିଜ୍ଞପ୍ତି ଦ୍ୱାରା ନିର୍ମାଣ କ୍ଷେତ୍ରରେ ଶକ୍ତି ଦକ୍ଷତାକୁ ସୁନିଶ୍ଚିତ କରିବା ଜରୁରୀ ବୋଲି କହିଥିଲେ। ସେହିପରି ରାଜ୍ୟରେ ଇସିଏସ୍‌ବିସି ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଇଇ ନିର୍ଦ୍ଦେଶକ ପ୍ରଭାତ ନଳିନୀ ସାମଲ ଏଥିନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଇଇର ଷ୍ଟାର୍-ରେଟିଂ ଗୃହ ନିର୍ମାଣ କ୍ଷେତ୍ରରେ ଶକ୍ତି ଦକ୍ଷତାକୁ ପ୍ରୋତ୍ସାହନ ନିମନ୍ତେ ଏକ ଅଭିନବ ପଦକ୍ଷେପ। ଅଦ୍ୟାବଧି ରାଜ୍ୟରେ ୧୩ଟି ପ୍ରମୁଖ ଅଟ୍ଟାଳିକାଗୁଡିକୁ ଶକ୍ତି ଦକ୍ଷତା ଉପଲବ୍ଧି ନିମନ୍ତେ ତାରକା ଚିହ୍ନ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ମଧୁସୂଦନ ଏକାଡେମୀ ପୋଲିସ କମିଶନରେଟ, ନିର୍ମାଣ ସୌଧ ଏବଂ ଓରେଡାକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରର ଏସ୍‌ଡିଏ ପ୍ରତିନିଧିମାନେ ଯୋଗଦେଇଥିଲେ। ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ପ୍ୟାରୀ ମୋହନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ଯନ୍ତ୍ରୀ (ଶକ୍ତି ସଂରକ୍ଷଣ) ସୁଧୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କଣ୍ଠଶିଳ୍ପୀ ପ୍ରଣୀତା ମହାପାତ୍ରଙ୍କୁ 'ଆରାଧନା ସମ୍ମାନ'

#### ସଙ୍ଗୀତ ପ୍ରତିଭା ସମାରୋହ

**ଭୁବନେଶ୍ୱର,୫।୭(ସୌମ୍ୟରଞ୍ଜନ ରାଉତ):** ଆରାଧନା ଏକାଡେମୀ ପକ୍ଷରୁ ଶୁକ୍ରବାର ସଙ୍ଗୀତ ପ୍ରତିଭା ସମାରୋହ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ କୃପାସିନ୍ଧୁ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପ୍ରଥମ ମହିଳା ସ୍ଥପତିକାର ଗୀତା ପଟ୍ଟନାୟକ ଯୋଗଦେଇ ସଙ୍ଗୀତ ପ୍ରତିଯୋଗିତାରେ ସଫଳ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ପ୍ରଣୀତା ମହାପାତ୍ରଙ୍କୁ 'ଆରାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ସମବେତ କଣ୍ଠ ସଙ୍ଗୀତ 'ନୂଆ ସକାଳର ନୂଆ ସୁରୁଜ' ପରିବେଷିତ ହୋଇଥିଲା। ଏହି ଗୀତକୁ ରଚନା କରିଥିଲେ ଡ. ପର୍ଶୁରାମ ପଣ୍ଡା ଓ ସଙ୍ଗୀତରେ ସଜେଇଥିଲେ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ପ୍ରଦୀପ୍ତ କିଶୋର ସ୍ୱାଇଁ। ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀ ସୁମନ ସୁନୟନା 'କେମିତ କହିବି ପ୍ରଭୁ', 'ସେ ତ ଭକତ ଭାବରେ ବନ୍ଧା' ଗାୟନ କରି ଜଗତରନାଥ ଜଗନ୍ନାଥଙ୍କ ନିକଟରେ ନିଜ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ। ଏଥିସହ ଅନ୍ୟ କଣ୍ଠଶିଳ୍ପୀମାନେ ଭକ୍ତି ଗୀତ ପରିବେଷଣକରି ଦର୍ଶକଙ୍କ ମନରେ ଭକ୍ତିଭାବ ଭରିଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ପ୍ରଦୀପ୍ତ କିଶୋର ସ୍ୱାଇଁ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଜୟପ୍ରିୟା ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆର୍‌ଏସ୍‌ଏସ୍‌ର ସେବା କାର୍ଯ୍ୟ

**ଖୋର୍ଦ୍ଧା,୫।୭(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜାଗୁଳିପାଟଣା ବାହୁଡ଼ାଯାତ୍ରାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଏବଂ ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ୱୟଂସେବକମାନେ ଶ୍ରଦ୍ଧାଳୁଙ୍କୁ ଜଳସେବା ଓ ଖାଦ୍ୟ ବଣ୍ଟନ କରିଥିଲେ। ଖୋର୍ଦ୍ଧା ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏକାଧିକ ସ୍ୱୟଂସେବକ ଏହି ସେବା ଯୋଗାଇଥିଲେ। ସ୍ୱୟଂସେବକମାନେ ପ୍ରତିବର୍ଷ ବାହୁଡ଼ାରେ ସେବା ଯୋଗାଇଥାନ୍ତି।

### ୧୬୮ ବିଦେଶୀ ମଦ ବୋତଲ ସହ ବାଇକ୍ ଜବତ, ଜଣେ ଗିରଫ

**ନିରାକାରପୁର,୫।୭(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଶନିବାର ସନ୍ଧ୍ୟାରେ ରାମେଶ୍ୱର ପଞ୍ଚାୟତ ମିରିଗଦୟଣୀ ରାସ୍ତାରେ ଚଢ଼ାଉ କରି ୫ପେଟି ୧୬୮ ବୋତଲ ଚୋରା ବିଦେଶୀ ମଦ ସହ ଏକ ବାଇକ (ଓଡି ୦୨ ଏଭି ୭୭୬୪) ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ପୁରୀ ଜିଲା ଗଡିଶାଗୋଦା ଥାନା ଅନ୍ତର୍ଗତ ବିଣ୍ଡିପୁର ଅସିତ୍ କୁମାର ବଳିୟାରସିଂହଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୧/୨୫) ରୁଜୁ ହୋଇଛି। ରାତି ହୋଇଯିବାରୁ ଉପରୋକ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ରାଉତରାୟ ସୂଚନା ଦେଇଛନ୍ତି।

# ଚାରାରୋପଣ ସହ ସଚେତନତା ବାର୍ତ୍ତାଦେଲେ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ।

ଟାଙ୍ଗୀ,୫।୭(ରଘୁନାଥ ସାହୁ)

ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁ, ପ୍ରଧାନ ଆଚାର୍ଯ୍ୟା, ସମସ୍ତ ଆଚାର୍ଯ୍ୟା ଏବଂ ଛାତ୍ରୀଛାତ୍ରମାନେ ବନ ମହୋତ୍ସବ ସପ୍ତାହ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଟାଙ୍ଗୀ ବନ ବିଭାଗର ଫରେଷ୍ଟର ମଧୁସ୍ମିତା ଜେନା, ମଙ୍ଗଳାଯୋଡ଼ି ଫରେଷ୍ଟର ମୀନା କୁମାରୀ ନାୟକ, ବନରକ୍ଷୀ ନିରଞ୍ଜନ ମହାରଣାଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ଲା କାର୍ଡ ଧରି ସ୍ଲୋଗାନ ଦେଇ ଟାଙ୍ଗୀ ପଞ୍ଚାୟତ ପରିକ୍ରମାକରି ଚାରା ରୋପଣ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନାକୁ ପ୍ରଶଂସା

## ୪ଦିନିଆ ଗସ୍ତରେ ଉତ୍ତରପ୍ରଦେଶର ପ୍ରତିନିଧି ଦଳ

ଭୁବନେଶ୍ୱର, ୫।୭(ବନ୍ଦନା ସେଠୀ)

ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ୪ଦିନିଆ ଓଡ଼ିଶା ଗସ୍ତରେ ଆସିଛି। ଏହି ପ୍ରତିନିଧି ପଦାଧିକାରୀଙ୍କ ମଧ୍ୟରେ ଉତ୍ତରପ୍ରଦେଶ ରାଜସ୍ୱ ବିଭାଗ ସଚିବ ତଥା ରିଲିଫ୍ କମିଶନର ଭାନୁଚନ୍ଦ୍ର ଗୋସ୍ୱାମୀ, ଏମର୍ଜେନ୍ସି ଅପରେଶନ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ଅଦିତୀ ଉମରାଓ ଏବଂ ଅପୂର୍ବ ଶ୍ରୀବାସ୍ତବ ଅଛନ୍ତି। ଏମାନେ ଜୁଲାଇ ୩ରୁ ଓଡ଼ିଶା ଗସ୍ତ କରି ରାଜ୍ୟର ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଗୋଷ୍ଠୀ ସହଯୋଗିତାରେ ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ପ୍ରଶଂସା କରିଛନ୍ତି। ଅଧିକାରୀମାନେ ୪ ତାରିଖରେ ପୁରୀ ଜିଲାର କାକଟପୁର ବ୍ଲକର ଛୋଟିପଡା ଗାଁରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଗ୍ରାମ କମ୍ୟୁନିଟି ଏବଂ ବହୁମୁଖୀ ବାତ୍ୟା ପରିଚାଳନା କେନ୍ଦ୍ର ଓ ରକ୍ଷଣାବେକ୍ଷଣ କମିଟିର ସଦସ୍ୟାଙ୍କ ସହିତ କଥା ହୋଇଥିଲେ। ୫ ତାରିଖରେ ଏହି ଟିମ୍ ଲୋକସେବା ଭବନର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ, ଓସଡ୍‌ମାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ବୈଠକରେ ଯୋଗଦେଇଥିଲେ। ପରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଯାଇ ରାଜ୍ୟ ଏମର୍ଜେନ୍ସି ଅପରେଶନ ସେଣ୍ଟର (ଏସଇଓସି) ଏବଂ ଅପରାହ୍ନରେ ଗୋଠପାଟଣାସ୍ଥିତ ଆରଓଟିଆଇ (ରୋଟି), ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କେନ୍ଦ୍ର (ଡିଏମ୍‌ଟିସି) ପରିଦର୍ଶନ କରିଥିଲେ।

# ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ନିରାପତ୍ତା ସପ୍ତାହ ପାଳିତ

ବେଗୁନିଆ,୫।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏହାର ସରକାରୀ ମାର୍ଗଦର୍ଶିକା, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ସୁରକ୍ଷା ଯଥା ବିଦ୍ୟାଳୟର କୌଣସି ସ୍ଥାନ ଓ ପରିବେଶ ଯେପରି ବିପଦସଙ୍କୁଳ ନ ରହିବ, ନିରାପଦ ପରିବେଶକୁ ନିଶ୍ଚିତ କରିବା, ସାଇବର ସୁରକ୍ଷା, ମାନସିକ ଚାପରୁ ପିଲାଙ୍କୁ ମୁକ୍ତି ପାଇଁ ସଚେତନତା, ସ୍ୱାସ୍ଥ୍ୟ ସଚେତନତା, ବିପର୍ଯ୍ୟୟ ପ୍ରଶମନ ମୁକାବିଲା, ସଡ଼କ ସୁରକ୍ଷା, ବଜ୍ରପାତରୁ ରକ୍ଷା, ଆଶୁ ଚିକିତ୍ସା, ସର୍ପାଘାତ ଓ ଅଗ୍ନି ନିରାପତ୍ତା ଆଦି ଡେମୋ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଓ ଶିକ୍ଷକ ହିମାଂଶୁ ଭୂଷଣ ସ୍ୱାଇଁଙ୍କ ଆବାହକତ୍ୱରେ ହତା ପରିସରକୁ ସଫେଇ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ ଗ୍ୟାସ୍, କିରୋସିନ, ଏସିଡ୍, ଫିନାଇଲକୁ କିପରି ନିରାପଦ ସ୍ଥାନରେ ରଖାଯାଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପ୍ରଭାତ କୁମାର ନିଶଙ୍କ ଓ ବିଶ୍ୱରଞ୍ଜନ ପରିଡ଼ା, ସୁରଥ ନାୟକ ଏବଂ ଅନ୍ୟ କର୍ମୀଙ୍କ ଦ୍ୱାରା ଶୌଚାଳୟ ସଫେଇ କରାଯାଇଥିଲା। ରେଡ୍‌କ୍ରସ୍ କାଉନସିଲର ରିଶ୍ମାରଶ୍ମି ପାଇକରାୟ ବିଦ୍ୟାର୍ଥୀଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ପ୍ରଦାନ କରିଥିବା ବେଳେ ଆଶା ମୁର୍ମୁ ନିଆଁଲିଭା ଯନ୍ତ୍ରର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ସଚେତନ ବାର୍ତ୍ତା ନେଇ ଛାତ୍ରୀଛାତ୍ରମାନେ ବଜାର ଏବଂ ସାହି ପରିକ୍ରମା କରିଥିଲେ। ଶିକ୍ଷୟିତ୍ରୀ ମୋହିନୀକାନ୍ତି ଦାସ, ସସ୍ମିତା ସାହୁ, ସୁନିତା ପୃଷ୍ଟି ଏବଂ ଶିକ୍ଷକ ଅଜିତ୍ କୁମାର ପୁରୀ ଏବଂ ସୂର୍ଯ୍ୟକାନ୍ତ ମହାପାତ୍ର, ପରିଚାଳନା ପରିଷଦର ସଭାପତି ଶିବକୁମାର ମୁନି, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନର ସମ୍ପାଦକ ଦେବାଶିଷ ସାହୁ, ମାନସ ରଞ୍ଜନ କର, କିରଣବାଳା ଜେନା, ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ନିରାପତ୍ତା ନୂତନ କମିଟି ଗଠନ କରାଯାଇଛି। ଅଭିଭାବକ, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ଏନ୍‌ଜିଓ ଏବଂ ୱାର୍ଡସଭ୍ୟା ଏଥିରେ ସାମିଲ ହୋଇଛନ୍ତି।

# ଜଳବାୟୁ ପରିବର୍ତ୍ତନ ରୋକିବ ଚାରାରୋପଣ

ଖୋର୍ଦ୍ଧା,୫।୭(ପ୍ରଭାତ ପାଣିଗ୍ରାହୀ)

ହଳଦୀପଦାସ୍ଥିତ ଟ୍ରିପଲ ଏରେ ବନମହୋତ୍ସବ ବିଦ୍ୟାଳୟର ସେବା ବିଭାଗର ସ୍କାଉଟ, ଗାଇଡ, କବ ଓ ବୁଲବୁଲମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି। ଗାଇଡ୍ କ୍ୟାପଟେନ ରଚିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର ନୃସିଂହ ପ୍ରସାଦ ସିଂହ, କବ୍‌ମାଷ୍ଟର ପ୍ରତାପ ଚନ୍ଦ୍ର ଦାଶ, ଆସିଷ୍ଟାଣ୍ଟ କବ୍‌ମାଷ୍ଟର ସୁବୋଧ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରାରୋପଣ କରି ପ୍ରକୃତିର ସବୁଜିମାକୁ ବୃଦ୍ଧି କରିବା ସହିତ ଗଛର ଯତ୍ନ ନେବାପାଇଁ ଶପଥ ନେଇଥିଲେ। ସେବା ବିଭାଗର ଏହି ଅଭିନବ ପ୍ରୟାସ ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ଡ.ଦୀପ୍ତିମୟୀ ମହାନ୍ତି, ସମସ୍ତ ଅଭିଭାବକ ଓ କର୍ମକର୍ତ୍ତାମାନେ ସାଧୁବାଦ ଜଣାଇଛନ୍ତି।

**ବେଗୁନିଆ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ୭୬ତମ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ସୁକାନ୍ତି ନାୟକଙ୍କ ଆବାହକତ୍ୱରେ ଛାତ୍ରୀଛାତ୍ରମାନେ ଚାରାରୋପଣ କରିବା ସହ ସଚେତନତା ବାର୍ତ୍ତା


ଅତିଥିମାନେ ଚାରାରୋପଣ କରୁଛନ୍ତି।

ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ଜେନା ଜନ୍ମଦିନରେ ଗଛଟିଏ ଲଗାଇବା, ଅନ୍ୟମାନଙ୍କୁ ଗଛଟିଏ ଉପହାର ଦେବା ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ଗଛଟିଏ ଲଗାଇବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ତ୍ରିପାଠୀ, ଭାରତୀ ପ୍ରହରାଜ, ସୁଜାତା ମହାନ୍ତି, ସୁଜାତା ପାଣିଗ୍ରାହୀ, ରୂପଶ୍ରୀ ବେହେରା, ପୁରାତନ ଛାତ୍ର ରୁଦ୍ର ନାରାୟଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**କୃଷ୍ଣପ୍ରସାଦ,(କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଅଲଣ୍ଡା ଓ ପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ବବୁଲ ମଲ୍ଲିକଙ୍କ ନେତୃତ୍ୱରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱ ରଞ୍ଜନ ଜେନା, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ବନମହୋତ୍ସବର ଉଦ୍ଦେଶ୍ୟ ଏବଂ ଚାରାରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ବନପାଳ ଗୌରାଙ୍ଗ ପ୍ରଧାନ, ବନରକ୍ଷୀ ଅନୀଲ କୁମାର ସାହୁ, ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର କୁମାର ସାହୁ, ରାମଚନ୍ଦ୍ର ମୁଣ୍ଡାଙ୍କ ସମେତ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେହିପରି ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ପିଟିଶାଳ ସେକ୍ସନ ସହଯୋଗରେ ବାଲିପାଟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ସେଠୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ପରିବେଶବିତ ନିର୍ମଳ କୁମାର ରଣସିଂହ ଯୋଗଦେଇଥିଲେ। ପିଟିଶାଳ ବନପାଳ ଦୁର୍ଗା ଚରଣ ଟୁଡୁଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ବନରକ୍ଷୀ ସନ୍ତୋଷ କୁମାର ସାହୁଙ୍କ ସମେତ ଛାତ୍ରୀଛାତ୍ର ଏବଂ ବନ ବିଭାଗ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜ୍ୟୋତିରଞ୍ଜନ


@ ମାଧବ


@ ପ୍ରଦୀପ୍ତ


@ ପ୍ରଭାତ


@ ଶୁଭଦର୍ଶିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲାକ୍ ପାନ୍ଥରକୁ ହରାଇ ଚାଲେଞ୍ଜର-୧୧ ବିଜୟୀ


ମ୍ୟାଚରେ ଯୋଗଦେଇଥିବା ଖେଳାଳିମାନେ।

## ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍

ଜଟଣୀ,୫।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ୍ ଅଧୀନ ତିରିମଲ ଏବଂ ବେଣାପଞ୍ଝରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍‌ରେ ଶନିବାର ଚାଲେଞ୍ଜର-୧୧ ଏବଂ ବ୍ଲାକ୍ ପାନ୍ଥର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଚାଲେଞ୍ଜର-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲାକ୍‌ପାନ୍ଥର ଟିମ୍ ୧୪ ଓଭରରେ ୯ଉଇକେଟ ବିନିମୟରେ ୬୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଚାଲେଞ୍ଜର-୧୧ ଟିମ୍ ବିଜୟୀ ହୋଇଥିଲା। ଏମ୍.ଡି ସରଫତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶେରାଜ ଖାନ ଏବଂ ଶିଶିର ବଡ଼ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ବେଣାପାଞ୍ଝରୀ ସମିତିସଭ୍ୟ ଶରତ ପାଲଟାସିଂ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କାଦେଲା ବାଇକ୍, ମହିଳା ମୃତ

ବାଲିଅନ୍ତା,୫ା୭(ନୀଳମାଧବ ସାହୁ): ହଂସପାଳ-ବନମାଳିପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତାର ବେଣୁପୁର କୁଶଗାଡ଼ିଆ ମିନି ଷ୍ଟାଡିୟମ ନିକଟରେ ଶନିବାର ରାତି ୮ଟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ସ୍କୁଟି ପଛକୁ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ସେ ପରିବାର ସହିତ ବେଣୁପୁରରେ ରହୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ମହିଳା ଜଣଙ୍କ ଏକ ସ୍କୁଟି ପଛରେ ବସି ବାଲିଅନ୍ତା ପଟୁ ଘରକୁ ଫେରୁଥିଲେ। ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଏପରିକି ସ୍କୁଟିକୁ ବାଇକ୍‌ଟି କିଛି ବାଟ ଘୋଷାଡି ନେଇଥିଲା। ଫଳରେ ମହିଳା ଜଣକ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ ରାସ୍ତାରେ ମାଡ଼ ହୋଇଯିବାରୁ ଗୁରୁତର ଆହତ ହୋଇଥିଲେ। ବାଲିଅନ୍ତା ଥାନା ପୋଲିସ ପହଞ୍ଚି ଗୁରୁତର ମହିଳାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍କୁଟିରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ବାଇକ୍ ଚାଳକ ଓ ଜଣେ ମହିଳା ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଶିଶୁ ଅଧିକାର ଓ ଜୀବନକୌଶଳ ଶିକ୍ଷା କାର୍ଯ୍ୟକ୍ରମ

ପୁରୁଣା ଭୁବନେଶ୍ୱର,୫ା୭(ସୁବାସ ଚନ୍ଦ୍ର ପ୍ରଧାନ): ଶାନ୍ତିସ୍ତୁପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଏକତା ଟ୍ରଷ୍ଟ ପକ୍ଷରୁ ଶିଶୁ ଅଧିକାର ଓ ଜୀବନ କୌଶଳ ଶିକ୍ଷାକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଶିଶୁ କଲ୍ୟାଣ କମିଟି ସଦସ୍ୟା କାନ୍ତା ମହାନ୍ତି, ଜୁଭେନାଇଲ ଜୁଷ୍ଟିସର ପୂର୍ବତନ ସଦସ୍ୟ ଅଶୋକ ବେହେରା ଯୋଗଦେଇ ଶିଶୁଙ୍କ ଶିକ୍ଷା ଅଧିକାର, ସୁରକ୍ଷା, ପ୍ରେମ ଓ ସମ୍ମାନର ଅଧିକାର ଉପରେ ଆଲୋଚନା କରିଥିଲେ। ଏକତାର ଅଧ୍ୟକ୍ଷା ଇଂ.ଦୀପ୍ତିରେଖା ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏକତା ଟ୍ରଷ୍ଟର ଟ୍ରଷ୍ଟି ରବି ମହାରଣା ସଭାପତିତ୍ୱ କରିବା ସହିତ ପରିଚାଳନା କରିଥିଲେ। ଧଉଳି ଚାରୁ କଳା ମହାବିଦ୍ୟାଳୟ ସମ୍ପାଦକ ରବି ଶଙ୍କର ଦାସ ଏକତା ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଭାବନାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ରାମଶଙ୍କର ସାହୁ, ଭୂପତି ଭୂଷଣ ପଣ୍ଡା, ଯାମିନୀ ପ୍ରିୟଦର୍ଶିନୀ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ଘୋଳଦହି ବାଣ୍ଟିଲା ଓମ୍‌ଫେଡ୍

ଭୁବନେଶ୍ୱର, ୫ା୭(ଅନୁରାଧା ମହାରଣା) ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ଓମ୍‌ଫେଡ୍ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପିପିଲିଠାରୁ ଆରମ୍ଭ କରି ପୁରୀ ବଡ଼ଦାଣ୍ଡର ଜନଗହଳି ସ୍ଥାନରେ ଷ୍ଟଲ ଖୋଲି ଶ୍ରଦ୍ଧାଳୁମାନଙ୍କୁ ଗୁଳିଗୁଳିରୁ ରକ୍ଷା କରିବା ପାଇଁ ଘୋଳଦହି ବଣ୍ଟନ କରୁଛି। ପବିତ୍ର ଶ୍ରୀଗୁଣ୍ଡିଚା ଦିନ ୧୦ ହଜାର ଏବଂ ବାହୁଡାରେ ୧୦ ହଜାର ପ୍ୟାକେଟ ଘୋଳ ଦହି ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇଥିବାବେଳେ ସୁନାବେଶ ଦିନ ୧୦ ହଜାର ପ୍ୟାକେଟ ବଣ୍ଟନ କରିବାକୁ ଯୋଜନା କରିଛି। ରଥଯାତ୍ରା ସମୟରେ ଓମ୍‌ଫେଡ୍ ପକ୍ଷରୁ ପିପିଲିଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ବଡଦାଣ୍ଡରେ ମୋଟ ୨୨ଟି ଷ୍ଟଲ୍ ଖୋଲାଯାଇଛି। ପୁରୀ ଟାଉନ ଭିତରେ ୭ଟି ଷ୍ଟଲ୍ ରହିଛି। ଏହିସବୁ ଷ୍ଟଲ୍‌ରେ ଓମ୍‌ଫେଡର ବିଭିନ୍ନ ଉତ୍ପାଦ ଯଥା ଦହି, ଲସି, ଫ୍ଲେଭର ମିଲ୍କ, ପେଡା, ଛେନାପୋଡ, ଆଇସ୍‌କ୍ରିମ ଆଦି ବିକ୍ରି ମଧ୍ୟ ହେଉଛି। ଓମ୍‌ଫେଡ୍ ନିଜ ଉତ୍ପାଦର ପ୍ରଚାର ପ୍ରସାର କରିବା ସହ ଲୋକମାନଙ୍କୁ ବିଭିନ୍ନ ଉପାୟରେ ସହାୟତା କରୁଛି। ଓମଫେଡ୍ କର୍ମଚାରୀ ଓ କିଛି ଓମଫେଡ୍ ବୁଥର ମାଲିକମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରୁଛନ୍ତି।




# ଶକ୍ତି ସଂରକ୍ଷଣ ପାଇଁ ନିରନ୍ତର ପ୍ରଚେଷ୍ଟା ଜରୁରୀ

ଭୁବନେଶ୍ୱର,୫ା୭(ବନ୍ଦନା ସେଠୀ)

**ପୂର୍ବାଞ୍ଚଳ ରାଜ୍ୟଗୁଡିକ ନିମନ୍ତେ ଇସିଏସ୍‌ବିସି ସଂକ୍ରାନ୍ତୀୟ କର୍ମଶାଳା**




କର୍ମଶାଳାରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଅନ୍ୟମାନେ।

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କ ପକ୍ଷରୁ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଶକ୍ତି ସଂରକ୍ଷଣ ଏବଂ ଭବନ ନିର୍ମାଣ ସଂହିତା (ଇସିଏସ୍‌ବିସି)ର କାର୍ଯ୍ୟକାରିତା ନେଇ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଂହିତାର ମୂଳ ଉଦ୍ଦେଶ୍ୟ ହେଉଛି ଶକ୍ତି ଦକ୍ଷତା ବୃଦ୍ଧି, ବିଦ୍ୟୁତ୍ ସଞ୍ଚୟ ଓ ନବୀକରଣ ଶକ୍ତିର ବ୍ୟବହାର ଏବଂ ପରିବେଶ ଅନୁକୂଳ ଭବନ ନିର୍ମାଣକୁ ପ୍ରୋତ୍ସାହିତ କରିବା। ଏହା ୧୦୦ କିଲୋୱାଟରୁ ଉର୍ଦ୍ଧ୍ୱ ସଂଯୁକ୍ତ ଭାର ବିଶିଷ୍ଟ ଭବନ ପାଇଁ ପ୍ରଯୁଜ୍ୟ। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଶକ୍ତି ସଂରକ୍ଷଣ ଏକ ବୈଧାନିକ ଅନୁପାଳନ ନୁହେଁ, ବରଂ ଏହା ଆଗାମୀ ପିଢ଼ିର ଉତ୍କୃଷ୍ଟ ଭବିଷ୍ୟତ ପାଇଁ ଏକ ନିରନ୍ତର ପ୍ରଚେଷ୍ଟା ବୋଲି କହିଥିଲେ। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଯୋଗଦେଇ ଇସିଏସ୍‌ବିସିର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ବିଜ୍ଞପ୍ତି ଦ୍ୱାରା ନିର୍ମାଣ କ୍ଷେତ୍ରରେ ଶକ୍ତି ଦକ୍ଷତାକୁ ସୁନିଶ୍ଚିତ କରିବା ଜରୁରୀ ବୋଲି କହିଥିଲେ। ସେହିପରି ରାଜ୍ୟରେ ଇସିଏସ୍‌ବିସି ପାଇଲଟ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଇଇ ନିର୍ଦ୍ଦେଶକ ପ୍ରଭାତ ନଳିନୀ ସାମଲ ଏଥିନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଇଇର ଷ୍ଟାର୍-ରେଟିଂ ଗୃହ ନିର୍ମାଣ କ୍ଷେତ୍ରରେ ଶକ୍ତି ଦକ୍ଷତାକୁ ପ୍ରୋତ୍ସାହନ ନିମନ୍ତେ ଏକ ଅଭିନବ ପଦକ୍ଷେପ। ଅଦ୍ୟାବଧି ରାଜ୍ୟରେ ୧୩ଟି ପ୍ରମୁଖ ଅଟ୍ଟାଳିକାଗୁଡିକୁ ଶକ୍ତି ଦକ୍ଷତା ଉପଲବ୍ଧି ନିମନ୍ତେ ତାରକା ଚିହ୍ନ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ମଧୁସୂଦନ ଏକାଡେମୀ ପୋଲିସ କମିଶନରେଟ, ନିର୍ମାଣ ସୌଧ ଏବଂ ଓରେଡାକୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ରାଜ୍ୟ ଓଡିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରର ଏସ୍‌ଡିଏ ପ୍ରତିନିଧିମାନେ ଯୋଗଦେଇଥିଲେ। ଶକ୍ତି ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ପ୍ୟାରୀ ମୋହନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ ଯନ୍ତ୍ରୀ (ଶକ୍ତି ସଂରକ୍ଷଣ) ସୁଧୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଭବନ ପରିସରରେ ଚାରା ରୋପଣ କଲେ ରାଜ୍ୟପାଳ



ରାଜଭବନ ପରିସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଚାରାରୋପଣ କରୁଛନ୍ତି।

ଭୁବନେଶ୍ୱର, ୫ା୭ (ବନ୍ଦନା ସେଠୀ)

ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଗଠନ ଲାଗି ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ଦାୟିତ୍ୱ ନେବାକୁ ରାଜ୍ୟପାଳ ଡ଼. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ବନ ମହୋତ୍ସବ ଅବସରରେ ଶନିବାର 'ଏକ ପେଡ୍ ମା' କେ ନାମ' ପଦକ୍ଷେପର ଅଂଶସ୍ୱରୂପ ରାଜଭବନର ଶ୍ୟାମାନନ୍ଦ ପାର୍କଠାରେ ଚାରା ରୋପଣ କରି ରାଜ୍ୟପାଳ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ.ବି.ଏସ. ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଚାରା ରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା ଏବଂ ଜୈବବିବିଧତାକୁ ସୁରକ୍ଷା ଦେବା ପାଇଁ ଚାରା ରୋପଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପରିବେଶ ସୁରକ୍ଷା ସହିତ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାର ନିଦର୍ଶନ ବୋଲି ସୂଚନା ଦିଆଯାଇଛି।

# ବନ ମହୋତ୍ସବରୁ ଆରମ୍ଭ ହେଲା ଚାରାରୋପଣ ଅଭିଯାନ

ପୁରୁଣା ଭୁବନେଶ୍ୱର,୫ା୭(ସୁବାସ ଚନ୍ଦ୍ର ପ୍ରଧାନ)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଶନିବାର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଦୟା ସେତୁ ନିକଟରୁ ବନ୍ଧର ଉଭୟ ପାର୍ଶ୍ୱରେ ନାଥପୁର ଗ୍ରାମ ପର୍ଯ୍ୟନ୍ତ ଚାରାରୋପଣ କରାଯାଇଛି। ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ ପ୍ରଧାନ, ଧଉଳି ସରପଞ୍ଚ ଚନ୍ଦନ ମଲିକ, ନାଥପୁର ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ। ଆଞ୍ଚଳିକ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ସଦସ୍ୟ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଖୋର୍ଦ୍ଧା ଜିଲାର ୨୦୨୪-୨୫ ପାଇଁ ଭୁବନେଶ୍ୱର ବ୍ଲକର ପ୍ରକୃତି ବନ୍ଧୁ ମନୋନୀତ ଅବସରରେ ବିଧାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଦୟା ସେତୁଠାରୁ ୮କିମି. ପର୍ଯ୍ୟନ୍ତ ନଦୀବନ୍ଧର ଉଭୟ ପାର୍ଶ୍ୱର କଲ୍ୟାଣପୁର ପର୍ଯ୍ୟନ୍ତ ଚାରାରୋପଣ କାର୍ଯ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ପରିଷଦ ସମ୍ପାଦକ ଅରୁଣ ପୁରୋହିତ, ଉପସଭାପତି ଅକ୍ଷୟ ସ୍ୱାଇଁ, ବିଜେଡି ଯୁବନେତା ଡ. ଚିନ୍ମୟ ବଡ଼ଜେନା, ଆଲୋକ ସାହୁ, ରାଜେନ୍ଦ୍ର ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ବିଧାୟକ ବାବୁ ସିଂ ଦୟା ସେତୁ ନିକଟରୁ ବନ୍ଧର ଉଭୟ ପାର୍ଶ୍ୱରେ ନାଥପୁର ଗ୍ରାମ ପର୍ଯ୍ୟନ୍ତ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

### ବନ ମହୋତ୍ସବ ସପ୍ତାହ

ବାରଙ୍ଗ,୫ା୭(ଲିଙ୍ଗରାଜ ରାଉତ): ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ବାରଙ୍ଗସ୍ଥିତ କୁଞ୍ଜବିହାରୀ ମହାବିଦ୍ୟାଳୟର ରୋଭର୍ସ ଓ ରେଞ୍ଜର୍ସ ୟୁନିଟ ପକ୍ଷରୁ ଶନିବାର କୁଞ୍ଜବିହାରୀ ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ କୁଞ୍ଜବିହାରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ଲିପିପୁଷ୍ପା ନାୟକ, ସହଯୋଗୀ ପ୍ରାଧ୍ୟାପିକା ଡ.ଜୟଶ୍ରୀ ନନ୍ଦ ଯୋଗଦେଇ ରୋଭର୍ ଓ ରେଞ୍ଜର୍ କ୍ୟାଡେଟମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସର ଓ ଏହାର ଚତୁଃପାର୍ଶ୍ୱରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ତଥା ରୋଭର୍ ସ୍କାଉଟ ଲିଡର ଡ.ସନ୍ଦୀପ ରାଉତ ଏବଂ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସକ୍ରିୟ ସହଯୋଗ ଏହାକୁ ସଫଳ କରିପାରିଥିଲା। ବନ ମହୋତ୍ସବ ଦ୍ୱାରା କିଭଳି ପରିବେଶ ସୁରକ୍ଷା ଏବଂ ବାୟୁମଣ୍ଡଳରେ ସନ୍ତୁଳନ ରକ୍ଷା ସମ୍ଭବ, ସେ ସମ୍ପର୍କରେ ଜନଜାଗରଣ ପାଇଁ ଯୁବ ସମାଜ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀମାନେ ଆଗେଇ ଆସିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ଉଦ୍ୟମ ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଶିକ୍ଷାର୍ଥୀ କଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଟ୍ଟ, କୃଷି ବିଭାଗ ଡିନ୍ ପ୍ରାଧ୍ୟାପକ ଏସ୍.କୁମାରସ୍ୱାମୀ ପ୍ରମୁଖ ଦୁଇ ଶିକ୍ଷାନୁଷ୍ଠାନର ଉଦ୍ୟୋକ୍ତାଙ୍କୁ ସାଧୁବାଦ ଜଣାଇଥିଲେ।

### ବ୍ଲାକ୍ ପାନ୍ଥରକୁ ହରାଇ ଚାଲେଞ୍ଜର-୧୧ ବିଜୟୀ

ଜଟଣୀ,୫ା୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ୍ ଅଧୀନ ତିରିମଲ ଏବଂ ବେଣାପଞ୍ଜରୀ ପଞ୍ଚାୟତର ମିଳିତ ଆନୁକୂଲ୍ୟରେ ଆୟୋଜିତ ତୃତୀୟ ପଞ୍ଚାୟତ ପ୍ରିମିୟର କ୍ରିକେଟ ଲିଗ୍‌ରେ ଶନିବାର ଚାଲେଞ୍ଜର-୧୧ ଏବଂ ବ୍ଲାକ୍ ପାନ୍ଥର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଚାଲେଞ୍ଜର-୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲାକ୍‌ପାନ୍ଥର ଟିମ୍ ୧୪ ଓଭରରେ ୯ଉଇକେଟ ବିନିମୟରେ ୬୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଚାଲେଞ୍ଜର-୧୧ ଟିମ୍ ବିଜୟୀ ହୋଇଥିଲା। ଏମ୍.ଡି ସରଫତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନାକୁ ପ୍ରଶଂସା

ଭୁବନେଶ୍ୱର, ୫ା୭(ବନ୍ଦନା ସେଠୀ)

**୪ଦିନିଆ ଗସ୍ତରେ ଉତ୍ତରପ୍ରଦେଶର ପ୍ରତିନିଧି ଦଳ**



ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଓ ଅନ୍ୟମାନଙ୍କ ସହ ପ୍ରତିନିଧି ଦଳଙ୍କ ଆଲୋଚନା।

ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ୪ଦିନିଆ ଓଡ଼ିଶା ଗସ୍ତରେ ଆସିଛି। ଏହି ପ୍ରତିନିଧି ପଦାଧିକାରୀଙ୍କ ମଧ୍ୟରେ ଉତ୍ତରପ୍ରଦେଶ ରାଜସ୍ୱ ବିଭାଗ ସଚିବ ତଥା ରିଲିଫ୍ କମିଶନର ଭାନୁଚନ୍ଦ୍ର ଗୋସ୍ୱାମୀ, ଏମର୍ଜେନ୍ସି ଅପରେଶନ ସେଣ୍ଟରର ପ୍ରକଳ୍ପ ନିର୍ଦ୍ଦେଶକ ଅଦିତୀ ଉମରାଓ ଏବଂ ଅପୂର୍ବ ଶ୍ରୀବାସ୍ତବ ଅଛନ୍ତି। ଏମାନେ ଜୁଲାଇ ୩ରୁ ଓଡ଼ିଶା ଗସ୍ତ କରି ରାଜ୍ୟର ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଗୋଷ୍ଠୀ ସହଯୋଗିତାରେ ବିପର୍ଯ୍ୟୟ ପରିଚାଳନା ଏବଂ ଜରୁରୀ ପ୍ରତିକ୍ରିୟା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ପ୍ରଶଂସା କରିଛନ୍ତି। ଅଧିକାରୀମାନେ ୪ ତାରିଖରେ ପୁରୀ ଜିଲାର କାକଟପୁର ବ୍ଲକର ଛୋଟିପଡା ଗାଁରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଗ୍ରାମ କମ୍ୟୁନିଟି ଏବଂ ବହୁମୁଖୀ ବାତ୍ୟା ପରିଚାଳନା କେନ୍ଦ୍ର ଓ ରକ୍ଷଣାବେକ୍ଷଣ କମିଟିର ସଦସ୍ୟାଙ୍କ ସହିତ କଥା ହୋଇଥିଲେ। ୫ ତାରିଖରେ ଏହି ଟିମ୍ ଲୋକସେବା ଭବନର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ମିଳନୀ କକ୍ଷରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ, ଓସଡ଼୍ମାର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ବୈଠକରେ ଯୋଗଦେଇଥିଲେ। ପରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ଯାଇ ରାଜ୍ୟ ଏମର୍ଜେନ୍ସି ଅପରେଶନ ସେଣ୍ଟର (ଏସଇଓସି) ଏବଂ ଅପରାହ୍ନରେ ଗୋଠପାଟଣାସ୍ଥିତ ଆରଓଟିଆଇ (ରୋଟି), ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ କେନ୍ଦ୍ର(ଡିଏମ୍‌ସି) ପରିଦର୍ଶନ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଜ୍ୟୋତିରଞ୍ଜନ



@ ମାଧବ



@ ପ୍ରଦୀପ୍ତ



@ ପ୍ରଭାତ



@ ଶୁଭଦର୍ଶିନୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଡ଼ଦାଣ୍ଡରେ ଅନ୍ନପ୍ରସାଦ ଦେଲା ଅରୁନ୍ଧତୀ ଫାଉଣ୍ଡେଶନ




ଭୁବନେଶ୍ୱର, ୫ା୭(ଅନୁରାଧା ମହାରଣା)

ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ବାହୁଡ଼ା ଯାତ୍ରା ଉପଲକ୍ଷେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ନିମନ୍ତେ ଅନ୍ନପ୍ରସାଦ ବିତରଣର ବ୍ୟବସ୍ଥା କରାଯାଇଥିଲା। ପୁରୀ ବଡ଼ଦାଣ୍ଡରେ ଅନୁଷ୍ଠିତ ଏହି ସେବା କାର୍ଯ୍ୟକ୍ରମରେ ଅରୁନ୍ଧତୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ସାମୂହିକ ଭାବେ ପରିଚାଳନା କରିଥିଲେ। ବାହୁଡାଯାତ୍ରାରେ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ଓ ରଥଟଣା ପାଇଁ ପୁରୀକୁ ଆସିଥିଲେ। ପୁରୀ ବଡ଼ଦାଣ୍ଡରେ ଏହି ସୁନ୍ଦର ପରିବେଶରେ ଅରୁନ୍ଧତୀ ଫାଉଣ୍ଡେଶନ ପକ୍ଷରୁ ଲୋକଙ୍କୁ ଅନ୍ନପ୍ରସାଦ ବିତରଣର ପରିକଳ୍ପନା ଓ ସୁଚାରୁରୂପେ ପରିଚାଳନାକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏଭଳି ସେବା କାର୍ଯ୍ୟକ୍ରମ ଜାରି ରହିବ ବୋଲି ମେହେର ପ୍ରକାଶ କରିଛନ୍ତି।

**ନାଳରେ ବୁଡ଼ି ଯୁବକ ମୃତ**

ତିଗିରିଆ,(ଜାଫର ଖାଁ): ନାଳରେ ବୁଡ଼ିଯିବାରୁ ଶନିବାର ତିଗିରିଆ ଥାନା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଣା ତିଗିରିଆ ତେଲି ସାହିର ଗିରିଧାରୀ ସ୍ୱାଇଁଙ୍କ ପୁତ୍ର ରାଜୀବ(୩୮)। ସେ ସକାଳେ ନିଜିଗଡ଼ ପଞ୍ଚାୟତସ୍ଥିତ ମହାବୀର ବଜାରର ଏକ ଦୋକାନକୁ ଚା' ପିଇବା ପାଇଁ ଯାଇଥିଲେ। ସେଠାରୁ ନିକଟରେ ଥିବା ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନାଳକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ପାଣିରେ ପଡ଼ିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜୀବ ନ ଫେରିବାରୁ ଲୋକେ ନାଳକୁ ଯାଇ ଖୋଜାଖୋଜି କରି ପାଣିରୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାଜୀବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ନରସିଂହପୁର:ସପ୍ତାହରେ ୧୯ ସାପ କାମୁଡ଼ା ରୋଗୀ

ନରସିଂହପୁର,୫।୭ (ନିରଞ୍ଜନ ଦେବକୁମାର):

ବର୍ଷାଦିନେ ନରସିଂହପୁର ଅଞ୍ଚଳରେ ସାପ କାମୁଡ଼ା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ଏକ ସପ୍ତାହ ମଧ୍ୟରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୯ ଜଣ ସାପ କାମୁଡ଼ା ରୋଗୀ ଚିକିତ୍ସିତ ହେବା ଚିନ୍ତାର ବିଷୟ ହୋଇଛି।

ସୂଚନାନୁସାରେ, ଗତ ଦୁଇଦିନ ତଳେ କାକୁଡ଼ିଆ ଗ୍ରାମର ଜଣେ ଯୁବକଙ୍କୁ ସାପ କାମୁଡ଼ିବାରୁ ମୃତ୍ୟୁବରଣ କରିଥିଲେ। ବାକି ୧୮ ଜଣ ସାପ କାମୁଡ଼ିବା ପରେ ନରସିଂହପୁର ମେଡିକାଲକୁ ଆସି ପ୍ରାଥମିକ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ନରସିଂହପୁର ଅଞ୍ଚଳରେ ସାପ କାମୁଡ଼ାରେ ଅଧିକ ଲୋକ ଆହତ ହେଉଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଅପରପକ୍ଷରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଗୁରୁ ଗୌରବ ଦାସ କହିଛନ୍ତି, ବର୍ଷାଦିନ ହେତୁ ଜନସାଧାରଣ ସଚେତନ ରହିବା ସହିତ ରାତିରେ ଶୋଇବାବେଳେ ସାବଧାନତା ଓ ସତର୍କତା ଅବଲମ୍ବନ କରିବା ଜରୁରୀ। ମେଡିକାଲକୁ ଆସୁଥିବା ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି। ତେଣୁ ଲୋକମାନେ ଭୟଭୀତ ନ ହେବା ଆବଶ୍ୟକ।

### ଧାରଣାରୁ ହଟିଲେ ବୋହୂ

କଟକ ସଦର,୫।୭ (ସୁଶାନ୍ତ କୁମାର ଜେନା):

କଟକ ୪୨ ମୌଜା ଥାନା ଅନ୍ତର୍ଗତ ଦଧିବାମନପୁରର ଜଣେ ବୋହୂ ବୁଝାଶୁଝା ପରେ ଶନିବାର ଧାରଣାରୁ ହଟିଛନ୍ତି। ପାରିବାରିକ କଳହକୁ ନେଇ ବୋହୂ ଶୁକ୍ରବାର ରାତିରୁ ଶାଶୁଘର ଆଗରେ ଧାରଣାରେ ବସିଥିଲେ। ଏସମ୍ପର୍କରେ ଶନିବାର ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା, ସାମାଜିକ କର୍ମୀ ପଦ୍ମନାଭ ଗୋଚ୍ଛାୟତ, ଅଜୟ କୁମାର ଦଳେଇ, ପ୍ରଭାତ କୁମାର ଖଟୁଆ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଶାଶୁଘର ଲୋକଙ୍କ ସହ ଆଲୋଚନା କରିବା ପରେ ବୋହୂଙ୍କୁ ଶାଶୁଘର ଲୋକ ଘରକୁ ନେଇଛନ୍ତି। ବୋହୂ ମାସେ ଶାଶୁଘରେ ରହିବେ। ଇତିମଧ୍ୟରେ ତାଙ୍କ ଆଚରଣ ଓ ବ୍ୟବହାର ଉପରେ ଦୃଷ୍ଟି ଦିଆଯିବ ବୋଲି ଆଲୋଚନାରେ ନିଷ୍ପତ୍ତି ହୋଇଛି। ଏହା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ମହିଳା ଜଣକ ୨୦୨୩ରେ ବିବାହ କରିଥିଲେ। ମାସେ ହେବ ସେ କଟକରେ ରହୁଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ଶାଶୁ ଘରେ ପହଞ୍ଚିବା ପରେ ତାଙ୍କୁ ଆଉ ଘରେ ପୂରାଇ ଦିଆଯାଇ ନ ଥିଲା। ଏଥିଯୋଗୁ ସେ ରାତିସାରା ବର୍ଷାରେ ଓଦା ହୋଇ ଶାଶୁ ଘର ଆଗରେ ଧାରଣାରେ ବସିରହିଥିଲେ।

# ଏସ୍‌ସିବିରେ ଅବ୍ୟବସ୍ଥା ବିରୋଧରେ ବିଜୁ ଛାତ୍ର ଜନତା ଦଳର ବିକ୍ଷୋଭ

## ଛାତ୍ରୀନିବାସ ସମ୍ମୁଖରେ ଧାରଣାକୁ ବିରୋଧ କଲା ଜୁନିୟର ଡାକ୍ତର ସଂଘ

କଟକ,୫।୭(ଶିଳ୍ପା ପ୍ରିୟଦର୍ଶିନୀ):

ଏସ୍‌ସିବି ମେଡିକାଲରେ ଅବ୍ୟବସ୍ଥା ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବ ସରକାର ସମୟରେ ମେଡିକାଲ ପରିସରରେ ଯେଉଁ ଦୃଶ୍ୟ ଥିଲା ତାହା ଏବେ ବିପର୍ଯ୍ୟସ୍ତ ଦିଗକୁ ଚାଲିଯାଇଛି। ଏପରି କି ମେଡିକାଲର ବିଭିନ୍ନ ବିଭାଗରେ ଡାକ୍ତର ଓ ଷ୍ଟାଫ୍ ମଧ୍ୟ ନ ଥିବାବେଳେ ପରିମଳ ଦିଗ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହାସହ ଦଲାଲଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବିଶ୍ୱସ୍ତରୀୟ ମେଡିକାଲର ସ୍ୱପ୍ନ ଓ ତାକୁ ନେଇ କାର୍ଯ୍ୟ ଆରମ୍ଭ କରିବାର ଫଳ ବର୍ତ୍ତମାନ ନିମ୍ନସ୍ତରକୁ ଯାଇଥିବା ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ଧାରଣାରତ ବିଜୁଛାତ୍ର ଜନତା ଦଳର କର୍ମୀଙ୍କୁ ବିରୋଧ କରିଛି ମେଡିକାଲ ଜୁନିୟର ଡାକ୍ତର ସଂଘ। ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଡାକ୍ତରୀ ଛାତ୍ରୀନିବାସ ଥିବାରୁ ଏଠାରେ ଭିଡ଼ ସୃଷ୍ଟି କରାଯାଇଥିବାରୁ ଧାରଣାକୁ ସଂଘ ପକ୍ଷରୁ ବାରଣ କରାଯାଇଥିଲା। ଏନେଇ ଧାରଣାରତ ବିଜେଡି ଛାତ୍ର ଜନତା ଦଳର ସଦସ୍ୟ ସଞ୍ଜୟ ପଟ୍ଟନାୟକ କହିଛନ୍ତି, ମେଡିକାଲର ସମସ୍ୟା ସୁଧୁରିବାରେ ନାଁ ଧରୁନି। ଏପରିକି ଡାକ୍ତର ଓ ଅନ୍ୟ କର୍ମଚାରୀ ଡ୍ୟୁଟି ସମୟରେ ଉପସ୍ଥିତ ରହୁନାହାନ୍ତି। ଏଭଳି ସମସ୍ୟାର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିଗରେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଛନ୍ତି। ସେହିପରି ଜୁନିୟର ଡାକ୍ତର ସଂଘର ସଭାପତି ଚିନ୍ମୟ ପ୍ରଧାନ କହିଛନ୍ତି, ସମସ୍ୟା ସମ୍ପର୍କରେ କୌଣସି ଦଳକୁ ବିରୋଧ କରିବାର ଅଧିକାର ରହିଛି। ହେଲେ ଛାତ୍ରୀନିବାସ ସମ୍ମୁଖରେ ଏପରି ଭିଡ଼ ଜମାଇବା ଆଦୌ ଶୋଭା ପାଉନି ବୋଲି କହିଛନ୍ତି। ଅନ୍ୟପଟେ ଦାବିପତ୍ର ଗ୍ରହଣ କରି ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।



ବନ ମହୋତ୍ସବ ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧୀନ ଷଣ୍ଢପଡିଆରେ ଚାରା ରୋପଣ କରାଯାଉଛି।

# ପୂର୍ବତନ ସମିତି ସଭ୍ୟ କୋର୍ଟ ଚାଲାଣ

## ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

ବାଙ୍କୀ, ୫।୭( ଶୁଭେନ୍ଦୁ ମହାପାତ୍ର) :

ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ କାଳିପୋଇ ସରପଞ୍ଚ ସୁବ୍ରତ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପରଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ଏସ୍‌ପିଙ୍କ ଦ୍ୱାରା ଗଠନ କରାଯାଇଥିବା ସ୍ପେଶାଲ ସ୍କ୍ୱାଡ୍ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ପୂର୍ବତନ ସମିତିସଭ୍ୟ ଜ୍ଞାନ ରଞ୍ଜନ ସାମନ୍ତରାୟ। ଜୁନ୍ ୧୯ ତାରିଖ ସନ୍ଧ୍ୟାରେ ସରପଞ୍ଚ ସୁବ୍ରତ ଭୁବନେଶ୍ୱରରୁ ନିଜ ଗ୍ରାମ କରଡାପଲ୍ଲୀକୁ ନିଜ ବୋଲେରୋ ଗାଡିରେ ଫେରୁଥିବାବେଳେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ରାସ୍ତାରୁ ସୁବ୍ରତଙ୍କୁ ଉଦ୍ଧାରକରି ପ୍ରଥମେ କଳାପଥର ଡାକ୍ତରଖାନା ଓ ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରାଜନୈତିକ ଆକ୍ରୋଶ ରଖି ସୁବ୍ରତଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ସ୍ତ୍ରୀ ବୈଦେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୂର୍ବତନ ସରପଞ୍ଚ ସୁବାସ ସ୍ୱାଇଁ, ଜ୍ଞାନ ରଞ୍ଜନ ସାମନ୍ତରାୟ, ମକର ସ୍ୱାଇଁ, ଲକ୍ଷ୍ମୀଧର ହାତୀ, ରାଜେନ୍ଦ୍ର ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ ଥାନାରେ ମାମଲା (ନଂ. ୧୦୮/୨୫) ରୁଜୁ ହୋଇଥିଲା। ବୈଦେଶ୍ୱର ପୋଲିସ ଓ ବାଙ୍କୀ ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ। ତୁରନ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ୨୪ହଜାର ଚାରାରୋପଣ

ମଙ୍ଗୁଳି-ଜଗତପୁର,୫।୭(ମାନସ ସାମଲ):

ଓଡିଶା ସରକାର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶକ୍ରମେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧୀନ ଷଣ୍ଢପଡିଆରେ ଡାଳିଯୋଡ଼ା ବନାଞ୍ଚଳ, କଟକ ବନଖଣ୍ଡ ମଙ୍ଗରାଜପୁର ସେକ୍ସନ ପକ୍ଷରୁ ୭୬ତମ ବନ ମହୋତ୍ସବ ସପ୍ତାହ-୨୦୨୫ ଶନିବାର ପାଳିତ ହୋଇଯାଇଛି। ଚଳିତ ବର୍ଷ ୧୫ହେକ୍ଟର ଜଙ୍ଗଲ ଜମିରେ ୨୪ହଜାର ଚାରାରୋପଣ ଲକ୍ଷ୍ୟ ରଖାଯାଇଛି ବୋଲି ମଙ୍ଗରାଜପୁର ଫରେଷ୍ଟର ଅନୁପମା ସାହୁ ସୂଚନା ଦେଇଛନ୍ତି। ଫରେଷ୍ଟର ଅନୁପମା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠଗଡ ଭାଜପା ବିଧାୟକ ପ୍ରତିନିଧି ଅଭୟ ବାରିକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ପ୍ରତିଭାମୟୀ ମହାନ୍ତି ଯୋଗଦେଇ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଆଠଗଡ ନିର୍ବାଚନ ମଣ୍ଡଳୀ ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଧୀନ ପାଞ୍ଚ ପଞ୍ଚାୟତ ଭାଜପାର ଦାୟିତ୍ୱରେ ଥିବା ରବୀନ୍ଦ୍ର ରାଉତ, ପ୍ରଶାନ୍ତ ବେହେରା, ସୁକାନ୍ତ ସ୍ୱାଇଁ, ଦୀପକ ପ୍ରଧାନ, ଦୁଃଶାସନ ପାଣ୍ଡବ, ତପନ ବେହେରା, ଅମରେନ୍ଦ୍ର ରାଉତ, ଜିତନ ନାୟକ, ବୁଟୁନା ବେହେରା, ବିଭୂତି ବେହେରା, ଚଗ ସାହୁ, ବିନୋଦ ରାଉତ ପ୍ରମୁଖ ଚାରାରୋପଣରେ ସହଯୋଗ କରିଥିଲେ।

# ସମସ୍ତ ଗ୍ରାହକଙ୍କୁ ସୁବିଧା ଯୋଗାଇଦେବ କାନାରା ବ୍ୟାଙ୍କ

## କାନାରା ବ୍ୟାଙ୍କ ପ୍ରତିଷ୍ଠା ଉତ୍ସବ

ଚୌଦ୍ୱାର,୫।୭(ଆଶୁତୋଷ ଦାସ):

ଚୌଦ୍ୱାର କଳିଙ୍ଗ ଛକସ୍ଥିତ କାନାରା ବ୍ୟାଙ୍କର ୧୨୦ତମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଏକ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାର ଶାଖା ପରିଚାଳକ ପ୍ରକାଶ ଗୁରୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଭିଜିନାଲ ମ୍ୟାନେଜର ସୁବାସ ଚନ୍ଦ୍ର ମଲ୍ଲ ଯୋଗଦେଇ ବ୍ୟାଙ୍କ ଦ୍ୱାରା ଦିଆଯାଉଥିବା ସୁବିଧା ସୁଯୋଗଗୁଡ଼ିକ ବିଷୟରେ ହିତାଧିକାରୀଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଯୋଗଦେଇ ନାରୀ ସଶକ୍ତୀକରଣରେ ବ୍ୟାଙ୍କର ଭୂମିକା ଉପରେ ଆଲୋଚନା କରିବା ସହ ଲୋକଙ୍କୁ କାନାରା ବ୍ୟାଙ୍କ ଉତ୍ତମ ସେବା ଯୋଗାଇଦବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟ, ବାଣିପଦା ସରପଞ୍ଚ, ଦିଲୀପ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। କାଉନସିଲର ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ ଏବଂ ସୁଜିତ କୁମାର ପଣ୍ଡା, ପ୍ରଜ୍ଞା ରାଉତରାୟ, ସୀମାଞ୍ଚଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଗ୍ରାହକ ସଚେତନତା କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କ୍ ଅଧିକାରୀ ଓ ଅନ୍ୟମାନେ।

# ଚିତ୍ରଶିଳ୍ପୀ ଅସିତ୍ ମୁଖାର୍ଜୀଙ୍କ ସ୍ମୃତି ସମାରୋହ

କଟକ,୫।୭(କାର୍ତ୍ତିକ ସାହୁ):

ଓଡ଼ିଶା ଲଳିତ କଳା ଏକାଡେମୀ ଓ ଶିଳ୍ପୀ ଅସିତ ମୁଖାର୍ଜୀଙ୍କର ସ୍ମୃତି ସଂସଦ ପକ୍ଷରୁ ଚିତ୍ରଶିଳ୍ପୀ ଅସିତ ମୁଖାର୍ଜୀଙ୍କ ସ୍ମୃତି ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ଅସିତଙ୍କ ସ୍ମୃତିଚାରଣ କରି ସେ କେବଳ ଓଡ଼ିଶା ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ ବୋଲି ମହାପାତ୍ର କହିଥିଲେ। ସମ୍ମାନିତ ଅତିଥିଭାବେ ଡ. ନିତ୍ୟାନନ୍ଦ ସ୍ୱାଇଁ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇ ଶିଳ୍ପୀ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ଚଳିତ ବର୍ଷ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପୀ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି ସଂସଦର ସମ୍ପାଦକ ହରେକୃଷ୍ଣ ରାଉତ ବିବରଣୀ ପାଠ କରିଥିଲେ। ଶିଳ୍ପୀ ବିଜୟ ପ୍ରଧାନ, ଅକ୍ଷୟ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଭାଜପା, ବିଜେଡି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ: ଲଲ୍ଲୁ

## ଜିଲା କଂଗ୍ରେସର ପ୍ରସ୍ତୁତି ବୈଠକ

କଟକ,୫।୭(ଶିଳ୍ପା ପ୍ରିୟଦର୍ଶିନୀ):

କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆସନ୍ତା ୧୧ ତାରିଖରେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଗସ୍ତକୁ ନଜରରେ ରଖି କଟକ ଜିଲା କଂଗ୍ରେସ ପକ୍ଷରୁ ବାଦାମବାଡ଼ିସ୍ଥିତ ବିଶାଲ ଇନ୍ ହୋଟେଲରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। କଂଗ୍ରେସ କଟକ ଜିଲା ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଏଆଇସିସିର ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗ ଦେଇ କହିଛନ୍ତି ଯେ, ଏହି ସମାବେଶରେ ସାଧାରଣ ଲୋକ ବିଶେଷ କରି ମହିଳାଙ୍କ ସୁରକ୍ଷାକୁ ନେଇ ଦାବି କରାଯିବ। ଏହାସହ ଭ୍ରଷ୍ଟାଚାର ଭାଜପା ସରକାରର ସମସ୍ତ କାର୍ଯ୍ୟକୁ ମଧ୍ୟ ବିରୋଧ କରାଯିବ। ସମାବେଶରେ ଶତାଧିକ କର୍ମୀଙ୍କୁ ଯୋଡ଼ିବାର ଲକ୍ଷ୍ୟ ରହିଛି ବୋଲି ଲଲ୍ଲୁ କହିଛନ୍ତି। ଖବରଦାତାଙ୍କ ପ୍ରଶ୍ନରେ ସେ କହିଛନ୍ତି ଯେ, ଭାଜପା ସରକାର ସମୟରେ ରଥଯାତ୍ରାରେ ସାଧାରଣ ଲୋକଙ୍କ ଜୀବନ ଯାଇଛି। ଆଇନ ମଧ୍ୟ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ପୂର୍ବର ବିଜେଡି ଭଳି ଭାଜପା ମଧ୍ୟ ସମାନ। ବିଜେଡି ଓ ଭାଜପା ଏକ ହୋଇ କାର୍ଯ୍ୟ କରୁଛନ୍ତି। ଏହି ଦୁଇ ଦଳ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି କହିଥିଲେ। ଅନ୍ୟପଟେ ବୈଠକରେ କଟକ କଂଗ୍ରେସର ବରିଷ୍ଠ ନେତା ଉପସ୍ଥିତ ନ ଥିବା ପ୍ରସଙ୍ଗରେ ଅଜୟ କହିଛନ୍ତି ଯେ, ଏହା ପ୍ରଥମ ବୈଠକ ରହିଛି। ଦଳରେ କୌଣସି କନ୍ଦଳ ନାହିଁ, ସମସ୍ତେ ଏକଜୁଟ ହୋଇ କାମ କରୁଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ସେବା ଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ପିସିସି ଉପସଭାନେତ୍ରୀ କଟକ ଇନ୍‌ଚାର୍ଜ ସସ୍ମିତା ବେହେରା, ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ, ରେଣୁବାଳା ପ୍ରଧାନ, ହରିବନ୍ଧୁ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ରାହୁଲଙ୍କ ସମାବେଶରେ କଟକରୁ ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେବେ ବୋଲି କଟକ ଜିଲା ସଂଯୋଜକ ପ୍ରଦୀପ୍ତ କୁମାର ଦାସ କହିଛନ୍ତି।




ପ୍ରସ୍ତୁତି ବୈଠକରେ ଏଆଇସିସିର ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ କଂଗ୍ରେସ ନେତୃମଣ୍ଡଳୀ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିରଞ୍ଜନ



@ ମାଧବ



@ ପ୍ରଦୀପ୍ତ



@ ପ୍ରଭାତ



@ ଶୁଭଦର୍ଶିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ମହାଲକ୍ଷ୍ମୀ ଚାମ୍ପିୟନ

ବାଙ୍କୀ,୫।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ଶ୍ରୀ ସୁବୁଦ୍ଧେଶ୍ୱର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ମହାଲକ୍ଷ୍ମୀ ଭଲିବଲ୍ ଟିମ୍ ଓ ବାବା ଧୂଳିଆ ଷଣ୍ଢ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ମହାଲକ୍ଷ୍ମୀ ଟିମ୍ ୧୬-୧୪ରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମ୍ୟାଚ୍‌କୁ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର କ୍ରୀଡା ଅଧ୍ୟାପକ ଡ. ପ୍ରଦୀପ କୁମାର ଦୋରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ଜ୍ୟୋତିପ୍ରକାଶ ପାତ୍ର ଓ ଶିକ୍ଷକ ମହେଶ କୁମାର ବାଡତିଆ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିରଞ୍ଚି ଦାସ, ମୁନା ରାଉତ, ଅଦ୍ୱୈତ୍ୟ ରାଉତ, ସ୍ୱାଧୀନ ବଳ, ଲିଟୁ ପ୍ରଧାନ, ପିଣ୍ଟୁ ପ୍ରଧାନ, ଦେବ ରାଉତ ପ୍ରମୁଖ ପରିଚାଳନା କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।




୫।୭।୨୦୨୫

| | |
|---|---|
| ୫,୧୮,୩୨୯ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୧୯ ଗ୍ରାମ୍ |

# ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଫଟୋଚିତ୍ର ପ୍ରଦର୍ଶନୀ

ପୁରୀ,୫।୭(ଅଜିତ୍ କୁମାର ମହାନ୍ତି)

**ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୫**

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସ୍ଥାନୀୟ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ମୁଖ୍ୟ ଆକର୍ଷଣ ପାଲଟିଛି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ। ପ୍ରତିବର୍ଷ ଭଳି ବିଭାଗ ପକ୍ଷରୁ ଚଳିତବର୍ଷ ମଧ୍ୟ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିବା ବେଳେ ଏହାକୁ ଦେଖିବା ପାଇଁ ଦର୍ଶକଙ୍କ ବେଶ୍ ଭିଡ଼ ଦେଖିବାକୁ ମିଳିଛି। ଜୁନ୍ ୨୫ରୁ ଆରମ୍ଭ ହୋଇଥିବା ଏହି ଫଟୋଚିତ୍ର ପ୍ରଦର୍ଶନୀରେ ରଥଯାତ୍ରା ସହ ଜଡ଼ିତ ବିଭିନ୍ନ ପରମ୍ପରା, ନୀତିକାନ୍ତି, ତିନି ଠାକୁରଙ୍କ ବେଶ, ରଥଯାତ୍ରା ସମ୍ପର୍କିତ ବହୁ ପୁରାତନ ଖବର ଓ ନଥି ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ଯୋଜନା ସ୍ଥାନିତ ହୋଇଛି।

ପଲ୍ଲିଶ୍ରୀ ମେଳାକୁ ଆସୁଥିବା ଆଗନ୍ତୁକମାନେ ଏହାକୁ ଦେଖିବାକୁ ବେଶ୍ ଆଗ୍ରହୀ ହେଉଛନ୍ତି। ବିଶେଷ କରି ପୁରାତନ ଖବରକାଗଜ ଏବଂ ନଥିକୁ ସେମାନେ ପଢ଼ିବା ସହ ପ୍ରଦର୍ଶନୀର ବିଭିନ୍ନ ସ୍ଥାନରେ ସେଲ୍‌ଫି ନେଉଛନ୍ତି। ସେହିପରି ବର୍ଷକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ ଏଲ୍‌ଇଡି ସ୍କ୍ରିନ୍‌ରେ ପ୍ରଦର୍ଶିତ ଭିଡିଓ ମଧ୍ୟ ଅନ୍ୟତମ ଆକର୍ଷଣ ସାଜିଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ଫଟୋଚିତ୍ର ପ୍ରଦର୍ଶନୀ ବିଭିନ୍ନ ବର୍ଗର ଲୋକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ପଲ୍ଲିଶ୍ରୀ ମେଳା କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ଫଟୋଚିତ୍ର ପ୍ରଦର୍ଶନୀ ଖୋଲା ରହିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଏବଂ ଅତିରିକ୍ତ ନିର୍ଦ୍ଦେଶକ ଗୁରବୀର ସିଂହ, ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ ଓ ସୂଚନା ଅଧିକାରୀ ହରପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଫଟୋଚିତ୍ର ପ୍ରଦର୍ଶନୀ ହୋଇଛି।

## ସଂକ୍ଷେପରେ

### ଅଧାବାଟରେ ଚାଲିଗଲା ଜୀବନ

ଗୋପ,୫।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଗୋପ ବ୍ଲକ ଅନ୍ତର୍ଗତ କୁଆଁପଡ଼ା ପଞ୍ଚାୟତ ଅଧୀନସ୍ଥ ଆଳିଶି ଗ୍ରାମର ଯୁବକ ଗୋପ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ଡା. ସରିତା ମିଶ୍ର ତାଙ୍କୁ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ ଏବଂ ଇସିଜି କରିବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ ନ ଶୁଣି ଅର୍ଥ ଅଭାବରୁ ଘରକୁ ଫେରୁଥିବା ବେଳେ ଅଟୋରିକ୍ସାରେ ଜୀବନ ପଳାଇବା ଘଟଣା ଏବେ ଗୋପ ବ୍ଲକ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନରେ ଆଳିଶି ଗ୍ରାମର ଅଶୋକ ଭୋଇ (୪୫) ଛାତିରେ ଯନ୍ତ୍ରଣା ଅନୁଭବ କରିବାକୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସଙ୍ଗେ ସଙ୍ଗେ ଡ୍ୟୁଟିରେ ଥିବା ଡା. ସରିତା ମିଶ୍ର ଚିକିତ୍ସା କରିବା ସହିତ ଔଷଧ ପତ୍ର ଦେବା ପରେ ତୁରନ୍ତ ଇସିଜି କରିବା ଲାଗି ପରାମର୍ଶ ଦେଇଥିଲେ। ମାତ୍ର ଅର୍ଥ ଅଭାବରୁ ଯୁବକ ଜଣକ ଡାକ୍ତରଖାନାରୁ ଚାଲି ଚାଲି ଘରକୁ ଯିବାବେଳେ କୁଆଁପଡ଼ା ପଞ୍ଚାୟତ ଅଞ୍ଚଳର ଏକ ଅଟୋ ରିକ୍ସାରେ ବସି ଘରକୁ ଯାଉଥିଲେ। ଏହି ରାସ୍ତାର ନାଗପୁର ନିକଟରେ ହଠାତ୍ ଯୁବକ ଜଣକ ଓଲଟି ପଡ଼ିଥିଲେ। ଅଟୋ ଡ୍ରାଇଭର ଏପରି ଘଟଣା ଦେଖି ଭୟ କରିଥିଲେ ମଧ୍ୟ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡା. ମିଶ୍ର ମୃତ ଘୋଷଣା କରିଥିଲେ। ଘଟଣା ଘଟିବା ପରେ ପରିବାର ସଦସ୍ୟ ଖବରପାଇ ଗୋପ ଡାକ୍ତରଖାନାରେ ପହଞ୍ଚିବା ସହ ଗୋପ ଥାନାରେ ଅଭିଯୋଗ ଦେଇଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ କୁଆଁପଡ଼ା ସରପଞ୍ଚ ବିଲମଣି ପ୍ରଧାନ ଓ ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଡା. ମିଶ୍ର କହିଛନ୍ତି, ଅଶୋକଙ୍କର ଛାତି ଯନ୍ତ୍ରଣା ହେଉଥିବାରୁ ଚିକିତ୍ସା କରିବା ସହ ଇସିଜି କରିବାକୁ ପରାମର୍ଶ ଦେଇଥିଲି। ପରେ ଅଶୋକ କେଉଁଆଡ଼େ ଚାଲିଯାଇଥିଲେ ଜାଣି ନ ଥିଲି। ଦୀର୍ଘ ୨ ଘଣ୍ଟା ପରେ ପୁଣି ମେଡିକାଲ୍ ଆସିଥିଲେ। ସେତେବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

### ମଦ ଜବତ, ଜଣେ ଗିରଫ

ନିରାକାରପୁର,୫।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଶନିବାର ସନ୍ଧ୍ୟାରେ ରାମେଶ୍ୱର ପଞ୍ଚାୟତ ମିରିଗଦୟଣୀ ରାସ୍ତାରେ ଚଢ଼ାଉକରି ୫ପେଟି ୧୬୮ ବୋତଲ ଚୋରା ବିଦେଶୀ ମଦ ସହ ଏକ ବାଇକ୍ (ଓଡି ୦୨ ଏଭି ୭୭୬୪) ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ବିଣ୍ଡିପୁରର ଅସିତ୍ କୁମାର ବଳିୟାରସିଂହଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୧/୨୫) ରୁଜୁ ହୋଇଛି।

# ରାସ୍ତା କଡ଼ରେ ଗଦା ହୋଇ ରହିଛି ମୋରମ, ପର୍ଯ୍ୟଟକ ଅସନ୍ତୋଷ

**ବିଭାଗୀୟ ଯନ୍ତ୍ରୀ ଚୁପ୍**

ଗୋପ,୫।୭(ଭାରତୀ ଭୂଷଣ ଉପାଧ୍ୟାୟ)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଚାଲିଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ପୁରୀ-କୋଣାର୍କ ବୁଲି ଯାଉଛନ୍ତି। କିନ୍ତୁ ଗୋପ-କୋଣାର୍କ ରାସ୍ତାର ବେଗୁନିଆଠାରୁ ଗୋପ ପର୍ଯ୍ୟନ୍ତ ରାସ୍ତା କଡ଼ରେ ମୋରମ ଗଦା ହୋଇ ରହିବା ଫଳରେ ଅସନ୍ତୋଷ ଦେଖାଦେଇଛି। ଏପରି ଅଭିଯୋଗ ହୋଇଥିଲେ ମଧ୍ୟ ପୂର୍ତ୍ତବିଭାଗ ଯନ୍ତ୍ରୀ ନୀରବଦ୍ରଷ୍ଟା ସାଜିଛନ୍ତି।

ପ୍ରକାଶ ଯେ, ରଥଯାତ୍ରା ସହ କୋଣାର୍କର ସୂର୍ଯ୍ୟ ମନ୍ଦିର ବୁଲିବା ଲାଗି ଦେଶ ବିଦେଶର ହଜାର ହଜାର ପର୍ଯ୍ୟଟକ ଦୈନନ୍ଦିନ ଏହି ରାସ୍ତାରେ ଯାଉଛନ୍ତି। ହେଲେ କିଛି ଦିନ ହେବ କୋଣାର୍କରୁ ଗୋପ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା କାର୍ଯ୍ୟ କରାଯାଇଥିଲା। ମାତ୍ର ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ଏହି ରାସ୍ତା କାର୍ଯ୍ୟ ଠିକ ଭାବେ ହୋଇନାହିଁ। କେତେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଯିବା ଓ ପିଚୁ ଫାଟିଯିବା ଭଳି ଅଭିଯୋଗ ଥିବାବେଳେ ଆଉ କିଛି ରାସ୍ତା ପିଚୁ କାର୍ଯ୍ୟ କରାଯାଇ ନାହିଁ। ଏଷ୍ଟିମେଟ୍ ଅନୁଯାୟୀ ରାସ୍ତା କାର୍ଯ୍ୟ ପରେ ଉଭୟ ପାର୍ଶ୍ୱରେ ନାଲି ମୋରମ ସହ ବାଲି ମିଶାଯାଇ ପକାଯିବାକୁ ରହିଥିବା ବେଳେ ଠିକାଦାର ଜଣଙ୍କ କିଛି ଦିନ ଧରି ରାସ୍ତା କଡ଼ରେ ମୋରମ ଗଦା କରି ରଖିଛନ୍ତି। ଏହି ମୋରମଗୁଡ଼ିକ ଗଦା ହୋଇ ରହିବା ଫଳରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏପରିକି କୋଣାର୍କରୁ ଗୋପ ପର୍ଯ୍ୟନ୍ତ କେତେକ ସ୍ଥାନରେ ମୋରମ୍ ମଧ୍ୟ ବିଛାଯାଇ ନାହିଁ। ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗକୁ ବଡ଼ବଡ଼ ଦୁର୍ଘଟଣା ଘଟିବ ବୋଲି ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରବୀନ୍ଦ୍ର ଦଣ୍ଡପତି କହିଛନ୍ତି, ଦେଖିବି ବୋଲି କହି ଅଭିଯୋଗକୁ ଏଡ଼ାଇ ଦେଇଛନ୍ତି।



ରାସ୍ତାରେ ଗଦା ହୋଇଥିବା ମୋରମ ।

# ଶ୍ରୀଜଗନ୍ନାଥ ମନ୍ଦିରର ୧୬ତମ ପ୍ରତିଷ୍ଠା ଦିବସ

ପିପିଲି,୫।୭(ଦୁର୍ଗା ମାଧବ ମିଶ୍ର)

ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଭକ୍ତ ଦାସିଆଙ୍କ ଜନ୍ମ ଓ ସାଧନାପୀଠ ପୁରୀ ଜିଲା ବାଲିଗାଁ ଠାରେ ପୀଠସ୍ଥ ଶ୍ରୀଜଗନ୍ନାଥ, ମା' ଲକ୍ଷ୍ମୀ, ମା' ବିମଳା, ସିଦ୍ଧ ମହାବୀର' ଶ୍ରୀଗଣେଶ ମନ୍ଦିରର ୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପୀଠସ୍ଥ ସମସ୍ତ ଦେବଦେବୀଙ୍କ ସ୍ୱତନ୍ତ୍ର ଦେବ ନୀତି, ନୂତନ ବସ୍ତ୍ର ପରିଧାନ, ନାମ ଯଜ୍ଞ, ଓଡ଼ିଶୀ ସଂକୀର୍ତ୍ତନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ମୁଖ୍ୟ ପୁରୋଧା ଭାବେ ୱାଲେଟ ଫର୍ ହେଲ୍‌ଥର ମୁଖ୍ୟ ତ୍ରିନାଥ ଲେଙ୍କା ଏବଂ ତାଙ୍କର ଧର୍ମପତ୍ନୀ ପ୍ରାଚୀ ଲେଙ୍କା କାର୍ଯ୍ୟନିର୍ବାହ କରିଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ବାପିନା ଦାଶ, ସହାୟକ ଆଚାର୍ଯ୍ୟ ଚନ୍ଦ୍ର ଶେଖର ଆଚାର୍ଯ୍ୟ ଓ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଯଜ୍ଞ କର୍ମ ସମ୍ପାଦନ କରାଇଥିଲେ। ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ଓ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ପୂଜା ଶେଷ କରିଥିଲେ। ଏହି ଅବସରରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନ ପ୍ରେମୀ ଓ ରାଧାକାନ୍ତ ସଂକୀର୍ତ୍ତନ ମଣ୍ଡଳୀର କୃଷ୍ଣଚନ୍ଦ୍ର ସ୍ୱାଇଁ ଏବଂ ହରିହର ସ୍ୱାଇଁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ମହିଳା ସଂକୀର୍ତ୍ତନ ସଦସ୍ୟାଙ୍କ ଦ୍ୱାରା ନଦିଆ ସଂକୀର୍ତ୍ତନରେ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା।

# ସୁରେନ୍ଦ୍ର ଥିଲେ କାକଟପୁର, ଅସ୍ତରଙ୍ଗ ବିକାଶର ବିନ୍ଧାଣି

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**

- ସୁରେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଓ ସ୍ମରଣିକା 'ଅମ୍ଳାନ' ଉନ୍ମୋଚନ

କାକଟପୁର/ଅସ୍ତରଙ୍ଗ, ୫।୭
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ବର୍ଷିଆନ ଜନନେତା ତଥା ପୂର୍ବତନମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶନିବାର ଅସ୍ତରଙ୍ଗ ଓ କାକଟପୁର ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସୁନ୍ଦରସ୍ଥିତ ସୁରେନ୍ଦ୍ରନାଥ ବିଦ୍ୟାପୀଠ ପରିସରରେ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଗାନ୍ଧୀବାଦୀ ପ୍ରବକ୍ତା ପ୍ରହ୍ଲାଦ ସିଂ, ପ୍ରଧାନଶିକ୍ଷକ ପ୍ରକାଶ ବେହେରା ପ୍ରତିମୂର୍ତ୍ତି ସହ ବିଦ୍ୟାଳୟର ସ୍ମରଣିକା 'ଅମ୍ଳାନ' ଉନ୍ମୋଚନ କରିଥିଲେ। ପରେ ଅସ୍ତରଙ୍ଗସ୍ଥିତ ବାସଭବନ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପରେ ଅସ୍ତରଙ୍ଗ ଓ କାକଟପୁର ମଧ୍ୟସ୍ଥଳ ସମେଶ୍ୱର ଶିବ ମନ୍ଦିର ନିକଟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟକ ଇଂ. ବେହେରା ଓ ଗାନ୍ଧୀବାଦୀ ସିଂ ଯୋଗଦେଇ କହିଲେ, ସୁରେନ୍ଦ୍ର ନାଥ ନାୟକ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ବିକାଶର ପ୍ରକୃତ ବିନ୍ଧାଣୀ ଥିଲେ। ୧୯୬୦ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିଜ ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ୧୯୭୧ରେ କାକଟପୁର ନିର୍ବାଚନମଣ୍ଡଳୀରୁ ଉତ୍କଳ କଂଗ୍ରେସ ଟିକେଟରେ ପ୍ରଥମେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ୭ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବେଳେ କୃଷି, ଶିକ୍ଷା, ପଞ୍ଚାୟତିରାଜ, ରାଜସ୍ୱ ଓ ଅବକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ୧୯୭୭ରେ ସେ ବିଧାନସଭାର ଉପବାଚସ୍ପତି ହୋଇଥିଲେ। ସୁରେନ୍ଦ୍ର ନାଥ ନାୟକ ଜଣେ ଅତ୍ୟନ୍ତ ସ୍ପଷ୍ଟବାଦୀ, ନିର୍ଭୀକ, ସାହସୀ, ଦକ୍ଷ ରାଜନେତା ଥିଲେ। ସୁରେନ୍ଦ୍ରଙ୍କ ନାମକୁ ଆଗାମୀ ଦିନରେ ଉଜ୍ଜୀବିତ କରିବାକୁ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ସହ ତାଙ୍କ ନାମରେ ବୃତ୍ତି ବ୍ୟବସ୍ଥା ରଖାଯିବ। ଏଥିସହ ସମାଜ ସେବାରେ ନିଜକୁ ସାମିଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ସେମାନେ କହିଥିଲେ। ସୁସାହିତ୍ୟିକ ତଥା ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେନ୍ଦ୍ର ନାଥ ନାୟକଙ୍କ ଜ୍ୟେଷ୍ଠ ପୁତ୍ର ତଥା ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,କାକଟପୁର ନିର୍ବାଚନମଣ୍ଡଳୀର ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ, ସରପଞ୍ଚ, ବୁଦ୍ଧିଜୀବୀଙ୍କ ସମେତ ଅସ୍ତରଙ୍ଗ, କାକଟପୁର, କୋଣାର୍କ, ଗୋପ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ବିଧାୟକ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିରଞ୍ଜନ



@ ମାଧବ



@ ପ୍ରଦୀପ୍ତ



@ ପ୍ରଭାତ



@ ଶୁଭଦର୍ଶିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରେଳଯାତ୍ରୀଙ୍କୁ ବିସ୍କୁଟ୍, ପାଣି ବୋତଲ ବଣ୍ଟନ

କଣାସ,୫।୭(ବିଭୂତି ଭୂଷଣ ତ୍ରିପାଠୀ)

ବାହୁଡ଼ା ଯାତ୍ରା ଉପଲକ୍ଷେ କଣାସ ବ୍ଲକରେ ପ୍ରତିଷ୍ଠିତ କାଳିଆ ଠାକୁର ସେବା ଟ୍ରଷ୍ଟ ପକ୍ଷରୁ କଣାସ ରୋଡ୍ ରେଲ୍‌ୱେ ଷ୍ଟେଶନ୍‌ଠାରେ ପୁରୀକୁ ଯାଉଥିବା ରେଳଯାତ୍ରୀଙ୍କୁ ୫ଶହ ପାଣି ବୋତଲ ଓ ୫ଶହ ପ୍ୟାକେଟ୍ ବିସ୍କୁଟ୍ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର କର୍ମକର୍ତ୍ତା ଚିତ୍ରୋତ୍ପଳା ହରିଚନ୍ଦନ, ସୌମ୍ୟଜିତ୍ ହରିଚନ୍ଦନ, ଦେବାଶିଷ ମହାନ୍ତି, ମାନସ କୁମାର ଜେନା, ହାପିନା ପ୍ରଧାନ, କିରଣ କୁମାର ପାଢ଼ୀ, ସୁଜିତ୍ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ନାୟକ, ବିଶ୍ୱଜିତ୍ ସାହୁ, ଦୀପ୍ତିମୟୀ ବରାଳ, ଅଭୟ କୁମାର ବିଶ୍ୱାଳ, ବିଷ୍ଣୁପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଅସ୍ତରଙ୍ଗରେ ମହାପ୍ରଭୁଙ୍କ ପହଣ୍ଡି କରାଯାଉଛି।



ନିମାପଡ଼ାରେ ପିଲାମାନେ କୁନି ରଥକୁ ଟାଣୁଛନ୍ତି।



କଣାସରେ ଭକ୍ତମାନେ ରଥକୁ ଟାଣି ନେଉଛନ୍ତି।



କୋଣାର୍କରେ ରଥ ଟଣାଯାଉଛି।

# ୩ ଘରୋଇ ବ୍ୟାଙ୍କ ଉପରୁ ହଟିଲା କଟକଣା

## ପୂର୍ବପରି ସରକାରଙ୍କ କାମ କରିବେ ଏଚ୍‌ଡିଏଫ୍‌ସି, ଆକ୍ସିସ, ଆଇସିଆଇସିଆଇ ବ୍ୟାଙ୍କ

### ସବୁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅର୍ଥ ସଚିବଙ୍କ ଚିଠି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ଏଚ୍‌ଡିଏଫ୍‌ସି,ଆଇସିଆଇସିଆଇ ଏବଂ ଆକ୍ସିସ୍ ବ୍ୟାଙ୍କ ଉପରୁ ରାଜ୍ୟ ସରକାର କଟକଣା ହଟାଇଛନ୍ତି। ରାଜ୍ୟ ସରକାରଙ୍କ ବ୍ୟାଙ୍କ ସମ୍ପର୍କିତ ସବୁ କାମରେ ପୂର୍ବପରି ଏହି ୩ଟି ଯାକ ଘରୋଇ ବ୍ୟାଙ୍କ ରହିବେ ବୋଲି ପୁଣି ଥରେ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଚିଠି ଲେଖି ସବୁ ବିଭାଗରେ ଥିବା ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, କମିଶନର, ସଚିବମାନଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଅର୍ଥ ସଚିବ ଶନିବାର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱାକାଂକ୍ଷୀ ଯୋଜନା କ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବଂ ବ୍ୟାଙ୍କିଙ୍ଗ୍ କାର୍ଯ୍ୟରେ ଆଶାତୀତ ପ୍ରଦର୍ଶନ ନ କରିପାରିବା ଯୋଗୁ ଏଚ୍‌ଡିଏଫ୍‌ସି, ଆକ୍ସିସ୍ ଏବଂ ଆଇସିଆଇସିଆଇ ବ୍ୟାଙ୍କକୁ ସରକାରୀ କାର୍ଯ୍ୟ ଲାଗି ଥିବା ବ୍ୟାଙ୍କିଙ୍ଗ୍ ତାଲିକାରୁ ବିଦା କରିଥିଲେ। ଏହି ବ୍ୟାଙ୍କଗୁଡିକ ପୂର୍ବରୁ ସରକାରୀ ସଂସ୍ଥାର ବ୍ୟବସାୟ ଏବଂ ଜମା କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ହେଲେ ପ୍ରଦର୍ଶନ ଭଲ ନ ରହିବା ଯୋଗୁ ଏହି ୩ଟି ଯାକ ବ୍ୟାଙ୍କକୁ ସରକାର ତାଲିକାରୁ କାଟିଦେଇଥିଲେ। ହେଲେ ଏହି ୩ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଗତ ୧ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନରେ ସାକ୍ଷାତ କରିଥିଲେ। ଏହି ସମୟରେ ସେମାନେ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାରୀ ଯୋଜନା କ୍ଷେତ୍ରରେ ନିଜର ପ୍ରଦର୍ଶନ ଭଲ କରିବେ। ତେଣୁ ସେମାନଙ୍କୁ ସରକାରୀ ତାଲିକାରୁ ବାଦ୍ ନ ଯାଉ ବୋଲି ସେମାନେ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣି ଥରେ ଏହି ୩ଟି ଯାକ ବ୍ୟାଙ୍କକୁ ପୂର୍ବଭଳି ସରକାରୀ ସଂସ୍ଥାର ବ୍ୟବସାୟ, ଜମା ନେଇ କାର୍ଯ୍ୟ କରିବାକୁ ସରକାର ଅନୁମତି ଦେବା ସହ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା କି ସେମାନେ ନିଜର ବ୍ୟାଙ୍କିଙ୍ଗ୍ ଖାତା ଏହି ୩ ବ୍ୟାଙ୍କରୁ ଉଠାଇନେବା ଲାଗି ତାହା ନ କରିବାକୁ ପୁଣି ଥରେ କୁହାଯାଇଛି।

# ଲାଗିରହିବ ବର୍ଷା

ଭୁବନେଶ୍ୱର,୫।୭ (ଅନୁରାଧା ମହାରଣା)

ସାରା ରାଜ୍ୟରେ ଜାରି ରହିଛି ବର୍ଷା। କେତେକ ଜିଲାରେ ବନ୍ୟା ପରିସ୍ଥିତି ଉପୁଜୁଥିବାବେଳେ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥିତିରେ ଆସନ୍ତା ୯ ତାରିଖ ଯାଏ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେବା ସହ ବିଭିନ୍ନ ଜିଲାକୁ ସତର୍କ କରିଛି। ତେବେ ରବିବାର ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ପାଇଁ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବା ବେଳେ କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ରାଜ୍ୟର ଅଧିକାଂଶ ଜିଲାରେ ଭାରି ବର୍ଷା ରେକର୍ଡ କରାଯାଇଥିବାବେଳେ ଆଉ କେତେକ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। କଟକ ଓ ଭୁବନେଶ୍ୱରରେ ବର୍ଷା ହୋଇଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ୨୯.୦ ମିମି, କେନ୍ଦୁଝରଗଡ଼ରେ ୧୯.୦ ମିମି, ଭଦ୍ରକରେ ୨୦.୨ ମିମି, ସମ୍ବଲପୁରରେ ୧୯ମିମି, ହୀରାକୁଦରେ ୧୬ ମିମି, କୋରାପୁଟରେ ୧୩.୨ ମିମି ଏବଂ ଚାନ୍ଦବାଲିରେ ୮.୨ ମିମି ବର୍ଷା ରେକର୍ଡ କରାଯାଇଛି।

# ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୭(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। ଗତ ୩୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତକରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ସୂଚନାଯୋଗ୍ୟ, ଗତ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ଆବେଦନପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରି)ଠାରେ ଉପସ୍ଥିତ ରହିବାକୁ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସୂଚନା ଦେଇଛି। ପୁରୀ ରଥଯାତ୍ରା ଦୃଷ୍ଟିରୁ ଗତ ୩୦ରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା।

## ମେଗା ପାଇପ୍ ଜଳଯୋଗାଣ ସମ୍ପର୍କିତ ସମନ୍ୱୟ କମିଟି ବୈଠକ

# ମାସକରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମାଧାନ ନିର୍ଦ୍ଦେଶ



ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ।

ଭୁବନେଶ୍ୱର,୫।୭(ବନ୍ଦନା ସେଠୀ)

ଓଡ଼ିଶାରେ ମେଗା ପାଇପ୍ ଜଳଯୋଗାଣ (ପିଡବ୍ଲୁଏସ୍) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ଉଚ୍ଚସ୍ତରୀୟ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରିଥିଲେ। ଯେଉଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ୧ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ତେବେ ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ। ସେହିପରି ଏଥିପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀଙ୍କର ଏକ ନିର୍ଦ୍ଦିଷ୍ଟ ହ୍ୱାଟ୍ସଆପ୍ ଗ୍ରୁପ୍ କରାଯିବ, ଏହାଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ ବୋଲି ଉନ୍ନୟନ କମିଶନର କହିଛନ୍ତି। ସେହିପରି ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକର ବାସ୍ତବ ସମୟଭିତ୍ତିକ ନିରୀକ୍ଷଣ ପାଇଁ ଏକ ସୁଦୃଢ଼ ଡିଜିଟାଲ ପ୍ଲାଟ୍‌ଫର୍ମ ବିକଶିତ କରାଯାଉଛି। ଏହି ବ୍ୟବସ୍ଥା ପ୍ରଥମେ ମେଗା ପ୍ରକଳ୍ପଗୁଡ଼ିକରେ ସ୍ଥାପିତ ସ୍କାଡା (ତଦାରଖ ନିୟନ୍ତ୍ରଣ ଏବଂ ତଥ୍ୟ ଅଧିଗ୍ରହଣ) ବ୍ୟବସ୍ଥା ସହ ସଂଯୋଜିତ ହେବ। ସମୟକ୍ରମେ ତାହା ସଂପ୍ରସାରିତ ହୋଇ ଛୋଟ ଛୋଟ ଯୋଜନାଗୁଡ଼ିକରେ ଥିବା କମ୍ପ୍ୟୁଟରୀକୃତ ବ୍ୟବସ୍ଥା (ଆଇଓଟି)କୁ ଅନ୍ତର୍ଭୁକ୍ତ କରାଯିବ ବୋଲି ଆଲୋଚନା ହୋଇଥିଲା। ପ୍ରକଳ୍ପର ପ୍ରଭାବୀ ପରିଚାଳନା ଓ ରକ୍ଷଣାବେକ୍ଷଣ ତଦାରଖ ପାଇଁ ଜିଲାସ୍ତରରେ ପ୍ରକଳ୍ପ ପରିଚାଳନା ୟୁନିଟ ସ୍ଥାପନ କରାଯିବ। ଅନ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା ବିଭିନ୍ନ ସମୟରେ ନିର୍ମାଣ କାର୍ଯ୍ୟ ଯୋଗୁ ପାଇପ୍ ଲାଇନ ଭିତ୍ତିଭୂମିଗୁଡ଼ିକ ବାରମ୍ବାର କ୍ଷତି ହେଉଥିବା ସମ୍ପର୍କରେ ବିଭାଗ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ଖନନ କାର୍ଯ୍ୟ ପୂର୍ବରୁ ସିବିୟୁଡି (କଲ୍ ବିଫୋର୍ ୟୁ ଡିଗ୍) ପ୍ଲାଟ୍‌ଫର୍ମରେ ସମ୍ପୃକ୍ତ ବିଭାଗ ବା ସଂସ୍ଥାମାନେ ସୂଚନା ପ୍ରଦାନ ନେଇ ନିର୍ଦ୍ଦେଶନାମା ଜାରି କରିବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କମିଟି ସମର୍ଥନ କରିଛି। ଜିଆଇଏସ୍-ଭିତ୍ତିକ ମ୍ୟାପିଂ କରି ପାନୀୟ ଜଳ ପରିଚାଳନାରେ କମ୍ କ୍ଷତି ପହଞ୍ଚାଇବା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ଉପରେ କମିଟି ପରାମର୍ଶ ଦେଇଛି।


# ଜମି ଅଧିଗ୍ରହଣ ପାଇଁ ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅଧୀନରେ କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ବିଜ୍ଞପ୍ତି

## ରେଳ ମନ୍ତ୍ରଣାଳୟ (ରେଲୱେ ବୋର୍ଡ)

### ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ର ଧାରା 20-F(4) ଅଧୀନରେ ସର୍ବସାଧାରଣ ବିଜ୍ଞପ୍ତି

ଗାର୍ଡ଼େନ ରିଚ୍, କୋଲକାତା, ୦୫।୦୭।୨୦୨୫

ଯେତେବେଳେ କି ଭାରତ ସରକାରଙ୍କ ରେଳପଥ ମନ୍ତ୍ରାଳୟର ବିଜ୍ଞପ୍ତି ନଂ. S.O. 291 (E) Dated: 15th January 2025 ଭାରତୀୟ ରାଜପତ୍ର, ଅସାଧାରଣ, ଭାଗ-II, ଧାରା-୩, ଉପବିଭାଗ-II ତା୧୫।୦୧।୨୦୨୫ରେ ପ୍ରକାଶିତ ହୋଇଥିଲା (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଏବଂ ଏହା ରେଳପଥ ଅଧିନିୟମ - ୧୯୮୯ (୧୯୮୯ର ୨୪)ର ଧାରା 20Eର ଉପବିଭାଗ (I) ଅଧୀନରେ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଏହାକୁ ଦର୍ଶାଯାଇଛି) ଜାରି କରାଯାଇଥିଲା। କେନ୍ଦ୍ର ସରକାର ଏତଦ୍ୱାରା ଓଡ଼ିଶା ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାରେ ବିଶ୍ରା ତହସିଲର କପାଟିମୁଣ୍ଡା ଓ ବରହବାସଠାରେ ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ସାଧାରଣ ଉଦ୍ଦେଶ୍ୟ ପାଇଁ ସମସ୍ତ ବାଧାମୁକ୍ତ ଥିବା କେନ୍ଦ୍ର ସରକାରଙ୍କ ସହ ସମ୍ପୂର୍ଣ୍ଣ ରୂପେ ଅଧିକାରଭୁକ୍ତ ସଂଯୁକ୍ତ ସୂଚୀରେ ଦର୍ଶାଯାଇଥିବା ଜମିର ପରିଚାଳନା, ରକ୍ଷଣାବେକ୍ଷଣ ଓ କାର୍ଯ୍ୟକାରିତା ସମ୍ବନ୍ଧେ ଘୋଷଣା କରୁଛନ୍ତି।

ଏବଂ ଏହି ହେତୁ ପ୍ରଥମ ଗେଜେଟ୍ ବିଜ୍ଞପ୍ତି ନଂ. S.O. 5410 (E) Dated: 21st December 2023ର ଭାରତୀୟ ରାଜପତ୍ରରେ ତା୨୧।୧୨।୨୦୨୩ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ଧାର 20A ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ସକାଳ (ଓଡ଼ିଆ) ଓ ନବଭାରତ (ହିନ୍ଦୀ)ରେ ଯଥାକ୍ରମେ ତା୧୫।୦୧।୨୦୨୪ ଓ ୧୬।୦୧।୨୦୨୪ରେ ପ୍ରକାଶ ପାଇଥିଲା ଏବଂ ଦ୍ୱିତୀୟ ଗେଜେଟ୍ ବିଜ୍ଞପ୍ତି ନଂ. S.O. 291(E) Dated 15th January 2025ଟି ଭାରତୀୟ ରାଜପତ୍ରରେ ତା୧୫।୦୧।୨୦୨୫ରେ ପ୍ରକାଶ ପାଇଥିଲା ଏବଂ କଥିତ ବିଜ୍ଞପ୍ତିଟି ଉକ୍ତ ଅଧିନିୟମର ବିଭାଗ 20E ର ଉପବିଭାଗ (୧) ଅଧୀନରେ ଦୈନନ୍ଦିନ ଖବରକାଗଜ ପ୍ରମେୟ ଓ ପ୍ରଗତିବାଦୀରେ (ଓଡ଼ିଆ) ତା୧୭।୦୧।୨୦୨୫ରେ ପ୍ରକାଶ ପାଇଥିଲା।

ତା୧୯।୦୫।୨୦୨୫ରେ ନିମ୍ନସ୍ୱାକ୍ଷରକାରୀ ପ୍ରକଳ୍ପ ପାଇଁ ତାଙ୍କର ଆକଳନକୁ ଚୂଡ଼ାନ୍ତ କରିଛନ୍ତି ଏବଂ ଏହି ବିଷୟକୁ ଉପ-ମୁଖ୍ୟଯନ୍ତ୍ରୀ (ନିର୍ମାଣ), ଦକ୍ଷିଣ-ପୂର୍ବ ରେଳପଥ, ରାଉରକେଲାଙ୍କୁ ସୂଚନା ପ୍ରଦାନ କରାଯାଇଛି।

## ସୂଚୀ

### ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପ ବନ୍ଦମୁଣ୍ଡା (ଡୁମେରତା)-ରାଞ୍ଚି (ହଟିଆ) ମଧ୍ୟରେ ଦ୍ୱିତୀୟ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଅଧୀନରେ ଜମିର ସଂକ୍ଷିପ୍ତ ବିବରଣୀ

ଯଦି କୌଣସି ଦାବି/ମତାମତ ଥାଏ ତାହାର ସମାଧାନ ପାଇଁ ବ୍ୟକ୍ତିଗତ ଏଜେଣ୍ଟଙ୍କ ଦ୍ୱାରା/ଆଇନଗତ ଓକିଲଙ୍କ ଦ୍ୱାରା ଉପସ୍ଥିତ ହେବାପାଇଁ ଅନୁରୋଧ କରାଯାଉଛି। ଗ୍ରାମୱାରୀ ବିବରଣୀ ଓ ସମୟ ନିମ୍ନରେ ଦିଆଯାଉଛି।

**ପ୍ରାଧିକୃତ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନ**

ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍, ସୁନ୍ଦରଗଡ଼

ରିପୋର୍ଟିଙ୍ଗ ତାରିଖ: ୧୦।୦୭।୨୦୨୫ ଓ ପରଠାରୁ, ସମୟ: ରବିବାର ଓ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ।

**ମୌଜା: କପାଟିମୁଣ୍ଡା**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 3 | 652 | ଗୋଡ଼ା-୨ | 0.05 | 0.03 | ଅସ୍ତ ଓରାମ, ମଙ୍ଗସି ଓରାମ, ବିଞ୍ଜୁସ ଓରାମ, ପି.: ହରି ଓରାମ, ନିର୍ମଳ ଓରାମ, ବିନୋଦ ଓରାମ, ପି.: ମଦର ଓରାମ, ହିଲାରୁଷ ଓରାମ, ପି.: ଟ୍ରେମ୍ବୁ ଓରାମ, ଜା: ଓରାମ ଖ୍ରୀଷ୍ଟିଆନ, ବା: ନିଜଗାଁ |
| 2 | 13 | 653 | ଗୋଡ଼ା-୨ | 0.34 | 0.07 | ଗହନ ଡୁରୀ, ପି.: ଲଲସଇ ଡୁରୀ, ଜା: ଡୁରୀ, ବା: ନିଜଗାଁ |
| 3 | 19 | 655 | ଗୋଡ଼ା-୨ | 0.19 | 0.16 | ଚିମା ଓରାମ, ପି.: ଭୁଗଲୁ ଓରାମ, ପୁଣ ଖେସ୍, ସମ ଖେସ୍, ଚନ୍ଦୁ ଖେସ୍, ପି.: ଲୁଟୁଆ ଓରାମ, ଖୁଡି ଓରାମ, ଭଗ୍ନ ଓରାମ, ପି.: ତୀଲକ ଓରାମ, ଜା: ଓରାମ, ବା: ନିଜଗାଁ |
| | | 656 | ଗୋଡ଼ା-୨ | 0.33 | 0.16 | |
| 4 | 30 | 658 | ଗୋଡ଼ା-୨ | 2.18 | 0.05 | ଝମନ ମହତ, ପି.: ଝରି ମହତ, ସୁଫଳ ମହତ, ପି.: କାର୍ତ୍ତିକ ମହତ, ବୁଧୁ ମହତ, ମଧୁ ମହତ, ପି.: ଗଣେଶ ମହତ, ଖେତ୍ରୁ ମହତ, ସରାଠୁ ମହତ, ପି.: ପଞ୍ଚୁ ମହତ, ଜା: କୁଡୁମ, ବା: ନିଜଗାଁ |
| | | 665 | ଗୋଡ଼ା-୨ | 2.35 | 0.04 | |
| 5 | 76 | 663 | ଗୋଡ଼ା-୨ | 0.06 | 0.06 | ମଉଧେଇ ଓରାମ, ପି.: ମିନୁ ଓରାମ, କ୍ୱାକିଂ ଓରାମ, ପି.: ସମାର ଓରାମ, ଜା: ଓରାମ, ବା: ନିଜଗାଁ |
| | | 664 | ଗୋଡ଼ା-୨ | 0.17 | 0.14 | |
| | | | | Total | Ac.0.71 | |

**ମୌଜା: ବରହବାସ**

| କ୍ରମିକ ସଂଖ୍ୟା | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | କ୍ଷତିଗ୍ରସ୍ତ ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 12 | 181 | ଘରବାରି | 0.27 | 0.16 | ଜଗନ୍ନାଥ ମହାଲି, ଜ୍ଞାନାଥ ମହାଲି, ପି.: ସନିକ ମହାଲି, ଜା: ମହାଲି, ବା: ନିଜଗାଁ |
| | | 182 | ଗୋଡ଼ା-୨ | 0.54 | 0.03 | |
| | | | | Total | Ac.0.19 | |

C.A.L.A.-cum-Land Acquisition Officer
Sundargarh

## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

### लापताः आवश्यक सूचना



**गुमशुदा पुरूष विरेन्द्र सिंह, उम्र--50 वर्ष**

सर्व साधारण को सूचित किया जाता है कि आवेदिका गीता देवी के द्वारा अपने पति विरेन्द्र सिंह, उम्र--50 वर्ष की गुमशुदगी के संबंध में चाकुलिया थाना में लिखित आवेदन दिया गया है। आवेदन में इनके द्वारा बताया गया है कि गुमशुदा विरेन्द्र सिंह, उम्र--50 वर्ष, पिता--स्व0 जनार्दन सिंह, पता--ग्राम--नया बाजार, थाना--चाकुलिया, जिला--पूर्वी सिंहभूम, जमशेदपुर जो गुड़गाँव, हरियाणा में गाड़ी चलाते थे।

दिनांक--21.06.2025 से उनसे सम्पर्क नहीं हो पा रहा है। गुमशुदा पुरूष का हुलिया निम्न प्रकार हैः--उम्र--50 वर्ष, कद--05 फीट 08 इंच, रंग--सांवला, पहनावा--जिन्स कुर्ता तथा भाषा--हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657--2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनु0पु0पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 356601 (Police)25-26*D

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT, RANCHI

NirupanBhawan,3rd Floor,Room No. 401, 56-Set,Doranda,Ranchi-834002

**e-Procurement (Very Short Tender Notice)**

**Letter of Invitation (LOI) No.-16/2025-26 2nd Call**

**e-Tender Ref No:–RCD/SID/AP/RAN/16/2025-26 Date:- 03.07.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Radhanagar Ghatiyali more (Telidih Vikramdih road) to JMP-4 (sector-12) via Satanpur including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro Districtin the State of Jharkhand. (Tetative Length 08.10 K.m.)*Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 08.10 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee. Tender fee will be recived through online mode only. The quotationershave to deposit a fixed amount ofRs 20,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation DivisionAdvance Planning,RCD, Ranchi Mob-9905660677. |
| 13 | PR NO.- | 355130 (2025-26) D |

Note:-Only e-Tender shall be accepted.

Sd./-(Ravi Shankar Pravakar)Executive Engineer, Soil Investigation Division, Advance Planning, Road Construction Department,Ranchi

PR 356607 (Road)25-26*D

# ODISHA PUBLIC SERVICE COMMISSION CUTTACK

## NOTICE

No. 4595/P.S.C., Dt.03.07.2025
PF1-1E-04-2025/26 (DR-III)

## Recruitment to the post of Assistant Conservator of Forest & Forest Ranger

**(Advertisement No. 08 of 2023-24)**

No. D-120:- In continuation to this Office Notice No. 3723/PSC, dtd. 31.05.2025, it is for information of all qualified candidates that **the Physical Standard and Endurance Test (Walking)** for recruitment to the post of **Assistant Conservator of Forest, Group-A (JB) & Forest Ranger, Group-B**, pursuant to Advertisement No. 08 of 2023-24 shall be conducted by the Principal Chief Conservator of Forests, Odisha **at Regional Plant Resource Centre (RPRC) Campus, Nayapalli, Bhubaneswar** from **14.07.2025 to 20.07.2025** as per the following schedule.

**Venue:** Regional Plant Resource Centre (RPRC) Campus, Nayapalli, Bhubaneswar

**PROGRAMME FOR PHYSICAL STANDARD AND ENDURANCE TEST (WALKING):**

| Sl. No. | Roll No. | Physical Standard Test | | Endurance Test (Walking) | |
|---|---|---|---|---|---|
| | | Date & Time of Reporting | Date & Time of Event | Date & Time of Reporting | Date & Time of Event |
| 01. | 100117, 100154, 100174, 100241, 100468, 100533, 100535, 100602, 100692, 100760, 101005, 101014, 101260, 101329, 101391, 101862, 101956, 102042, 102132, 102232, 102252, 200084, 200099, 200252, 200353, 200399, 200578, 200934, 201058, 201153, 201457, 201459, 201577, 201579, 201658, 201670, 201739, 201752, 201964, 202135, 202171, 202286, 202296, 300025, 300034, 300042, 300045, 300125, 300128, 300132, 300176, 300207, 300243, 300253, 300281, 300289, 300292, 300322, 300337, 300358, 300428, 300429, 300440, 300508, 300556, 300607, 300611, 300672, 300696. 300706, 300716, 300734, 300747, 300754, 300770, 300835, 300904, 300911, 300912, 300939, 301045, 301049, 301053, 301102, 301126, 301148, 301157, 301161, 301276 & 301345 **= 90 candidates** | 14.07.2025 10.00 A.M. | 14.07.2025 10.30 A.M. to 05.30 P.M. | 15.07.2025 04.30 A.M. | 15.07.2025 05.30 A.M. to 09.30 A.M. |
| 02. | 301365, 301370, 301374, 301386, 301404, 301420, 301479, 301531, 301538, 301593, 301623, 301626, 301659, 301670, 301692, 301705, 301709, 301711, 301740, 301766, 301779, 301900, 301936, 301947, 301949, 302025, 302030, 302031, 302044, 302081, 302129, 302141, 302178, 302253, 302263, 302322, 302368, 302387, 302389, 302402, 302453, 302457, 302459, 302524, 302537, 302606, 302615, 302666, 302687, 302727, 302863, 302879, 302897, 302927, 302941, 302989, 302990, 303142, 303151, 303168, 303171, 303172, 303239, 303241, 303254, 303268, 303291, 303327, 303414, 303425, 303496, 303499, 303508, 303523, 303548, 303565, 303581, 303630, 303737, 303741, 303746, 303759, 303762, 303780, 303909, 303915, 303929, 303935, 303937 & 303986 **= 90 candidates** | 15.07.2025 10.00 A.M. | 15.07.2025 10.30 A.M. to 05.30 P.M. | 16.07.2025 04.30 A.M. | 16.07.2025 05.30 A.M. to 09.30 A.M. |
| 03. | 304011, 304018, 304086, 304107, 304116, 304147, 304180, 304209, 304234, 304263, 304282, 304288, 304305, 304309, 304335, 304345, 304371, 304386, 304394, 304397, 304427, 304428, 304442, 304551, 304596, 304605, 304676, 304679, 304701, 304706, 304724, 304727, 304744, 304755, 304758, 304793, 304804, 304806, 304814, 304820, 304823, 304906, 304953, 304962, 304988, 305056, 305057, 305061, 305127, 305231, 305267, 305282, 305341, 305347, 305366, 305397, 305486, 305517, 305529, 305572, 305616, 305654, 305655, 305704, 305768, 305815, 305825, 305833, 305859, 305882, 305902, 305924, 305960, 305966, 305971, 305999, 306013, 306030, 306093, 306129, 306137, 306145, 306157, 306206, 306217, 306284, 306304, 306344, 306438 & 306440 **= 90 candidates** | 16.07.2025 10.00 A.M. | 16.07.2025 10.30 A.M. to 05.30 P.M. | 17.07.2025 04.30 A.M. | 17.07.2025 05.30 A.M. to 09.30 A.M. |
| 04. | 306463, 306490, 306516, 306531, 306548, 306561, 306611, 306630, 306641, 306659, 306687, 306760, 306778, 306816, 306841, 306950, 306962, 307048, 307049, 307071, 307078, 307095, 307120, 307124, 307125, 307175, 307232, 307237, 307328, 307415, 307467, 307530, 307544, 307690, 307695, 307709, 307766, 307842, 307866, 307927, 307945, 307946, 307964, 307977, 307995, 308019, 308029, 308084, 308140, 308142, 308159, 308162, 308253, 308298, 308302, 308397, 308617, 308702, 308723, 308744, 308758, 308766, 308803, 308810, 308814, 308829, 308865, 308905, 308962, 308976, 309027, 309049, 309072, 309105, 309107, 309134, 309161, 309172, 309177, 309268, 309283, 309320, 309328, 309355, 309388, 309389, 309405, 309429, 309433 & 309439 **= 90 candidates** | 17.07.2025 10.00 A.M. | 17.07.2025 10.30 A.M. to 05.30 P.M. | 18.07.2025 04.30 A.M. | 18.07.2025 05.30 A.M. to 09.30 A.M. |
| 05. | 309480, 309494, 309539, 309547, 309592, 309658, 309660, 309662, 309688, 309754, 309776, 309778, 309787, 309789, 309833, 309864, 309884, 309888, 309944, 309955, 310000, 310062, 310066, 310133, 310135, 310153, 310265, 310269, 310272, 310326, 310359, 310398, 310401, 310418, 310422, 310439, 310510, 310532, 310538, 310610, 310653, 310690, 310700, 310705, 310716, 310724, 310777, 310805, 310845, 310896, 310951, 310964, 310967, 311072, 311100, 311141, 311144, 311232, 311277, 311299, 311361, 311425, 311427, 311454, 311458, 311566, 311568, 311635, 311650, 311689, 311757, 311766, 311815, 311825, 311844, 400018, 400037, 400161, 400172, 400256, 400319, 400375, 400396, 400446, 400452, 400475, 400489, 400586, 400632 & 400633 **= 90 candidates** | 18.07.2025 10.00 A.M. | 18.07.2025 10.30 A.M. to 05.30 P.M. | 19.07.2025 04.30 A.M. | 19.07.2025 05.30 A.M. to 09.30 A.M. |
| 06. | 400639, 400705, 400767, 400815, 400817, 400903, 400931, 400960, 400969, 400993, 401083, 401112, 401118, 401159, 401172, 401288, 401453, 401501, 401554, 401635, 401727, 401767, 401841, 401855, 401887, 401890, 401931, 401965, 401997, 402000, 402236, 402373, 402374, 402387, 402432, 402509, 402631, 402787, 402846, 402931, 402966, 403045, 403074, 403077, 403078, 403229, 403264, 403346, 403361, 403653, 500026, 500051, 500281, 500385, 500402, 500517, 500826, 500965, 501052, 501130, 501189, 501304, 501407, 501595, 501865, 501973, 502269, 502578, 502659, 502874, 502932, 503024, 503032, 503298, 503451, 503473, 503513, 503548, 503562, 503693, 503780, 503792 & 504047 **= 83 candidates** | 19.07.2025 10.00 A.M. | 19.07.2025 10.30 A.M. to 05.30 P.M. | 20.07.2025 04.30 A.M. | 20.07.2025 05.30 A.M. to 09.30 A.M. |

The Intimation letters for the above short listed candidates will be available in the website of the Commission at http://opsc.gov.in from **09.07.2025** to be downloaded by the candidates concerned. The candidates are required to produce Original Photo Identity Proof, the downloaded Intimation Letter at the venue and the time of the Physical Test as indicated in the Intimation Letter. The candidates not appearing in the Test shall stand disqualified.

**Instructions to the Candidates for the Physical Standard & Endurance Test:**

1. The candidates should report at the venue (RPRC, Bhubaneswar) as per the schedule mentioned against their Roll Number.
2. The Physical Test will be followed by Endurance Test (Walking test).
3. The candidate will produce the following documents:
   a) Production of self-downloaded and self-attested copy of Intimation Letter issued by OPSC.
   b) Original Identity proof such as Aadhaar/PAN card/Voter I card/Passport/Driving License.
4. For further clarification, if any, the candidate may contact DFO, Chandaka (WL) Division on his **Mobile No. 9438879500.**
5. Only one person (parent/guardian/relatives) will be allowed with the candidate during the test when preferred by the candidate.

OIPR-12002/11/0258/2526

Sd./- Secretary





▲ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପହଣ୍ଡି ବିଜେ




▲ ବିଜେ ପ୍ରତିମା ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣ ରଥକୁ ବିଜେ ହେଉଛନ୍ତି



▲ ପୁରୀ ଶ୍ରୀକ୍ଷେତ୍ରରେ ବାହୁଡ଼ା ଅବସରରେ ଶନିବାର ଭକ୍ତଙ୍କ ମେଳରେ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ତିନିରଥରେ ବାହାରିଥିବା ଦାରୁଦିଅଁ



▲ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ରଥାରୂଢ଼ ଠାକୁର



▲ ଶ୍ରୀନଅର ସମ୍ମୁଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଗଜପତି ମହାରାଜାଙ୍କ ଉପସ୍ଥିତିରେ ଲକ୍ଷ୍ମୀନାରାୟଣ ଭେଟ ନୀତି ସମ୍ପାଦନ ହେଉଛି



▲ ଶରଧାବାଲିରେ ଶ୍ରଦ୍ଧାଳୁମାନେ ବିଶାଳ ଧୂପକାଠି ଜଳାଉଛନ୍ତି



▲ ବଡ଼ଦାଣ୍ଡରେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ



▲ ବାହୁଡ଼ାରେ ରାଧାକୃଷ୍ଣ ବେଶରେ ଶ୍ରଦ୍ଧାଳୁ



## ମାଉସୀ ମା'ଙ୍କ ହାତ ତିଆରି ପୋଡ଼ପିଠା ଖାଇଲେ ଚତୁର୍ଦ୍ଧାବିଗ୍ରହ

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନ ପ୍ରିୟ। ସେଥିପାଇଁ ତାଙ୍କୁ ଶ୍ରୀମନ୍ଦିରରେ ପ୍ରତିଦିନ ୬୦ ପଉଟି ଭୋଗ ମଣୋହି ହୋଇଥାଏ। ଏହି ୬୦ ପଉଟି ଏବଂ ୫୬ ଭୋଗ ମଧ୍ୟରେ ମହାପ୍ରଭୁଙ୍କ ନିକଟରେ ପ୍ରତ୍ୟହ ଲାଗି ହୋଇଥାଏ ବିଭିନ୍ନ ପ୍ରକାର ପିଠା। ଏହି ପିଠା ମଧ୍ୟରେ ପୋଡ଼ପିଠା ମହାପ୍ରଭୁଙ୍କ ବେଶ୍ ପ୍ରିୟ। ସେଥିପାଇଁ ଭାଇଭଉଣୀଙ୍କୁ ନେଇ ନବଦିନାତ୍ମକ ଯାତ୍ରା ସାରି ଆଡ଼ପମଣ୍ଡପରୁ ଶ୍ରୀମନ୍ଦିରକୁ ବାହୁଡ଼ିବା ବେଳେ ଶ୍ରୀବିଗ୍ରହ ମାଉସୀ ମା'ଙ୍କ ହାତରୁ ପୋଡ଼ପିଠା ଖାଇଥାନ୍ତି। ଶନିବାର ମହାପ୍ରଭୁ ବାହୁଡ଼ା ଯାତ୍ରାରେ ଫେରୁଥିବା ବେଳେ ଚତୁର୍ଦ୍ଧାବିଗ୍ରହ ମାଉସୀ ମା'ଙ୍କ ମନ୍ଦିର ନିକଟରେ ରଥ ଅଟକି ଯାଇଥିଲା। ପରେ ଚତୁର୍ଦ୍ଧାବିଗ୍ରହଙ୍କୁ ମାଉସୀ ମା'ଙ୍କ ମନ୍ଦିର ପକ୍ଷରୁ ପୋଡ଼ପିଠା ମଣୋହି କରାଯାଇଥିଲା। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀ ମା'ଙ୍କ ମନ୍ଦିର ନିକଟରେ ଅଟକିବା ପରେ ପୋଡ଼ପିଠା ସମର୍ପଣ କରାଯାଇଥିଲା। ପରେ ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଏକ ଲାଗିମାଳ ଅଣାଯାଇ ମାଉସୀ ମା'ଙ୍କୁ ପ୍ରଦାନ କରାଯାଇଥିଲା। ମହାପ୍ରଭୁଙ୍କୁ ପୋଡ଼ପିଠା ମଣୋହି ହେବା ପରେ ମହାପ୍ରଭୁଙ୍କ ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା।





▲ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଥ ଟାଣୁଛନ୍ତି

## ରାତିରେ ଟଣାହେଲା ରଥ

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ତେବେ ରାତିରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଛି। ପ୍ରଶାସନର ଏପରି କାର୍ଯ୍ୟକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିୟମ ଅନୁସାରେ ସୂର୍ଯ୍ୟାସ୍ତ ହୋଇ ସନ୍ଧ୍ୟା ହୋଇଗଲେ ରଥ ଟଣା ବନ୍ଦ ହେବାର ବିଧି ରହିଛି। ପୁନର୍ବାର ସୂର୍ଯ୍ୟୋଦୟ ପରେ ରଥ ଉପରେ ଠାକୁରଙ୍କ କିଛି ନୀତି ସମ୍ପନ୍ନ ହେବା ପରେ ରଥଟଣା ହେବାର ନିୟମ ରହିଛି। ଚଳିତବର୍ଷ ପ୍ରଶାସନ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ସନ୍ଧ୍ୟା ପରେ ମଧ ତିନିରଥ ଟଣାଯାଇ ଶ୍ରୀମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ବଡ଼ଠାକୁରଙ୍କ ରଥ ୬ଟା ୨୫ରେ, ମା' ସୁଭଦ୍ରାଙ୍କ ରଥ ୭ଟା ୨୫ରେ ଲାଗିଥିବା ବେଳେ ରାତିରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ କରାଯାଇ ନନ୍ଦିଘୋଷ ରଥ ୯ଟା ୩୦ରେ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା।

## ରଥ ସମ୍ମୁଖରେ ଗୀତଗୋବିନ୍ଦ ଗାଇଲେ ସେବାୟତ

ଚଳିତ ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରାରେ ସାମିଲ ହୋଇ ଏବଂ ରଥଟାଣି ସେବାୟତମାନେ ବେଶ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ତିନିରଥ ଶ୍ରୀମନ୍ଦିର ସମ୍ମଖ ସିଂହଦ୍ୱାରରେ ଲାଗିବା ପରେ ସେବାୟତମାନେ ମହାପ୍ରଭୁଙ୍କ ରଥ ସମ୍ମୁଖରେ ଭାବବିହ୍ୱଳ ହୋଇ ଗୀତ ଗୋବିନ୍ଦ ଗାନ କରିଥିଲେ। ଫଳରେ ଶ୍ରୀମନ୍ଦିର ସିଂହଦ୍ୱାର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେବାୟତଙ୍କ ଏପରି ଗୀତଗୋବିନ୍ଦ ସହ ଭଜନ ଗାନକୁ ବେଶ ପ୍ରଶଂସା କରିଛନ୍ତି ଶ୍ରୀକ୍ଷେତ୍ରବାସୀ। ସେବାୟତଙ୍କ ସହ ଅନ୍ୟମାନେ ମଧ୍ୟ ଗୀତଗୋବିନ୍ଦ ଗାନ କରିଥିଲେ।



▲ ବାହୁଡ଼ା ଅବସରରେ ଶରଧାବାଲିରେ ତିନି ରଥ ସମ୍ମୁଖରେ ଓଡ଼ିଶୀ ନୃତ୍ୟ ପରିବେଷଣ

## ନୃତ୍ୟରେ ବିଭୋର ଭକ୍ତ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ନୃତ୍ୟ ଓ ସଙ୍ଗୀତ ପ୍ରିୟ। ତେଣୁ ବିଭିନ୍ନ ଯାତ୍ରାରେ ମହାପ୍ରଭୁଙ୍କ ସମ୍ମୁଖରେ ଭକ୍ତମାନେ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥାନ୍ତି। ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ହେଉ ଅବା ସ୍ନାନଯାତ୍ରା, ରଥଯାତ୍ରାରେ ଶ୍ରୀକ୍ଷେତ୍ରର ନୃତ୍ୟଶିଳ୍ପୀମାନେ ମହାପ୍ରଭୁଙ୍କ ନିକଟରେ ନୃତ୍ୟ ପରିବେଷଣ କରିଥାନ୍ତି। ତେବେ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୃତ୍ୟ ପରିବେଷଣ କରିବାକୁ ଆସିଥିବା ନୃତ୍ୟଶିଳ୍ପୀଙ୍କୁ ପୋଲିସ ରଥ ସମ୍ମୁଖରେ ନୃତ୍ୟ କରିବାକୁ ବାରଣ କରିଥିଲା। ଫଳରେ ନୃତ୍ୟଶିଳ୍ପୀମାନେ ପ୍ରଶାସନର ଏପରି ନିଷ୍ପତ୍ତିକୁ ନିନ୍ଦା କରିଥିଲେ। ଏପରି କି ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଏପରି ନିଷ୍ପତ୍ତିକୁ ବିରୋଧ କରିବା ସହ ନୃତ୍ୟ କରିବାକୁ ଅନୁମତି ଦିଅନ୍ତୁ ବୋଲି କହିଥିଲେ। ଏନେଇ ପୋଲିସ ଅଧିକାରୀ ଓ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ମଧ୍ୟରେ କଥା କଟାକଟି ହେଉଥିବା ଦେଖିବାକୁ ମିଳିଛି। ଶିଳ୍ପୀମାନେ ଗୋଟିପୁଅ, ମାହାରୀ, ଓଡ଼ିଶୀ ଆଦି ନୃତ୍ୟ ପରିବେଷଣ କରିଥିଲେ। ଅନେକ ଲୋକ ବିଭିନ୍ନ ବେଶରେ ମହାପ୍ରଭୁଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରିଥିଲେ।

# ବାହୁଡ଼ିଲେ ବିଶ୍ୱନିୟନ୍ତା

ଭୁବନେଶ୍ୱର,୫।୭(ସୌମ୍ୟରଞ୍ଜନ ରାଉତ)

ଜନ୍ମବେଦିରେ ୯ ଦିନର ରହଣି ପରେ ଦେବୀ ସୁଭଦ୍ରା ଓ ବଡ଼ଠାକୁର ବଳଭଦ୍ରଙ୍କୁ ସାଙ୍ଗରେ ଧରି ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଭକ୍ତଙ୍କ ମେଳରେ ଲୀଳାଖେଳା ସାରି ବାହୁଡ଼ିଛନ୍ତି ବିଶ୍ୱନିୟନ୍ତା। ସୁସଜ୍ଜିତ ରଥରେ ବସାଇ ଘଣ୍ଟଘଣ୍ଟା, ଭେରୀତୁରୀ, ଝାଞ୍ଜ, ମର୍ଦ୍ଦଳ ସାଙ୍ଗକୁ ଶଙ୍ଖ, ହୁଳହୁଳିରେ ୩ ଠାକୁରଙ୍କୁ ବାହୁଡ଼ାଇ ଆଣିଛନ୍ତି ଶ୍ରଦ୍ଧାଳୁ। ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା ପାଇଁ ରାଜଧାନୀ ଭୁବନେଶ୍ୱର ଉତ୍ସବମୁଖର ହୋଇଉଠିଥିବାବେଳେ ଅପରାହ୍ନରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା ରଥଟଣା। ଝିପିଝିପି ବର୍ଷାରେ ଭକ୍ତମାନେ ଏକାକାର ହୋଇ ଶ୍ରୀଜୀଉଙ୍କ ରଥକୁ ଟାଣି ନେଇ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ଇସ୍କନରେ ଅପରାହ୍ନ ୧ଟାରେ ପହଣ୍ଡି, ୨ଟାରେ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜା ଛେରାପହଁରା କରିବା ପରେ ୩ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ପାଖାପାଖି ରଥ ଇସ୍କନ ମନ୍ଦିରରେ ପହଞ୍ଚିଥିଲା।



ଶୈଳଶ୍ରୀବିହାର ବାହୁଡ଼ାଯାତ୍ରା।

ସେହିପରି ଶ୍ରୀବାଣୀକ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟାରେ ଭକ୍ତମାନେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ। ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା କମିଟି ଭିଏସ୍‌ଏସ୍ ନଗର ପକ୍ଷରୁ ଅପରାହ୍ନ ୪ଟା ୩ରେ ଅନୁଷ୍ଠାନ ସଭାପତି ଡ. ଜୟନ୍ତ ପରିଡ଼ା ଛେରାପହଁରା କରିଥିଲେ। ଅପରାହ୍ନ ୫ଟା ୩୦ରେ ରଥଟଣା ହୋଇଥିଲା। ସେହିପରି ସହର ସମେତ ଉପକଣ୍ଠର ବିଭିନ୍ନ ବୋହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି।



ଭୁବନେଶ୍ୱର ଇସ୍କନ ପକ୍ଷରୁ ଶନିବାର ଅନୁଷ୍ଠିତ ବାହୁଡ଼ାଯାତ୍ରା।



ଆର୍‌ସିଏମ୍ କଲେଜ ଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁଷ୍ଠିତ ବାହୁଡ଼ାଯାତ୍ରାରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।



ୟୁନିଟ୍-୮ ଜଗନ୍ନାଥ ମନ୍ଦିର।

## ସିଡ୍‌ନୀ ବ୍ଲାକ୍ ଟାଉନ୍‌ରେ ରଥଯାତ୍ରା



ଭୁବନେଶ୍ୱର, ୫।୭ (ସୌମ୍ୟରଞ୍ଜନ ରାଉତ)

ଅଷ୍ଟ୍ରେଲିଆର ଓଡିଆ ସଂଘ (ଓରିଓଜ୍) ପକ୍ଷରୁ ପ୍ରଥମଥର ପାଇଁ ସିଡ୍‌ନୀର ବ୍ଲାକ ଟାଉନ ଶୋ' ଗ୍ରାଉଣ୍ଡଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ୧ହଜାର ଭକ୍ତ ଯୋଗଦେଇଥିଲେ। ଭଜନ, କୀର୍ତ୍ତନ ସହ ରଥଟଣା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆକର୍ଷଣ ଥିଲା ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ପାଇଁ ଭକ୍ତଙ୍କ ଦ୍ୱାରା ଛପନ ଭୋଗର ପ୍ରସ୍ତୁତି। ଉତ୍ସବରେ ବ୍ଲାକ ଟାଉନ୍ କାଉନ୍‌ସିଲର ମନିନ୍ଦର ସିଂହ, ପିଟର କମିଲେରି, ଲେପିଙ୍ଗଟନ୍ ସାଂସଦ ନାଥନ ହାଗାର୍ଥି, ଅଷ୍ଟ୍ରେଲୀୟ ହିନ୍ଦୁ କାଉନ୍‌ସିଲ ସଭାପତି ସାଇ ପରଭସ୍ତୁ ପ୍ରମୁଖ ଯୋଗଦେଇଥିଲେ। ରଥଯାତ୍ରାରେ 'ଓରିଓଜ୍'ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଓଲ୍ଡଟାଉନ୍ ବଡ଼ଦାଣ୍ଡସାହି।



ଉତ୍ତର ଭୁବନେଶ୍ୱର ଅନ୍ତର୍ଗତ ପଟିଆରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।



ରେଣ୍ଟାଲ କଲୋନୀରେ ମହିଳାମାନେ ରଥ ଟାଣୁଛନ୍ତି।



ବରମୁଣ୍ଡା।

## ବାଲିଅନ୍ତାରେ ବାହୁଡ଼ାଯାତ୍ରା

ବାଲିଅନ୍ତା,୫।୭(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକର ବିଭିନ୍ନ ଅଞ୍ଚଳ ଓ ଏହାର ଆଖପାଖ ଗ୍ରାମରେ ଶନିବାର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଣ୍ଡିଲୋ, ପାଟଣା, ଅଟଳା, ବେଣୁପୁର ଖୁଣ୍ଟିଆ ସାହି, ଜଗନ୍ନାଥ ଛକ, ଭିଙ୍ଗାରପୁର, ମହୁଖଣ୍ଡା ଓ କେନ୍ଦୁଲି, ନହରକଣ୍ଟା ଆଦି ସ୍ଥାନରେ ବାହୁଡ଼ାଯାତ୍ରା ରୀତିନୀତି ଅନୁଯାୟୀ ହୋଇଯାଇଛି। ବେଣୁପୁର ଖୁଣ୍ଟିଆ ସାହିସ୍ଥିତ ଶ୍ରୀପତିତପାବନ ବାନା ଗୋସାଇଁ ମଠର ରଥ ପତି ସାହିସ୍ଥିତ ମାଉସୀମା' ମନ୍ଦିରରୁ ବାହାରି ଟେନସନ ରୋଡ୍ ଦେଇ ଦୁଲାଦେଇ ସାହି, ଲେଙ୍କା ସାହି, ରାମଲୀଳା ପଡ଼ିଆ, ଗଡ଼ସାହି ଦେଇ ଖୁଣ୍ଟିଆ ସାହି ସ୍ଥିତ ମଠ ନିକଟରେ ପହଞ୍ଚିଥିଲା। ସେହିପରି ଅଣ୍ଡିଲୋ ଗ୍ରାମର ରଥ ପଞ୍ଚବଟୀ ମା'ତାରିଣୀ ମନ୍ଦିରଠାରୁ ବାହାରି ବାଲିଅନ୍ତା ବଜାର ଦେଇ ମନ୍ଦିର ନିକଟରେ ପହଞ୍ଚିଥିଲା। ଶତାଧିକ ଭକ୍ତ ମହାପ୍ରଭୁଙ୍କ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ।



## ବାରଙ୍ଗର ବିଭିନ୍ନ ଅଞ୍ଚଳରେ ରଥ ଟାଣିଲେ ଶ୍ରଦ୍ଧାଳୁ

ବାରଙ୍ଗ,୫।୭(ଲିଙ୍ଗରାଜ ରାଉତ)

ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଉସୀମା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ସରିବା ପରେ ତିନିଠାକୁରଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଛେରାପହଁରା ପରେ ଅପରାହ୍ନରେ ରଥଟଣା ହୋଇଥିଲା। ବାରଙ୍ଗ ଅଞ୍ଚଳରେ ହେଉଥିବା ସମସ୍ତ ରଥଯାତ୍ରା ପରିଚାଳନା କମିଟି, ଗ୍ରାମବାସୀ ଏବଂ ସ୍ଥାନୀୟ ପୋଲିସର ସହଯୋଗରେ ସମ୍ପନ୍ନ ହୋଇଥିଲା। ବାରଙ୍ଗ ଅଞ୍ଚଳର ବଛିପୁର, ଫୁଲ ପୋଖରୀ, ତ୍ରିଶୂଳିଆ, ବ୍ରାହ୍ମଣୀଗାଁ, ବେଷ୍ଟକାରପଡା, ମୁଣ୍ଡମୁହାଣ, ନରାଜ, ମାର୍ଥାପୁର, ମୁଣ୍ଡଳି, କଣ୍ଟାପାଟଣା, ଗୋଡିସାହି ଆଦି ସ୍ଥାନରେ ବାହୁଡାଯାତ୍ରା ହୋଇଥିଲା। ଶ୍ରଦ୍ଧାଳୁଙ୍କ ସହଯୋଗରେ ରଥକୁ ଟଣାଯାଇ ଜଗନ୍ନାଥ ମନ୍ଦିର ନିକଟକୁ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଞ୍ଚାଯାଇଥିଲା। ସେହିପରିରଘୁନାଥପୁର ମାଉସୀମା ମନ୍ଦିରରୁ ଗୋଟିଏ ରଥରେ ତିନିଠାକୁରଙ୍କୁ ଭକ୍ତମାନେ ଟାଣିଟାଣି ଆଣି ରାତି ସାଢ଼େ ୭ଟା ସୁଦ୍ଧା ନନ୍ଦନକାନନ ଛକସ୍ଥିତ କାନନକ୍ଷେତ୍ରରେ ପହଞ୍ଚାଇଥିଲେ। ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ହୋଇଥିଲା। ନନ୍ଦନକାନନ ଆଇଆଇସି ସମିତା ମିଶ୍ର, ମନ୍ଦିର କମିଟି ସଭାପତି ତଥା ବିଜେଡି ନେତା ସୁବାଷ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିଲା।



ଭୁବନେଶ୍ୱର ଉପକଣ୍ଠ ବିଲିପଡ଼ା ଗ୍ରାମରେ ବାହୁଡ଼ାଯାତ୍ରା।


ବାହୁଡ଼ାଯାତ୍ରା ଅବସରରେ ଶନିବାର ଜଟଣୀ ବ୍ଲକ୍ ଲବଣଗିରିରେ ତିନି ଠାକୁରଙ୍କ ରଥକୁ ଶ୍ରଦ୍ଧାଳୁ ଟାଣି ନେଉଛନ୍ତି।


ବାଛରାପାଟଣାରେ ମହାପ୍ରଭୁଙ୍କ ରଥକୁ ଶ୍ରଦ୍ଧାଳୁ ଟାଣୁଛନ୍ତି।


କୁଦିଆରୀ ଗ୍ରାମରେ ଦଧିବାମନଦେବଙ୍କ ବାହୁଡ଼ା ଯାତ୍ରା।


ଛଣଘର କୁସୁମାଟିରେ ମହାପ୍ରଭୁଙ୍କ ରଥକୁ ଭକ୍ତମାନେ ଟାଣିନେଉଛନ୍ତି।

# ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ିଲେ ପୂର୍ଣ୍ଣବିଗ୍ରହ



**ଖୋର୍ଦ୍ଧା,୫ା୭(ପ୍ରଭାତ ପାଣିଗ୍ରାହୀ)**

ନବଦିନାତ୍ମକ ଯାତ୍ରାସାରି ବାହୁଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)। ଭକ୍ତମାନେ ରଥକୁ ଟାଣିନେଇ ମନ୍ଦିର ସିଂହଦ୍ୱାର ଆଗରେ ଲଗାଇଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ରଥ ମନ୍ଦିର ନିକଟରେ ଲାଗିଥିଲା। ଜାଗୁଳିପାଟଣା ଦାଣ୍ଡ ପାଲଟିଥିଲା ବଡ଼ଦାଣ୍ଡ। ପ୍ରାୟ ୫୦ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଜୟଜୟକାର, ଘଣ୍ଟ, ବିଜେ କାହାଳୀ ଆଦି ବାଦ୍ୟଯନ୍ତ୍ରରେ ପ୍ରକମ୍ପିତ ହୋଇଥିଲା ଜାଗୁଳିପାଟଣା ଦାଣ୍ଡ। ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ ଭକ୍ତ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖରେ ରହିଥିଲା ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଜୟ। ଶନିବାର ଭୋର ୪ଟା ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବାହୁଡ଼ା ପହଣ୍ଡି ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟା ୩୦ରେ ଆରମ୍ଭ ହୋଇଥିଲା ପହଣ୍ଡି। ଧାଡ଼ି ପହଣ୍ଡିରେ ଆସି ଶ୍ରୀଜୀଉମାନେ ରଥାରୂଢ଼ ହୋଇଥିଲେ। ପ୍ରଥମେ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ। ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ରଥାରୂଢ଼ ହେବା ପରେ କାଳିଆ ସାଆନ୍ତଙ୍କ ଆରମ୍ଭ ହୋଇଥଲା ପହଣ୍ଡି। ଝୁଲି ଝୁଲି ଆସି ମହାପ୍ରଭୁ ରଥାରୂଢ଼ ହେଲେ। ପରେ ରଥରେ ଠାକୁରମାନଙ୍କୁ ରୁନ୍ଧାଯାଇ ବେଶଲାଗି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ୪ଟାରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ରଥରେ ଛେରାପହଁରା ନୀତି ସହ ତିନି ଠାକୁରଙ୍କ ବନ୍ଦାପନା ଓ ଆଳତି କରିଥିଲେ। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡ଼ା ଯୋଚାଯାଇଥିଲା। ଅପରାହ୍ନ ୪ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ନିକଟରେ ମହାଲକ୍ଷ୍ମୀ ଭେଟ ନୀତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ସହ ବନ୍ଦାପନା କରାଯାଇଥିଲା। ଶତାଧିକ ଭକ୍ତ ମହାପ୍ରଭୁଙ୍କ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରାୟ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା।


ବୋଲଗଡ଼ ସଦର ମହକୁମାରେ ତୃତୀୟାଦେବଙ୍କ ରଥକୁ ଭକ୍ତମାନେ ଟାଣିନେଉଛନ୍ତି।

# ସ୍ୱମନ୍ଦିର ବାହୁଡ଼ିଲେ ତୃତୀୟାଦେବ

**ବୋଲଗଡ଼,୫ା୭(ଦେବବ୍ରତ ହୋତା)**

ବୋଲଗଡ଼ ସଦର ମହକୁମାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରୂପରେ ପୂଜାପାଉଥିବା ତୃତୀୟାଦେବ ନବଦିନାତ୍ମକ ଯାତ୍ରା ଶେଷକରି ସ୍ୱମନ୍ଦିର ବାହୁଡିଛନ୍ତି। ସ୍ଥାନୀୟ ନନ୍ଦିଘୋଷ ଭବନ ଗୁଣ୍ଡିଚାଘରୁ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଘଣ୍ଟବାଦ୍ୟ ଓ ତୂରି ନାଦରେ ଅପରାହ୍ନ ୩ଟାରେ ଗୋଟିପହଣ୍ଡି ମାଧ୍ୟମରେ ରଥାରୂଢ଼ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବାହୁଡ଼ା ରାସ୍ତାର ଗାନ୍ଧୀ ବଜାରଠାରେ ଥିବା ଗଡ଼ଦେବୀ ମା' ରାମଚଣ୍ଡୀଙ୍କ ସ୍ଥାୟୀ ଭୋଗମଣ୍ଡପଠାରେ ବିମାନରେ ମା' ବିଜେକରି ମହାପ୍ରଭୁଙ୍କୁ ପୋଡ଼ପିଠା ସମର୍ପଣ କରିଥିଲେ। ସନ୍ଧ୍ୟା ୬ଟା ୩୦ ମଧ୍ୟରେ ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଲକ୍ଷ୍ମୀନାରାୟଣ ଭେଟ ଓ ଅଧରପଣା ନୀତି ସମ୍ପନ୍ନ ହୋଇଥିଲା। ରଥଯାତ୍ରା ପରିଚାଳନା କମିଟି ସଦସ୍ୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ ପ୍ରଶାସନ, ପୋଲିସ ଓ ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ରଥଟଣା ସମ୍ପନ୍ନ ହୋଇଥିଲା। ରବିବାର ଏକାଦଶୀ ଅବସରରେ ଠାକୁରଙ୍କ ସୁନାବେଶ ନୀତି ଅନୁଷ୍ଠିତ ହେବ ବୋଲି ସଦସ୍ୟ ମନୋଜ କୁମାର ପଣ୍ଡା କହିଛନ୍ତି। ସେହିପରି ସାଗରଗୁଆଁ, ବେଣାଗାଡ଼ିଆ, ଜରିପଡ଼ା, ଖଉରୁଣୀ, ଚମ୍ପାଇଲୋ, ରାଜସୁନାଖଳା, ସାନପଦର ଆଦିଗ୍ରାମରେ ମଧ ଠାକୁରଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ବାହୁଡ଼ିଲେ ଶ୍ରୀଜୀଉ, ସବୁଠି ଆଧ୍ୟାତ୍ମିକ ପରିବେଶ

**ଖୋର୍ଦ୍ଧା,୫ା୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ନିକଟ ଉଇଲ୍‌କିଶନ ନଗର(ସାହେବ ନୂଆଗାଁ)ରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଁଳେଇ ଠାକୁରାଣୀ ଗୁଣ୍ଡିଚା ମନ୍ଦିରରେ ନବଦିନାତ୍ମକ ଯାତ୍ରାସାରି ବଡ଼ଭାଇ ଓ ସାନଭଉଣୀଙ୍କୁ ଧରି ଫେରିଛନ୍ତି ମହାପ୍ରଭୁ। ସକାଳେ ସମସ୍ତ ଦେବନୀତି ସମାପନ ହୋଇ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭହୋଇ ଗ୍ରାମ ଛକରେ ଲାଗିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ପରିବେଶ ଜଗନ୍ନାଥମୟ ହୋଇଉଠିଥିଲା। ସେହିପରି ଖୋର୍ଦ୍ଧା ନିକଟବର୍ତ୍ତୀ ଲୋକେଶ୍ୱରପୁରଠାରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ସ୍ଥାନୀୟ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଥିଲା।


ରେତଙ୍ଗରେ ଶନିବାର ଅନୁଷ୍ଠିତ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା।

# ପାରିକୁଦଗଡ଼ରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା



**କୃଷ୍ଣପ୍ରସାଦ,୫ା୭(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡ଼ ଇପିଙ୍ଗ ସାହିସ୍ଥିତ ଦଧିବାମନ ଦେବ ନବଦିନାତ୍ମକ ଯାତ୍ରା ସାରିସ୍ୱମନ୍ଦିର ଅଭିମୁଖେ ବାହୁଡିଛନ୍ତି। ଏହି ଅବସରରେ ଚନ୍ଦନ ପଡ଼ିଆସ୍ଥିତ ମାଉସୀ ମା' ମନ୍ଦିରରୁ ଶ୍ରୀଜୀଉଙ୍କ ବିଗ୍ରହକୁ ରଥ ପହଣ୍ଡି ବିଜେ କରାଯାଇଥିଲା। ପାରିକୁଦ ରାଜାଙ୍କ ବ୍ରାହ୍ମଣ ପୁତ୍ର ଦିଲୀପ କୁମାର କେଶରୀ ଛେରାପହଁରା କରିବା ପରେ ରଥ ଟଣାଯାଇଥିଲା। ଭଗବାନ ସେନାପତିଙ୍କ ପକ୍ଷରୁ ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ମହାପ୍ରଭୁଙ୍କୁ ପୋଡ଼ପିଠା ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ରଥ ଟାଣିବା ସହ ସନ୍ଧ୍ୟା ୬ଟା ସୁଦ୍ଧା ମନ୍ଦିର ସିଂହଦ୍ୱାର ନିକଟରେ ରଥ ଲାଗିଥିଲା। ମହାପ୍ରଭୁଙ୍କ ଜୟଜୟକାର, ଘଣ୍ଟ, ବିଜେ କାହାଳୀ ଆଦି ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଶାନ୍ତିଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ପାଇଁ କୃଷ୍ଣପ୍ରସାଦ ଥାନା ଏଏସ୍‌ଆଇ ବ୍ରଜମୋହନ ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ରବିବାର ବଡ଼ ଏକାଦଶୀ ଓ ସୁନାବେଶ ଲାଗି ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପରିଚାଳନା କମିଟି ସଭାପତି ଦୁର୍ଯ୍ୟୋଧନ ନାୟକ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା କହିଛନ୍ତି। କମିଟି ଉପସଭାପତି ମକଦ୍ଦମ ସିଂହ, ସହସମ୍ପାଦକ ମନୋଜ କୁମାର ବାରିକ, ୫ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ସେହିପରି ଗୁରୁବାଇ, ଦେଉଳପଡ଼ା, ତିତିପ, ସିଆଳ ଆଦି ସ୍ଥାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

# ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧା ଭକ୍ତିମୟ

**ଖୋର୍ଦ୍ଧା,୫ା୭(ପ୍ରଭାତ ପାଣିଗ୍ରାହୀ)**

ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ନବଦିନ ମାନବୀୟ ଲୀଳା ସାରି ଭାଇଭଉଣୀଙ୍କୁ ଧରି ସ୍ୱମନ୍ଦିର ବାହୁଡ଼ିଛନ୍ତି। ଘଣ୍ଟ, ମୃଦଙ୍ଗ ବାଦ୍ୟଯନ୍ତ୍ର ସହ ମହିଳାଙ୍କ ହୁଳହୁଳି, ଜୟଜୟକାରରେ ଗଡ଼ଖୋର୍ଦ୍ଧା ଉତ୍ସବମୁଖର ହୋଇଉଠିଥିଲା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଶନିବାର ପୂର୍ବାହ୍ନରେ ସମସ୍ତ ନୀତି ସମାପନ ପରେ ବାହୁଡା ଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଚତୁର୍ଦ୍ଧା ମୂର୍ତ୍ତି ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ରଥରେ ଶ୍ରୀଜୀଉଙ୍କ ବେଶ ନୀତି ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ଅପରାହ୍ନ ୩ଟାରେ ରଥରେ ଛେରାପହଁରା, ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡ଼ାଲାଗି କରାଯାଇଥିଲା। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ନବଦିନାତ୍ମକ ଯାତ୍ରାସାରି କାଳିଆ ଠାକୁର ଭକ୍ତଙ୍କ ଗହଣରେ ସ୍ୱମନ୍ଦିରକୁ ବାହୁଡ଼ିଥିଲେ। ମନ୍ଦିର ନିକଟରେ ମହାଲକ୍ଷ୍ମୀଙ୍କ ଭେଟନୀତିସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ରଥ ମନ୍ଦିର ଆଗରେ ପହଞ୍ଚିଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ରବିବାର ରଥରେ ତିନିଠାକୁର ସୁନାବେଶରେ ଦର୍ଶନ ଦେବେ।

# ଟାଙ୍ଗୀର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା

**ଟାଙ୍ଗୀ,୫ା୭ (ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ, କୁହୁଡ଼ି, ଭୁଷଣ୍ଡପୁରରେ ରଥଯାତ୍ରା ପୂଜା କମିଟି ଦ୍ୱାରା ବାହୁଡ଼ାଯାତ୍ରା ହୋଇଥିଲା। କୁହୁଡିରେ ପାରିକୁଦଗଡ଼ ରାଜକୁମାର ସନ୍ତୋଷ ମର୍ଦ୍ଦରାଜ ମାନସିଂହ ଭ୍ରମରବର ଚମ୍ପତିରାୟ, ଟାଙ୍ଗୀରେ ଅବସରପ୍ରାପ୍ତ ପ୍ରଶାସକ ଭାରତ ଭୂଷଣ ଜଗଦ୍ଦେବ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଟାଙ୍ଗୀ, ଭୁଷଣ୍ଡପୁର, କୁହୁଡ଼ି, ରତନପୁର, ସୋରଣ, ମାନସିଂହପୁର, ଚଣ୍ଡେଶ୍ୱର, ବରଡ଼ି, ଛକଡିପୁର, କୁଞ୍ଜୁରୀ ଓ ପାରିଓରଡ଼ରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘୋଡ଼ାନାଚ, ବାଘନାଚ, ଓଡ଼ିଶୀ ନୃତ୍ୟ, ତୁରି, ଘଣ୍ଟ ବାଦ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟ ଆକର୍ଷଣ ମା'ମଙ୍ଗଳା ପାଇକ ଆଖଡ଼ା ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ରତନପୁର ତାଳଡ଼ିହ ଗ୍ରାମର ଛୋଟ ପିଲାମାନେ ପ୍ରସ୍ତୁତ କରିଥିବା ରଥ ବାହୁଡ଼ାଯାତ୍ରା ମୁଖ୍ୟ ଆକର୍ଷଣ ଥିଲା।


ଓଳସିଂହର ପତିତପାବନଦେବଙ୍କ ବାହୁଡ଼ା ଯାତ୍ରା।


ବାଣପୁର ରଙ୍ଗନାଥ ଦେବଙ୍କ ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।


ଗମ୍ଭାରୀମୁଣ୍ଡା ବଜାର ମା' ଆଙ୍କୁଲେଶ୍ୱରୀ ମନ୍ଦିରଠାରେ ପିଲାମାନେ କୁନିରଥ ଟାଣୁଛନ୍ତି।


କୁହୁଡ଼ିରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।



ଦୋଳମୁଣ୍ଡାଇ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ତିନିରଥ ଲାଗିବା ପରେ ରଥାରୂଢ଼ ଠାକୁରଙ୍କୁ ଭକ୍ତମାନେ ଦର୍ଶନ କରୁଛନ୍ତି।



ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ରଥକୁ ଶ୍ରଦ୍ଧାଳୁମାନେ ଟାଣି ଟାଣି ନେଉଛନ୍ତି।

# ବାହୁଡ଼ିଲେ ତିନି ଠାକୁର

**କଟକ,୫।୭(ଶିଲ୍ପା ପ୍ରିୟଦର୍ଶିନୀ)**

ଗୁଣ୍ଡିଚା ମନ୍ଦିରରେ ୯ ଦିନ ରହି ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ସାଥିରେ ନେଇ ଶନିବାର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାପ୍ରଭୁ ଜଗନ୍ନାଥ। ୯ ଦିନର ଲୀଳାଖେଳା ସାରିବା ପରେ ସୁସଜ୍ଜିତ ରଥରେ ମହାପ୍ରଭୁଙ୍କୁ ବସାଇ ଘଣ୍ଟ ଘଣ୍ଟା, ହୁଳହୁଳିରେ ବାହୁଡ଼ାଇ ନେଇଛନ୍ତି ଶ୍ରଦ୍ଧାଳୁ। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ଉତ୍ସବମୁଖର ହୋଇ ଉଠିଥିଲା କଟକ ସହର। ସହରର ତିନୋଟି ପ୍ରମୁଖ ରାଣୀହାଟ ବଳଦେବ ଜୀଉ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଓ ଦୋଳମୁଣ୍ଡାଇ ଶ୍ରୀ ଶ୍ରୀ ପତିତପାବନ ଜୀଉ ମନ୍ଦିର ସମେତ ଅନ୍ୟାନ୍ୟ ଗୁଣ୍ଡିଚା ମନ୍ଦିରରେ ପ୍ରତ୍ୟୁଷରୁ ବିଭିନ୍ନ ରୀତିନୀତି ଆରମ୍ଭ ହୋଇଯାଇଥିଲା। ସକାଳୁ ସୂର୍ଯ୍ୟପୂଜା, ମଙ୍ଗଳ ଆଳତି ପରେ ପୂର୍ବାହ୍ନରେ ପହଣ୍ଡିବିଜେ ଆରମ୍ଭ ହୋଇଥିଲା। ଛେରାପହଁରା କରାଯିବା ପରେ ଅପରାହ୍ନ ସମୟରେ ଆରମ୍ଭ ହୋଇଥିଲା



ରାଣୀହାଟ ବଳଦେବ ଜୀଉ ରଥରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଛେରାପହଁରା କରିଛନ୍ତି।

ରଥଟଣା। ସନ୍ଧ୍ୟା ସୁଦ୍ଧା ଚତୁର୍ଦ୍ଧାମୂର୍ତ୍ତିଙ୍କ ତିନି ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ରଥରେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ପରେ ପରେ ବିଭିନ୍ନ ସ୍ଥାନରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭିଡ଼କୁ ନଜରରେ ରଖି ସହରରେ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରାଣୀହାଟ ବଳଦେବ ଜୀଉ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଓ ଦୋଳମୁଣ୍ଡାଇ ଶ୍ରୀ ଶ୍ରୀ ପତିତପାବନ ଜୀଉ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାରେ ୱାନ୍ ୱେ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି।

## ଆଜି ପ୍ରସନ୍ନମଣିଙ୍କ ବାହୁଡ଼ାଯାତ୍ରା

**ତିଗିରିଆ,୫।୭(ଜାଫର ଖାଁ)**

ତିଗିରିଆର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନମଣିଙ୍କ ପ୍ରସିଦ୍ଧ ବାହୁଡା ଯାତ୍ରା ରବିବାର ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ପୁରୀରେ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମ୍ପନ୍ନ ହେବାର ଦିନକ ପରେ ଏଠାରେ ବାହୁଡ଼ା ଯାତ୍ରା ଆୟୋଜନ କରାଯାଏ। ଏହି ପରିପ୍ରେକ୍ଷୀରେ ଶନିବାର ବାହୁଡ଼ାରେ ମଙ୍ଗଳ ଆଳତି, ଅବକାଶ, ନିତ୍ୟ ଅବକାଶ, ସୂର୍ଯ୍ୟ ପୂଜା, ଗୋପାଳ ବଲ୍ଲଭ ଓ ପହିଲି ଧୂପ ପରେ ଖେଚୁଡ଼ି ଓ ନିଃଶଙ୍ଖୁଡ଼ି ଭୋଗ ଲାଗି କରଯାଇଛି। ରବିବାର ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବାପରେ ପ୍ରଭୁ ଶ୍ରୀଶ୍ରୀ ପ୍ରସନ୍ନମଣି , ବଳଭଦ୍ର ଓ ମା'ସୁଭଦ୍ରାଙ୍କୁ ରଥାରୂଢ଼ କରାଯିବ। ପରେ ତିଗିରିଆର ରାଜା ଶ୍ରୀଶ୍ରୀ ବୀରପ୍ରତାପ କ୍ଷତ୍ରିୟ ବୀରବର ଚମୁପତି ସିଂହ ମହାପାତ୍ରଙ୍କ ଦ୍ୱାରା ଛେରାପହଁରା ନୀତି କରାଯାଇ ରଥଟଣା ଯିବ ବୋଲି ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଆଇନଜୀବୀ ଲଳିତ କୃଷ୍ଣ ଦାସ ସୂଚନା ଦେଇଛନ୍ତି।

## ସରିଲା ଧୂଳିଶ୍ୱର ରଥଯାତ୍ରା



**କଟକ ସଦର,୫।୭ (ସୁଶାନ୍ତ କୁମାର ଜେନା)**

କଟକ ୪୨ ମୌଜା ଅନ୍ତର୍ଗତ ଧୂଳିଶ୍ୱର–ବନ୍ତୁଣିଆ ଗ୍ରାମର ପତିତପାବନ ଜୀଉଙ୍କ ରଥଟଣା ଶନିବାର ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଯାଇଛି। ଅପରାହ୍ନରେ ନୂଆ ପୋଖରୀ ମାଉସୀ ମା' ମନ୍ଦିରରେ ଠାକୁରଙ୍କୁ ରୀତିନୀତି ଅନୁଯାୟୀ ରଥାରୁଢ କରାଯାଇଥିଲା। ଏଥିରେ ମନ୍ଦିର ରାଜା ଦୁଃଶାସନ ସ୍ୱାଇଁ ଛେରାପହଁରା କରଥିଲେ। ଏହି ଅବସରରେ ଜଗନ୍ନାଥ କୃପା ପରିଷଦର ସଭାପତି ବିନୋଦ ବିହାରୀ ବେହେରା, ସମ୍ପାଦକ ହୃଦାନନ୍ଦ ବିଶାଳ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ସେନାପତି, ସମ୍ପାଦକ ତପନ ସେନାପତି, ଇଂ ଅଶୋକ କୁମାର ବିଶ୍ୱାଳ, ସାହିତ୍ୟିକ ଆଲୋକ ରଞ୍ଜନ ନାୟକ, ଦୀପ୍ତି ରଞ୍ଜନ ସାସେନି, ଲକ୍ଷ୍ମୀଧର ବିଶ୍ୱାଳ, ବୈକୁଣ୍ଠ ନାଥ ବିଶାଳ, ସୁଶାନ୍ତ ବିଶାଳ, ପ୍ରମୋଦ ବେହେରା ଓ ସ୍ଥାନୀୟ ଅଞ୍ଚଳବାସୀ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।



କଏରାପାରୀଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

# ମାଉସୀ ମା' ଘରୁ ବାହୁଡ଼ିଲେ ମହାବାହୁ

**ଆଠଗଡ,୫।୭(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ର ଆରାଧ୍ୟ ଶ୍ରୀଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଶନିବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ନବଦିନାତ୍ମକ ଯାତ୍ରାର ଶେଷ ଦିନରେ ସକାଳୁ ମଙ୍ଗଳ ଆଳତି, ମଇଲମ ପରେ ସକାଳ ଧୂପ ଅବକାଶ ରାଜ ପୁରୋହିତ ସୁଶାନ୍ତ କୁମାର ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଅପରାହ୍ନରେ ପହଣ୍ଡି ଆରମ୍ଭ ହୋଇଥିଲା। ବଡ଼ପଣ୍ଡା ସୁଶାନ୍ତ କୁମାର ପଣ୍ଡା ଏବଂ ଶରତ କୁମାର ପଣ୍ଡା ଏଥିରେ ସହାୟତା କରିଥିଲେ। ରଥଟଣା ବେଳେ ବାଟରେ ମା'ବାଉତୀଙ୍କ ନିକଟରେ ଆଳତି ସହ ପୋଡ଼ପିଠା ଲାଗି ହୋଇଥିଲା। ସନ୍ଧ୍ୟାପ୍ରାୟ ୬ଟାବେଳକୁ ରଥଗଡ଼ାରେ ରଥ ଲାଗିଥିଲା। ବାହୁଡା ଯାତ୍ରା ଦେଖିବାକୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ।



ଆଠଗଡ଼ର ଶ୍ରୀଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା

# କଏରାପାରୀରେ ବାହୁଡ଼ାଯାତ୍ରା

**କଟକ,୫।୭(କାର୍ତ୍ତିକ ସାହୁ)**

ଟାଙ୍ଗୀ–ଚୌଦ୍ୱାର ବ୍ଲକର କଏରାପାରୀ ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଶନିବାର ଯଥାରୀତି ସମ୍ପନ୍ନ ହୋଇଛି। ଡ୍ରିମ୍‌ସ ପରିସରରେ ଥିବା ସଂକଟମୋଚନ ମନ୍ଦିର ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥିବା ତିନି ଠାକୁରଙ୍କ ନୀତିକାନ୍ତି ପ୍ରତ୍ୟୁଷରୁ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ। ରଥ ଉପରେ ଠାକୁରଙ୍କୁ ଭୋଗ, କର୍ପୂର ଆଳତି ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ରଥ ଟଣା ଆରମ୍ଭ ହୋଇଥିଲା। ସମୂହ ଘଣ୍ଟ ନାଦ ଭିତରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶ୍ରଦ୍ଧାଳୁମାନେ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନି ଦେଇଥିଲେ। ଶ୍ରଦ୍ଧାଳୁମାନେ ରଥକୁ ଜାତୀୟ ରାଜପଥରେ ଟାଣିଟାଣି ରଥସାହିସ୍ଥିତ ମା' ଦୁର୍ଗାଙ୍କ ମନ୍ଦିର ନିକଟକୁ ଆଣିଥିଲେ। ସେଠାରେ ରଥ ଉପରେ ପୋଡ଼ପିଠା ଭୋଗ ଠାକୁରଙ୍କୁ ଅର୍ପଣ କରାଯିବା ପରେ ସନ୍ଧ୍ୟା ଆଳତି ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଭକ୍ତ ଚରଣ ପ୍ରଧାନ, ପ୍ରାଧ୍ୟାପକ ସୁଶାନ୍ତ କୁମାର ଦାସ, କୁମ୍ଭକର୍ଣ୍ଣ ରାଉତ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ପଣ୍ଡିତ ପ୍ରଭାତ ଦାଶ, ଗୀତାଞ୍ଜଳି ରଥ, ନିୟମିତା ରଥ, ମୋହିନୀ ମୋହନ ରଥ, ଶିବପ୍ରସାଦ ରଥଙ୍କ ସମେତ ଡ୍ରିମ୍‌ସ ଓ ରଥ ପରିବାରର ବରିଷ୍ଠ ସଦସ୍ୟ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାଙ୍କୀରେ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା।

**ବାଙ୍କୀ(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଚର୍ଚ୍ଚିକା ମନ୍ଦିରସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ରଥ କଚେରୀସ୍ଥିତ ମାଉସୀ ମା' ମନ୍ଦିରରୁ ବାହାରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଛି। ୨ବର୍ଷ ହେବ ମା'ଚର୍ଚ୍ଚିକାଙ୍କ ପୀଠରେ ୩ ରଥ ନିର୍ମାଣ ହୋଇଛି। ଏଠାରେ ମା'ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। କାର୍ଯ୍ୟକ୍ରମରେ ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୁଗଳକିଶୋର ଭୂତ, ଉପସଭାପତି ସନ୍ତୋଷ କୁମାର ରଣା, ସମରେନ୍ଦ୍ର ମହାପାତ୍ର, ବିବେକାନନ୍ଦ ସାମଲ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ସରଣ୍ଡାଗଡର ଆରାଧ୍ୟ ଦେବତା ଶ୍ରୀଶ୍ରୀ ତୃତୀୟା ଦେବ ଜୀଉଙ୍କ ବାହୁଡ଼ାଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ସୁସଜ୍ଜିତ ବେଶରେ ବିଭିନ୍ନ ବାଜା ଓ ମୃଦଙ୍ଗର ତାଳେ ତାଳେ ଗୋଟି ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ରାଜ ପୁରୋହିତ ଖଗେନ୍ଦ୍ର ନାରାୟଣ ତ୍ରିପାଠୀ ଛେରାପହଁରା କରିଥିଲେ। ବଡ଼ପଣ୍ଡା ପୂଜକ ଦେବୀପ୍ରସାଦ ପଣ୍ଡା ପୂଜା ରୀତିନୀତି ସମ୍ପନ୍ନ କରିଥିଲେ। ଏହାପରେ ରଥ ଟଣା ଯାଇଥିଲା। ସେହିପରି ଡମପଡା ଜଗନ୍ନାଥ ଜୀଉ, ରଗଡ଼ିସ୍ଥିତ ମହିମାମଣିଙ୍କ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସେହ ଶେଷ ହୋଇଛି।

## ଚୌଦ୍ୱାରରେ ଶେଷ ହେଲା ବାହୁଡ଼ାଯାତ୍ରା



**ଚୌଦ୍ୱାର,୫।୭(ଆଶୁତୋଷ ଦାସ):** ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଚତୁର୍ଦ୍ଧା ବିଗ୍ରହଙ୍କ ବାହୁଡା ଯାତ୍ରା ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ସକାଳୁ ଅଞ୍ଚଳସ୍ଥିତ ସମସ୍ତ ଜଗନ୍ନାଥ ମନ୍ଦିରର ମାଉସୀ ମା' ମନ୍ଦିର ବେଶ୍ ଚଳଚଞ୍ଚଳ ହୋଇ ପଡ଼ିଥିଲା। ଏହି ଅବସରରେ ବିଧି ନିର୍ଘଣ୍ଟ ଅନୁଯାୟୀ ଠାକୁରଙ୍କ ପାଖରେ ଖେଚୁଡି ଭୋଗ ଲାଗୁହୋଇଥିଲା। ସମସ୍ତ ରୀତିନୀତି ଅନୁଯାୟୀ ଠାକୁରଙ୍କ ପହଣ୍ଡି ବିଜେ କରାଯାଇଥିଲା। ରଥଯାତ୍ରାରେ ହାଉସିଂବୋର୍ଡ ମନ୍ଦିରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚୌଦ୍ୱାରସ୍ଥିତ ତଳବଜାର ମନ୍ଦିର ରଥରେ ପ୍ରଣୟାନନ୍ଦ ସ୍ୱାଇଁ ଓ ଅଖଞ୍ଜୀ ମଠସ୍ଥିତ ମାଉସୀ ମା' ମନ୍ଦିରରେ ଅଜିତ କୁମାର ସ୍ୱାଇଁ ଠାକୁର ରାଜା ଭାବେ ଛେରାପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସେହିପରି ଗୋଡ଼ିପାଟଣା, ଚିତ୍ରେଶ୍ୱର, ଗୌଖାନା, ଓଟିଏମ୍ କଲୋନି, ମୁଣ୍ଡମାଳ, ଟାଞ୍ଜୋ, ଶାଳଗାଁ, ନଖରା, ଅଙ୍ଗତରାଡିହ, ବାଣିପଦା, ଶଙ୍କରପୁର, ନୂଆପାଟଣା, କୟଳପଡା, ଏଆର୍‌ସି ପରିସରରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ତିଗିରିଆ(ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ଭୀରୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋଡ଼ିଝରିଆର ପ୍ରଭୁ ଜଗନ୍ନାଥ ଓ ପାଞ୍ଚଗାଁର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଶ୍ରୀଦଧିବାମନ ଜୀଉଙ୍କ ପ୍ରସିଦ୍ଧ ବାହୁଡା ଯାତ୍ରା ଶନିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ନୀତିକାନ୍ତି ଶେଷ ହେବା ପରେ ଶ୍ରୀଜୀଉଙ୍କୁ ପୋଡ଼ ପିଠା ଲାଗି କରାଯାଇ ରଥାରୂଢ଼ କରାଯାଇଥିଲା। ପରେ ପୂର୍ବ ପରମ୍ପରା ଅନୁଯାୟୀ ରାଜବଂଶୀୟ ସଦସ୍ୟ ଶିରିଶ ଚନ୍ଦ୍ର ସିଂହ ସାମନ୍ତଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଭକ୍ତମାନେ ଶୀଜୀଉଙ୍କ ରଥକୁ ଗୁଣ୍ଡିଚା ମନ୍ଦିରରୁ ଦୁର୍ଗା ବଜାର ପର୍ଯ୍ୟନ୍ତ ଟାଣି ନେଇଥିଲେ। ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ହରେକୃଷ୍ଣ ମିଶ୍ର ଓ ପଣ୍ଡିତ ଆଲୋକ ରଞ୍ଜନ ପଣ୍ଡା ଏଥିରେ ସହଯୋଗ କରିଥିଲେ। ସେହିପରି ଗୋଡ଼ିଝରିଆ ମହିମାସାଗର ମଠ ପରିସରରେ ଚାଲିଥିବା ନବଦିନାତ୍ମକ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ବିଚିତ୍ରାନନ୍ଦ ସାହୁ, ହରିହର ମହାପାତ୍ର, ଭାବଗ୍ରାହୀ ସାହୁ ଓ ରାଜୀବ ବେହେରା ପ୍ରମୁଖ ସହଯୋଗ କରିଥିଲେ।





ନବଦିନାତ୍ମକ ଲୀଳାଖେଳା ସାରି ମହାପ୍ରଭୁ ଶ୍ରୀଜଗନ୍ନାଥ ଜନ୍ମବେଦିରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରୁ ପହଣ୍ଡିରେ ରଥକୁ ବିଜେ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ସହ ଛେରା ପହଁରା ପରେ ଲକ୍ଷାଧିକ ଭକ୍ତଙ୍କ ମେଳରେ ଗଡ଼ିଥିଲା ୩ ରଥ। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା ବେଳେ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ପହଞ୍ଚିଥିଲା। ବାହୁଡ଼ାଯାତ୍ରା ପାଇଁ ଶ୍ରୀକ୍ଷେତ୍ର ପୁରୀ ପୂରା ଉତ୍ସବମୁଖର ହୋଇଉଠିଥିଲା। ବିଶ୍ୱନିଅନ୍ତାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ସାରା ବିଶ୍ୱ ଦେଖିଥିଲା।



ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼।

# ଶରଧାବାଲିରେ ପାଦ ରଖି ଭାବବିହ୍ୱଳ ହେଲେ ଶ୍ରଦ୍ଧାଳୁ


ଜଣେ ଭକ୍ତ ଶରଧା ବାଲିକୁ ବୋତଲରେ ନେଉଛନ୍ତି।

ପୁରୀ,୭।୫
(ଅଜିତ କୁମାର ମହାନ୍ତି)

କଥାରେ ଅଛି ବଞ୍ଚିଥିଲେ ବରକ୍ଷେ ମରିଗଲେ ପୁରୁକ୍ଷେ। ତେଣୁ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ଶରଧାବାଲିରେ ରଥାରୂଢ଼ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ରଥ କହେ ମୁଁ ଦେବତା, ପଥ କହେ ମୁଁ ଦେବତା। ଏହି କଥାକୁ ଆଧାର କରି ଅନେକ ଭକ୍ତ ଶରଧାବାଲିକୁ ମହାପ୍ରଭୁଙ୍କ ଆଶୀର୍ବାଦ ତଥା ସ୍ମୃତି ରୂପରେ ସାଥିରେ ନେଇଯାଉଥିବା ଦେଖିବାକୁ ମିଳିଥିଲା। ୩ ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିବା ପରେ ଶରଧାବାଲି ଦେଇ ଗଡ଼ିଯାଇଥିବା ରଥ ଚକଗୁଡ଼ିକର ଚିହ୍ନ ରହିଯାଇଥିଲା। ଗହଳି ମଧ୍ୟରେ ରଥକୁ ଛୁଇଁ ନ ପାରିଲେ ମଧ୍ୟ ଯେଉଁ ଶରଧାବାଲି ଦେଇ ରଥ ଯାଇଛି, ସେହି ଶରଧାବାଲିକୁ ଭକ୍ତମାନେ ମୁଣ୍ଡିଆ ମାରି ମହାପ୍ରଭୁଙ୍କ ଆଶୀର୍ବାଦ ନେବା ସହ ତାଙ୍କ ସାଥିରେ ଶରଧାବାଲିକୁ ନେଇଥିଲେ। କିଏ ବୋତଲରେ ତ କିଏ ଗାମୁଛା ଓ ପଣତ କାନିରେ ବାଲି ନେଇ ଭକ୍ତି ଭାବରେ ନିଜକୁ ହଜାଇ ଦେଉଥିବା ଦେଖିବାକୁ ମିଳିଛି। ସେହିପରି ଅନେକ ଭକ୍ତ ଶରଧାବାଲିରେ ଗଡୁଥିବା ଓ ସାଷ୍ଟାଙ୍ଗ ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା। ଦୀପ ଓ ନଡ଼ିଆ ବାଢ଼େଇ ନିଜର ଦୁଃଖ ଜଣାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ନାକଚଣା ଦ୍ୱାରଠାରେ ମନ୍ଦିରକୁ ମୁଣ୍ଡିଆ ମାରି ଭାବବିହ୍ୱଳ ହୋଇ ଉଠିଥିଲେ।

## ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ରିହେଲା ମହାପ୍ରସାଦ



ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ନିକଟରେ ଏକ ଘଟଣା ଦେଖିବାକୁ ମିଳିଥିଲା। ଏହା ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। କେତେଜଣ ସେବାୟତ ଭକ୍ତମାନଙ୍କୁ ମହାପ୍ରସାଦ ଆଣି ରୋଡ୍ ଉପରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ଆସି ଆଡ଼ପମଣ୍ଡପରେ ଅବସ୍ଥାନ କରିବା ପରେ ବାହୁଡ଼ା ଯାତ୍ରାରେ ଭାଇଭଉଣୀଙ୍କୁ ନେଇ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ମହାପ୍ରଭୁ ରଥ ଉପରକୁ ବିଜେହେବା ପୂର୍ବରୁ ନିକଟରେ ଖେଚୁଡ଼ି ମହାପ୍ରସାଦ ଲାଗି ହୋଇଥାଏ। ମହାପ୍ରଭୁ ଖେଚୁଡ଼ି ଖାଇ ଯାତ୍ରାକୁ ଆସିଥାନ୍ତି। ତେଣୁ ମହାପ୍ରଭୁଙ୍କ ନିକଟରେ ଅନ୍ୟକିଛି ଭୋଗ ହୋଇ ନ ଥାଏ। ମହାପ୍ରଭୁ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ଆସୁଥିବା ସମୟରେ ଶ୍ରୀଗୁଣ୍ଡିଚାମନ୍ଦିର ସିଂହଦ୍ୱାର ନିକଟରେ କିଛି ସେବାୟତ ମହାପ୍ରସାଦ ବିକ୍ରି କରୁଥିଲେ। ସେହିପରି ଟଙ୍କତୋରାଣି ମଧ୍ୟ ବିକ୍ରି କରାଯାଇଥିଲା। ଅପରପକ୍ଷରେ ଆନନ୍ଦବଜାର ମଧ୍ୟରେ ମହାପ୍ରସାଦ ବିକ୍ରି କରିବା ପାଇଁ ପ୍ରଶାସନ କହିଥିବା ବେଳେ ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି ଉପରେ କଟକଣା ଜାରି କରାଯାଇଥିଲା। ତେବେ କେଉଁ ପରିସ୍ଥିତିରେ ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ କିଛି ସେବକ ମହାପ୍ରସାଦ ବିକ୍ରି କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି।

## ମହାପ୍ରଭୁଙ୍କ ପହଣ୍ଡି ସମୟରେ କିଛି ସମୟ ପାଇଁ ହେଲା ବର୍ଷା

ବାହୁଡ଼ା ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ସେବାୟତମାନେ ମଧ୍ୟ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ସଅଳ ନୀତି କରିଥିଲେ। ଫଳରେ ପହଣ୍ଡି ଶୀଘ୍ର ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଝିପିଝିପି ବର୍ଷା ହୋଇଥିଲା। ବର୍ଷାରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଠିଆ ହୋଇ ରହିଥିଲେ। ସେହିପରି ପାଗ ଭଲ ରହିଥିଲେ ମଧ୍ୟ ରଥଟଣା ସମୟରେ ବର୍ଷା ହୋଇଥିଲା। ଭକ୍ତମାନେ ସେହି ବର୍ଷାରେ ଭିଜି ଭିଜି ରଥ ଟାଣିବା ସହ ଜୟ ଜଗନ୍ନାଥ ଧ୍ୱନିରେ ପୁରୀ ସହର ପ୍ରକମ୍ପିତ ହୋଇଥିଲା।


ମହାପ୍ରଭୁଙ୍କ ଚକା ଅପସର।


ରଥ ଉପରେ ମହାରାଜା ଦିବ୍ୟସିଂହ ଦେବ ଛେରା ପହଁରା କରୁଛନ୍ତି।

## ଅସ୍ଥାୟୀ ଶୌଚାଳୟ ନ ଥିବାରୁ ଭକ୍ତ ଅସନ୍ତୁଷ୍ଟ

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅବସରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରଥ ଟାଣିବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ପାଇଁ ବଡ଼ଦାଣ୍ଡ ତଥା ଆଖପାଖ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଭକ୍ତମାନେ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ପ୍ରଶାସନର ଏପରି ନିଷ୍ପତ୍ତି ପାଇଁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ତୁଳନାରେ ଶୌଚାଳୟ ସଂଖ୍ୟା ଖୁବ କମ୍ ଥିଲା। ଫଳରେ ଶୌଚାଳୟ ନ ପାଇ ରାସ୍ତାକଡ଼ରେ ହିଁ ପରିସ୍ରା ଯିବାକୁ ବାଧ୍ୟ ହେଉଥିଲେ ଭକ୍ତ।

## ଆକର୍ଷଣୀୟ ହେଲା କୁନି ରଥ

ବାହୁଡ଼ା ଯାତ୍ରା ଅବସରରେ ଶନିବାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସମଗ୍ର ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥମୟ ହୋଇଉଠିଛି। ପ୍ରତ୍ୟକ୍ଷ ଭାବେ ଭକ୍ତ ଏବଂ ଭଗବାନଙ୍କ ମିଳନ ହୋଇଛି। ରଥଯାତ୍ରା ପରି ବାହୁଡ଼ା ଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା କୁନିରଥ। ରଥ ପଛେ ପଛେ କୁନି ରଥକୁ ଭିଡ଼ି ନେଉଥିଲେ ଭକ୍ତ ଓ କୁନି କୁନି ପିଲାମାନେ। ପୁରୀ ବଡ଼ଦାଣ୍ଡରେ ୧୫ରୁ ଊର୍ଦ୍ଧ୍ୱ କୁନି ରଥ ଗଡୁଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ବେଶ୍ ଆକର୍ଷଣ ଲାଗିଥିଲା ଧଳାରଙ୍ଗର କୁନି ରଥ, ଯେଉଁଥିରେ ବିଭିନ୍ନ ପ୍ରକାର ଷ୍ଟୋନ୍ ଲାଗିଥିଲା।

## ପ୍ଲାଷ୍ଟିକ୍ ପାହାଡ଼ ସହ ବଡ଼ଦାଣ୍ଡ ଖାଦ୍ୟ ପତ୍ରରେ ଭର୍ତ୍ତି

ବାହୁଡ଼ା ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଆଡ଼ପମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ବିଜେ କରିଛନ୍ତି। ବାହୁଡ଼ା ଯାତ୍ରା ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଖାଦ୍ୟ ଏବଂ ପାନୀୟ ଯୋଗାଇ ଦିଆଯାଇଥିଲା। ଭକ୍ତମାନେ ଖାଦ୍ୟ ଖାଇ ପତ୍ର ଏବଂ ପାଣି ବୋତଲଗୁଡ଼ିକୁ ଏଣେ ତେଣେ ପକାଇଥିଲେ। ଫଳରେ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପତ୍ରଗୁଡ଼ିକ ପଡି ରହିଥିବା ଦେଖିବାକୁ ମିଳିଥିଲା।

## ଠେଲାପେଲାରେ ୪୫୦ରୁ ଊର୍ଦ୍ଧ୍ୱ ଆହତ

ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରବଳ ଭିଡ଼ ଯୋଗୁ ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ଭକ୍ତ ଅଣନିଶ୍ୱାସୀ ଓ ଠେଲାପେଲାରେ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କୁ କାର୍ଯ୍ୟରତ ଆମ୍ବୁଲାନ୍ସ କର୍ମଚାରୀମାନେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ୪୨ଜଙ୍କୁ ବିଭିନ୍ନ ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।


ସେବାୟତମାନେ ଚକ୍ର ବନାଟି ଖେଳୁଛନ୍ତି।



ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ପ୍ରଣାମ କରୁଛନ୍ତି।


ମହାପ୍ରଭୁଙ୍କ ଗାଧୁଆ କୁଣ୍ଡ ନିଆଯାଉଛି।

## ସଂକ୍ଷେପରେ

### ଟେକ୍ସାସ୍‌ରେ ବନ୍ୟା: ୨୭ ମୃତ

ଟେକ୍ସାସ୍, ୫।୭

ଆମେରିକାରର ଟେକ୍ସାସରେ ଶନିବାର ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିଛି। ଏହି ବନ୍ୟାରେ ୨୭ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଛନ୍ତି। ମଧ୍ୟ ଟେକ୍ସାସର ଗ୍ୱାଡାଲୁପ୍ ନଦୀରେ ଲଗାଣ ବର୍ଷା ଯୋଗୁ ଜଳସ୍ତର ବୃଦ୍ଧି ଘଟିବାରୁ ଏହି ବନ୍ୟାସ୍ଥିତି ଦେଖାଦେଇଛି। କେର୍‌ଭିଲ୍ ସହରରେ ଆୟୋଜନ ହେଉଥିବା ଏକ ଖ୍ରୀଷ୍ଟିଆନ୍ ଗ୍ରୀଷ୍ମକାଳୀନ ଶିବିରକୁ ଯାଇଥିବା ଅନ୍ୟୁନ ୨ ଡଜନ୍ ଛାତ୍ରୀ ଏହି ବନ୍ୟାରେ ନିଖୋଜ ରହିଛନ୍ତି। କେବଳ ମଧ୍ୟ ଟେକ୍ସାସରେ ପାଣି ଘେର ମଧ୍ୟରୁ ଅତି କମ୍‌ରେ ୮୫୦ ଲୋକଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି। ରେସ୍କ୍ୟୁ ଟିମ୍ ହେଲିକପ୍ଟର, ବୋଟ୍ ଏବଂ ଡ୍ରୋନ୍ ମାଧ୍ୟମରେ ବନ୍ୟା ଘେରରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବନ୍ୟାକୁ ଭୟାବହ କହିବା ସହ ଦୁଃଖ ପ୍ରକାଶ କରିଛନ୍ତି। ହ୍ୱାଇଟ ହାଉସ୍ ପକ୍ଷରୁ ଟେକ୍ସାସ୍ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଅତିରିକ୍ତ ସହାୟତାର ପ୍ରତିଶ୍ରୁତି ଦିଆଯାଇଛି।

### ୫ ବସ୍ ମଧ୍ୟରେ ଧକ୍କା: ୩୬ ଅମରନାଥ ଯାତ୍ରୀ ଆହତ

ରମ୍ବାନ/ଜମ୍ମୁ,୫।୭(ପି.ଟି.)

ଜମ୍ମୁ-କଶ୍ମୀରର ରମ୍ବାନ ଜିଲାରେ ୫ଟି ବସ୍ ପରସ୍ପରକୁ ଧକ୍କା ଦେବାରୁ ବିଭିନ୍ନ ରାଜ୍ୟରୁ ଆସିଥିବା ଅନ୍ୟୁନ ୩୬ ଜଣ ଅମରନାଥ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଗୁଡ଼ିକ ଜମ୍ମୁର ଭଗୱତୀ ନଗରରୁ ଦକ୍ଷିଣ କଶ୍ମୀରର ପହଲଗାମ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଉଥିଲେ। ଆହତମାନଙ୍କୁ ରମ୍ବାନ ଜିଲା ହସ୍ପିଟାଲରେ ଚିକିତ୍ସା କରାଯିବା ପରେ ସେମାନେ ଯାତ୍ରାରେ ସାମିଲ ହୋଇଛନ୍ତି। ଶନିବାର ସକାଳ ୮ଟାରେ ଗୋଟିଏ ବସ୍‌ର ବ୍ରେକ୍ ଫେଲ୍ ହେବାରୁ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ଚଣ୍ଡେରକୋଟ୍ ନିକଟରେ ଏହି ଦୁର୍ଘଟଣା ଘଟିଛି।

# ମରାଠୀଙ୍କ ସ୍ୱର: ହିନ୍ଦୀକୁ ବରଦାସ୍ତ କରିବୁନି

ମୁମ୍ବାଇ,୫।୭

ରାଜନୈତିକ କାରଣରୁ ପରସ୍ପରଠାରୁ ଅଲଗା ହେବାର ଦୀର୍ଘ ୨ ଦଶନ୍ଧି ପରେ ୨ ଠାକ୍‌ରେ ଭ୍ରାତା ଉଦ୍ଧବ ଏବଂ ରାଜ ଶନିବାର ମୁମ୍ବାଇରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଏକାଠି ହୋଇଛନ୍ତି। 'ଆୱାଜ ମରାଠୀଚା' (ମରାଠୀଙ୍କ ସ୍ୱର) ନାମରେ ଅନୁଷ୍ଠିତ ଏହି ରାଲିକୁ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମିଳିତ ଭାବେ ଆୟୋଜନ କରିଥିଲେ। ୨୦୦୫ ପରେ ପରସ୍ପରଠାରୁ ଅଲଗା ଥିବା ଦୁଇ ଭାଇ ପ୍ରଥମ ଥର ପାଇଁ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି।

ମହାରାଷ୍ଟ୍ରର ମହାମେଣ୍ଟ ସରକାର ରାଜ୍ୟର ପ୍ରାଥମିକ ସ୍କୁଲ୍ ସ୍ତରରେ ୩ ଭାଷା ନୀତି ଲାଗୁ କରିବା ନାମରେ ହିନ୍ଦୀକୁ ତୃତୀୟ ଭାଷା ଭାବେ ଜବରଦସ୍ତ ଲଦିଦେବାକୁ ଉଦ୍ୟମ କରିଥିଲେ। ତେବେ ଉଭୟ ଉଦ୍ଧବ ଏବଂ ରାଜ୍‌ଙ୍କ ଜୋର୍‌ଦାର ବିରୋଧ ପରେ ସରକାର ଉକ୍ତ ବିବାଦୀୟ ନୀତିକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହୋଇଛନ୍ତି। ମରାଠୀ ଭାଷା ପରିଚୟର ବିଜୟ ସ୍ୱରୂପ ଏହି ରାଲିର ଆୟୋଜନ କରାଯାଇଥିଲା।


ବିଜୟ ସମାବେଶରେ ରାଜ୍ ଠାକ୍‌ରେଙ୍କ ସହ ଉଦ୍ଧବ ଠାକ୍‌ରେ।

ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ହିନ୍ଦୀ ଭାଷାକୁ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ଉଦ୍ୟମ ହିଁ ଉଦ୍ଧବ ଓ ରାଜ୍‌ଙ୍କୁ ଏକାଠି କରିପାରିଛି। ତେଣୁ ବାଲା ସାହେବ ଏବଂ ଅନ୍ୟମାନେ ଯାହା କରିପାରି ନ ଥିଲେ, ତାହା ଫଡ଼ନବିସ୍ କରିପାରିଲେ ବୋଲି ରାଜ୍ ଠାକ୍‌ରେ ମଞ୍ଚରେ କହିଛନ୍ତି। ଆପଣମାନଙ୍କର ବିଧାନ ଭବନରେ କ୍ଷମତା ଥାଇପାରେ, ଆମର ରାସ୍ତାରେ କ୍ଷମତା ରହିଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାରଙ୍କ ୩ ଭାଷା ନୀତିକୁ ରାଜ୍ୟରେ ଲାଗୁ କରିବା ପାଇଁ ଯୋଜନା ହୋଇଥିଲା। ସୁପ୍ରିମକୋର୍ଟ, ହାଇକୋର୍ଟଠାରୁ ଆରମ୍ଭ କରି ସବୁଠି ଇଂଲିଶ ବ୍ୟବହାର ହେଉଛି। ତେବେ ମହାରାଷ୍ଟ୍ରରେ ହିନ୍ଦୀକୁ ଲଦିଦେବାକୁ କାହିଁକି ଉଦ୍ୟମ ହେଉଛି ବୋଲି ରାଜ୍ ପ୍ରଶ୍ନ କରିବା ସହ ମହାରାଷ୍ଟ୍ର ଜାଗ୍ରତ ହେଲେ କ'ଣ ହେବ, ତାହା ଦେଖିବ ବୋଲି କହିଛନ୍ତି। ମରାଠୀ ଭାଷା କହିବାରେ କେହି ନାଟକବାଜି କଲେ ଚାପୁଡ଼ା ଖାଇବେ। ମରାଠୀ ଭାଷା ସହ ସାଲିସ୍ କରାଯିବ ନାହିଁ ବୋଲି ରାଜ ଠାକ୍‌ରେ ସଂକଳ୍ପ କରିଛନ୍ତି।

ରାଲିରେ ଉଦ୍‌ବୋଧନ ଦେଇ ଉଦ୍ଧବ ଠାକ୍‌ରେ କହିଛନ୍ତି, ଅନେକ ବର୍ଷ ପରେ ଆମେ ୨ ଭାଇ ମଞ୍ଚରେ ଏକାଠି ହୋଇଛୁ ଏବଂ ଏକାଠି ହେବାକୁ ଆସିଛୁ। ଏହି ମିଳନ କେବଳ ରାଜନୀତି ନୁହେଁ, ମରାଠୀ ଭାଷାକୁ ନେଇ ବୋଲି ସେ କହିଥିଲେ। ଶିବସେନା(ୟୁବିଟି) ଏବଂ ଏମ୍‌ଏନ୍‌ଏସ୍‌ର ଅନେକ ହଜାର ସମର୍ଥକ ଶୋଭାଯାତ୍ରାରେ ଆସି ମିଳିତ ରାଲି 'ଆୱାଜ ମରାଠୀଚା'ରେ ଯୋଗଦେଇଥିଲେ। ଶେଷ ଥର ପାଇଁ ରାଜ୍ ଏବଂ ଉଦ୍ଧବ ୨୦୦୫ର ମାଲଭାନ ବିଧାନସଭା ଉପନିର୍ବାଚନ ପ୍ରଚାରରେ ଏକାଠି ଦେଖିବାକୁ ମିଳିଥିଲେ। ସେତେବେଳେ ବାଲ୍ ଠାକ୍‌ରେଙ୍କ ନେତୃତ୍ୱରେ ଶିବସେନା ଏକାଠି ଥିଲା। ଦଳରେ ଆଭ୍ୟନ୍ତରୀଣ ମତଭେଦକୁ ନେଇ ବରିଷ୍ଠ ଶିବସେନା ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଯୋଗୁ ସେତେବେଳେ ଉପନିର୍ବାଚନ କରିବାକୁ ପଡ଼ିଥିଲା। ୨୦୦୩ ଜାନୁଆରୀରେ ବାଲ୍ ଠାକ୍‌ରେ ପୁଅ ଉଦ୍ଧବଙ୍କୁ ଦଳର କାର୍ଯ୍ୟକାରୀ ସଭାପତି କରିଥିବାବେଳେ ପୁତୁରା ରାଜ୍ ଏହାକୁ ଆନୁଷ୍ଠାନିକ ସମର୍ଥନ ଜଣାଇଥିଲେ। କିଛିଦିନ ପରେ ଦଳୀୟ ର୍‍ୟାଙ୍କ୍‌ରେ ଆକ୍ରୋଶ ମୁଣ୍ଡ ଟେକିଥିଲା। ପ୍ରଚାରରେ ରାଜ୍‌ଙ୍କ ସମର୍ଥକମାନଙ୍କୁ ଅଣଦେଖା କରାଯାଉଥିବା ଏବଂ ଟିକେଟ ବଣ୍ଟନରେ ପକ୍ଷପାତିତାକୁ ନେଇ ରାଜ୍ ଠାକରେ ଶିବସେନାରୁ ଦୂରେଇ ଯାଇଥିଲେ। ୨୦୦୫ ନଭେମ୍ବରରେ ସେ ଦଳରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ ଓ ପରେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଗଠନ କରିଥିଲେ।

ପୌର ନିର୍ବାଚନ ପୂର୍ବରୁ ରାଜନୈତିକ ଭାଗ୍ୟକୁ ପୁନର୍ଜୀବିତ କରିବା ଏବଂ ହରାଇଥିବା ସ୍ଥିତିକୁ ଫେରିପାଇବା ଉଦ୍ଦେଶ୍ୟରେ ଉଦ୍ଧବ ଓ ରାଜ୍‌ଙ୍କ ମିଳିତ ରାଲିକୁ ଭାଜପା ନେତାମାନେ ନିରାଶ ଉଦ୍ୟମ ବୋଲି କହିଛନ୍ତି। ଏହି ରାଲି ବରଂ ଏକ ପାରିବାରିକ ପୁନର୍ମିଳନ ବୋଲି ମହାରାଷ୍ଟ୍ର ମନ୍ତ୍ରୀ ଆଶିଷ ଶେଲାର ଏବଂ ଭାଜପା ଏମ୍‌ଏଲ୍‌ସି ପ୍ରବୀନ୍ ଡାରେକାର କହିଛନ୍ତି। ଏହା ଭାଷାକୁ ଭଲ ପାଇବାର ରାଲି ନୁହେଁ, ବରଂ ଏକଦା ଘରୁ ତଡ଼ିଦେଇଥିବା ଭାଇଙ୍କୁ ସର୍ବସାଧାରଣରେ ଖୁସି କରାଇବା ପାଇଁ ଉଦ୍ଦିଷ୍ଟ ବୋଲି ଶେଲାର କହିଛନ୍ତି।

### ବିଗ୍ ବିଉଟିଫୁଲ୍ ବିଲ୍ ଆଇନରେ ପରିଣତ

ୱାଶିଂଟନ,୫।୭

ଟିକସ ଏବଂ ଖର୍ଚ୍ଚ କାଟ୍ ଲାଗି ଅଣାଯାଇଥିବା ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍ ଆମେରିକା କଂଗ୍ରେସରେ ଗୃହୀତ ହେବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଏଥିରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହି ମହତ୍ତ୍ୱାକାଂକ୍ଷୀ ବିଲ୍ ଆଇନରେ ପରିଣତ ହୋଇଛି। ୨୦୧୭ରେ କରାଯାଇଥିବା ଟ୍ୟାକ୍ସରେ ହ୍ରାସକୁ ସ୍ଥାୟୀ କରିବା ଏହି ଆଇନର ଉଦ୍ଦେଶ୍ୟ। ଏହାଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ୬,୦୦୦ ଡଲାର ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ସୁବିଧା ମିଳିବା ସହ ଚାଇଲ୍ଡ ଟ୍ୟାକ୍ସ କ୍ରେଡିଟ୍‌କୁ ୨୦୦୦ରୁ ୨୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ଏହା ବ୍ୟତୀତ ସୀମା ସୁରକ୍ଷା ପାଇଁ ୩୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତାବ ରହିଛି। ହ୍ୱାଇଟ୍ ହାଉସ୍ ବାହାରେ ବହୁ ଟ୍ରିଲିୟନ ଡଲାର ବିଧେୟକରେ ଟ୍ରମ୍ପ୍ ସ୍ୱାକ୍ଷର କରିବା ପରେ ହାଉସ୍ ସ୍ପିକର ମାଇକ୍ ଜନ୍‌ଶନ ଦେଇଥିବା ହାତୁଡ଼ିକୁ ପିଟିଥିଲେ। ଏହି ସମୟରେ ରିପବ୍ଲିକାନ୍ ସଦସ୍ୟଙ୍କ ସମେତ ଟ୍ରମ୍ପ୍‌ଙ୍କ କ୍ୟାବିନେଟ୍ ସହକର୍ମୀମାନେ ଉପସ୍ଥିତ ଥିଲେ। ଏହା ଏକ ଐତିହାସିକ ସଫଳତା ବୋଲି ଟ୍ରମ୍ପ୍ କହିଛନ୍ତି।

# ନୀରବ ମୋଦିଙ୍କ ଭାଇ ଆମେରିକାରେ ଗିରଫ

ନୂଆଦିଲ୍ଲୀ,୫।୭

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ସାନଭାଇ ନେହାଲ ମୋଦିଙ୍କୁ ଆମେରିକା କର୍ତ୍ତୃପକ୍ଷ ଗିରଫ କରିଛନ୍ତି। ବହୁ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଋଣ ଜାଲିଆତିରେ ନେହାଲ ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ପ୍ରତ୍ୟର୍ପଣ ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିବେଦନ କରିଥିଲେ। ଇଣ୍ଟରପୋଲ୍ ଦ୍ୱାରା ରେଡ୍ କର୍ନର ନୋଟିସ ଜାରି ହୋଇଥିବା ନେହାଲଙ୍କୁ ଶୁକ୍ରବାର ଗିରଫ କରାଯାଇ ହାଜତକୁ ନିଆଯାଇଥିବା ଆମେରିକୀୟ ଅଧିକାରୀ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଜୁଲାଇ ୧୭ରେ ପରବର୍ତ୍ତୀ ଶୁଣାଣି ଥିବାବେଳେ ଜାମିନ ପାଇଁ ନେହାଲ ଆବେଦନ

### ପିଏନ୍‌ବି ଜାଲିଆତି ମାମଲା


ନେହାଲ ମୋଦି

କରିପାରନ୍ତି। ଆମେରିକା ଫେଡେରାଲ ପ୍ରସିକ୍ୟୁଟରମାନେ ନେହାଲଙ୍କ ନାମରେ ୨ଟି ଅଭିଯୋଗ ଆଣିଛନ୍ତି। ତାହା ହେଲା ପିଏମ୍‌ଏଲ୍‌ଏର ଧାରା ୩ ଅନୁଯାୟୀ ମନିଲଣ୍ଡରିଂ ମାମଲା ଏବଂ ଆପରାଧିକ ଷଡ଼ଯନ୍ତ୍ର (ଆଇପିସିର ଧାରା ୧୨୦ବି) ଓ ପ୍ରମାଣ ନଷ୍ଟ କରିବା(ଧାରା ୨୦୧)।

ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସିଙ୍କ ଦ୍ୱାରା କରାଯାଇଥିବା ୧୩,୦୦୦ କୋଟି ଟଙ୍କାର ପିଏନ୍‌ବି ଋଣ ଜାଲିଆତିରେ ୪୬ ବର୍ଷୀୟ ନେହାଲ ଜଣେ ଅଭିଯୁକ୍ତ। ନୀରବ ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ପିଏନ୍‌ବିରୁ ୬,୪୯୮ କୋଟି ଟଙ୍କା ନେଇଯାଇଥିବାବେଳେ ଅବଶିଷ୍ଟ ଅର୍ଥକୁ ସମାନ ଉପାୟରେ ମେହୁଲ ହଡ଼ପ କରିଥିଲେ ବୋଲି ସିବିଆଇ ଚାର୍ଜଶିଟ୍‌ରେ କୁହାଯାଇଛି। ସେଲ୍ କମ୍ପାନୀ ଜରିଆରେ ବେଆଇନ ଭାବେ ବିପୁଳ ଅର୍ଥରାଶିକୁ ଟ୍ରାନ୍ସଫର କରାଇବାରେ ନେହାଲଙ୍କର ପ୍ରମୁଖ ଭୂମିକା ରହିଥିଲା। ମନିଲଣ୍ଡରିଂରେ ସମ୍ପୃକ୍ତି ନେଇ ନେହାଲ ଭାରତର ୱାଣ୍ଟେଡ୍ ତାଲିକାରେ ରହିଥିଲେ। ନୀରବ ଏବେ ଲଣ୍ଡନ ଜେଲରେ ରହିଛନ୍ତି।


ଆର୍ଜେଣ୍ଟିନାର ବୁଏନ୍ସ ଆୟର୍ସରେ ଶନିବାର ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରବାସୀ ଭାରତୀୟମାନେ ସ୍ୱାଗତ କରୁଛନ୍ତି।

# ପାଟନାରେ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

### ୭ ବର୍ଷ ପୂର୍ବରୁ ପୁଅଙ୍କୁ ହତ୍ୟା କରାଯାଇଥିଲା


ଗୋପାଳ ଖେମ୍‌କା

ପାଟନା,୫।୭(ପି.ଟି.)

ବିହାର ଖ୍ୟାତନାମା ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କୁ ତାଙ୍କ ପାଟନା ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଜଣେ ବନ୍ଧୁକଧାରୀ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ୭ ବର୍ଷ ପୂର୍ବରୁ ଖେମ୍‌କାଙ୍କ ପୁଅଙ୍କୁ ହାଜିପୁରରେ ଗୁଳିକରି ହତ୍ୟା କରାଯାଇଥିଲା। ଗାନ୍ଧୀ ମଇଦାନରେ ଥିବା ନିଜ ଘର ଗେଟ୍ ନିକଟରେ ଶୁକ୍ରବାର ରାତି ୧୧ଟା ୪୦ରେ ଖେମ୍‌କା ତାଙ୍କ କାର୍‌ରୁ ଓହ୍ଲାଉଥିବାବେଳେ ଦୁର୍ବୃତ୍ତ ଗୁଳି କରିଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶନିବାର ଏକ ବୈଠକରେ ଆଇନଶୃଙ୍ଖଳା ସ୍ଥିତିର ସମୀକ୍ଷା କରିବା ସହ ଖେମ୍‌କା ହତ୍ୟାକାଣ୍ଡର ତଦନ୍ତ ତୁରନ୍ତ ଶେଷ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫୋରେନ୍‌ସିକ ବିଶେଷଜ୍ଞମାନେ ତଥ୍ୟପ୍ରମାଣ ଓ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରୁଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ କାର୍ଟ୍ରିଜ ଜବତ ହୋଇଛି। ପୋଲିସ ଅଫିସର ତଦନ୍ତରେ ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ହତ୍ୟାକାଣ୍ଡର ୨ ଘଣ୍ଟା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ବୋଲି ଖେମ୍‌କାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଥିବାବେଳେ ପୋଲିସ ମହାନିର୍ଦ୍ଦେଶକ ବିନୟ କୁମାର ଏହାକୁ ଖଣ୍ଡନ କରିଛନ୍ତି। ସ୍ପେଶାଲ ଟାସ୍କଫୋର୍ସ ଏବଂ କେନ୍ଦ୍ରୀୟ ଜିଲା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ଡିଜିପି କହିଛନ୍ତି।

### ବିହାରରେ ଭୋଟର ତାଲିକା ସଂଶୋଧନ

# ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜକଲା ଏଡିଆର୍

ନୂଆଦିଲ୍ଲୀ/ପାଟନା,୫।୭

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାରେ ସଂଶୋଧନ ପାଇଁ ନିର୍ବାଚନ କମିଶନ (ଇସି)ଙ୍କ ସ୍ୱତନ୍ତ୍ର ସଘନ ପୁନଃ ନିରୀକ୍ଷଣ (ଏସ୍‌ଆଇଆର୍)କୁ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଶନିବାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ବିହାରରେ ଏସ୍‌ଆଇଆର୍ କାର୍ଯ୍ୟକାରୀ କରିବା ପାଇଁ ଜୁନ୍ ୨୪ରେ ଇସି ନିର୍ଦ୍ଦେଶନାମା ଜାରି କରିଥିଲେ। ଭୋଟର ତାଲିକାରୁ ଅଯୋଗ୍ୟ ନାମକୁ ବାଦ୍ ଦେଇ କେବଳ ଯୋଗ୍ୟ ନାଗରିକଙ୍କୁ ରଖିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। ତେବେ ଏହା ସମ୍ବିଧାନର ଅନୁଚ୍ଛେଦ ୧୪, ୧୯, ୨୧, ୩୨୫ ଏବଂ ୩୨୬ର ଉଲ୍ଲଂଘନ କରିବା ସହ ଜନପ୍ରତିନିଧି ଆଇନର ବ୍ୟବସ୍ଥା ଓ ଭୋଟର ପଞ୍ଜୀକରଣ ନିୟମାବଳୀର ରୁଲ୍ ୨୧ଏ'କୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଉକ୍ତ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ ଏନ୍‌ଜିଓ ପକ୍ଷରୁ ଅଦାଲତଙ୍କୁ ନିବେଦନ କରାଯାଇଛି। ପିଟିଶନ ଦାଏର କରିଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଇସିଙ୍କ ନିର୍ଦ୍ଦେଶନାମା ମନମୁଖି ଭାବେ ଏବଂ ଉପଯୁକ୍ତ ପ୍ରକ୍ରିୟା ବିନା ଅନେକ ଲକ୍ଷ୍ୟ ଭୋଟରଙ୍କୁ ନାଗରିକତ୍ୱରୁ ବଞ୍ଚିତ କରିପାରେ ଏବଂ ମୁକ୍ତ ଓ ଅବାଧ ନିର୍ବାଚନରେ ବାଧା ସୃଷ୍ଟି କରିପାରେ। ନିର୍ଦ୍ଦେଶନାମାର କାଗଜପତ୍ର ଆବଶ୍ୟକତା, ଉପଯୁକ୍ତ ପ୍ରକ୍ରିୟାର ଅଭାବ ଏବଂ ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଅନୁଚିତ ଭାବେ ସ୍ୱଳ୍ପ ସମୟସୀମା କେବଳ ଅନେକ ଲକ୍ଷ ଯୋଗ୍ୟ ଭୋଟରଙ୍କ ନାଁକୁ ତାଲିକାରୁ ହଟାଇବ, ଯାହା ଫଳରେ ସେମାନେ ମତାଧିକାର ହରାଇବେ ବୋଲି ପ୍ରଶାନ୍ତ କହିଛନ୍ତି। ୨୦୦୩ରେ ଏଭଳି ଭୋଟର ତାଲିକାରେ ପରିବର୍ତ୍ତନ କରାଯାଇଥିଲା। ସହରୀକରଣର ଦ୍ରୁତ ବୃଦ୍ଧି, ଭୋଟର ତାଲିକାରେ ବିଦେଶୀ ଅପ୍ରବାସୀମାନଙ୍କ ନାମ ସାମିଲ ହୋଇଥିବାରୁ ଏହାର ପୁନଃ ଅନୁଧ୍ୟାନ ଆବଶ୍ୟକ। ସେହିପରି ଯୁବବର୍ଗଙ୍କୁ ଯୋଗ୍ୟ ଭୋଟର କରିବା ତଥା ମୃତବ୍ୟକ୍ତିଙ୍କ ସମ୍ପର୍କରେ ରିପୋର୍ଟ କରାଯାଉ ନ ଥିବାରୁ ଏସ୍‌ଆଇଆର୍‌ର ଆବଶ୍ୟକତା ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

### ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇବା ପାଇଁ ଷଡ଼ଯନ୍ତ୍ର: ଇଣ୍ଡିଆ ବ୍ଲକ୍

ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍‌କୁ ଇଣ୍ଡିଆ ବ୍ଲକ୍ ବିରୋଧ କରିଛି। ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଆର୍‌ଜେଡି, ସିପିଏମ୍ ସମେତ ୧୧ ଦଳର ପ୍ରତିନିଧି ନିର୍ବାଚନ କମିଶନଙ୍କ ନିକଟରେ ପ୍ରତିବାଦ ଜଣାଇଛନ୍ତି। ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର କେଇମାସ ବାକି ଥିବାବେଳେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ପୁନଃ ଅନୁଧ୍ୟାନ ଲାଗି ନିର୍ବାଚନ କମିଶନଙ୍କ ଅଚାନକ ନିଷ୍ପତ୍ତିକୁ ନେଇ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ପ୍ରଶ୍ନ ଉଠାଇବା ସହ ଏହା ସମ୍ବିଧାନ ଉପରେ ନିକୃଷ୍ଟତମ ଆକ୍ରମଣ ବୋଲି କହିଛି। ଏସ୍‌ଆଇଆର୍ ନାମରେ ୧୯୮୭ରୁ ୨୦୦୪ ମଧ୍ୟରେ ଜନ୍ମିତ ଭୋଟରଙ୍କ ମାଆ କିମ୍ବା ବାପାଙ୍କ ଜନ୍ମ ପ୍ରମାଣପତ୍ର ଦେଖାଇବାକୁ କୁହାଯାଉଛି। ନିର୍ବାଚନ ପୂର୍ବରୁ ଲକ୍ଷାଧିକ ଯୋଗ୍ୟ ଭୋଟରଙ୍କୁ ମତାଧିକାରରୁ ବଞ୍ଚିତ କରିବା ପାଇଁ ଇସି ଉଦ୍ୟମ ଚଳାଇଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଏସ୍‌ଆଇଆର୍ ବେଳେ ନିର୍ବାଚନ ଅଧିକାରୀଙ୍କୁ ଦେଖାଇବାକୁ ଥିବା ୧୧ ତାଲିକାଭୁକ୍ତ କାଗଜପତ୍ର ମଧ୍ୟରେ ଆଧାର କାର୍ଡ ନାହିଁ କାହିଁକି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ନିଜ ଜନ୍ମସ୍ଥାନ ଛାଡ଼ି ଅନ୍ୟ ରାଜ୍ୟରେ ରହିଥିବା ଭୋଟର ଏତେ କମ୍ ସମୟ ମଧ୍ୟରେ ଜନ୍ମ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ ବୋଲି ସିଂଘଭି କହିଛନ୍ତି। ଦେଢ଼ କୋଟି ଭୋଟରଙ୍କ ମତାଧିକାର ଛଡ଼ାଇନେବା ପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଛନ୍ତି। ଭୋଟର ପରିଚୟ ପତ୍ର ବ୍ୟତୀତ ଅନ୍ୟ କୌଣସି ଦସ୍ତାବିଜ ନ ଦେଖାଇବା ପାଇଁ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତ୍ରୀ ରାବ୍ରୀ ଦେବୀ ଶନିବାର ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଇସିଙ୍କ ନୂଆ ନିୟମରେ ଦାବି ହେଉଥିବା ସବୁ ପ୍ରମାଣପତ୍ର ଦେଖାଇବା ସମ୍ଭବ ନୁହେଁ। କମିଶନଙ୍କ ଏଭଳି ପଦକ୍ଷେପ ଦ୍ୱାରା ବହୁ ଗରିବ, ଅପ୍ରବାସୀ ଏବଂ ମୁସଲମାନ ମତଦାନ ଅଧିକାରରୁ ବଞ୍ଚିତ ହେବେ।

ସୂଚନାଯୋଗ୍ୟ, ବିହାରରେ ୭.୯ କୋଟି ଭୋଟର ରହିଛନ୍ତି। ସେଥିରୁ ୪.୯୬ କୋଟି ଭୋଟର ୨୦୦୩ ସଂଶୋଧନ ପରେ ସାମିଲ ହୋଇଥିବାରୁ ସେମାନଙ୍କୁ ପରିଗଣନା ଫର୍ମ ପୂରଣ କରି ଦାଖଲ କରିବାକୁ ହେବ। ଅନ୍ୟ ୨.୯୩ କୋଟି ଭୋଟରଙ୍କୁ ସେମାନଙ୍କ ଯୋଗ୍ୟତା ପ୍ରତିପାଦନ କରିବା ଲାଗି ଦସ୍ତାବିଜ ଏବଂ ୧୯୮୭ ପରେ ଜନ୍ମିତ ଭୋଟରଙ୍କୁ ସେମାନଙ୍କ ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି।

# ସାଇକେଲରେ ୪ ଧାମ, ୧୨ ଜ୍ୟୋତିର୍ଲିଙ୍ଗ ଯାତ୍ରା

ରାୟପୁର

ଛତିଶଗଡ଼ର ସୁରଜପୁର ଜିଲ୍ଲା ଜାମଦାଇ ଗ୍ରାମର ୨ ସମ୍ପର୍କୀୟ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ ୯ ମାସ ମଧ୍ୟରେ ସାଇକେଲରେ ଦେଶର ୧୨ ଜ୍ୟୋତିର୍ଲିଙ୍ଗ ଏବଂ ୪ ଧାମକୁ ସଫଳତାର ସହ ଯାତ୍ରା ଶେଷ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୯ରେ ସେମାନେ ଏହି ତୀର୍ଥଯାତ୍ରା ଆରମ୍ଭ କରିଥିଲେ। ଗତ ସପ୍ତାହରେ ଉଭୟ ଭାଇ ଘରକୁ ଫେରିଛନ୍ତି।

ଏହି ଅବସରରେ ସେମାନେ ୧୩ ରାଜ୍ୟରେ ଭ୍ରମଣ ସୁଯୋଗ ପାଇଥିଲେ। ପ୍ରବୀଣ କହିଛନ୍ତି, ସେମାନେ ବିଭିନ୍ନ ପ୍ରକାର ଲୋକଙ୍କୁ


୨ ଭାଇ ଦାନେଶ୍ୱର ଯାଦବ ଓ ପ୍ରବୀଣ ଯାଦବ।

ଭେଟିଥିଲେ ଏବଂ ସେମାନଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଏହା ସହ ନେପାଳ ଯିବାକୁ ମଧ୍ୟ ସେମାନଙ୍କୁ ସୁଯୋଗ ମିଳିଥିଲା। ୪ ଧାମ, ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ସହ ଏହି ୨ ଭାଇ ବିଭିନ୍ନ ତୀର୍ଥସ୍ଥଳ, ଶକ୍ତିପୀଠ ଏବଂ ଅନ୍ୟାନ୍ୟ ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଏହି ଯାତ୍ରାରେ ଉଭୟେ ଓମ୍‌କେରେଶ୍ୱର, ବାବା ମହାକାଲ, ରାମେଶ୍ୱରମ୍, କାଶୀ ବିଶ୍ୱନାଥ, ନାଗେଶ୍ୱର, ଦ୍ୱାରକାଧୀଶ, ସୋମନାଥ, ତିରୁପତି ବାଲାଜୀ, ଭୀମ୍‌ଶଙ୍କର, ତ୍ର୍ୟମ୍ବକେଶ୍ୱର, ଜଗନ୍ନାଥ ପୁରୀ, ବାବା ବୈଦ୍ୟନାଥ ଧାମ ଦେଓଘର, ଅଯୋଧ୍ୟା, ରିଷିକେଶ, କେଦାରନାଥ, ବଦ୍ରିନାଥ, ନେପାଳର ବାବା ପାଶୁପତିନାଥ, ଅମରକଣ୍ଟକ ଆଦି ବିଭିନ୍ନ ତୀର୍ଥ କ୍ଷେତ୍ର ପରିଦର୍ଶନ କରିଥିଲେ। ଗତ ୨ ବର୍ଷ ହେଲା ସେମାନେ ଏହି ଧାର୍ମିକ ଯାତ୍ରା ପାଇଁ ଚିନ୍ତା କରିଥିଲେ ବୋଲି କହିଛନ୍ତି।

## ଫୁରସତ୍

# ସେନା ଅଧିକାରୀ ଭୂମିକାରେ ସଲ୍‌ମାନ

ମୁମ୍ବାଇ

ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ୱାର୍ ଡ୍ରାମା ଫିଲ୍ମ 'ବ୍ୟାଟଲ ଅଫ୍ ଗଲ୍‌ୱାନ'ରେ ଅଭିନେତା ସଲ୍‌ମାନ ଖାନ୍ ଜଣେ ନିର୍ଭୀକ ସେନା ଅଧିକାରୀ ଭୂମିକାରେ ନଜରକୁ ଆସିବେ। ଶୁକ୍ରବାର ଏହି ଫିଲ୍ମର ଫାର୍ଷ୍ଟ ଲୁକ୍‌କୁ ଜାରି କରାଯାଇଛି, ଯାହାକୁ ସଲମାନ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଏହି ପୋଷ୍ଟରରେ ସେନା ପୋଷାକ ସହ ସଲ୍‌ମାନଙ୍କ ଆକ୍ସନ ଅବତାର ଦେଖିବାକୁ ମିଳିଛି। ୨୦୨୦ରେ ଭାରତ ଏବଂ ଚାଇନା ସୈନ୍ୟଙ୍କ ମଧ୍ୟରେ ବ୍ୟାଟଲ ଅଫ୍ ଗଲ୍‌ୱାନ ଅନୁଷ୍ଠିତ ହୋଇଥିଲା। ସମୁଦ୍ର ପଉନଠାରୁ ୧୫ ହଜାର ଫୁଟ ଉଚ୍ଚତାରେ ଏହି ଯୁଦ୍ଧ ହୋଇଥିବା ନେଇ ଫିଲ୍ମର ପ୍ରଥମ ପୋଷ୍ଟରରେ ସୂଚନା ଦିଆଯାଇଛି। ଫିଲ୍ମରେ ସଲ୍‌ମାନଙ୍କ ବିପକ୍ଷରେ ଅଭିନେତ୍ରୀ ଚିତ୍ରାଙ୍ଗଦା ସିଂ ନଜରକୁ ଆସିବେ। ଏହାସହ ପ୍ରଥମ ଥର ପାଇଁ ସଲ୍‌ମାନ ଏବଂ ଚିତ୍ରାଙ୍ଗଦାଙ୍କୁ ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ଫଳରେ ଉଭୟଙ୍କ ପ୍ରଶଂସକ ଏହି ଫିଲ୍ମକୁ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ରିପୋର୍ଟ ଅନୁଯାୟୀ, ଚଳିତ ମାସରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ। ଅଧିକ ଉଚ୍ଚତାରେ ଶୁଟିଂ ହେଉଥିବାରୁ ଏହାର ପ୍ରସ୍ତୁତି ସ୍ୱରୂପ ସଲ୍‌ମାନ ସମ୍ପ୍ରତି ଲୋ-ଅକ୍ସିଜେନ ଟ୍ରେନିଂ ନେଉଛନ୍ତି।



# ବଜାରରେ ଏଲ୍‌ଆଇସିର ୨ ନୂତନ ପ୍ଲାନ୍



ନୂତନ ପ୍ଲାନ୍‌ର ଶୁଭାରମ୍ଭ ଅବସରରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସତ୍ ପାଲ ଭାନୋଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ମୁମ୍ବାଇ,୫।୭

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ତଥା ୨ ନୂତନ ପ୍ଲାନ୍ 'ଏଲ୍‌ଆଇସି ନବ ଜୀବନ ଶ୍ରୀ (ପ୍ଲାନ୍ ୯୧୨) ଏବଂ ନବ ଜୀବନ ଶ୍ରୀ ସିଙ୍ଗଲ ପ୍ରିମିୟମ (ପ୍ଲାନ୍ ୯୧୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସି ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏଲ୍‌ଆଇସିର ଏମ୍‌ଡି ତଥା ସିଇଓ ସତ୍ ପାଲ ଭାନୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ ଆନୁଷ୍ଠାନିକ ଭାବେ ପ୍ଲାନ୍ ଦ୍ୱୟକୁ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଆଇସିର ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ଭାନୋ କହିଥିଲେ, ଆମେ ଆମର ନୂତନ ଯୋଜନା ଦ୍ୱୟକୁ ଶୁଭାରମ୍ଭ ସହ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ୨ଟି ଯୋଜନାରେ ଅନେକ ପ୍ରକାର ସୁବିଧା ହିତାଧିକାରୀଙ୍କୁ ମିଳିବାକୁ ଥିଲାବେଳେ ଯୁବବର୍ଗଙ୍କୁ ଏହା ବେଶ୍ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ନିକଟରେ ଶୁଭାରମ୍ଭ ହୋଇଥିବା ଏହି ଦୁଇ ନୂତନ ଯୋଜନା ସଞ୍ଚୟ ଏବଂ ସୁରକ୍ଷାର ମିଶ୍ରଣ ହୋଇଥିଲାବେଳେ ଆମ ଜୀବନଚକ୍ରର ବିଭିନ୍ନ ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପାଣ୍ଠି ସୃଷ୍ଟିକରିବା ସହ ଏହାକୁ ବିଶେଷ ଭାବେ ଡିଜାଇନ୍ କରାଯାଇଛି। ଏଲ୍‌ଆଇସିର ନବ ଜୀବନ ଶ୍ରୀ (ଯୋଜନା ୯୧୨) ର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତି ବିଶେଷ ଭାବେ ଯୁବପିଢ଼ିର ସମସ୍ତ ଆବଶ୍ୟକତା ପୂରଣ କରିବା ସହ ସେମାନଙ୍କର ସ୍ୱପ୍ନ, ଲକ୍ଷ୍ୟ, ଦାୟିତ୍ୱ ପୂରଣ କରିବାକୁ ଚାହାନ୍ତି ଏବଂ ସୁରକ୍ଷା ମଧ୍ୟ ପ୍ରଦାନ କରନ୍ତି। ଏଲ୍‌ଆଇସିର ନବ ଜୀବନ ଶ୍ରୀ ସିଙ୍ଗଲ ପ୍ରିମିୟମ (ଯୋଜନା ୯୧୧)। ଏହା ଏକ ଏକକ ପ୍ରିମିୟମ ପଲିସି ଜୀବନ ବୀମା ପ୍ରଦାନ ସହିତ କର୍ପସ୍ ନିର୍ମାଣ ପାଇଁ ଉଦ୍ଦିଷ୍ଟ ରହିଛି। ବର୍ତ୍ତମାନର ପରିବେଶରେ ଯେତେବେଳେ ସୁଧ ହାର ବହୁତ ଅସ୍ଥିର ଥାଏ ଏବଂ ଏହି ଦୁଇଟି ଯୋଜନା ପଲିସି ଅବଧି ମଧ୍ୟରେ ଆବଶ୍ୟକ ଗ୍ୟାରେଣ୍ଟିଯୁକ୍ତ ଯୋଗ ପ୍ରଦାନ କରିଥାଏ। ସେହିପରି ଏହି ଯୋଜନା ଦ୍ୱୟରେ ଅନେକ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ସୁରକ୍ଷିତ ଆର୍ଥିକ ସୁବିଧା ସାମିଲ ରହିଛି।

# ଟିପିସିଓଡିଏଲ୍‌ର ସ୍ୱଚ୍ଛ ଶକ୍ତି ଅଭିଯାନ



ଭୁବନେଶ୍ୱର,୫।୭

ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସ୍ୱଚ୍ଛ ଶକ୍ତି ଅଭିଯାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟିକରିବା ପାଇଁ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ଦାଣ୍ଡ ପାଖରେ ଏକ ଷ୍ଟଲ୍ ସ୍ଥାପନ କରାଯାଇଛି। ପ୍ରତିଦିନ ଏହି ଷ୍ଟଲ୍ ଜରିଆରେ ଶହ ଶହ ଭକ୍ତ ଓ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିବା ସହ ସେମାନଙ୍କୁ ରୁଫ୍‌ଟପ୍ ସୋଲାର ସ୍ଥାପନ, ସରକାରୀ ସବ୍‌ସିଡି, ଆର୍ଥିକ ଲାଭ ଓ ଯୋଗ୍ୟତାର ମାନଦଣ୍ଡ ସମ୍ପର୍କରେ ସଚେତନ କରାଯାଉଛି। ସେହିଭଳି ତାଲିମପ୍ରାପ୍ତ ପେସାଦାରଙ୍କ ଦ୍ୱାରା ପରିଚାଳିତ ଏହି ଷ୍ଟଲ୍‌ରେ ବ୍ରୋସର, ଲିଫ୍‌ଲେଟ୍, ଏଲ୍‌ଇଡି ସ୍କ୍ରିନ୍ ଆଦିରେ ଟେଷ୍ଟିମୋନିଆଲ୍ସ ଓ ଖର୍ଚ୍ଚ-ଲାଭର ଭିଜୁଆଲ୍ ପ୍ରଦର୍ଶିତ ହେଉଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଲୋକ ଆସୁଥିବା ବେଳେ ଏହି ଅଭିଯାନ ସ୍ୱଚ୍ଛ ଶକ୍ତିର ପ୍ରସାର ପାଇଁ ଶକ୍ତିଶାଳୀ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ସମଗ୍ର ଓଡ଼ିଶାରେ ନାଗରିକମାନଙ୍କୁ ସଶକ୍ତ କରିବା ଏବଂ ସ୍ଥାୟୀ ସୌରଶକ୍ତି ସମାଧାନକୁ ଆଗକୁ ବଢ଼ାଇବା ପାଇଁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି।

# ଆଇଜି ଡ୍ରୋନ୍ସକୁ ଭାରତର ପ୍ରଥମ ପାଟେଣ୍ଟ



ଭୁବନେଶ୍ୱର,୫।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଷ୍ଟାର୍ଟଅପ୍ ୟୁନିଟ୍ 'ଆଇଜି ଡ୍ରୋନ୍ସ'କୁ ନିକଟରେ ଆଉ ଏକ ସଫଳତା ଓ ସ୍ୱୀକୃତି ମିଳିଛି। ଏପରିକି ପ୍ରତିରକ୍ଷା ଡ୍ରୋନ୍ ସିମୁଲେଟର ପାଇଁ ଆଇଜି ଡ୍ରୋନ୍ସ ଭାରତର ପ୍ରଥମ ପାଟେଣ୍ଟ ହାସଲ କରିଛି। ସେହିଭଳି ଏକ ଐତିହାସିକ ପଦକ୍ଷେପ ସହ ଆଇଜି ଡ୍ରୋନ୍ସକୁ ଦେଶର ପ୍ରଥମ ସ୍ୱଦେଶୀ ଡିଫେନ୍ସ ଡ୍ରୋନ୍ ସିମୁଲେଟର ପାଇଁ ପାଟେଣ୍ଟ ପ୍ରଦାନ କରାଯାଇଛି। ଡିଫେନ୍ସ ଏକ୍ସପୋରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ସିମୁଲେଟର ବର୍ତ୍ତମାନ ଭାରତର ଘରୋଇ ପ୍ରତିରକ୍ଷା ଉତ୍କର୍ଷର ଏକ ପ୍ରତୀକ ଭାବେ ଉଭାହୋଇଛି। ସେହିପରି ସମ୍ପୂର୍ଣ୍ଣ ରୂପେ ଭାରତରେ ପରିକଳ୍ପିତ, ବିକଶିତ ଓ ନିର୍ମିତ ଏହି ପରବର୍ତ୍ତୀ ପିଢ଼ିର ସିମୁଲେଟର ଭାରତୀୟ ସେନା, ନୌସେନା, ବାୟୁସେନା ଏବଂ ଅର୍ଦ୍ଧସାମରିକ ବାହିନୀ ପାଇଁ ସର୍ବୋଚ୍ଚ ବିଶ୍ୱସ୍ତତା, ବାସ୍ତବ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପରିକି ଏହା ସୈନ୍ୟବାହିନୀରେ ଆମର ସୈନିକମାନଙ୍କୁ ଜିପିଏସ୍-ଡିନାଏଡ୍ ଜୋନ୍ ଓ ମଲ୍ଟି-ଡ୍ରୋନ୍ ମିଶନ ସମେତ ଅଧିକ ବିପଦପୂର୍ଣ୍ଣ ପରିବେଶଗୁଡିକରେ ଯୁଦ୍ଧ ଡ୍ରୋନ୍‌ଗୁଡିକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ସଶକ୍ତ କରିଥାଏ। ଏ ସମ୍ପର୍କରେ ଆଇଜି ଡ୍ରୋନ୍‌ର ବରିଷ୍ଠ ଉପାଧ୍ୟକ୍ଷ ମେଜର ଜେନେରାଲ ଆର୍.ସି. ପାଢୀ କହିଛନ୍ତି, ଏହି ସିମୁଲେଟର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରର ପ୍ରସ୍ତୁତିରେ ଏକ ନୂଆ ଅଧ୍ୟାୟର ପ୍ରତିନିଧିତ୍ୱ କରିଛି। ଏପରିକି ଆମର ସୈନ୍ୟ ବଳକୁ ଏହା ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ, ଅତ୍ୟାଧୁନିକ ସିମୁଲେଶନ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଫଳରେ ସେମାନେ ଯେପରି ପରବର୍ତ୍ତୀ ଯୁଦ୍ଧ ସ୍ଥିତି ପାଇଁ ଯୁଦ୍ଧ-ପ୍ରସ୍ତୁତ ରହିବେ ବୋଲି ଆମେ ତାହା ନିଶ୍ଚିତ କରିଛୁ। ଏହି ପାଟେଣ୍ଟ ଉଦ୍ଭାବନ ମାଧ୍ୟମରେ ଭାରତୀୟ ନିର୍ମାଣ ଓ ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଇଜି ଡ୍ରୋନ୍ସର ପ୍ରତିବଦ୍ଧତାର ଏକ ପ୍ରମାଣ ବୋଲି ପାଢୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ମାଲାବାରରେ ଡାଇମଣ୍ଡ ଶୋ'ର ଶୁଭାରମ୍ଭ



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନୂତନ କଲେକ୍ସନ 'ନୁଆଁ କଲେକ୍ସନ'ର ଅନାବରଣ ଶନିବାର ମାଲାବାରର ଶହୀଦ ନଗର ଶୋ'ରୁମ୍‌ରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅତିଥିଙ୍କ ସମେତ ଶୋ'ରୁମ୍‌ର ଅଧିକାରୀ, କର୍ମଚାରୀ ଓ ଗ୍ରାହକ ତଥା ମଡେଲମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୫।୭ (ଅଭୟ ଦାଶ)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ମାଲାବାର)ର ବହୁ ପ୍ରତୀକ୍ଷିତ ତଥା ଏକ ୯ ଦିନିଆ ହୀରା ପ୍ରଦର୍ଶନୀ (ଡାଇମଣ୍ଡ ଶୋ') ଏବଂ 'ନୁଆଁ' କଲେକ୍ସନର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ଭୁବନେଶ୍ୱରସ୍ଥିତ ଶହୀଦନଗର ଶୋ'ରୁମ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଓ ଶୁଭାରମ୍ଭ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ମିସ୍ ଇଣ୍ଡିଆ ୱାର୍ଲଡ ୱାଇଡ୍-୨୦୨୫ର ଟାଇଟଲ ବିଜେତା ସଙ୍ଗୀତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ ସହ

## ନୁଆଁ କଲେକ୍ସନର ଅନାବରଣ

ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଓଡ଼ିଶା ୟୁନିଟର ବରିଷ୍ଠ ଅଧିକାରୀ, ଶୋ'ରୁମ୍ କର୍ମଚାରୀ ଓ ଗ୍ରାହକ ତଥା ମଡେଲ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୫ଜୁଲାଇ ୫ରୁ ୧୩ ପର୍ଯ୍ୟନ୍ତ ମାଲାବାରର ଭୁବନେଶ୍ୱରସ୍ଥିତ ଶହୀଦନଗର ଶୋ'ରୁମ୍‌ରେ ଆୟୋଜିତ ଏହି ୯ ଦିନିଆ ହୀରା ପ୍ରଦର୍ଶନୀ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଶୋ' ଜରିଆରେ ଗ୍ରାହକ ପ୍ରଦର୍ଶିତ ସମସ୍ତ ହୀରା ଗହଣା ଏବଂ 'ନୁଆଁ ବାଇ ମାଇନ ଡାଇମଣ୍ଡସ'ର ଗହଣା ରେଞ୍ଜକୁ ଆକର୍ଷଣୀୟ ମୂଲ୍ୟରେ କ୍ରୟ କରିପାରିବେ। ସେହିଭଳି ଏହି ସ୍ୱଳ୍ପ ଅବଧି ପ୍ରଦର୍ଶନୀ ସମୟରେ ଗ୍ରାହକ ମାଲାବାରର ସମସ୍ତ ସୁନା, ହୀରା ଓ ମୂଲ୍ୟବାନ୍ ତଥା ଜେମ୍‌ଷ୍ଟୋନ ଜୁଏଲେରି ଉପରେ ଫ୍ଲାଟ୍ ୩୦%ର ରିହାତି ପାଇପାରିବେ। ଏପରିକି ହୀର ଗହଣାର ମୂଲ୍ୟ (ଡାଇମଣ୍ଡ ଭାଲ୍ୟୁ) ଉପରେ ପ୍ରାୟ ୩୦%ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର ନୂତନ କଲେକ୍ସନ ('ନୁଆଁ' କଲେକ୍ସନ) ସହ ୯ଦିନିଆ ହୀରା ପ୍ରଦର୍ଶନୀ (ଡାଇମଣ୍ଡ ଶୋ)କୁ ଆନୁଷ୍ଠାନିକ ଭାବେ ଅନାବରଣ ଓ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ।

# ରେମଣ୍ଡର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ଭୁବନେଶ୍ୱର,୫।୭

ରେମଣ୍ଡର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର କଟକ ଲିଙ୍କ୍‌ରୋଡ୍‌ସ୍ଥିତ ବାଦାମବାଡ଼ିଠାରେ (ମାଗ ଓ ଆଧୁନିକ ରେମଣ୍ଡ ଶୋ'ରୁମ୍) ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରେମଣ୍ଡର ବରିଷ୍ଠ ଅଧିକାରୀ ଅଂଶୁମାନ ଜଲାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମରନଙ୍କ ମଧ୍ୟରେ ପୀୟୁଷ ପଞ୍ଚାରୀ, ଅମିତ ଅଗ୍ରୱାଲ, ବିଜୟ କୁମାର ଅଗ୍ରୱାଲ, ଗଣେଶ କାଣ୍ଡୋଇ, ସୁରେଶ ପୋଦ୍ଦାର, ରତନ ଅଗ୍ରୱାଲ, ବିନୋଦ ସରୋଗୀ,ଅଖିଳ ପୋଦ୍ଦାର, ରତନ ମୋଦି, ସୁନୀଲ ସାଙ୍ଗନାରିଆ, ଶଙ୍କର ଗୁପ୍ତା ଏବଂ ସଞ୍ଜୀୟ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏଠାରେ ପୁରୁଷମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ କପଡ଼ା ସହ ସ୍ଥାୟୀ ଶୈଳୀ ଓ ଆଧୁନିକ ଫ୍ୟାଶନର ସମ୍ମିଳନୀ ଉପଲବ୍ଧ। ବିଶେଷକରି ବିବାହ ଓ ସ୍ୱତନ୍ତ୍ର ଉତ୍ସବ ପାଇଁ ଶେରୱାନୀ, ବନ୍ଧଗାଲା, ଇଣ୍ଡୋ-ୱେଷ୍ଟର୍ନ ପୋଷାକ ସମ୍ଭାରକୁ ଗ୍ରାହକ ସୁଲଭ ମୂଲ୍ୟରେ ପାଇପାରିବେ। ଏପରିକି ଉପହାର ପାଇଁ ଉତ୍ତମ ଚୟନ ସହ ଟାଇ, ବେଲ୍ଟ, ବୋ, କଫ୍ଲିଙ୍କ୍, ପକେଟ୍ ସ୍କାର୍ ଆଦି ସୁବିଧାରେ ମିଳିବ। ଉଦ୍‌ଘାଟନୀ ଉତ୍ସବରେ ଶାର୍ଟ ପ୍ୟାଣ୍ଟ ଉପରେ ୫୦% ପର୍ଯ୍ୟନ୍ତ ଛାଡ଼ ସହ କପଡ଼ା ଆଦିରେ ନିଶ୍ଚିତ ଉପହାରର ବ୍ୟବସ୍ଥା କରାଯାଇଛି। ସେହିପରି ସିଲେଇ ଉପରେ ବିଶେଷ ରିହାତି ଦିଆଯାଉଛି। ନିଜର ପୁରୁଣା ପ୍ୟାଣ୍ଟ ଆଣିଲେ କିମ୍ବା କପଡ଼ା କିଣିଲେ ଆଉଟ୍‌ଲେଟ୍ ପକ୍ଷରୁ ମାଗଣାରେ ସିଲେଇ କରାଯାଉଛି। ଏହି ଅଫର ୧ ମାସ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।



ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ନଥିଙ୍ଗ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୫।୭

ନଥିଙ୍ଗ୍‌ର ନୂତନ ଉତ୍ପାଦ ତଥା ବହୁ ପ୍ରତୀକ୍ଷିତ 'ନଥିଙ୍ଗ୍ ଫୋନ୍ (୩) ଏବଂ ନଥିଙ୍ଗ୍ ହେଡ୍‌ଫୋନ୍ (୧)'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ ଏବଂ ସାହସିକ ନବସୃଜନ ସହିତ ଗ୍ରାହକ ପ୍ରଯୁକ୍ତିବିଦ୍ୟାକୁ ପୁନଃ କଳ୍ପନା କରିବା ପାଇଁ ନଥିଙ୍ଗ୍‌ର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି। ସେହିଭଳି ନଥିଙ୍ଗ୍ ଫୋନ୍ (୩) ସ୍ମାର୍ଟଫୋନ୍ କାର୍ଯ୍ୟଦକ୍ଷତା ଏବଂ ପ୍ରକାଶନର ଏକ ନୂତନ ଯୁଗ ପରିଚିତ କରାଉଛି। ଟେକ୍ନୋଲୋଜିକୁ ପୁଣି ଥରେ ବ୍ୟକ୍ତିଗତ ଅନୁଭବ ଦେବା ପାଇଁ ଡିଜାଇନ କରାଯାଇଥିବାବେଳେ ଏଥିରେ ଏକ ପ୍ରୋ-ଗ୍ରେଡ୍ ଟ୍ରିପଲ୍ କ୍ୟାମେରା ସିଷ୍ଟମ୍ ସହ ଏକ କ୍ଲାସ୍-ଲିଡିଂ ୧/୧.୩' ମୁଖ୍ୟ ସେନ୍ସର୍ ଅନ୍ତର୍ଭୁକ୍ତ ରହିଛି। ଫୋନ୍ (୩) ରେ ଏକ ନୂତନ ତ୍ରି-ସ୍ତମ୍ଭ ଲେଆଉଟ୍ ରହିଛି। ନଥିଙ୍ଗ୍ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଉପଲବ୍ଧ ହେବ। ସେହିପରି ନଥିଙ୍ଗ୍ ହେଡ୍‌ଫୋନ୍ (୧)ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଓ ଶକ୍ତିଶାଳୀ ସାଉଣ୍ଡ ସିଷ୍ଟମ ସାମିଲ ରହିଛି। ଭାରତୀୟ ବଜାରରେ ଏହା କଳା ଏବଂ ଧଳା କଲରେ ଉପଲବ୍ଧ ହେବ।

# କେଏଫ୍‌ସିର ନୂତନ ଅଭିଯାନ

ଭୁବନେଶ୍ୱର,୫।୭

କେଏଫ୍‌ସିର ନୂତନ ଅଭିଯାନ ତଥା ବହୁ ପ୍ରତୀକ୍ଷିତ ୱିନ୍ ବିଗ୍ କ୍ୟାମ୍ପେନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା କେଏଫ୍‌ସି ପ୍ରଶଂସକଙ୍କୁ ନିଜର ପସନ୍ଦର ମେନ୍ୟୁ ଆଇଟମଗୁଡିକୁ ଉପଭୋଗ କରାଇବା ସହିତ ଏକ ମହିନ୍ଦ୍ରା ଥର୍, ଆପଲ ମ୍ୟାକ୍‌ବୁକ୍, ଆଇଫୋନ୍ ୧୬ଏସ୍‌ଇ ଏକ ସୋନି ବ୍ରାଭିଆ ହୋମ୍ ଥିଏଟର ସିଷ୍ଟମ ଭଳି ଉତ୍ସାହଜନକ ପୁରସ୍କାର ଜିତିବା ପାଇଁ ଗ୍ରାହକଙ୍କୁ ଏକ ସୁଯୋଗ ପ୍ରଦାନ କରୁଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ଗ୍ରାହକଙ୍କୁ ଶୁକ୍ରବାରରୁ ରବିବାର ମଧ୍ୟରେ ଡାଇନ ଇନ୍ କିମ୍ବା ସେଲ୍‌ଫ-ଟେକ୍-ଆୱେ ବିକଳ୍ପ ମଧ୍ୟରୁ ଚୟନ କରିବାକୁ ହେବ ଏବଂ ୨୯୯ ଟଙ୍କା କିମ୍ବା ତାହାଠାରୁ ଅଧିକ ମୂଲ୍ୟର କେଏଫ୍‌ସି ପ୍ରଡକ୍ଟ ପାଇଁ ଅର୍ଡର ପ୍ଲେସ୍ କରିବାକୁ ହେବ। ସେହିଭଳି କାଉଣ୍ଟରରେ ମୋବାଇଲ ନମ୍ବର ଶେୟାର କରି ଗ୍ରାହକଙ୍କୁ ପୁରସ୍କାର ଜିତିବା ପାଇଁ ଏକ ସୁଯୋଗ ପାଇବା ଲାଗି ଏକ ଡ୍ର' ଏଣ୍ଟର କରିବାକୁ ହେବ। ଅଂଶଗ୍ରହଣ କରିବା ପାଇଁ ଗ୍ରାହଙ୍କୁ କୌଣସି ଅତିରିକ୍ତ ଅର୍ଥ ପଇଠ କରିବାକୁ ପଡିବ ନାହିଁ।

# କାନାରା ବ୍ୟାଙ୍କର ଆର୍ଥିକ ଅନ୍ତର୍ଭୁକ୍ତୀକରଣ



ଭୁବନେଶ୍ୱର,୫।୭

କାନରା ବ୍ୟାଙ୍କର ଭୁବନେଶ୍ୱର ସର୍କଲ ପକ୍ଷରୁ ଏକ ମେଗା ତଥା ରାଜ୍ୟବ୍ୟାପୀ ଆର୍ଥିକ ଅନ୍ତର୍ଭୁକ୍ତୀକରଣ 'ସାଚୁରେଶନ ଡ୍ରାଇଭ' କାର୍ଯ୍ୟକ୍ରମର ଆୟୋଜନ ନିକଟରେ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲାରେ ଥିବା ବ୍ୟାଙ୍କର ସମସ୍ତ ୫ଟି ଆଞ୍ଚଳିକ କାର୍ଯ୍ୟାଳୟ (ଭୁବନେଶ୍ୱର, କଟକ, ଭଦ୍ରକ, ବ୍ରହ୍ମପୁର ଏବଂ ସମ୍ବଲପୁର)ର ୧୨୦ଟି ଶାଖା ଅଂଶଗ୍ରହଣ କରିଥିଲେ। ସେହିଭଳି ବ୍ୟାଙ୍କର ଅଧିକାରୀମାନେ ଅଂଶଗ୍ରହଣକାରୀମାନଙ୍କୁ ପିଏମ୍‌ଜେଡିୱାଇ ଆକାଉଣ୍ଟ, ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ ଏବଂ ଏପିୱାଇ ଯୋଜନାର ଲାଭ ବିଷୟରେ ବୁଝାଇଥିଲେ। ଏହା ବ୍ୟତୀତ କାନାରା ବ୍ୟାଙ୍କର ୧୨୦ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପରିବେଶର ସ୍ଥିରତା ଏବଂ ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସମଗ୍ର ରାଜ୍ୟରେ ତଥା ୧୨୦ଟି ଶାଖା ଦ୍ୱାରା ବ୍ୟାଙ୍କ ପକ୍ଷରୁ ଏକ ମେଗା ଚାରାରୋପଣ ଅଭିଯାନ ହାତକୁ ନିଆଯାଇଛି। ଏପରିକି ପ୍ରତ୍ୟେକ ଶାଖା ଦ୍ୱାରା ୧୫ଟି ଚାରାରୋପଣ କରାଯାଇଥିଲା।

# ବାକାର୍ଡି ଇଣ୍ଡିଆର ଲିଗାସି ହ୍ୱିସ୍କି ବିଶ୍ୱସ୍ତରୀୟ ପୁରସ୍କାରରେ ସମ୍ମାନିତ

WORLD WHISKIES AWARDS 25 GOLD

ଉତ୍କୃଷ୍ଟ ତଥା ବିଶ୍ୱସ୍ତରୀୟ ଭାରତୀୟ କାରିଗରିର ନିଦର୍ଶନ ସ୍ୱରୂପ ବାକାର୍ଡି ପ୍ରିମିୟମ୍ ଇଣ୍ଡିଆନ୍ ହ୍ୱିସ୍କି ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ପଦକ ଏବଂ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ହାସଲ କରିଛି।

ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ମଦ ଉଦ୍ୟୋଗର ଅନ୍ୟତମ ସବୁଠାରୁ ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଅଟେ। ଏଥିରେ ସାରା ପୃଥିବୀରେ ଉପଭୋକ୍ତା ଓ ବାଣିଜ୍ୟ ପାଇଁ ଅସାଧାରଣ ତଥା ସର୍ବଶ୍ରେଷ୍ଠ ହ୍ୱିସ୍କିଗୁଡ଼ିକୁ ଚୟନ ଏବଂ ପ୍ରୋତ୍ସାହିତ କରାଯାଇଥାଏ। ହ୍ୱିସ୍କିଗୁଡ଼ିକୁ ନୋଜ୍, ପ୍ୟାଲେଟ୍, ଫିନିଶ୍, ବାଲାନ୍ସ, କ୍ୱାଲିଟି, ବିଶେଷତା, ଜଟିଳତା ତଥା କାର୍ଯ୍ୟକ୍ଷମତାର ମାନଦଣ୍ଡରେ ବିଚାର କରାଯାଇଥାଏ।

ଏହି ଦୃଷ୍ଟିରୁ ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ହ୍ୱିସ୍କି ପ୍ରେମୀ, ଉଦ୍ୟୋଗ ବିଶେଷଜ୍ଞ ତଥା ଅନୁରାଗୀମାନଙ୍କୁ ଏକତ୍ରିତ ହେବା ତଥା ହ୍ୱିସ୍କି କାରିଗରିର ଶୀର୍ଷ କୃତିତ୍ୱର ଉତ୍ସବ ପାଳନର ଏକ ଉତ୍କୃଷ୍ଟ ମଞ୍ଚ ଭାବେ କାମ କରିଥାଏ।

ଏହି ମର୍ଯ୍ୟାଦାଜନକ କାର୍ଯ୍ୟକ୍ରମରେ ସବୁଠାରୁ ଉତ୍କୃଷ୍ଟ ହ୍ୱିସ୍କିଗୁଡ଼ିକୁ ଚୟନ, ପୁରସ୍କୃତ ଏବଂ ପ୍ରୋତ୍ସାହିତ କରାଯାଇଥାଏ ଓ ସ୍ୱାଦ, ଜଟିଳତା ତଥା ବିଶେଷତାର ସୀମାକୁ ପରିବ୍ୟାପ୍ତ କରିଥିବା ହ୍ୱିସ୍କି ପ୍ରସ୍ତୁତକାରୀଙ୍କ ପାରଙ୍ଗମତାକୁ ଲୋକଲୋଚନକୁ ଅଣାଯାଇଥାଏ।

ସ୍ୱର୍ଣ୍ଣପଦକ ନିଶ୍ଚିତ ଭାବେ ଉତ୍କର୍ଷର ଏକ ନିଦର୍ଶନ ଅଟେ କାରଣ ପ୍ରତ୍ୟେକ ପ୍ରତିଯୋଗୀ ହ୍ୱିସ୍କିକୁ ୧୦୦ଟି ନିର୍ଦ୍ଦିଷ୍ଟ ମାନଦଣ୍ଡରେ ମୂଲ୍ୟାୟନ କରାଯାଇଥାଏ। ତା' ସହିତ ଦ ଡ୍ରିଙ୍କ୍ସ ବିଜ୍‌ନେସ୍ ଏସିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା 'ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫'ରେ ରୌପ୍ୟପଦକ ବିଶ୍ୱ ଦରବାରରେ ଲିଗାସିର ବୃଦ୍ଧିଶୀଳ ଆଦୃତିକୁ ଆହୁରି ସୁଦୃଢ଼ କରିଛି।

ବାକାର୍ଡି ଇଣ୍ଡିଆର ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକର ବିପଣନ ନିର୍ଦ୍ଦେଶକ ମହେଶ କାଞ୍ଚନଙ୍କ ମତରେ, "ଲିଗାସି ୱାର୍ଲଡ୍ ହ୍ୱିସ୍କିଜ୍ ଆୱାର୍ଡସ୍ ୨୦୨୫ରେ ସ୍ୱର୍ଣ୍ଣ ଓ ଏସିଆ ସ୍ପିରିଟ୍ସ ମାଷ୍ଟର୍ସ ୨୦୨୫ରେ ରୌପ୍ୟ ପଦକ ଜିତିବାକୁ ନେଇ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ଏହା ଏକ ଯୁଗାନ୍ତକାରୀ ମୁହୂର୍ତ୍ତ ଯାହା ଭାରତୀୟ ହ୍ୱିସ୍କିକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାର ଆମର ଦୂରଦୃଷ୍ଟିକୁ ଦୃଢ଼ୀକୃତ କରିଛି। ଏହି ସ୍ୱୀକୃତି ବୋଲ୍ଡ, ନିଆରା ଏବଂ ଭାରତୀୟ ଐତିହ୍ୟ ସହ ନିବିଡ଼ ଭାବେ ଜଡ଼ିତ ବିଶ୍ୱସ୍ତରୀୟ ସ୍ପିରିଟ୍ସ ତିଆରି କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଅଟେ। ଆମେ ସୀମାରୁ ଆଗକୁ ଯିବା, ନବପ୍ରବର୍ତ୍ତନ କରିବା ଏବଂ ଆକାର ବିସ୍ତାର କରିବା ଜାରି ରଖିଥିବା ବେଳେ, ଲିଗାସି ଭାରତୀୟ ହ୍ୱିସ୍କି ପାଇଁ ଗୌରବ, ଉଦ୍ଦେଶ୍ୟ ତଥା ବୈଶ୍ୱିକ ସମ୍ଭାବନା କ୍ଷେତ୍ରରେ ନୂଆ ପଥ ପ୍ରଶସ୍ତ କରିବା ଲାଗି ନେତୃତ୍ୱ ନେଉଛି।"

ଭାରତୀୟ ଶସ୍ୟରେ ଉତ୍ପାଦିତ ଭାରତୀୟ ଏବଂ ସ୍କଟିଶ ମଲ୍ଟର ଏକ ଅନନ୍ୟ ସମ୍ମିଶ୍ରଣ, ଲିଗାସି ଫ୍ରୁଟି ନୋଟ୍, ହାଲୁକା ସ୍ମୋକ୍, ଟୋଷ୍ଟେଡ୍ ଓକ୍ ଓ ମସଲାର ସୁଗନ୍ଧ ସହ ଦେଇଥାଏ ଏକ ସମୃଦ୍ଧ, ସ୍ମୁଦ୍ ସ୍ୱାଦ, ଯାହା ଏହାକୁ ଅତ୍ୟନ୍ତ ସୁସ୍ୱାଦୁ ଓ ସମ୍ପୂର୍ଣ୍ଣ ସନ୍ତୁଳିତ ପାନୀୟରେ ପରିଣତ କରିଥାଏ। ନିଜର କରାଗିରି ଓ ସ୍ୱାଦ ମାଧ୍ୟମରେ ଭାରତର ସଂସ୍କୃତି ଓ ଉତ୍ସାହକୁ ପ୍ରତିଫଳିତ କରୁଥିବା ଲିଗାସି ବଜାର ପ୍ରବେଶ ପରଠାରୁ ହିଁ ଜନସାଧାରଣଙ୍କ ଗହଣରେ ଅଭୂତପୂର୍ବ ଆଦୃତି ଲାଭ କରିପାରିଛି।

ଲିଗାସି କେବଳ ଏକ ସ୍ପିରିଟ୍ ନୁହେଁ, ବରଂ ଏହା ଭାରତୀୟ କାରିଗରିର ଏକ ଉତ୍ସବ - ଏକ ସମୃଦ୍ଧ, ଅତି ସୂକ୍ଷ୍ମ ଅଭିବ୍ୟକ୍ତି - ଯାହା କାଳଜୟୀ ଐତିହ୍ୟ ସହ ଆଧୁନିକତାକୁ ଏକାକାର କରିଥାଏ। ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ଯେ ଲିଗାସିର ଉତ୍କୃଷ୍ଟ ଗୁଣକୁ ପ୍ରମାଣିତ କରିଛି ତାହା ନୁହେଁ ବରଂ ପ୍ରିମିୟମ୍ ସେଗମେଣ୍ଟରେ ଏକ ଉଦୀୟମାନ ତାରକା ଭାବେ ଏହି ହ୍ୱିସ୍କିର ଉପସ୍ଥିତିକୁ ଦୃଢ଼ସ୍ଥାପିତ କରିଛି। ଏହା ଭାରତୀୟ ହ୍ୱିସ୍କି ଜଗତରେ ବାକାର୍ଡିର ଉପସ୍ଥିତିକୁ ଏକ ସୁଦୃଢ଼ ଓ ସମ୍ମାନଜନକ ସ୍ଥିତି ମଧ୍ୟ ପ୍ରଦାନ କରିଛି।

Legacy™

ଲିଗାସି ହ୍ୱିସ୍କି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ମେଘାଳୟ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, କେରଳ, ପଣ୍ଡିଚେରୀ ଓ ଗୋଆର ପ୍ରମୁଖ ବଜାରରେ ୩ଟି ଆକାର (୭୫୦ ମିଲି, ୩୭୫ ମିଲି, ଏବଂ ୧୮୦ ମିଲି)ରେ ଉପଲବ୍ଧ। ଏହା ସାରା ବିଶ୍ୱ ମଧ୍ୟରୁ ଭାରତକୁ ନିଜର ପ୍ରମୁଖ ବଜାରରେ ପରିଣତ କରିବା ପାଇଁ ବାକାର୍ଡିର ପ୍ରତିବଦ୍ଧତାର ପରିଚାୟକ ଅଟେ।

*ଦାବିତ୍ୟାଗ: ଏହି ଆଲେଖ୍ୟ ମଦ୍ୟପାନୀୟ ପ୍ରଚାର ପାଇଁ ଉଦ୍ଦିଷ୍ଟ ନୁହେଁ। ଏହା ଧ୍ୟାନରେ ରଖାଯିବା ଆବଶ୍ୟକ ଯେ, ଆଲକହଲ୍ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଏବଂ ଏହା ଅପ୍ରାପ୍ତବୟସ୍କଙ୍କ ପାଇଁ ନିଷେଧ।*

# ଅସହାୟ ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

କେନ୍ଦୁଝର,୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ଜଣେ ଅସହାୟ ୨୫ ବର୍ଷୀୟ ଆଦିବାସୀ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଯୁବତୀଙ୍କ ଅସହାୟତାର ସୁଯୋଗ ନେଇ ବାରମ୍ବାର ବଳାତ୍କାର କରିଥିବା ନେଇ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଖୁଦପଶି ଗ୍ରାମର ସଞ୍ଜୟ ପରିହାର। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ସୂଚନା ମୁତାବକ, ତେଲକୋଇ ଥାନା ଅଞ୍ଚଳର ସମ୍ପୃକ୍ତ ଯୁବତୀ ୧ମାସ ପୂର୍ବେ ଘରେ କଳି ଝଗଡ଼ା ହେବାରୁ ଘର ଛାଡି କେନ୍ଦୁଝର ସହରକୁ ଚାଲିଆସିଥିଲେ। କେନ୍ଦୁଝର ସହରରେ ଏକୁଟିଆ ବୁଲାବୁଲି କରିବା ସହ ରାତିରେ କାଶୀପୁର ସାହିରେ ଏକ ଦୋକାନ ବାରଣ୍ଡାରେ ଶୋଉଥିଲେ। ଏହି ସମୟରେ ସଞ୍ଜୟ ସହ ତାଙ୍କର ଭେଟ ହୋଇଥିଲା। ସଞ୍ଜୟ ତାଙ୍କର ନାଁ, ଘର ଠିକଣା ପଚାରିବା ସହ କାମ ବୁଝିଦେବେ ବୋଲି କହିଥିଲେ। ସେହିଦିନଠାରୁ ସେ ଯୁବତୀଙ୍କ ସହିତ କଥାବାର୍ତ୍ତା କରିଆସୁଥିଲେ। ଜୁନ୍ ୧୯ରେ ଯୁବତୀଙ୍କ ଇଚ୍ଛା ବିରୋଧରେ ସଞ୍ଜୟ ଜବରଦସ୍ତ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଣୁ ଭୟରେ ଏ ବିଷୟରେ ସେ କାହାରିକୁ କିଛି କହି ନ ଥିଲେ। ସରଳତାର ସୁଯୋଗ ନେଇ ଅଭିଯୁକ୍ତ ଗତ ୨ ତାରିଖରେ ପୁଣି ପୀଡ଼ିତାଙ୍କ ମୁହଁକୁ ଚାପିଧରି ଉକ୍ତ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ମାନସିକ ଚାପଗ୍ରସ୍ତ ହୋଇ କେନ୍ଦୁଝର ବଜାରରେ ବୁଲୁଥିବା ବେଳେ ସଖୀ ୱାନ୍ ଷ୍ଟେପ୍ ସେଣ୍ଟରର କର୍ମକର୍ତ୍ତାଙ୍କ ନଜରରେ ପଡ଼ିଥିଲା। କାଉନ୍‌ସେଲିଂ ବେଳେ ତାଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ସମ୍ପର୍କରେ କହିଥିଲେ। ପ୍ରକଳ୍ପ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ସଖୀ ୱାନ୍ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା ଐଶ୍ୱର୍ଯ୍ୟା, ଉଦ୍‌ବେଗ ପ୍ରିୟଦର୍ଶିନୀ, ମମତା, କ୍ରିଷ୍ଟାରାଣୀ ପ୍ରମୁଖ ସହାୟତା କରିବା ପରେ ପୀଡ଼ିତା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୪୪୫/୨୫) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ରାସ୍ତାକଡ଼ରୁ ରୋଗୀଙ୍କ ମୃତଦେହ ଜବତ

## ଡାକ୍ତରଖାନାରେ ଚିକିତ୍ସା ଅବହେଳା ଅଭିଯୋଗ

ମୋରଡ଼ା,୫।୭(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ପଞ୍ଚାୟତର ବାରମାଇଲ ଛକ ନିକଟରେ ଶନିବାର ସକାଳ ୮ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ରାମନଗର ଗ୍ରାମର ହାଡ଼ିଆ ଟୁଡୁ(୫୫)। ଚିକିତ୍ସା ଅବହେଳା ନେଇ ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପୋଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନା ମୁତାବକ, ଝାଡ଼ାବାନ୍ତି ହେବାରୁ ହାଡ଼ିଆ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ବାରମାଇଲ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ହେଉଥିବା ସମୟରେ ଡାକ୍ତରଖାନା କର୍ମଚାରୀଙ୍କ ଅଜାଣତରେ ସେ ଡାକ୍ତରଖାନାରୁ ଚାଲିଯାଇଥିଲେ। ତେବେ ଡାକ୍ତରଖାନା ତରଫରୁ ହାଡ଼ିଆଙ୍କ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ କହିଛନ୍ତି। ହାଡ଼ିଆଙ୍କୁ ଚିକିତ୍ସାରେ ଅବହେଳା କାରଣରୁ ସେ ଡାକ୍ତରଖାନାରୁ ପଳାଇଥିଲେ। ରାସ୍ତାକଡ଼ରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ଭାଇ ସଞ୍ଜୟ ଟୁଡୁ ଅଭିଯୋଗ କରିଛନ୍ତି।

ଅଳଙ୍କାର ଦୋକାନ ଲୁଟ୍ ଘଟଣା

# ବିପୁଳ ପରିମାଣର ଅଳଙ୍କାର ଜବତ, ୩ ଗିରଫ




ଗିରଫ ୩ ଅଭିଯୁକ୍ତ ଓ ଜବତ ଅଳଙ୍କାର।

କେନ୍ଦୁଝର,୫।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ମୁଖ୍ୟ ବଜାରରେ ଅବସ୍ଥିତ ନାରାୟଣ ଜୁଏଲର୍ସରେ ଲୁଟ ଘଟଣାରେ କେନ୍ଦୁଝର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲାର ଅଜିତ ପଟ୍ଟନାୟକ, ଯାଜପୁର ଜିଲାର ଇନ୍ଦ୍ରମଣି ମହାନ୍ତ, କେନ୍ଦୁଝରର ବୁଢ଼ାଦେବ ମହାନ୍ତ। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅଳଙ୍କାର, ୩ ବାଇକ୍, ମୋବାଇଲ ଜବତ ହୋଇଛି। ଅଳଙ୍କାର ମୂଲ୍ୟ ଆକଳନ କରାଯାଇନାହିଁ। ଏନେଇ ଘଟଗାଁ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର, ହରିଚନ୍ଦନପୁର ଥାନା ଅଧିକାରୀ ଦେବକୀ ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୁନ୍ ୨୫ ତାରିଖ ସନ୍ଧ୍ୟାରେ ଦୁର୍ବୃତ୍ତ ବାଇକ୍‌ରେ ଆସି ନାରାୟଣ ଜୁଏଲର୍ସରେ ପ୍ରବେଶ କରିଥିଲେ। ଦୋକାନ ମାଲିକ ଏବଂ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୋକାନରୁ ସମସ୍ତ ସୁନା ଅଳଙ୍କାର ଲୁଟି ନେଇଥିଲେ। ସୂଚନା ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର, ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଭଗାମୁଣ୍ଡା ରାସ୍ତାରୁ ଏକ ମୋବାଇଲ ଏବଂ ୨ ବାଇକ୍ ଜବତ କରିଥିଲା। ମୋବାଇଲ ଫୋନ୍‌ର ସିମ୍ ଆଧାରରେ ପୋଲିସ ରାଜ୍ୟ ବାହାରକୁ ଯାଇ ସିମ୍ ଯାହା ନାମରେ ଥିଲା ତାଙ୍କୁ ଧରିଥିଲେ। ତେବେ ଉକ୍ତ ସିମ୍ ଲୁଟେରାଙ୍କ ଜଣେ ସମ୍ପର୍କୀୟଙ୍କ ନାମରେ ଥିଲା। ସେ ଆଧାରରେ ପୋଲିସ ତଦନ୍ତକରି ଜଣେ ପରେ ଜଣେ ମୋଟ ୬ ଜଣଙ୍କୁ ଗିରଫକରି କୋର୍ଟରେ ହାଜର କରିଛି। ଜୁଲାଇ ୧ ତାରିଖରେ କେନ୍ଦୁଝରର ବିକି ପାତ୍ର, କେନ୍ଦ୍ରାପଡ଼ା ଜିଲାର ଜଗୁ ପାତ୍ର ଓ କଟକ ଜିଲାର ଜଗନ୍ନାଥ ଘଡ଼େଇଙ୍କୁ ଗିରଫ କରିଥିବା ବେଳେ ଶନିବାର ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସମସ୍ତଙ୍କ ବୟସ ୨୮ ରୁ ୩୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଅନ୍ୟ ଫେରାର ୨ ଜଣଙ୍କ ପାଖରେ ଅବଶିଷ୍ଟ ଲୁଟ୍ ସାମଗ୍ରୀ ଥିବା ଅନୁମାନ କରାଯାଉଛି। ଏକ ଗ୍ୟାଙ୍ଗ୍ କରି ଏଭଳି ଲୁଟ୍ କରୁଥିଲେ ବୋଲି ପୋଲିସ ସୂଚନା ଦେଇଛି। ଅନ୍ୟ କୌଣସି ଘଟଣା ସହ ସମ୍ପୃକ୍ତି ଯାଞ୍ଚ ନେଇ ତଦନ୍ତ ଜାରି ରଖିଛି।


## ZILLA SWASTHYA SAMITI, NAYAGARH
(Department of Health & FW, Govt. of Odisha)

Advertisement No: 1304/ DPMUNGR    Date: 03.07.2025

**CONTRACTUAL APPOINTMENT**

No. E-212:- Walk-In-Interview for filling up of different posts under National Health Mission, Nayagarh on contractual basis for a period of 11 months subject to renewal on satisfactory performance or till the end of the project period, which-ever is earlier. The monthly remuneration and other allowances shall be paid as mentioned against each post as per the OSH & FW Society norms and orders there under from time to time.

| Sl. No. | Name of the post | Vacancy | Remarks |
|---|---|---|---|
| 01. | Medical Officer (SNCU) | 01 | Walk-In-Interview on 22.07.2025 at 10.00 AM |
| 02. | Medical Officer (NPCDCS) | 02 | |
| 03. | MO(MBBS) (DEIC) | 01 | |
| 04. | Pediatrician (DEIC) | 01 | |
| 05. | Medical Officer (UHWC) | 02 | |
| 06. | Physiotherapist (Part Time) | Empanelment | Walk-In-Interview on 23.07.2025 at 10.00 AM |
| 07. | Yoga Teacher (Part Time) | Empanelment | Walk-In-Interview on 24.07.2025 at 10.00 AM |

The above positions are purely temporary and co-terminus with the scheme. Selection for the above posts shall be made strictly on merit basis. Canvassing in any form will render the candidate disqualified for the position. Vacancies shown above for the different posts are provisional and subject to change as per actual requirement. The candidates who are already working in Health & FW Department have to apply through proper channel. Candidates who have been disengaged from the society on administrative grounds such as disobedience/ poor performance/ misbehavior/ criminal activities etc. are not eligible to apply. Application Form, General Information and Instruction & other details can be downloaded from the district website https://nayagarh.odisha.gov.in. Here, the interested candidates fulfilling the eligibility criteria may attend the Walk-In-Interview at the District Training Unit (DTU), O/o. CDM & PHO, Nayagarh on the dates as mentioned against each post. The candidates are requested to register their name from 10.00 AM to 12.00 Noon, failing which their candidature shall not be considered. The Merit List for the above mentioned posts shall also be valid for one year from the date of approval & also remain valid for similar positions for other programmes under NHM. Incomplete application in any form is liable for rejection. The office of the undersigned will not be held responsible for any type of delay. No TA/ DA is admissible for attending the said Walk-In-Interview. The authority reserves the right to cancel any or all applications without assigning any reason thereof.

OIPR-10050/11/0008/2526    Sd./- CDM & PHO, Nayagarh



## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

**ବିଜ୍ଞାପନ**

No. g-59: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନରେ ଥିବା ୬ଜଣ ଶିଶୁ, ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା ଏବଂ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଭଗବତିପୁରସ୍ଥିତ ''ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନ'', ଗାଡ଼କଣସ୍ଥିତ ''ଓପେନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନ'' ଏବଂ ''ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନ''ରେ ରହିଆସୁଛନ୍ତି। ଯଦି ଏହି ଶିଶୁମାନଙ୍କର ମାତା, ପିତା, ଅଭିଭାବକ କିମ୍ବା ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଖୋର୍ଦ୍ଧା, ଫୋନ ନଂ.: ୦୬୭୫୫-୨୯୦୬୭୫, ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଫୋନ ନଂ.: ୮୭୬୩୭୧୭୬୯୩ ଏବଂ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଫୋନ ନଂ.: ୬୩୭୧୬୫୪୦୪୫ଙ୍କ ସହିତ ଯୋଗାଯୋଗ କରନ୍ତୁ। ଅନ୍ୟଥା ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ-୨୦୧୫, ଧାରା-୩୦(୧୧) ଏବଂ ଧାରା-୩୮(୧) ଅନୁଯାୟୀ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ଏବଂ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ଦ୍ୱାରା ପରିତ୍ୟକ୍ତ ଘୋଷଣା କରାଯିବା ସହିତ ପୋଷ୍ୟ ସନ୍ତାନ ପାଇଁ ସମସ୍ତ ପଦକ୍ଷେପମାନ ଗ୍ରହଣ କରାଯିବ।

### ମହାବୀର ଶର୍ମା (ବାଳକ)
ଜନ୍ମ ତାରିଖ: ୨୦।୦୩।୨୦୧୭
କେସ୍ ନଂ. – ୬୮/୧୦୨୪



ତା୧୯।୦୩।୨୦୨୪ରିଖ ଦିନ ଏହି ଶିଶୁ ଜଣଙ୍କ ଚିଲିକା ନାଭାଲ ଫାଣ୍ଡି ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରେ ଅସହାୟ ଅବସ୍ଥାରେ ଏକାକୀ ବୁଲୁଥିବା ବେଳେ ନାଭାଲ ଫାଣ୍ଡି ଦ୍ୱାରା ଶିଶୁଟିକୁ ଉଦ୍ଧାର କରାଯାଇଥିଲା ଏବଂ ବାଣପୁରସ୍ଥିତ ନେହରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନକୁ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଇବା ପାଇଁ ନାଭାଲ ଫାଣ୍ଡି ହସ୍ତାନ୍ତର କରିଥିଲେ। ନେହରୁ ସେବା ସଂଘ ଶିଶୁ ଯତ୍ନ ଅନୁଷ୍ଠାନ ଏହି ଶିଶୁଟିକୁ ତା୨୦।୦୩।୨୦୨୪ରିଖ ଦିନ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିକଟରେ ହାଜର କରାଇଥିଲେ। ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧାଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଡୁମୁଡୁମାସ୍ଥିତ ଆଶ୍ରୟ ଶିଶୁ ଯତ୍ନ ଅନୁଷ୍ଠାନରେ ଯତ୍ନ ଓ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।

### ସୋମନାଥ ନାୟକ (ବାଳକ)
ବୟସ: ୮ ବର୍ଷ
କେସ୍ ନଂ. – ୧୧୦୭/୨୨



ତା୦୬।୧୧।୨୦୨୨ରିଖ ତମାଣ୍ଡୋ ବଜାରରୁ ଏହି ଶିଶୁଟିକୁ ଅସହାୟ ଅବସ୍ଥାରେ ଭୁବନେଶ୍ୱର ତମାଣ୍ଡୋ ପୋଲିସ୍ ଉଦ୍ଧାର କରି ରୁଚିକା ଚାଇଲଡ୍ ଲାଇନ ମାଧ୍ୟମରେ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଇଥିଲେ। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ତାର ଯତ୍ନ ସୁରକ୍ଷା ନିମନ୍ତେ କଣ୍ଟାବାଡ଼ସ୍ଥିତ ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନରେ ଅବସ୍ଥାପିତ କରାଯାଇଅଛି।

### ଅନୁପମା (ଭିନ୍ନକ୍ଷମ ବାଳିକା)
ବୟସ: ୧୨ ବର୍ଷ
କେସ୍ ନଂ. – ୧୦୪୪/୧୪



ତା୨୭।୧୨।୨୦୧୮ରିଖ ଦିନ ଭୁବନେଶ୍ୱର ସତ୍ୟନଗରସ୍ଥିତ ମିଶନାରିଜ୍ ଅଫ୍ ଚାରିଟି ଅନୁଷ୍ଠାନ ଦ୍ୱାରା ଏହି ଭିନ୍ନକ୍ଷମ ଶିଶୁଟିକୁ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନରେ ତାର ଯତ୍ନ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।

### ଭୋଳାନାଥ (ଭିନ୍ନକ୍ଷମ ବାଳକ)
ବୟସ: ୧୫ ବର୍ଷ
କେସ୍ ନଂ. – ୫୫୦/୧୮



ତା୧୮।୦୫।୨୦୧୮ରିଖଦିନ ଏହି ଶିଶୁଟିକୁ ଖୋର୍ଦ୍ଧା ସହରରୁ ସପୋର୍ଟ ଚାଇଲ୍ଡ ଲାଇନ ଟିମ୍ ଖୋର୍ଦ୍ଧା ଦ୍ୱାରା ଉଦ୍ଧାର କରାଯାଇ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନରେ ଅବସ୍ଥାପିତ କରାଯାଇଅଛି।

### କାର୍ତ୍ତିକ (ଭିନ୍ନକ୍ଷମ ବାଳକ)
ବୟସ: ୫ ବର୍ଷ
କେସ୍ ନଂ. – ୯୫୯/୨୨



ତା୦୭।୦୮।୨୦୨୨ରିଖଦିନ ଏହି ଶିଶୁଟି ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନରୁ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ଅସହାୟ ଅବସ୍ଥାରେ ରେଲୱେ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯାଇ ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିକଟରେ ହାଜର କରାଯାଇଥିଲା। ଅତିରିକ୍ତ ଶିଶୁ ମଙ୍ଗଳ ସମିତି, ଖୋର୍ଦ୍ଧା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଭୁବନେଶ୍ୱରସ୍ଥିତ ଓପନ ଲର୍ନିଙ୍ଗ ସିଷ୍ଟମ ଶିଶୁ ଯତ୍ନ ଅନୁଷ୍ଠାନରେ ତା'ର ଯତ୍ନ ଓ ସୁରକ୍ଷା ନିମନ୍ତେ ଅବସ୍ଥାପିତ କରାଯାଇଅଛି।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ
OIPR-33016/11/0014/2526    ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା



## ODISHA CONSTRUCTION CORPORATION LIMITED, BHUBANESWAR, ODISHA
PIN: 751012, Tel. No.: (0674) 2562020, e-Mail: theoccltd@odishaconstruction.com, GSTIN - 21AAACO2571K2ZM

No. CAD-979    **e-Procurement Notice No. 17/OCCL/2025-26 (Online)**

Online item rate tenders are invited for the following works:

| Sl. No. | Name of Work | Bid Identification No. | Approx Value of Work | Bid Security (through Online transfer only) (In Rs.) | Period of Completion (in days) | Availability & submission of tender of tender (Online) |
|---|---|---|---|---|---|---|
| 1 | Tank Improvement/ Renovation/Modernisation works of 05 (Five) Nos. of Minor Irrigation Projects in Keonjhar District (Cluster-VI) under OIIPCRA Scheme | OCCL_TSI_CL_VI_01/2025-26 | Rs.8.18 Crore | Rs.8,18,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |
| 2 | Tank Improvement/ Renovation/Modernisation works of 12 (Twelve) Nos. of Minor Irrigation Projects in Kalahandi & Bargarh District (Cluster-VII) under OIIPCRA Scheme | OCCL_TSI_CL_VII_01/2025-26 | Rs.3.93 Crore | Rs.3,93,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |
| 3 | Tank Improvement/ Renovation/Modernisation works of 10 (Ten) Nos. of Minor Irrigation Projects in Mayurbhanj District (Cluster-VIII) under OIIPCRA Scheme | OCCL_TSI_CL_VIII_01/2025-26 | Rs.8.56 Crore | Rs.8,56,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |
| 4 | Tank Improvement/ Renovation/Modernisation works of 02 (Two) Nos. of Minor Irrigation Projects in Keonjhar District (Cluster-IX) under OIIPCRA Scheme | OCCL_TSI_CL_IX_01/2025-26 | Rs.11.33 Crore | Rs.11,33,000/- | 510 days | From 10.07.2025, 10.00 Hrs. to 08.08.2025, 15.00 Hrs. |

Procurement Officer : Managing Director, OCCL
Date of Opening of the Tender: 08.08.2025, 15.30 Hrs. onwards
Further details can be seen from the e-procurement portal: **https://www.tendersodisha.gov.in, https://octdms.in, https://odishaconstruction.com**

OIPR-34120/11/0037/2526    Managing Director



Government of Odisha
## OFFICE OF THE SUPERINTENDING ENGINEER, RURAL WORKS DIVISION-I, NABARANGPUR
E-mail: eerwngp@rediffmail.com

Letter No. 3956    Date: 04.07.2025

**1st Corrigendum to Bid Identification No. EERWNGP-Online-02/2025-26 invited vide this Office Letter No. 3858, Dt.25.06.2025**

No. O-391: In continuation to this office tender ID No. EERWNGP-Online-02/2025-26 invited vide this Office Letter No. 3858 Dt.25.06.2025, partial modification of TCN has been made as follows:

| Sl. No. | Items | Time Schedule as per Original TCN | Time Schedule as per Corrigendum Notice |
|---|---|---|---|
| 1 | Availability of tender online for bidding | From 04.07.2025 at 10.00 A.M. to 14.07.2025 upto 3.00 P.M. | From 10.07.2025 at 10.00 A.M. to 20.07.2025 upto 3.00 P.M. |
| 2 | Date & time of opening of tender (Technical Bid) | 15.07.2025 at 11.00 A.M. | 21.07.2025 at 11.00 A.M. |
| 3 | Date & time of opening of tender (Financial Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

OIPR-25092/11/0016/2526    Sd./- Superintending Engineer, Rural Works Division-I, Nabarangpur



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BOLANGIR
No.O-352

**e-Procurement Notice**

1 Name of work : Construction of Court Building for JMFC at Muribahal in the District of Bolangir for the year 2023-24
2 No. of works : 1 (One) work
3 Time for completion : 18 (Eighteen) Calendar Months
4 Approximate estimated cost : Rs.709.44 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, Rural Works Circle, Bolangir | BLGR-Online-04/2025-26 | 08.07.2025 at 11.00 A.M. | 23.07.2025 upto 5.00 P.M. | 22.07.2025 upto 5.00 P.M. | 24.07.2025 at 11.00 A.M. | The date will be intimated later on |

- Further details can be seen from the website **www.tendersodisha.gov.in**
- Any Corrigendum/Addendum will be displayed in the above e tender website only.

OIPR-25118/11/0036/2526    Sd./- Chief Construction Engineer, R.W.Circle, Bolangir



## ODISHA STATE HOUSING BOARD
SACHIVALAYA MARG, BHUBANESWAR – 751001
Phones EPABX: (0674) 2393524, 2390141, 2391542, 2393277,
FAX: (0674) 2393952
Visit us at: http://www.oshb.org

No.CAD-1008

No- 4871/OSHB    Dated -01.07.2025
File No- PEED-12/2024

**TENDER CALL NOTICE NO. 02/CE/OSHB/2025-26**
E-procurement notice for online bidding
Chief Engineer, OSHB invites online tenders as per the following schedule.

| Sl No | Name of the work | Approximate estimate cost in ₹ | EMD required in ₹ | Class of contractor | Period of completion |
|---|---|---|---|---|---|
| 1 | Supply, installation, commissioning testing, and inspection of 02 nos of 10(Ten) passenger lift to Head Office Building, OSHB, Bhubaneswar with dismantling and buyback of the existing lifts and Comprehensive Maintenance Contract (CMC) for a period of 03 years | 47.03 lakh | 48,000/- | **Manufacturer (OEM)/ Authorised Dealer** | 6 (Six) months |

1. Other details.

| Procurement Officer | Bid Identification No | Availability of Tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 02/CE/ OSHB/2025-26 | From 05/07/2025 at 1.00 P.M | To Dt.18/07/2025 up to 3.00 P.M |

2. Place and date of opening of the bids - Office of the Chief Engineer, OSHB, Bhubaneswar at 12.30 P.M on Dt. 19/07/2025.

Further details can be seen from the website **www.tendersorissa.gov.in**.

OIPR-13030/11/0715/2526    Sd./- Chief Engineer



## ODISHA PUBLIC SERVICE COMMISSION
## CUTTACK
**NOTICE**

No. 4636/PSC., Dt. 04.07.2025
(1R-08-2025/26)(DR-V)

**No.D-121** : It is for information of all concerned that, the candidate bearing following PPSAN have been shortlisted for interview for the post of **Professor in "Civil Engineering" of Govt. College of Engineering Kalahandi, Pursuant to Advt. No.04 of 2024-25**. The Interview in respect of said candidate will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 4.00 P.M. | P240311345 = **01 Candidate** |

**The candidate is advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of the candidate for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidate is further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE : IT IS TO INFORM YOU THAT THE TEACHING ABILITY IS PART OF THE INTERVIEW. YOU NEED TO COME PREPARED TO PRESENT A TOPIC OF YOUR CHOICE RELATING TO CIVIL ENGINEERING WITH A DURATION OF 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0259/2526    Sd./- Secretary



## ODISHA PUBLIC SERVICE COMMISSION
## CUTTACK
**NOTICE**

No. 4641/PSC., Dt. 04.07.2025
(1R-01-2025/26)(DR-V)

**No.D-122** : It is for information of all concerned that, the candidates bearing following PPSAN have been shortlisted for interview for the post of **Professor in "Civil Engineering" of Govt. Engineering Colleges, Pursuant to Advt. No.31 of 2023-24**. The Interview in respect of said candidates will be held in the office of the Commission at 19, Dr. P. K. Parija Road, Cuttack -753001 on **14.07.2025** as per the programme mentioned below.

| Date | Time of Interview | PPSAN |
|---|---|---|
| 14.07.2025 | 4.30 P.M. | P240302365, P240245064 & P240311345 = **03 Candidates** |

**The candidates are advised to produce following documents at the time of interview:-**

1. **All original Research Publications/Books.**
2. **Photocopy of front and back cover pages of published books-09 sets.**
3. **Photocopies of 10 best Research Publications-09 sets**
4. **List of all Publications mentioned at SL. No. 1-09 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE : THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE RELATING TO CIVIL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0260/2526    Sd./- Secretary


ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ପଞ୍ଚତରଣୀରେ ଥିବା ଅମରନାଥ ଗୁମ୍ଫା ଅଭିମୁଖେ ଶନିବାର ତୀର୍ଥଯାତ୍ରୀମାନେ ଯାତ୍ରା କରୁଛନ୍ତି।

## ବାଣିଜ୍ୟ ସହଯୋଗ ବଢ଼ାଇବା ପାଇଁ ଭାରତ--ମାଳଦ୍ୱୀପ ଆଲୋଚନା

**ମାଲେ,୫।୭(ପି.ଟି.)**

ଅର୍ଥନୈତିକ ସହଯୋଗ ଏବଂ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଶନିବାର ଭାରତର ବାଣିଜ୍ୟ ସଚିବ ସୁନୀଲ ବାର୍ଥୱାଲ ଏବଂ ମାଳଦ୍ୱୀପର ଅର୍ଥନୈତିକ ବିକାଶ ଏବଂ ବାଣିଜ୍ୟ ମନ୍ତ୍ରୀ ମହମ୍ମଦ ସଇଦଙ୍କ ମଧ୍ୟରେ ମାଲେସ୍ଥିତ ମାଳଦ୍ୱୀପର ଅର୍ଥନୀତି ମନ୍ତ୍ରଣାଳୟରେ ଆଲୋଚନା ହୋଇଯାଇଛି। ଏହି ବୈଠକରେ ୨ ଦେଶ ମଧ୍ୟରେ ବ୍ୟାପାର ସହଯୋଗକୁ ମଜଭୁତ କରିବା ପାଇଁ ବିଭିନ୍ନ ନୂତନ ସମ୍ଭାବନା ଉପରେ ଜୋର୍ ଦିଆଯାଇଥିଲା। ବୈଠକ ପରେ ମାଳଦ୍ୱୀପ ମନ୍ତ୍ରୀ ସଇଦ ଏକ୍ସ'ରେ ଲେଖିଛନ୍ତି, ଭାରତର ବାଣିଜ୍ୟ ସଚିବଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶ ସହଭାଗିତାକୁ ସୁଦୃଢ଼ କରିବା ଦିଗରେ ବିଭିନ୍ନ ନୂତନ ସମ୍ଭାବନା ବିଷୟରେ ଆଲୋଚନା କରାଯାଇଛି।

# ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀ ପଳାତକ ଅପରାଧୀ ଘୋଷିତ

**ନୂଆଦିଲ୍ଲୀ,୫।୭**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଆବେଦନକୁ ଶୁଣାଣି କରି ଶନିବାର ନୂଆଦିଲ୍ଲୀସ୍ଥିତ ଏକ ସ୍ୱତନ୍ତ୍ର ଅଦାଲତ ବ୍ରିଟେନ୍‌ରେ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ଭାବେ କାର୍ଯ୍ୟରତ ସଞ୍ଜୟ ଭଣ୍ଡାରୀଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରିଛନ୍ତି। ପଳାତକ ଅର୍ଥନୈତିକ ଅପରାଧୀ ଆଇନ ୨୦୧୮ ଅନୁଯାୟୀ, ସଞ୍ଜୟଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହି ଆଇନ ଦ୍ୱାରା ଅର୍ଥନୈତିକ ଅପରାଧ କରି ବିଦେଶ ପଳାଇଥିବା ଲୋକଙ୍କ



ସମ୍ପତ୍ତି ଜବତ ହୋଇଥାଏ। ସଞ୍ଜୟଙ୍କ ବିରୋଧରେ କଳାଧନ, ମନି ଲଣ୍ଡରିଂ ଏବଂ ବିଦେଶରେ ଅବୈଧ ସମ୍ପତ୍ତି ରଖିଥିବା ପରି ଗୁରୁତର ଅଭିଯୋଗ ରହିଛି। କୋର୍ଟରେ ସଞ୍ଜୟଙ୍କ ପକ୍ଷରୁ ଯୁକ୍ତିରେ କୁହାଯାଇଥିଲା, ସେ ଲଣ୍ଡନରେ ଆଇନଗତ ଭାବେ ରହୁଛନ୍ତି। ଭାରତକୁ ତାଙ୍କ ପ୍ରତ୍ୟର୍ପଣ ପାଇଁ ୟୁକେ କୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ତେଣୁ ଆଇନ ଅନୁଯାୟୀ, ଭାରତ ତାଙ୍କୁ ପଳାତକ ଘୋଷଣା କରିପାରିବ ନାହିଁ। ତେବେ ସଞ୍ଜୟଙ୍କ ଏହି ଯୁକ୍ତିକୁ ସ୍ୱତନ୍ତ୍ର କୋର୍ଟ ଖାରଜ କରି ଇଡି ସପକ୍ଷରେ ରାୟ ଶୁଣାଇଥିଲେ। ଏହାଦ୍ୱାରା ଭାରତରେ ସଞ୍ଜୟଙ୍କ ଥିବା ସମ୍ପତ୍ତିକୁ ଜବତ କରାଯିବାର ପଥ ପରିଷ୍କାର ହୋଇଛି।

# ଭାରତ ସହଯୋଗ କଲେ ହାଫିଜ୍, ଆଝାରଙ୍କୁ ପ୍ରତ୍ୟର୍ପଣ କରିବାରେ ବାଧା ନାହିଁ: ବିଲାୱଲ

**ଇସ୍‌ଲାମାବାଦ,୫।୭**

ଭାରତ ସହଯୋଗ କଲେ ଲଶ୍କର-ଇ-ତୋଇବା ମୁଖ୍ୟ ହାଫିଜ ସୟିଦ ଏବଂ ଜୈଶ-ଇ-ମହମ୍ମଦର ପ୍ରତିଷ୍ଠାତା ମାସୁଦ ଆଝାରଙ୍କ ସମେତ ଅନ୍ୟ ଆତଙ୍କବାଦୀଙ୍କୁ ପ୍ରତ୍ୟର୍ପଣ କରିବାରେ ପାକିସ୍ତାନ ବିରୋଧ କରିବ ନାହିଁ ବୋଲି ଏହାର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟି ଅଧ୍ୟକ୍ଷ ବିଲାୱଲ୍ ଭୁଟ୍ଟୋ ଜର୍ଦ୍ଦାରୀ କହିଛନ୍ତି। ୨ ଦେଶ ମଧ୍ୟରେ ବ୍ୟାପକ ଆଲୋଚନା ଜରିଆରେ ଏହା ହୋଇପାରିବ ବୋଲି ଅଲ୍ ଜଜିରାକୁ ସେ କହିଛନ୍ତି। ଏହି ବ୍ୟକ୍ତିବିଶେଷଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଭଳି ଘରୋଇ ଅପରାଧରେ ଏବେ


ବିଲାୱଲ୍ ଭୁଟ୍ଟୋ ଜର୍ଦ୍ଦାରୀ

ମୋକଦ୍ଦମା ଚାଲିଛି। ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବା ପାଇଁ ପ୍ରମାଣ ଭାବେ ଆବଶ୍ୟକ ନିର୍ଦ୍ଦିଷ୍ଟ ମୌଳିକ ତଥ୍ୟ ଦେବାକୁ ନୂଆଦିଲ୍ଲୀ ମନା କରୁଛି। ଏଥିପାଇଁ ଭାରତୀୟ ସାକ୍ଷୀ ପାକିସ୍ତାନୀ କୋର୍ଟରେ ହାଜର ହୋଇ ବୟାନ ଦେବା ଆବଶ୍ୟକ। ଏହି ପ୍ରକ୍ରିୟାରେ ସହଯୋଗ କରିବାକୁ ଭାରତ ଯଦି ସହମତ ହୁଏ, ତେବେ ଚିନ୍ତାର ବିଷୟ ଥିବା ବ୍ୟକ୍ତିଙ୍କୁ ପ୍ରତ୍ୟର୍ପଣ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ବିଲାୱଲ ଦୃଢ଼ତାର ସହ କହିଛନ୍ତି। ଅନ୍ୟପକ୍ଷରେ ବିଲାୱଲଙ୍କ ଦାବିକୁ ଭାରତ ଖଣ୍ଡନ କରିଛି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧,୦୦୦ରୁ ଊର୍ଦ୍ଧ୍ୱ ଦସ୍ତାବିଜ୍ ଦେଇଥିଲା, ଯେଉଁଥିରେ ଆକ୍ରମଣ ସହ ପାକିସ୍ତାନୀ ଆତଙ୍କବାଦୀ ସମ୍ପୃକ୍ତ ଥିବାର ପ୍ରମାଣ ରହିଥିଲା। ଇସ୍‌ଲାମାବାଦ ସହ ସହଯୋଗ କରିବାକୁ ନୂଆଦିଲ୍ଲୀ ଅନେକ ଥର ଉଦ୍ୟମ କରିଥିଲା। ତେବେ ପାକିସ୍ତାନ କୌଣସି ବଳିଷ୍ଠ କାର୍ଯ୍ୟାନୁଷ୍ଠାନ ନ ନେଇ କାଗଜପତ୍ର କାମ ବାହାନାରେ ଅଟକାଇ ରଖିଥିଲା ବୋଲି ଭାରତ ପକ୍ଷରୁ କୁହାଯାଇଛି।

# ଆହୁରି ୪୦ ବର୍ଷ ବଞ୍ଚିବି: ଦଲାଇଲାମା

**ଧର୍ମଶାଳା, ୫।୭**

ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଦଲାଇଲାମାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଶନିବାର ସେ ୧୩୦ ବର୍ଷ ଯାଏ ବଞ୍ଚିବେ ବୋଲି କହିଛନ୍ତି। ହିମାଚଳ ପ୍ରଦେଶର ଧର୍ମଶାଳାସ୍ଥିତ ସୁଗଲାଖାଙ୍ଗ ମନ୍ଦିରରେ ନିଜ ଜନ୍ମଦିନର ଠିକ୍ ଦିନକ ପୂର୍ବରୁ ଆୟୋଜିତ ଦୀର୍ଘାୟୁ ପ୍ରାର୍ଥନା ସମାରୋହରେ ଚତୁର୍ଦ୍ଦଶ ଦଲାଇଲାମା ତେନଜିନ୍ ଗ୍ୟାତ୍ସୋ କହିଛନ୍ତି, ବୌଦ୍ଧ ଧର୍ମର ଭଗବାନ ଅବଲୋକିତେଶ୍ୱରଙ୍କ ଆଶୀର୍ବାଦ ତାଙ୍କଠାରେ ସବୁବେଳେ ରହି



ଆସିଛି। ତେଣୁ ସେ ଆଗାମୀ ୩୦ରୁ ୪୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବେ ବୋଲି ଆଶା କରୁଛନ୍ତି। ବିଭିନ୍ନ ଭବିଷ୍ୟବାଣୀ ଏବଂ ସଙ୍କେତ ଆଧାରରେ ୧୩୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିବେ ବୋଲି ତାଙ୍କର ପୂରା ବିଶ୍ୱାସ ଥିବା ଦଲାଇଲାମା କହିଛନ୍ତି। ଆଜି ଯାଏ ସେ ନିଜ ପୂରା ସାମର୍ଥ୍ୟର ସହ ତିବ୍ବତୀୟ ଲୋକ ଏବଂ ବୌଦ୍ଧ ଧର୍ମର ସେବା କରିଆସିଛନ୍ତି ଏବଂ ଆଗାମୀ ୩୦ରୁ ୪୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ଠିକ୍ ଏହିପରି ସେବା କରିବା ଜାରି ରଖିବେ। ତାଙ୍କ ଜୀବନର ଉଦ୍ଦେଶ୍ୟ ହେଉଛି କେବଳ ଲୋକଙ୍କ ସେବା କରିବା। ତେବେ ତାଙ୍କ ଉତ୍ତରାଧିକାରୀଙ୍କୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ଦଲାଇଲାମା କହିଛନ୍ତି। ପ୍ରକାଶ ଯେ, ଗାଦେନ ଫୋଡରଙ୍ଗ୍ ଟ୍ରଷ୍ଟ ପକ୍ଷରୁ ତିବ୍ବତୀୟ ବୌଦ୍ଧ ପରମ୍ପରା ଅନୁଯାୟୀ ତାଙ୍କ ଉତ୍ତରାଧିକାରୀଙ୍କୁ ଚୟନ କରାଯିବ ବୋଲି ପୂର୍ବରୁ ଦଲାଇଲାମା କହିଥିଲେ। ଏଥିରେ କୌଣସି ଅନ୍ୟ ପକ୍ଷଙ୍କ ହସ୍ତକ୍ଷେପ ରହିବ ନାହିଁ ବୋଲି ସେ କହିଥିଲେ, ଯାହାକୁ ଚାଇନା ବିରୋଧ କରିଥିଲା।

## ନିମ୍ନମାନର ହେଲ୍‌ମେଟ୍ ବିକିଲେ କାର୍ଯ୍ୟାନୁଷ୍ଠାନ



**ନୂଆଦିଲ୍ଲୀ,୫।୭**

ନିମ୍ନମାନର ହେଲ୍‌ମେଟ୍ ଉତ୍ପାଦନକାରୀ ଓ ଖୁଚୁରା ବିକ୍ରେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଦୁଇଚକିଆ ଯାନ ଆରୋହୀଙ୍କ ସୁରକ୍ଷା ପାଇଁ ବିଆଇଏସ୍ ସାର୍ଟିଫିକେଟଯୁକ୍ତ ହେଲ୍‌ମେଣ୍ଟ ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତରେ ୨୧ କୋଟିରୁ ଊର୍ଦ୍ଧ୍ୱ ୨ ଚକିଆ ଯାନ ଚଳାଚଳ କରୁଥିବାବେଳେ ନିମ୍ନମାନର ହେଲ୍‌ମେଟ୍ ବିକ୍ରି ଯୋଗୁ ବିପଦ ସୃଷ୍ଟି ହେବା ସହ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢ଼ୁଛି। ଗ୍ରାହକମାନେ କେବଳ ବିଆଇଏସ୍ ମାର୍କ ଥିବା ହେଲ୍‌ମେଟ୍ ବ୍ୟବହାର କରିବା ପାଇଁ କେନ୍ଦ୍ର ସରକାର କହିଛନ୍ତି।

## ଭିନ୍ନକ୍ଷମ କାର୍ ଚାଳକଙ୍କୁ ପିଟି ହତ୍ୟା

**ଭିଲୱାରା,୫।୭**

ରାଜସ୍ଥାନ ଭିଲୱାରା ଜିଲାର ଏକ ମସ୍‌ଜିଦ ନିକଟରେ ରାସ୍ତା ପାର୍ଶ୍ୱର ଏକ ପରିବା ଠେଲାଗାଡ଼ିକୁ କାର୍ ଧକ୍କା ଦେବାରୁ ଉତ୍ତ୍ୟକ୍ତ ଲୋକେ ଭିନ୍ନକ୍ଷମ କାର୍ ଚାଳକଙ୍କୁ ପିଟି ମାରିଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଏହି ଘଟଣାକୁ ନେଇ ସାମ୍ପ୍ରଦାୟିକ ଉତ୍ତେଜନା ଦେଖାଦେଇଥିବାରୁ ଉକ୍ତ ଅଞ୍ଚଳରେ ପୋଲିସ ମୁତୟନ ହୋଇଛି। କାର୍ ଚାଳକ ୨୨ ବର୍ଷୀୟ ସୀତାରାମ କିର୍ ପରିବା କାର୍ଟ ମାଲିକଙ୍କୁ କ୍ଷତିପୂରଣ ଦେଇ ଶାନ୍ତ କରିବାକୁ ଉଦ୍ୟମ କରୁଥିବାବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଓ କାର୍‌ରେ ଥିବା ଅନ୍ୟମାନଙ୍କୁ ଛାଡ଼ି ନ ଥିଲେ। ପାଟିତୁଣ୍ଡ ପରେ ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଗୁରୁତର ସୀତାରାମଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ପୋଲିସ ଜଣକୁ ଗିରଫ କରିବା ସହ ଅନ୍ୟ କେତେଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## କଲେଜ କାନ୍ଥକୁ ଧକ୍କାଦେଲା ଏସ୍‌ୟୁଭି, ବର ସମେତ ୮ ମୃତ

**ସମ୍ଭଲ,୫।୭**

ଉତ୍ତରପ୍ରଦେଶର ସମ୍ଭଲ ଜିଲା ଜୁନାୱଇଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଏସ୍‌ୟୁଭି କାର୍ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ଏକ ଇଣ୍ଟର କଲେଜର କାନ୍ଥରେ ପିଟିହୋଇଥିଲା। ଏହି ଦୁର୍ଘଟଣାରେ ୨ ମହିଳା ଏବଂ ଜଣେ ଶିଶୁଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ଏସ୍‌ୟୁଭି କାର୍‌ରେ ୧୨ ଜଣ ଲୋକ ଥିଲେ। ସେମାନେ ଏକ ବିବାହ ପାଇଁ ବରଯାତ୍ରୀ ରୂପେ ଯାଉଥିଲେ। ମୃତକଙ୍କ ମଧ୍ୟରେ ୨୦ ବର୍ଷୀୟ ବର ସୂରଜପାଲ ମଧ୍ୟ ରହିଛନ୍ତି। ପୋଲିସ ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି।

# ଆୟ ସମାନତା: ୪ର୍ଥ ସ୍ଥାନରେ ଭାରତ

**ବିଶ୍ୱବ୍ୟାଙ୍କ ରିପୋର୍ଟ**

**ନୂଆଦିଲ୍ଲୀ,୫।୭**

୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଭାରତରେ ଅସମାନତା ଉଲ୍ଲେଖଯୋଗ୍ୟ ଭାବେ ହ୍ରାସ ପାଇଛି। ଗିନି ଇଣ୍ଡେକ୍ସ ସ୍କୋର ୨୫.୫ ସହ ଭାରତ ଆୟ ସମାନତାରେ ସମଗ୍ର ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଥିବା ବିଶ୍ୱବ୍ୟାଙ୍କ ରିପୋର୍ଟରୁ ଜଣାପଡ଼ିଛି। କେବଳ ସ୍ଲୋଭାକ୍ ରିପବ୍ଲିକ୍, ସ୍ଲୋଭାନିଆ ଏବଂ ବେଲାରୁଷ ଭାରତଠାରୁ ଆଗରେ ରହିଛି। ଚାଇନା, ଆମେରିକା, ବ୍ରିଟେନ୍ ଭଳି ଦେଶ ତୁଳନାରେ ଭାରତ ବେଶ୍ ଭଲ ସ୍ଥାନରେ ରହିଛି। ଚାଇନା ୩୫.୭ ଏବଂ ଆମେରିକା ୪୧.୮ ସ୍କୋର ସହ ତାଲିକାର ବହୁ ତଳେ ରହିଛନ୍ତି। ଭାରତରେ ଅତି ଦାରିଦ୍ର୍ୟ ୨୦୧୧-୧୨ରେ ୧୬.୨ ପ୍ରତିଶତ ରହିଥିବାବେଳେ ୨୦୨୨-୨୩ରେ ତାହା ୨.୩ ପ୍ରତିଶତକୁ ଖସିଛି। ଗତ ୧୦ ବର୍ଷ ମଧ୍ୟରେ ଭାରତରେ ୧୭.୧ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ୧୬୭ଟି ଦେଶର ତଥ୍ୟକୁ ନେଇ ବିଶ୍ୱବ୍ୟାଙ୍କ ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।


### ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର

No.A-365

**ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2025-26**

| | | | |
|---|---|---|---|
| ୧ | କାର୍ଯ୍ୟର ନାମ | : | ମୋଟ ୦୮ (ଆଠ) ଗୋଟି ଜଳନିକାସ କାର୍ଯ୍ୟ । |
| ୨ | ଅଟକଳ ମୂଲ୍ୟ | : | ୧୭୩.୯୪ ଲକ୍ଷ ଟଙ୍କାରୁ ୪୮୬.୩୦ ଲକ୍ଷ ଟଙ୍କା ଯାଏଁ। |
| ୩ | କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି | : | ୧୧ (ଏଗାର) ମାସରୁ ୧୮ (ଅଠର) ମାସ। |
| ୪ | ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ | : | ତା୦୮.୦୭.୨୦୨୫ର ୧୨.୦୦ ଘଣ୍ଟାରୁ ତା୨୨.୦୭.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ। |
| ୫ | ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ | : | ତା୨୨.୦୭.୨୦୨୫ର ୧୮.୦୦ ଘଣ୍ଟା। |
| ୬ | ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା | : | ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା- ଗଣ୍ଡରପୁର, କଟକ- ୭୫୩୦୦୩, ଇ-ମେଲ୍: sedrainagecirclectc@gmail.com |

ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ। ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବ୍‌ସାଇଟରେ ପ୍ରକାଶ କରାଯିବ।

**ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ**

OIPR-32174/11/0029/2526

### ODISHA JOINT ENTRANCE EXAMINATION - 2025 (OJEE - 2025)

**No. : 281/OJEE** **DATE :05.07.2025**

**NOTICE FOR ONLINE APPLICATION FOR 2ND/ SPECIAL OJEE 2025 FOR BASIC B.Sc. NURSING**

**No.h-05** : **The 2nd / Special OJEE for Basic B.Sc. Nursing will be held on 29th July, 2025.**

**The Entrance Examination will be conducted in Computer Based Test (CBT) mode.**

**Interested candidates are advised to fill up the Application Forms online through OJEE website (www.ojee.nic.in) only.**

**Filling-up of Online Application through OJEE website will start on 08th July, 2025 and will end on 15th July, 2025 (11.00 PM).**

**Please read, carefully the 'Instruction/guidelines' and the 'Instructions to fill On-line Application Form' for OJEE - 2025, which are available in the OJEE websites to get detailed information regarding eligibility criteria, examination pattern, syllabus etc.**

Syllabus for Basic B.Sc. Nursing will same as that of syllabus followed for OJEE 2025.

**The results of 2nd/ Special OJEE shall be used for admission to the unfilled seats in Private institutions under the management quota.**

Please note that Candidates from outside the state are also eligible to apply and can take admission against unfilled seats under the Management Quota in Private Nursing Institutions only as per norms.

**For other details, please visit our website: www.ojee.nic.in / www.odishajee.com.**

**OIPR-14020/11/0005/2526** **Sd./- CHAIRMAN, OJEE Odisha**

### ODISHA HYDRO POWER CORPORATION LTD.

OHPC

(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com

**No. OHPC:TECH:C&P:16/2025-26/5314** **Date : 03.07.2025**

**INVITATION FOR EXPRESSION OF INTEREST**

**No.CAD-1003** : Odisha Hydro Power Corporation Ltd Bhubaneswar (OHPC), a Gold rated State PSU under Govt. of Odisha invites Expression of Interest (EOI) in sealed envelope from eligible interested IT Experts having experience in ERP implementation at least in S/4HANA for temporary engagement as IT Consultant on contractual basis for a minimum period of 01 year.

For details related to eligibility criteria, scope of the work, evaluation criteria etc. please visit our website www.ohpcltd.com from dt.10.07.2025.

**OIPR-04012/11/0038/2526** **C&P Head**

### ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-12

**ନୋଟିସ**

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ୍.ଏ. କେସ୍ ନଂ.- ୦୧/୨୦୨୨**

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା ... ଆବେଦନକାରୀ**

**ବନାମ**

୧. ମହେଶ୍ୱର ପଟ୍ଟନାୟକ, ୨. ଭିକାରୀ ଚରଣ ପଟ୍ଟନାୟକ, ପିତା: ଜୟକୃଷ୍ଣ ପଟ୍ଟନାୟକ, ୩. ସାଧୁଚରଣ ଜେନା, ୪. କୁଳମଣି ଜେନା, ପିତା: ଦାମୋଦର ଜେନା, ସା: ମୁକୁନ୍ଦପ୍ରସାଦ, ୫. କମଳାକାନ୍ତ ପଟ୍ଟନାୟକ, ୬. ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ୭. ସୁଚିତ୍ରା ପଟ୍ଟନାୟକ, ୮. ସୁମିତ୍ରା ପଟ୍ଟନାୟକ, ପିତା: ରାଧାନାଥ ପଟ୍ଟନାୟକ, ୯. ବାସନ୍ତୀ ପଟ୍ଟନାୟକ, ସ୍ୱାମୀ: ରାଧାନାଥ ପଟ୍ଟନାୟକ, ସା: ମୁକୁନ୍ଦପ୍ରସାଦ, ୧୦. ପୂର୍ଣ୍ଣଚନ୍ଦ୍ର ଜେନା, ପିତା: ସାଧୁ ଚରଣ ଜେନା, ସା: ମୁକୁନ୍ଦପ୍ରସାଦ, ୧୧. ଊର୍ମିଳା ମହାରଣା, ସ୍ୱାମୀ: ଲକ୍ଷ୍ମୀଚରଣ ମହାରଣା, ସା/ପୋ.: ଖଣ୍ଡିଦେଉଳି, ଭାୟା/ଥାନା: ରମ୍ଭା, ଜିଲ୍ଲା: ଗଞ୍ଜାମ, ହାଲ୍ ଠିକଣା: ଡେଲ୍‌ଟା ବି କ୍ୱାର୍ଟର ନଂ. ୱାନ୍‌ଆର୍/୪୦, ଜିଲ୍ଲା: ଖୋର୍ଦ୍ଧା, ୧୨. ସୁଶାନ୍ତି ଜେନା, ପିତା: ଧନେଶ୍ୱର ବଳବନ୍ତରାୟ, ସା: ବୁଢ଼ାଆମ୍ବ, ପୋ/ଥାନା: ଜଙ୍କିଆ, ଜିଲ୍ଲା: ଖୋର୍ଦ୍ଧା, ୧୩. ବିପିନ କୁମାର ପଟ୍ଟନାୟକ, ପିତା: ଯୋଗୀନାଥ ପଟ୍ଟନାୟକ, ସା: ମୁକୁନ୍ଦପ୍ରସାଦ, ହାଲ୍ ସାକିନ: ଉଚ୍ଚସାହି, ପୋ: ବକ୍ସିବଜାର, ଥାନା: ମଙ୍ଗଳାବାଗ, ଜିଲ୍ଲା: କଟକ, ୧୪. କୁଞ୍ଜବିହାରୀ ପଟ୍ଟନାୟକ, ପିତା: ଯୋଗୀନାଥ ପଟ୍ଟନାୟକ, ସା: ମକୁନ୍ଦପ୍ରସାଦ, ହାଲ୍ ସାକିନ: ସା: ଡି.ପି. କ୍ୟାମ୍ପ ଥେରୁବାଲି, ପୋ: ଥେରୁବାଲି, ଜିଲ୍ଲା: ରାୟଗଡ଼ା ..... **ବିରୋଧୀପକ୍ଷମାନେ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୦୧/୨୦୨୨ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା: ମୁକୁନ୍ଦପ୍ରସାଦ, ଖାତା ନଂ. ୩୭୨, ପ୍ଲଟ୍ ନଂ. ୨୩୩୨, ମୋଟ ରକବା ଏ୦.୮୧୩ଡି.ରୁ ଏ୦.୪୮୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୨।୦୮।୨୦୨୫ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୧।୦୬।୨୦୨୫ରିଖ Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

**ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର**
**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

**OIPR-24351/14/0078/2526**






### ଖଣ୍ଡୀୟ ବନାଧିକାରୀ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ, ସମ୍ବଲପୁର,

ଓଡ଼ିଶା, ପିନ-୭୬୮୦୦୧, ଦୂରଭାଷ/ଫାକ୍ସ-୦୬୬୩-୨୫୪୮୭୪୩,
ଇମେଲ-dfo.hirakudwl@odisha.gov.in, hirakudwildlife1@gmail.com

**Quotation Call Notice**

**NO. 58** **Dt. 02.07.2025**

**No.MM-114** : Sealed quotations are invited from intending Architectural firms/ Individual for Appointment of Architects/ consultants for design and project supervision services for construction of animal enclosures at Sambalpur Zoo & Conservation Centre, Sambalpur under Hirakud Wildlife Division, Sambalpur.

| Item | Quantity | Quoted Price | Cost of Tender Paper | EMD money to be deposited | Security deposit for three years |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Architectural firms/ Individual for Appointment of Architects/consultants for design and project supervision services for construction of animal enclosures at Sambalpur Zoo & Conservation Centre, Sambalpur under Hirakud Wildlife Division, SambalpurZoo. | 01 (one) | Scale of Fees to be quoted by Consultant as percentage (%) of project cost (upto 2 decimal places) | 600/- (non-refundable) | 22,225/- | SD will be 5% of the quoted amount based on financial bid against the project cost. |

1. Sale of Quotation Papers/documents will be available in the O/o the Divisional Forest Officer, Hirakud Wildlife Division, Sambalpur from **Dt.07.07.2025, 10.00 AM to dt.14.07.2025, 4.00 PM** (during office hours).
2. Receiving of Quotation Papers will from **Dt.07.07.2025, 10.00 AM to dt.16.07.2025 till 4.00 PM** through Speed Post/ Registered Post/ Courier / directly put in the Quotation box of the Division Office, Hirakud Wildlife Division, Sambalpur
3. The Sealed quotation papers shall be opened on **Dt.18.07.2025 at 11.30 AM**

**Sd./- Divisional Forest Officer**
**Hirakud Wildlife Division, Sambalpur**

**OIPR-08078/11/0007/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଲିଶା
ପରିବାରବର୍ଗ


ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତକୁ ଏଏଫ୍‌ସି ଏସିଆନ କପ୍ ଯୋଗ୍ୟତା

**ଚିଆଙ୍ଗ ମାଇ (ଥାଇଲାଣ୍ଡ), ୫।୭(ପି.ଟି.)**

ଭାରତୀୟ ମହିଳା ଫୁଟବଲ ଦଳ ଶନିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆୟୋଜକ ଥାଇଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତୀୟ ଦଳ ୨୦୨୬ରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଏଏଫ୍‌ସି ଏସିଆନ୍ କପ୍ ମୁଖ୍ୟ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି। କ୍ୱାଲିଫାୟର ପର୍ଯ୍ୟାୟରେ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ଲାଗି ଏହା ଥିଲା ୪ ମ୍ୟାଚ୍‌ରେ ଚତୁର୍ଥ ବିଜୟ। ଏଥିଯୋଗୁ ଭାରତୀୟ ମହିଳା ଦଳ ଇତିହାସରେ ପ୍ରଥମ ଥର ପାଇଁ ଯୋଗ୍ୟତା ପର୍ଯ୍ୟାୟ ଦେଇ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍ ଲାଗି ଯୋଗ୍ୟତା ହାସଲ କରିଛି। ୨୦୨୨ ପରେ ଭାରତ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟରେ ଖେଳିବ। ୨୦୨୨ରେ ଭାରତ ଆୟୋଜକ ଭାବେ ଖେଳିଥିଲା। ହେଲେ ଦଳରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଟୁର୍ନାମେଣ୍ଟରୁ ଓହରିବାକୁ ପଡ଼ିଥିଲା। ଅନ୍ତିମ ଥର ଭାରତ ୨୦୦୩ରେ ଯୋଗ୍ୟତା ହାସଲ କରିଥିଲା। ସେତେବେଳେ ଯୋଗ୍ୟତା ପର୍ଯ୍ୟାୟ ନ ଥିଲା।

ମ୍ୟାଚ୍‌ର ୨୮ତମ ମିନିଟ୍‌ରେ ମିଡ୍ ଫିଲ୍ଡର ସଂଗୀତାଙ୍କ ଜରିଆରେ ଭାରତ ତା'ର ଖାତା ଖୋଲିଥିଲା। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟ୍‌ରେ ଚାତ୍‌ଚାୱାନ ରଡଥଙ୍ଗଙ୍କ ଗୋଲ ବଳରେ ଥାଇଲାଣ୍ଡ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲା। କିନ୍ତୁ ୭୪ତମ ମିନିଟ୍‌ରେ ସଂଗୀତା ଭାରତ ଲାଗି ଦ୍ୱିତୀୟ ଗୋଲ କରିଥିଲେ। ଏହି ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ୫-୦ ଗୋଲରେ ଇରାକକୁ, ୪-୦ ଗୋଲରେ ତିମୋର ଲେଷ୍ଟେ ଓ ୧୩-୦ ଗୋଲରେ ମଙ୍ଗୋଲିଆକୁ ହରାଇଥିଲା।


ମ୍ୟାଚ୍ ବିଜୟ ଖୁସିରେ ଉଲ୍ଲସିତ ଭାରତୀୟ ମହିଳା ଫୁଟ୍‌ବଲ ଦଳର ଖେଳାଳିମାନେ।

# ଭାରତ ପାଇଁ ଖେଳିପାରିବେ ବିଦେଶରେ ରହୁଥିବା ବଂଶୋଦ୍ଭବ ଖେଳାଳି

**ନୂଆଦିଲ୍ଲୀ, ୫।୭(ପି.ଟି.)**

ବିଦେଶରେ ରହୁଥିବା ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ଭାରତ ପକ୍ଷରୁ ଖେଳିବା ପାଇଁ ଉତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ ସରକାରଙ୍କ ନୀତିକୁ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ପ୍ରଶଂସା କରିଛନ୍ତି। ତାଙ୍କ ମତରେ ଏହି ନୀତି ଦ୍ୱାରା ଭାରତୀୟ ଫୁଟବଲ ଦଳର ପ୍ରଦର୍ଶନରେ ସୁଧାର ଆସିବ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ସମସ୍ୟା ରହିଛି। ଗତ ୧ ତାରିଖରେ ମଞ୍ଜୁରୀ ପାଇଥିବା ଖେଲୋ ଭାରତ ନୀତି (ଜାତୀୟ କ୍ରୀଡ଼ା ନୀତି)ରେ ବିଦେଶରେ ରହୁଥିବା ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କ ଲାଗି ଭାରତ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ କେବଳ ଭାରତୀୟ ପାସ୍‌ପୋର୍ଟଧାରୀ ହିଁ ଦେଶର ପ୍ରତିନିଧିତ୍ୱ କରିପାରିବେ ବୋଲି ନୀତି ଥିଲା।

'ଭାରତୀୟ ଦଳର ଭବିଷ୍ୟତକୁ ଦୃଷ୍ଟିରେ ରଖି ଆମେ ନୂଆ ଜାତୀୟ କ୍ରୀଡ଼ା ନୀତିର ଏକ ବିଷୟରେ ସକ୍ରିୟ ଭାବେ କାର୍ଯ୍ୟ କରୁଛୁ। ପ୍ରତିଭାବାନ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କୁ ସୁଯୋଗ ପ୍ରଦାନ କରୁଥିବାରୁ ନୂଆ ନୀତିରେ ଆମେ ସ୍ୱାଗତ କରୁଛୁ। ଏହା ସରକାରଙ୍କ ଏକ ସକାରାତ୍ମକ ପଦକ୍ଷେପ। ଜାତୀୟ ଦଳକୁ ସଶକ୍ତ କରିବା ପାଇଁ ଫିଫା ଓ ସରକାରଙ୍କ ସହ ଏଆଇଏଫ୍‌ଏଫ୍ ସମସ୍ତ ସମ୍ଭାବ୍ୟ କାର୍ଯ୍ୟ କରିବ। ଗତ କିଛିବର୍ଷ ହେଲା ଓସିଆଇ (ବିଦେଶରେ ରହୁଥିବା ଭାରତୀୟ) କାର୍ଡଧାରୀଙ୍କୁ ଜାତୀୟ ଦଳରେ ସାମିଲ କରିବା ଲାଗି ଦାବି ଉଠୁଥିଲା। ଭିଏତ୍‌ନାମ, ଶ୍ରୀଲଙ୍କା, ବାଂଲାଦେଶ, ମାଲେସିଆ, ହଂକଂ, ସିଙ୍ଗାପୁର ଭଳି ଦେଶ ସହ ଅନେକ ୟୁରୋପୀୟ ଦେଶ ନିଜ ଜାତୀୟ ଦଳକୁ ସଶକ୍ତ କରିବା ପାଇଁ ଦ୍ୱୈତ ନାଗରିକତାଧାରୀ ଖେଳାଳିଙ୍କୁ ଦଳରେ ସାମିଲ କରିଛନ୍ତି' ବୋଲି ଚୌବେ କହିଛନ୍ତି। ବିଦେଶରେ ରହୁଥିବା ଭାରତୀୟ ତଥା ଓସିଆଇ କାର୍ଡଧାରୀଙ୍କ ଲାଗି ଭାରତକୁ ପ୍ରତିନିଧିତ୍ୱ କରିବା ଉପରେ ୨୦୦୮ରେ ବ୍ୟାନ ଲଗାଯାଇଥିଲା। କିନ୍ତୁ ୨୦ ପୃଷ୍ଠା ବିଶିଷ୍ଟ ଖେଲୋ ଭାରତ ନୀତି ଡକ୍ୟୁମେଣ୍ଟରେ ଉଲ୍ଲେଖ କରାଯାଇଛି ଯେ, ପ୍ରବାସୀ ଭାରତୀୟ ଓ ଦେଶକୁ ଯୋଡ଼ିବା ପାଇଁ କ୍ରୀଡ଼ାକୁ ମାଧ୍ୟମ ଭଳି ବ୍ୟବହାର କରାଯାଇପାରିବ। ଏହି ସମ୍ପର୍କକୁ ମଜଭୁତ କରିବା ପାଇଁ ପ୍ରବାସୀ ଭାରତୀୟ ଆଥ୍‌ଲେଟ୍‌ଙ୍କ ମଧ୍ୟରେ ବିଭିନ୍ନ ସ୍ପୋର୍ଟିଂ ଇଭେଣ୍ଟ ଓ ଲିଗ୍ ଆୟୋଜନ କରାଯାଇପାରିବ। ଯେଉଁ ପର୍ଯ୍ୟନ୍ତ ସମ୍ଭବ ବିଦେଶରେ ରହୁଥିବା ଉଦୀୟମାନ ଓ ପ୍ରମୁଖ ଭାରତୀୟ ବଂଶୋଦ୍ଭବ ଆଥ୍‌ଲେଟ୍‌ଙ୍କୁ ଦେଶକୁ ଫେରିବା ଓ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବା ଲାଗି ଉତ୍ସାହିତ କରାଯାଇପାରିବ। ଫିଫା ନିୟମ ଅନୁଯାୟୀ, ଜଣେ ଖେଳାଳି ଯେଉଁ ଦେଶ ପାଇଁ ଖେଳିବାକୁ ଇଚ୍ଛା ପ୍ରକଟ କରୁଛନ୍ତି, ତାଙ୍କ ପାଖରେ ସେହି ଦେଶର ପାସ୍‌ପୋର୍ଟ ଥିବା ଅପରିହାର୍ଯ୍ୟ, ଯାହାକୁ ମ୍ୟାଚ୍ ଦିନ ଦେଖାଇବାକୁ ପଡ଼ିବ।


**Birthday Wish**




**Jayjeet (Jeet)**

Wishing you a year full of Happiness, Success and unforgettable moments. Keep shining and chasing your dreams. Have an amazing day!"

Best Wishes From- Papa, Mama, Chachu, Chachi, Juhi, Chintu, Pinu, Rishi, Nani, Piesa, Mausa, Mausi, Maa, Aae.

Happy Birthday, Jayjeet (Jeet)!

D-1178


**ୱାର୍ଲ୍ଡ ବକ୍ସିଂ କପ୍**

# ଫାଇନାଲରେ ୫ ଭାରତୀୟ

**ଅଷ୍ଟାନା (କାଜାଖସ୍ତାନ), ୫।୭ (ପି.ଟି.)**

ମୀନାକ୍ଷି, ସାକ୍ଷୀ, ପୂଜାରାଣୀ, ହିତେଶ ଗୁଲିଆ ଓ ଜୁଗ୍‌ନୁ ଏଠାରେ ଚାଲିଥିବା ୱାର୍ଲ୍ଡ ବକ୍ସିଂ କପ୍‌ରେ ସେମାନଙ୍କ କାଟେଗୋରୀରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ କାଜାଖସ୍ତାନରେ ଭାରତୀୟ ବକ୍ସିଂ ଦଳ ୧୧ ପୋଡିୟମ ଫିନିଶ କରିବା ପକ୍କା ହୋଇଛି। ତନ୍ମଧ୍ୟରୁ ୬ଜଣ ରବିବାର ସ୍ୱର୍ଣ୍ଣ ପଦକ ବାଉଟ୍ ଲଢ଼ିବେ। ପୁରୁଷ ୬୫ କେଜି ଶ୍ରେଣୀରେ ଅବିନାଶ ଜାମ୍‌ୱାଲ ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି। ସେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ମୀନାକ୍ଷି ୪୮କେଜି ସେମିଫାଇନାଲରେ ତୁର୍କୀର ନର୍ସେଲେନ୍ ୟାଲଗେଟେକିନଙ୍କୁ ୫-୦ରେ ହରାଇ ଦେଇଛନ୍ତି। ସାକ୍ଷୀ ଉଜ୍‌ବେକିସ୍ତାନର ଫେରୁଜା କାଜାକୋଭାଙ୍କୁ ପଞ୍ଚ୍ ପରେ ପଞ୍ଚ୍ ଲଗାଇ ୫୪କେଜି ଶ୍ରେଣୀରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୮୦କେଜି ଶ୍ରେଣୀରେ ଅଲିମ୍ପିଆନ ପୂଜାରାଣୀ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୩-୨ରେ ତୁର୍କୀର ଏଲିଫ୍ ଗୁନେରୀଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ନୂପୁର ପୂର୍ବରୁ ୮୦+ କେଜି ଶ୍ରେଣୀ ଫାଇନାଲରେ ପ୍ରବେଶ କରିସାରିଛନ୍ତି। ତାଙ୍କୁ ମିଶାଇ ଭାରତର ୪ ମହିଳା ବକ୍ସର ସ୍ୱର୍ଣ୍ଣ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ସଞ୍ଜୁ ୬୦କେଜି ଶ୍ରେଣୀରେ କାଜାଖସ୍ତାନର ଭିକ୍ଟୋରିଆ ଗ୍ରାଫେୟେଭାଙ୍କଠାରୁ ୦-୫ରେ ପରାଜିତ ହୋଇ ବ୍ରୋଞ୍ଜ ପାଇଛନ୍ତି।

# ଡିଏଗୋ ଜୋଟାଙ୍କ ଶେଷକୃତ୍ୟ ସମ୍ପନ୍ନ

**ଗଣ୍ଡୋମାର(ପର୍ତ୍ତୁଗାଲ), ୫।୭(ଏପି)**

ଗଣ୍ଡୋମାର ସହରର ଇଗ୍ରେଜା ମାଟ୍ରିଜ ଚର୍ଚ୍ଚରେ ପର୍ତ୍ତୁଗାଲ ତଥା ଲିଭରପୁଲ ଖେଳାଳି ଡିଏଗୋ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କର ଶନିବାର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଅନ୍ତ୍ୟେଷ୍ଟି କ୍ରିୟାରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଲିଭରପୁଲ ଖେଳାଳିମାନେ ଯୋଗ ଦେଇଥିଲେ। ଲିଭରପୁଲ ଅଧିନାୟକ ଭର୍ଜିଲ ଭାନ ଡିଜକ, ସାଥୀ ଖେଳାଳି ଆଣ୍ଡ୍ରୁ ରବର୍ଟସନଙ୍କ ସହିତ ସ୍ଥାନୀୟ ଗଣ୍ଡୋମାର ଏଫ୍‌ସି ଖେଳାଳି, ପର୍ତ୍ତୁଗାଲ ଜାତୀୟ ଦଳର କୋଚ୍ ରବେର୍ଟୋ ମାର୍ଟିନେଜ, ପର୍ତ୍ତୁଗାଲ ଖେଳାଳି ବର୍ନାଣ୍ଡୋ ସିଲଭା, ରୁବେନ ଡିଆସ, ବ୍ରୁନୋ ଫର୍ନାଣ୍ଡେଜ ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଜୋଟା(୨୮) ନର୍ଦ୍ଦର୍ନ ସ୍ପେନରୁ ଏକ ବୋଟ୍‌ରେ ଇଂଲଣ୍ଡ ଯିବା ପାଇଁ ବୁଧବାର ବିଳମ୍ବିତ ରାତିରେ ଭାଇ ସିଲଭା (୨୫)ଙ୍କ ସହ ଲାମ୍ବୋର୍ଗିନି କାର୍‌ରେ ଯାଉଥିବା ବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ଅନ୍ୟ କୌଣସି ଗାଡ଼ି ସାମିଲ ନ ଥିଲା। ହେଲେ ଟାୟାର ଫାଟି ଯିବାରୁ କାରରେ ନିଆଁ ଲାଗି ଯିବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ପରିବାର ଦ୍ୱାରା ଚିହ୍ନଟ କରାଯିବା ପରେ ସେମାନଙ୍କ ମରଶରୀରକୁ ପର୍ତ୍ତୁଗାଲ ଅଣାଯାଇଥିଲା।

**ଫିଫାର ଶ୍ରଦ୍ଧାଞ୍ଜଳି**

ଆମେରିକାର ଫିଲାଡେଲଫିଆ, ଅର୍ଲାଣ୍ଡୋ ଓ ଫ୍ଲୋରିଡାରେ ଚାଲିଥିବା କ୍ଲବ ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଫିଫା ପକ୍ଷରୁ ଡିଏଗୋ ଜୋଟା ଓ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅର୍ଲାଣ୍ଡୋସ୍ଥିତ କ୍ୟାମ୍ପିଂ ୱାର୍ଲ୍ଡ ଷ୍ଟାଡିୟମରେ ଅଲ ହିଲାଲ ଓ ଫ୍ଲୁମିନେଞ୍ଜେ ମଧ୍ୟରେ ମ୍ୟାଚ୍ ଖେଳାଯିବା ପୂର୍ବରୁ ଖେଳାଳିମାନେ ପଡ଼ିଆ ମଝିରେ ଏକ ସର୍କଲରେ ଛିଡ଼ା ହୋଇଥିବା ବେଳେ ବଡ଼ ସ୍କ୍ରିନରେ ଡିଏଗୋ ଓ ସିଲଭାଙ୍କ ଫଟୋ ପ୍ରଦର୍ଶିତ କରାଯାଇଥିଲା। ଉପସ୍ଥିତ ଦର୍ଶକମାନେ ମଧ୍ୟ ନୀରବ ପ୍ରାର୍ଥନାରେ ସାମିଲ ହୋଇଥିଲେ।

# ହମ୍ପିଙ୍କୁ ୪ର୍ଥ ସିଡ୍ ମାନ୍ୟତା

**ବାଟୁମି (ଜର୍ଜିଆ), ୫।୭ (ପି.ଟି.)**

ଆସନ୍ତା ଫିଡେ ବିଶ୍ୱ ମହିଳା ଚାମ୍ପିୟନଶିପ୍ ପାଇଁ ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ଚତୁର୍ଥ ସିଡ୍ ମାନ୍ୟତା ମିଳିଛି। ସେ ଏଠାରେ ଅନ୍ୟତମ ଫେଭରିଟ୍ ଖେଳାଳି ଭାବେ ତାଙ୍କ ଅଭିଯାନ ଆରମ୍ଭ କରିବେ। ଏଥିରେ ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ଖେଳାଳି ମର୍ଯ୍ୟାଦାପୂର୍ଣ୍ଣ କ୍ୟାଣ୍ଡିଡେଟ୍ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଚାଇନାର ଲେଇ ଟିଙ୍ଗଜି, ଜିନର ଝୁ ଓ ଝୋଙ୍ଗ ତାନ୍‌ଙ୍କୁ ଯଥାକ୍ରମେ ଟପ୍ ଥ୍ରି ସିଡ୍ ମାନ୍ୟତା ମିଳିଛି। ବର୍ତ୍ତମାନ କିଛି ସମୟ ହେଲା ଏହି ଟୁର୍ନାମେଣ୍ଟରେ ଏସୀୟମାନଙ୍କ ଆଧିପତ୍ୟ ରହିଆସୁଛି।


# Classified Everyday
**0674-2580101, 9692975378**


**MATRIMONIAL**

**BRIDE WANTED**

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ ପୁଅ (Divorcee) ପାଇଁ ଯେକୌଣସି ଜାତିର 30-45 yrs ଝିଅ ଆବଶ୍ୟକ। Candidate- 9861141891. D-1173

**GROOM WANTED**

47 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 6371298869. D-1127

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D-1050


**REAL ESTATE**

**SALE**

ଭୁବନେଶ୍ୱର ଧଉଳିଛକ ପୁଷ୍ପକ ହୋଟେଲ ପଛପଟେ BDA Approved 3BHK Spacious Flat 85 ଲକ୍ଷ। Bank Loan ବା Installment ସୁବିଧା ଅଛି। ଯୋଗାଯୋଗ: 9438220432/ 8144658008 D-1161

A Commercial plot 10000sqft facing to NH (Nakhara to Niali) 10km from Nakhara 60x166 3side road personal plot contact only owners- 7809525452 D-76471

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

କ ଟ କ – ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ Sum Hospital- 2 ଏବଂ Grand Bazar(NH-16) ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604 D-76281

ପୁରୀ ଶ୍ରୀମନ୍ଦିର ପାଖରୁ ମାତ୍ର 16 କିଲୋମିଟର ଚନ୍ଦନପୁରରୁ ନିରାକାରପୁର ରାସ୍ତା ପାତେଲି ଗାଁ ପାଖରେ ମୁଖ୍ୟରାସ୍ତାକୁ ଲାଗି ଘରବାଡ଼ି PLOT ବର୍ଗଫୁଟକୁ 1050/- ଟଙ୍କା। 30ଫୁଟ ପକ୍କା ରାସ୍ତା ସହ ଅତିଶୀଘ୍ର ଘର କରିବାକୁ ବା INVEST ପାଇଁ ଉପଯୁକ୍ତ। CALL:- 9438220432/ 8144658008 D-1160




Positively health benefits SPA expert female therapist homely atmosphere. 8658088274. D-1177

**AFFIDAVIT**

By virtue of an affidavit sworn Executive Magistrate, Bhubaneswar, dated 12.06.2025, I, Prakash Kumar Samantaray, Address: At- Gunthuni, P.O.- Golabai, P.S.- Jankia, Dist.- Khordha, State-Odisha, PIN- 752020 declare that I have changed the name of my son from Bikash Samantaray to Akash Kumar Samantaray. Henceforth, he shall be known as Akash Kumar Samantaray for all purposes.
Prakash Kumar Samantaray D-1167

I, BIMAL KISHORE AGARWAL, S/o- Late Nemichand Agarwal, resident of Plot 17/C, Jaydurga Nagar, Bomikhal, Bhubaneswar, Dist.- Khurda, Odisha, declare by this affidavit No.- CF. No.- 106, dt- 04.07.2025. That now onwards I shall be known as BIMAL KISHOR AGARWAL for all future purposes.
BIMAL KISHOR AGARWAL D-1168

By virtue of an affidavit sworn before the Notary Public, Nuapada, date 04.07.25, I Pinky Kumari Agarwal, W/o- Deepak Kumar Agrawal, R/o At/P.O.- Gotma, P.S.- Jonk, Dist.- Nuapada, Odisha declare that name Pinky Kumari Agarwal, Pinky Agrawal and Pinky Kumari Agrawal is of same and one person. Henceforth, I shall be known as Pinky Kumari Agarwal for all purpose. D-1171

By virtue of an affidavit sworn before the Executive Magistrate, Kesinga, Kalahandi, CF. No.- 01, dated 23.06.2025, I, Elisha D Majhi, W/o. late J.D Majhi, R/o. Village- Limgaon, P.O.- Turlakhaman, P.S.- Kesinga, Dist.- Kalahandi, declare that I have changed my name from Elisheba Majhi, W/o- Jishaya Majhi to Elisha D Majhi, W/o- Late J.D Majhi. Henceforth I shall be known as Elisha D Majhi, W/o. late J.D Majhi for all purposes. D-1174

I, Jayashree Sharma, D/o- late Muralilal Motilal Sharma, resident of flat No.- 202, Tower- 1, Z one Apartment, Kalarahanga, Bhubaneswar, Dist.- Khurda, Odisha, PIN- 751024, declare by this affidavit No.- 98,dt- 04.07.2025, that now onwards I shall be known as JAYASHREE MISRA for all future purposes. D-76835

**LEGAL NOTICE**

IN THE COURT OF CIVIL COURT (JD), BALANGIR
CS No.- 32 of 2010
Hariballav Sahoo .....Plaintiff
Vs.
Ramesh Sahoo and others ....Defendants
NOTICE
UNDER ORDER 5 RULE 20 (1) OF CPC

To, 1. (c) Janha Padhan, aged about 26 years, W/o- Basu Padhan, R/o/ P.O.- Uparjhar, P.S.- Tusura, Dist.- Balangir, 2. C) (I) Pancha Padhan, aged aboud 50 years, R/o/P.O.- Uparjhar, P.S.- Tusura, Dist.- Balangir. 2. (c) (ii) Sagar Padhan, aged about 12 years, S/o- Pancha Padhan, R/o/P.O.- Uparjhar, P.S.- Tusura, Dist.- Balangir.

Take Notice that the plaintiff Hariballav Sahu has filed a Civil proceeding against you. You are hereby noticed to appear before the Court in person or by a pleader duly well instructed and able to answer all materials relating to the this proceeding on 25.07.25 and in default of your appearance on the day as mentioned, the Civil proceeding will be heard and determined in your absence.

Given under my hand and the seal of Court, this 14th day of May 2025.

Sd./- By order
Court of Civil Judge (JD), Balangir
D-1170

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**Shradhanjali**



SOYUZ Priyadarshan (Ph.D.)
Day of Birth- 1975
Day of Death- 2005
(Durgastami, Bada Ekadashi)
No day is passed without remembering you.
BAPA
ଧ-୧୧୫୬

**ନବମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√Mrunal Kanta Swain (Titu)
Hotel Miland Palace (Director)
(ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର)
ଆବିର୍ଭାବ: ୧୯/୧୦/୧୯୫୭ (ରମା ଏକାଦଶୀ)
ତିରୋଧାନ: ୧୫/୦୭/୨୦୧୬ (ସୁନାବେଶ, ଏକାଦଶୀ)

ସବୁ ଦୁଃଖ ଓ ଯନ୍ତ୍ରଣା କୁ ସହ୍ୟକରି ଆମର ସବୁ ଇଚ୍ଛାକୁ ପୂରଣ କରିବା ପାଇଁ ପଛେଇ ନାହାଁନ୍ତି ବାପା। ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।

ଶୋକସନ୍ତପ୍ତ : ପତ୍ନୀ-ଜଲି, ପୁଅ-ଆତିଥ୍ୟ, ପୁତ୍ରବଧୂ- ସୁସ୍ମିତା, ଲିସା-ବିବେକ, ଟିସା-ତରୁଣ, ଟିକୁ-ଶିୟୁ, ବନ୍ଧୁ ଓ ପରିବାରବର୍ଗ।
ଧ-୭୬୮୩୬

# ସୋସିଆଲ ଫୋବିଆ

**କେତେଜଣଙ୍କୁ ଅଧିକ ଲୋକଙ୍କ ଆଗକୁ କିମ୍ବା ସାମାଜିକ ସମାରୋହକୁ ଯିବାକୁ ଡର ଲାଗିଥାଏ। ଏହା ଏକ ମାନସିକ ସମସ୍ୟା, ଯାହାକୁ ସୋସିଆଲ ଫୋବିଆ ବା ସୋସିଆଲ ଆଙ୍ଗଜାଇଟି ଡିଜ୍‌ଅର୍ଡର କୁହାଯାଏ। ତେବେ ଦୃଢ଼ ଇଚ୍ଛାଶକ୍ତି ଓ ଗଭୀର ଆତ୍ମବିଶ୍ୱାସର ସହ ପ୍ରଚେଷ୍ଟା ହିଁ ଏହି ଡରକୁ ନିଜ ଭିତରୁ ଦୂରେଇବାରେ ସହାୟକ ହୋଇପାରିବ...**



କାର୍ଯ୍ୟବ୍ୟସ୍ତତା ଯୋଗୁ ଅନେକ ସମୟରେ କେହି କେହି ବିଭିନ୍ନ ସାମାଜିକ ସମାରୋହରେ ସାମିଲ ହୋଇ ପାରି ନ ଥା'ନ୍ତି। ହେଲେ ତାହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯାଏ, ଯାହାକୁ ସୋସିଆଲ୍ ଫୋବିଆ ବୋଲି କୁହାଯାଇଥାଏ। ଏହା ଏକପ୍ରକାର ମାନସିକ ସମସ୍ୟାର ଲକ୍ଷଣ ହୋଇପାରେ।

**ଏହାର ପ୍ରମୁଖ ଲକ୍ଷଣ:** ସୋସିଆଲ୍ ଫୋବିଆ ସମସ୍ୟା ଥିବା ଯୁବତୀ ଯୁବକଙ୍କଠାରେ ଅଜଣାଙ୍କ ସହ ଭେଟିଲେ କିମ୍ବା କଥା ହେଲେ ବିଚଳିତ ହୋଇପଡ଼ିବା, ସେମିନାର, କ୍ଲାସ୍‌ରୁମ୍ କିମ୍ବା କୌଣସି ମିଟିଂକୁ ଗଲେ, ସେଠାରେ କିଛି କହିବାକୁ ହେଲେ ଅବା ଏକାଠି ବସି ଖାଇବାକୁ ହେଲେ ତଣ୍ଟି ଶୁଖିଯିବା, ଛାତି ଧଡ଼ ଧଡ଼ ହେବା, ହାତ ପାଦ ଥରିବା, ଝାଳ ବାହାରିବା, କଣ୍ଠ ଥରିବା ବା ପାଟି ଲାଗିବା ଭଳି ଲକ୍ଷଣ ଦେଖାଯାଇଥାଏ। କେବଳ ଏତିକି ନୁହେଁ, ସେମାନଙ୍କ ମନରେ ମୁଁ ଯଦି ନ କହିପାରିବି ଅନ୍ୟମାନେ କ'ଣ ଭାବିବେ, ସମାଲୋଚନା କରିବେନି ତ, ଏତେଜଣଙ୍କ ଆଗରେ ମୋର ସମ୍ମାନ ହାନି ହୋଇଯିବନି ତ ଭଳି ଅନେକ ନକାରାତ୍ମକ ଭାବନା ଆସିଥାଏ।

ଏହାଦ୍ୱାରା ଧୀରେ ଧୀରେ ଆତ୍ମବିଶ୍ୱାସ କମିଯାଏ। ଯେହେତୁ ଏଭଳି ଯୁବତୀଯୁବକ ଅନ୍ୟମାନଙ୍କ ସହ କଥା ହେବାକୁ ଡରନ୍ତି, ତେଣୁ ସେମାନଙ୍କ ସାମାଜିକ ପରିସର ବା ସୋସିଆଲ୍ ଲାଇଫ୍ ଖୁବ୍ ସୀମିତ ହୋଇଯାଏ। ସେମାନେ ନୂଆ ସାଙ୍ଗସାଥୀ କରିପାରନ୍ତି ନାହିଁ ଏବଂ ସବୁବେଳେ ଏକା ରହିବାକୁ ପସନ୍ଦ କରନ୍ତି। ସେମାନଙ୍କର କୌଣସି ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ କମିଯାଏ।

ସେମାନଙ୍କ ମସ୍ତିଷ୍କରେ ନ୍ୟୁରେ କେମିକାଲ୍‌ଗୁଡ଼ିକର ଅସନ୍ତୁଳନ ଯୋଗୁ ମସ୍ତିଷ୍କର କିଛି ଅଂଶର କାର୍ଯ୍ୟକ୍ଷମତା ହ୍ରାସ ପାଇଥାଏ। ଫଳରେ ସେମାନେ ଅନ୍ୟ ସମ୍ମୁଖରେ ଠିକ୍ ଭାବେ ନିଜ କଥା କିମ୍ବା ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ନାହିଁ। ଏହି ସମସ୍ୟା କେବେକେବେ ବଂଶଗତ ବି ହୋଇପାରେ। ପିଲାବେଳେ ଯଦି ପରିବାରର ପରିବେଶ ପ୍ରତିକୂଳ ହୋଇଥାଏ, ପିଲା ଅବସାଦଗ୍ରସ୍ତ ରହୁଥାଏ, ତେବେ ଏପରି ହେବାର ଆଶଙ୍କା ଅଧିକ। ଆଉ କେତେକ କ୍ଷେତ୍ରରେ ଯଦି କାହାକୁ ଏକ ଜନସମାଗମରେ ବଡ଼ଧରଣର ଅପମାନର ଶିକାର ହେବାକୁ ପଡ଼ିଥାଏ ଏବଂ ଗଭୀର ମାନସିକ ପ୍ରଭାବ ପଡ଼ିଥାଏ, ତେବେ ସୋସିଆଲ୍ ଫୋବିଆ ହୋଇପାରେ।





**ପ୍ରତିକାର:** ଏଭଳି ସମସ୍ୟା ଦେଇ ଗତି କରୁଥିବା ଯୁବତୀ ଯୁବକଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ସହ କଗ୍ନେଟିଭ୍ ବିହେଭିଅରାଲ ଥେରାପି, ଏକ୍ସପୋଜର୍ ଏବଂ ରିଲାକ୍ସେଶନ୍ ଥେରାପି ନେବା ଆବଶ୍ୟକ। ଦୁଇ-ତିନି ମାସ ଏପରି କଲେ ଧୀରେ ଧୀରେ ମାନସିକ ସ୍ଥିତିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ହେଲେ ଚିକିତ୍ସା ଅଧାରୁ ବନ୍ଦ ନ କରିବା ଦରକାର।

**ନିଜସ୍ୱ ଉଦ୍ୟମ ଜରୁରୀ:** ସୋସିଆଲ୍ ଫୋବିଆ ସ୍ଥିତି ଦେଇ ଗତି କରୁଥିବା ଯୁବପିଢ଼ିଙ୍କୁ ଏଥିରୁ ଦୂରେଇ ରହିବା ଲାଗି ନିଜେ ଚେଷ୍ଟା କରିବା ବହୁତ ଜରୁରୀ।

- ଏଥିପାଇଁ ସର୍ବପ୍ରଥମେ ନିଜ ମନରୁ ଅନ୍ୟମାନଙ୍କ ଆଗରେ କିଛି କହିବାର ଭୟ ଦୂର କରି ସ୍ପଷ୍ଟ ଭାବେ ଖୋଲି କରି କହିବା ଦରକାର। ଯେଉଁ ପର୍ଯ୍ୟନ୍ତ ମୁଁ କିଛି କହିପାରିବି ନାହିଁ ଭଳି ନକାରାତ୍ମକ ଚିନ୍ତା ମନରୁ ଦୂର ନ ହୋଇଛି, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା କଷ୍ଟ ହେବ।



- ପର୍ସନାଲ୍ ଗ୍ରୁମିଂ ସହ ଜଡ଼ିତ ବିଭିନ୍ନ ବହି ପଢ଼ିବା ଏବଂ ସମ୍ବନ୍ଧିତ ବିଭିନ୍ନ ଭିଡିଓ ଦେଖିବା ଭଲ। ବର୍ତ୍ତମାନ ଏଥିପାଇଁ ବିଭିନ୍ନ ଶର୍ଟଟର୍ମ କୋର୍ସ ମଧ୍ୟ ଉପଲବ୍ଧ ଯାହାକୁ ଆଟେଣ୍ଡ କଲେ ଉପକୃତ ହୋଇପାରିବେ।
- ଯଦି କୌଣସି ମିଟିଂ କିମ୍ବା ଗ୍ରୁପ୍ ଡିସ୍କଶନ୍‌ରେ ଯୋଗ ଦେବାକୁ ଡର ଲାଗୁଥାଏ, ତେବେ ସେଠାରେ କ'ଣ କହିବେ ପ୍ରଥମେ ଘରେ ଏକ ନୋଟ୍ ପ୍ରସ୍ତୁତ କରି ଅଭ୍ୟାସ କଲେ ଡର ଦୂରେଇବାରେ ସାହାଯ୍ୟ କରିବ।
- ଇଣ୍ଟ୍ରୋଭର୍ଟ୍ ହେବା କିମ୍ବା ନିଜକୁ ଅନ୍ୟଠୁ ଦୁର୍ବଳ ଭାବିବା ପରିବର୍ତ୍ତେ ଆତ୍ମବିଶ୍ୱାସ ବଢ଼ାଇବାକୁ ଚେଷ୍ଟା କରନ୍ତୁ। ପ୍ରଥମେ ଏକାକୀ ମିରର୍ ଆଗରେ ଦୃଢ଼ମନରେ କଥା ହୁଅନ୍ତୁ। ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସାହାଯ୍ୟ ନିଅନ୍ତୁ।





## ଏ ସପ୍ତାହର ପ୍ରଶ୍ନ

୧- ଭାରତର ପ୍ରଥମ ଗ୍ରୀନ୍ ଡାଟା ସେଣ୍ଟର ..........ଠାରେ ଆରମ୍ଭ ହୋଇଛି ?
୨- ଦି ପାସ୍‌ପୋର୍ଟ ସେବା ପୋର୍ଟାଲ୍ .......... ପକ୍ଷରୁ ପ୍ରତିଷ୍ଠା କରାଯାଇଛି ?
୩- କାପ୍ପାଟାଗୁଡ଼ା ୱାଇଲ୍ଡଲାଇଫ୍ ସାଞ୍ଚୁଆରି ........ ରାଜ୍ୟରେ ଅବସ୍ଥିତ ?
୪- ଭାରତର ପ୍ରଥମ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ପାୱାର୍ଡ ଆଡ୍‌ଭାନ୍ସ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ .......... ଏକ୍ସପ୍ରେସ୍‌ୱେରେ ଆରମ୍ଭ କରାଯାଇଛି ?
୫- ଝିରିମେଳା .............ଠାରେ ଅନୁଷ୍ଠିତ ହୁଏ ?

## ଗତ ଥରର ଉତ୍ତର

୧ କେରଳ
୨ ଜୁନ୍ ୧୯
୩ କୁକୁଡ଼ା
୪ ଏଚ୍.ଜି. ୱେଲ୍ସ
୫ ମିନିଷ୍ଟ୍ରି ଅଫ୍ ମାଇନ୍ସ

## ଉତ୍ତରଦାତା



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର | ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର | କ୍ରିଷ୍ଣା ପ୍ରଧାନ, ଥିଆନାଲ୍ | ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ -ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ଚର୍ଚ୍ଚିତ ସ୍ମାର୍ଟ ସିଟି



୧- ଜୁରିଚ୍ ........................ ସୁଇଜରଲାଣ୍ଡ
୨- ଓସ୍ଲୋ ........................ ନରୱେ
୩- କାନ୍‌ବେରା ........................ ଅଷ୍ଟ୍ରେଲିଆ
୪- ଜେନେଭା ........................ ସୁଇଜରଲାଣ୍ଡ
୫- ସିଙ୍ଗାପୁର ........................ ସିଙ୍ଗାପୁର
୬- କୋପେନ୍‌ହାଗେନ୍ ........................ ଡେନ୍‌ମାର୍କ
୭- ଲୌସାନେ ........................ ସୁଇଜରଲାଣ୍ଡ
୮- ଲଣ୍ଡନ........................ ଇଂଲଣ୍ଡ
୯- ହେଲ୍‌ସିଙ୍କି ........................ ଫିନ୍‌ଲାଣ୍ଡ
୧୦- ଆବୁଧାବି ........................ ୟୁନାଇଟେଡ୍ ଆରବ ଏମିରେଟ୍ସ

## ଜାଣନ୍ତୁ ଦୁନିଆ

# ଅଜବ ଏୟାରପୋର୍ଟ

**ଏୟାରପୋର୍ଟ ନାଁ ଶୁଣିଲେ ଏକ ପ୍ରଶସ୍ତ ସ୍ଥାନ ଯେଉଁଠି ଏକାଧିକ ଏରୋପ୍ଲେନ ରହିବା, ଲମ୍ବା ଲମ୍ବା ରନ୍‌ୱେ ଥିବା ଭଳି ଛବି ମନକୁ ଆସେ। ହେଲେ ପୃଥିବୀରେ ଏମିତି କେତେକ ଅଜବ ଏୟାରପୋର୍ଟ ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଜାଣନ୍ତୁ ଏଭଳି କେତେକ ଏୟାରପୋର୍ଟ ସମ୍ପର୍କରେ...**

**ଫୋଏନିକ୍ସ ଏୟାରଫିଲ୍ଡ:** ଆଣ୍ଟାର୍କଟିକାରେ ଥିବା ଏହି ଏୟାରଫିଲ୍ଡର ରନ୍‌ୱେ ସମ୍ପୂର୍ଣ୍ଣ ବରଫ ଉପରେ ନିର୍ମାଣ ହୋଇଛି। ସେଠାରେ ଥିବା ମ୍ୟାକ୍‌ମୁର୍ଡୋ ଷ୍ଟେଶନ୍ ନିକଟରେ ଥିବା ରସ୍ ଆଇସ୍ ଶେଲ୍ଫରେ ଏହା ନିର୍ମାଣ କରାଯାଇଛି। ବରଫରେ ନିର୍ମାଣ ହୋଇଥିବାରୁ ଖରାଦିନେ ଏହି ଏୟାରପୋର୍ଟ ଦେଖାଯାଇ ନ ଥାଏ। ତେଣୁ ପ୍ରତିବର୍ଷ ଏହାକୁ ପୁନଃ ନିର୍ମାଣ କରିବାକୁ ହୋଇଥାଏ।

**ବାର୍‌ରା ଏୟାରପୋର୍ଟ:** ସ୍କଟ୍‌ଲାଣ୍ଡରେ ଥିବା ବାର୍‌ରା ଆଇସ୍‌ଲାଣ୍ଡରେ ରହିଛି ଏହି ଅଜବ ଏୟାରପୋର୍ଟ। ଏହା ସମୁଦ୍ରତଟରେ ଥିବା ପୃଥିବୀର ଏକମାତ୍ର ଏୟାରପୋର୍ଟ, ଯେଉଁଠାରେ ବିମାନ ଉଡ଼ାଣ ଓ ଅବତରଣ, ସେଠାରେ ଥିବା ସମୁଦ୍ର ଜୁଆରର ସମୟ ଅନୁଯାୟୀ ନିର୍ଦ୍ଧାରଣ କରାଯାଇଥାଏ। ହାଇଲାଣ୍ଡସ ଆଣ୍ଡ ଆଇସ୍‌ଲାଣ୍ଡସ ଏୟାରପୋର୍ଟ୍ସ ଲିମିଟେଡ୍ ଦ୍ୱାରା ଏହା ପରିଚାଳିତ ହୋଇଥାଏ।

**ଲୁକ୍‌ଲା ଏୟାରପୋର୍ଟ:** ନେପାଳରେ ଥିବା ଏହି ଏୟାରପୋର୍ଟ ୧୯୭୧ ମସିହାରେ ପ୍ରତିଷ୍ଠା ହୋଇଥିଲା। ୧୯୫୩ରେ ସର୍ବପ୍ରଥମେ ଏଭରେଷ୍ଟରେ ଚଢ଼ିଥିବା ଟେଞ୍ଜିଙ୍ଗ୍ ନର୍‌ଗେ ଶେର୍ପା ଏବଂ ସାର୍ ଏଡ୍‌ମଣ୍ଡ ହିଲାରୀଙ୍କ ସମ୍ମାନରେ ୨୦୦୮ରେ ଏହାର ନାମ ପରିବର୍ତ୍ତନ କରାଯାଇ ଟେଞ୍ଜିଙ୍ଗ୍-ହିଲାରୀ ଏୟାରପୋର୍ଟ ରଖାଗଲା। ଏହାକୁ ପୃଥିବୀର ସବୁଠୁ ଭୟଙ୍କର ଏୟାରପୋର୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହାର ଚାରିପଟେ ଉଚ୍ଚ ପାହାଡ଼ ରହିଥିବା ବେଳେ ଏହାର ରନ୍‌ୱେ ଖୁବ୍ ଛୋଟ। ସାଧାରଣତଃ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟଗୁଡ଼ିକର ରନ୍‌ୱେ ୫୦୦୦ ଫୁଟ୍ ହୋଇଥିବା ବେଳେ ଏହି ଏହାରପୋର୍ଟର ରନ୍‌ୱେର ଲମ୍ବ ମାତ୍ର ୧୭୨୯ ଫୁଟ୍। ଏହା ସମୁଦ୍ରପତ୍ତନଠୁ ୯୩୩୭ ଫୁଟ୍ ଉଚ୍ଚତାରେ ଥିବାରୁ ସେଠାରେ ବାୟୁ ସ୍ତର ଖୁବ୍ ପତଳା। ତା'ଛଡ଼ା ଏତେ ଉଚ୍ଚତାରେ ଥିବାରୁ ସେଠାରେ କେବେ କୁହୁଡ଼ି ତ କେବେ ଅତ୍ୟଧିକ ଥଣ୍ଡା ସାଙ୍ଗକୁ ତୁଷାରପାତ ବି ହୋଇଥାଏ। ତେଣୁ ଟେକ୍‌ଅଫ୍ ସମୟରେ ଅସୁବିଧା ହୋଇଥାଏ। ତଥାପି ଏହି ଏୟାରପୋଟ ସବୁବେଳେ ବ୍ୟସ୍ତବହୁଳ।



## ୟୁଥ୍ ଫ୍ୟାଶନ୍

# ବ୍ରେସ୍‌ଲେଟ୍ ୱାଚ୍

**ଅଧିକାଂଶ ଯୁବତୀ ଯୁବକଙ୍କୁ ବ୍ରେସ୍‌ଲେଟ୍ ଏବଂ ରିଷ୍ଟୱାଚ୍ ପିନ୍ଧିବା ପସନ୍ଦ। କିନ୍ତୁ ଉଭୟକୁ ଏକାଠି ପିନ୍ଧିବା ଦ୍ୱାରା ବେଳେବେଳେ ଅସୁବିଧା ହୋଇଥାଏ, ଯେଉଁଥିପାଇଁ ଇଚ୍ଛା ଥିଲେ ବି ସେମାନଙ୍କୁ ଗୋଟିଏକୁ ବାଛିବାକୁ ପଡ଼ିଥାଏ। ହେଲେ ବର୍ତ୍ତମାନ ମାର୍କେଟ୍‌ରେ ମିଳୁଥିବା ବ୍ରେସ୍‌ଲେଟ୍ ୱାଚ୍ ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ପାଲଟିଛି ଲାଟେଷ୍ଟ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**



**ମେଟାଲିକ୍ ଷ୍ଟୋନ୍‌ୱାର୍କ ବ୍ରେସ୍‌ଲେଟ୍ ୱାଚ୍:** ଏଭଳି ୱାଚ୍‌କୁ ଉଭୟ ଯୁବତୀ ଏବଂ ଯୁବକ ବିଭିନ୍ନ ସ୍ପେଶାଲ୍ ଅବସରରେ ପିନ୍ଧିଲେ ଆଇକ୍ୟାଚି ଲୁକ୍ ପାଇପାରିବେ।

**ଲେଦର ବ୍ରେସ୍‌ଲେଟ୍ ୱାଚ୍:** ବ୍ଲାକ୍, ବ୍ରାଉନ୍, ମେରୁନ୍, ଡାର୍କଗ୍ରୀନ୍ ଭଳି କଲରର ଲେଦର ବ୍ରେସ୍‌ଲେଟ୍ ୱାଚ୍ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଖୁବ୍ ଡିମାଣ୍ଡରେ ଅଛି। କାଜୁଆଲ୍ ଓ ମଡର୍ନ ଲୁକ୍ ପାଇଁ ଅଧିକାଂଶ ବିଶେଷକରି ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଫ୍ଲୋରାଲ୍ ବ୍ରେସ୍‌ଲେଟ୍ ୱାଚ୍:** ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଏଭଳି ୱାଚ୍ ପିନ୍ଧିଲେ କ୍ଲାସି ଲାଗିଥାଏ। ଏହା ଦେଖିବାକୁ ସୁନ୍ଦର ଏବଂ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

**ପର୍ଲ ବ୍ରେସ୍‌ଲେଟ୍ ୱାଚ୍:** ଏହି ୱାଚ୍ ଯୁବତୀମାନଙ୍କର ବହୁତ ପସନ୍ଦ। ଏହାକୁ ହ୍ୱାଇଟ୍ ଆଉଟ୍‌ଫିଟ୍ ସହିତ ପିନ୍ଧିଲେ ଏଲିଗାଣ୍ଟ ଲୁକ୍ ମିଳିଥାଏ।

**ମ୍ୟାଚିଂ ବ୍ରେସ୍‌ଲେଟ୍ ୱାଚ୍:** ବର୍ତ୍ତମାନ ଡ୍ରେସ୍ ସହ ମ୍ୟାଚିଂ କଲରର ଆସେସରିଜ୍ ପିନ୍ଧିବାକୁ ଅନେକ ପସନ୍ଦ କରୁଛନ୍ତି। ଏମିତିରେ ସେମାନଙ୍କ ପାଇଁ ମ୍ୟାଚିଂ କଲରର ବ୍ରେସ୍‌ଲେଟ୍ ୱାଚ୍ ପର୍‌ଫେକ୍ଟ ଚଏସ୍ ପାଲଟିଛି।



ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com | ପୃଷ୍ଠା ୧୬ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୬ ଜୁଲାଇ, ୨୦୨୫ | Bhubaneswar, Sunday, 6 July, 2025




# ଗିଲ୍‌ଙ୍କ ଶତକ: ଭାରତ ଦୃଢ଼

## ଇଂଲଣ୍ଡ ସମ୍ମୁଖରେ ୬୦୮ ବିଜୟ ଲକ୍ଷ୍ୟ

**ବର୍ମିଂହାମ, ୫।୭**

ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଅଧିନାୟକ ଭାବେ ୪ ଇନିଂସରେ ୩ ଶତକ ହାସଲ କରି ଗିଲ୍ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୪୨୭/୬ରେ ଘୋଷଣା କରିଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୬୦୮ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଚତୁର୍ଥ ଦିବସ ଖେଳ ଶେଷବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୭୨ ରନ ମଧ୍ୟରେ ୩ ଉଇକେଟ ହରାଇ ବିପଦରେ ପଡ଼ିଛି। ଅନ୍ତିମ ଦିବସରେ ବିଜୟ ପାଇଁ ଦଳକୁ ଆହୁରି ୫୩୬ ରନ୍ ଆବଶ୍ୟକ ହେବ।

ତୃତୀୟ ଦିବସର ଅସମାପ୍ତ ସ୍କୋର ୬୪/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ଭଲ ଆରମ୍ଭ କରିଥିବା କରୁଣ ନାୟାର ୨୬ ରନକରି ଆଉଟ ହୋଇଥିବାବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଲୋକେଶ ରାହୁଲ। ତେବେ ସେ ୫୫ ରନ କରି ଜୋଶ୍ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଗିଲ୍‌ଙ୍କ ସହ କ୍ରିଜ୍‌ରେ ଯୋଗଦେଇ ରିଷଭ ପନ୍ତ ଦ୍ରୁତ ହାରରେ ରନ ସଂଗ୍ରହ ସହ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ଦୁହେଁ ୧୦୩ ବଲ୍‌ରୁ ୧୧୦ ରନ ସଂଗ୍ରହ ପରେ ପନ୍ତ ୫୮ ବଲ୍‌ରୁ ୬୫ ରନକରି ଆଉଟ ହୋଇଥିଲେ। ଏହାପରେ ଗିଲ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଯୋଡ଼ି ୫ମ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ିଥିଲେ। ଏହି ଅବସରରେ ଗିଲ୍ ଶତକ ହାସଲ କରିଥିଲେ। ସୁନୀଲ ଗାଭାସ୍କର ଓ ବିରାଟ କୋହଲିଙ୍କ ପରେ ଭାରତର ତୃତୀୟ ଅଧିନାୟକ ଭାବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ହୋଇଥିଲେ। ପୂର୍ବରୁ ବିରାଟ କୋହଲି ଏହି ରେକର୍ଡର ଅଧିକାରୀ ଥିଲେ। ସେହିପରି ଗୋଟିଏ ଟେଷ୍ଟରେ ସର୍ବାଧିକ ରନ କରିବାରେ ସୁନୀଲ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଥିଲେ ଗିଲ୍। ଗାଭାସ୍କର ୧୯୭୧ରେ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ୩୪୪ ରନକରି ରେକର୍ଡର ଅଧିକାରୀ ଥିଲେ। ଗିଲ୍ ଦ୍ୱିତୀୟ ଇନିଂସରେ ଶତକ ହାସଲ ପରେ ସେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଫଳରେ ଆଉଟ ହେବା ବେଳକୁ ସେ ୧୬୨ ବଲ୍‌ରୁ ୧୬୧ (୧୩ ଚୌକା, ୮ ଛକା) ରନ ସଂଗ୍ରହ କରିଥିଲେ। ଜାଡେଜା ୬୯ ରନର ଇନିଂସ ଖେଳି ଉପଯୋଗୀ ଯୋଗଦାନ ଦେଇଥିଲେ।

ଏହା ପୂର୍ବରୁ ଭାରତ ଥରେ ମାତ୍ର କୌଣସି ଟେଷ୍ଟରେ ଏହାଠାରୁ ବଡ଼ ଟାର୍ଗେଟ ଦେଇଥିଲା। ୨୦୦୯ରେ ୱେଲିଂଟନଠାରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୬୧୬ ରନ ବିଜୟ ଲକ୍ଷ୍ୟ ରଖିଥିଲା। ଏଠାରେ ଭାରତ ଉଭୟ ଇନିଂସରେ ମୋଟ ୧୦୧୪ ରନ କରିଥିଲା। ଯାହାକି ଟେଷ୍ଟ କ୍ରିକେଟରେ ୪ର୍ଥ ସର୍ବାଧିକ। ୧୯୩୦ରେ କିଙ୍ଗଷ୍ଟନଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ସର୍ବାଧିକ ୧୧୨୧ ରନକରି ରେକର୍ଡର ଅଧିକାରୀ ଅଛି। ମ୍ୟାଚରେ ଗିଲ୍ ମୋଟ ୪୩୦ ରନ ସ୍କୋର କରିଛନ୍ତି। ଯାହାକି ବ୍ୟାଟରଙ୍କ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ। ୧୯୯୦ରେ ଲର୍ଡ୍ସଠାରେ ଭାରତ ବିପକ୍ଷରେ ଇଂଲଣ୍ଡର ଗ୍ରାହାମ ଗୁଚ୍ ୪୫୬ ରନ ସହିତ ରେକର୍ଡର ଅଧିକାରୀ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୮୭। ଇଂଲଣ୍ଡ ପ୍ରଥମ ଇନିଂସ: ୪୦୭। ଭାରତ ଦ୍ୱିତୀୟ ଇନିଂସ: ୪୨୭/୬/ଘୋଷଣା (ଶୁବମନ ଗିଲ୍-୧୬୧, ରବୀନ୍ଦ୍ର ଜାଡେଜା-୬୯*, ରିଷଭ ପନ୍ତ-୬୫, ଲୋକେଶ ରାହୁଲ-୫୫, ଜୋଶ ଟଙ୍ଗ୍-୨/୯୩, ଶୋଏବ ବଶିର-୨/୧୧୯, ବେର୍ଡନ କାର୍ସ-୧/୫୬, ଜୋ ରୁଟ୍-୧/୬୫)।


ଶତକ ହାସଲପରେ ଶୁବମନ ଗିଲ୍।

### ଉଭୟ ଇନିଂସରେ ଶତକ (ଭାରତୀୟ ଅଧିନାୟକ)

- ➤ସୁନୀଲ ଗାଭାସ୍କର ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୭୮
- ➤ବିରାଟ କୋହଲି ବନାମ ଅଷ୍ଟ୍ରେଲିଆ, ଆଡିଲେଡ, ୨୦୧୪
- ➤ଶୁବମନ ଗିଲ୍ ବନାମ ଇଂଲଣ୍ଡ, ଏଜବାଷ୍ଟନ, ୨୦୨୫

(ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ଗିଲ୍ ଦ୍ୱିତୀୟ ଭାରତୀୟ। ପୂର୍ବରୁ ବିରାଟ କୋହଲି ଏହି ସଫଳତା ପାଇଥିଲେ।)

# ନୀରଜ ଜିତିଲେ ଏନ୍‌ସି କ୍ଲାସିକ୍


ବେଙ୍ଗାଲୁରୁରେ ଜାଭେଲିନ୍ ଥ୍ରୋ ଅବସରେ ଭାରତର ନୀରଜ ଚୋପ୍ରା।

**ବେଙ୍ଗାଲୁରୁ, ୫।୭**

ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ତାଙ୍କ ଉଜ୍ଜଳ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏକ ଅନ୍ତର୍ଜାତୀୟ ଇଭେଣ୍ଟର ଆୟୋଜନ କରିବା ସହ ଏହାର ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱ ରେକର୍ଡଧାରୀ ସ୍ୱିଡିଶ ପୋଲ୍‌ଭଲ୍ଟର ଆର୍ମାଣ୍ଡୋ ଡୁପ୍ଲାଣ୍ଟିସ ଓ କେନିଆର କିପ୍‌ଚୋଗେ କିନୋଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଛନ୍ତି। ଏହି ଦୁଇ ଆଥ୍‌ଲେଟ ସେମାନଙ୍କ ନାମରେ ମୋଣ୍ଡୋ କ୍ଲାସିକ୍ ଓ କିପ୍ କିନୋ କ୍ଲାସିକ୍‌ର ଅୟୋଜନ କରିଆସୁଛନ୍ତି, ଯାହାକି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟର ମାନ୍ୟତା ଲାଭ କରିଛି। ଶନିବାର ସ୍ଥାନୀୟ କାନ୍ତିରାଭା ଷ୍ଟାଡିୟମରେ ନୀରଜ ତାଙ୍କ ନାମରେ ଏନ୍‌ସି କ୍ଲାସିକ୍ ଇଭେଣ୍ଟର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ପରିବାର ଏବଂ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଡବଲ ଅଲିମ୍ପିକ ପଦକ ବିଜେତା ନୀରଜ ତାଙ୍କ ୩ୟ ରାଉଣ୍ଡ ଥ୍ରୋ ୮୬.୧୮ ମିଟର ସହ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ କେନିଆର ୨୦୨୫ ବିଶ୍ୱ ଚାମ୍ପିୟନ ଜୁଲିଅସ୍ ୟେଗୋ (୮୪.୫୧ ମିଟର) ସହ ଦ୍ୱିତୀୟ ଏବଂ ଶ୍ରୀଲଙ୍କାର ରୁମେଶ ପଥିରାଗେ (୮୪.୩୪ ମିଟର) ତୃତୀୟ ସ୍ଥାନରେ ରହିଥିଲେ।

# ଯୁବ କ୍ରିକେଟରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ ଶତକ

**ନୂଆଦିଲ୍ଲୀ, ୫।୭**

୧୪ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ୧୯ ବର୍ଷରୁ କମ୍ ଇଂଲଣ୍ଡ ବିପକ୍ଷରେ ୫୨ ବଲରେ ଶତକ ପୂରଣ କରିବା ସହ ଯୁବ ଦିନିକିଆ କ୍ରିକେଟରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ଦଳ ପାଇଁ ଖେଳୁଥିବା ସୂର୍ଯ୍ୟବଂଶୀ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବାଂଲାଦେଶର ନଜମୁଲ ହୋସେନ ଶାନ୍ତୋଙ୍କ ନାମରେ ଥିଲା। ସେ ୧୪ ବର୍ଷ ଓ ୨୪୧ ଦିନ ବୟସରେ ୨୦୧୩ରେ ଶତକ କରିଥିଲେ। ସର୍ବକନିଷ୍ଠ ଭାରତୀୟ ଭାବେ ଯୁବ ଦିନିକିଆ କ୍ରିକେଟରେ ଶତକ କରିବାର ରେକର୍ଡ ସର୍ଫରାଜ ଖାନଙ୍କ ନାମରେ ଥିଲା।

# ଶ୍ରୀକାନ୍ତ ସେମିରେ

**କାନାଡା ଓପନ୍ ବ୍ୟାଡ୍‌ମିଣ୍ଟନ**

**କାଲଗାରି, ୫।୭ (ପି.ଟି)**

ଭାରତର କିଡାମ୍ବି ଶ୍ରୀକାନ୍ତ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା କାନାଡା ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ଚଳିତ ବର୍ଷ ମେ ମାସରେ ମାଲେସିଆ ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ କ୍ୱାର୍ଟରଫାଇନାଲରେ ସେ ଟପ୍ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କୁ ୨୧-୧୮, ୨୧-୯ରେ ହରାଇ ଦେଇଥିଲେ। ବର୍ତ୍ତମାନ ୪୯ତମ ର୍ୟାଙ୍କିଙ୍ଗପ୍ରାପ୍ତ ଶ୍ରୀକାନ୍ତ ସେମିଫାଇନାଲରେ ତୃତୀୟ ସିଡ୍ ଜାପାନର କେଣ୍ଟା ନିଶିମୋତୋଙ୍କୁ ଭେଟିବେ।

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ସିନର

**ୱିମ୍ବଲଡନ ଚାମ୍ପିୟନଶିପ୍**

**ଲଣ୍ଡନ, ୫।୭**

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଶନିବାର ଉଭୟ ମହିଳା ଓ ପୁରୁଷ ସିଙ୍ଗଲ୍ସ ବିଭାଗର ଟପ୍ ସିଡ୍ ଖେଳାଳି ଯଥାକ୍ରମେ ଆରିନା ସାବାଲେଙ୍କା ଓ ଜାନିକ ସିନର ବିଜୟ ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଡିଫେଣ୍ଡିଂ ଚାମ୍ପିୟନ ବାରବୋରା କ୍ରେଜିକୋଭା ଓ ୧୧ତମ ସିଡ୍ ଏଲେନା ରିବାକିନା ପରାଜୟ ସହ ବିଦାୟ ନେଇଛନ୍ତି।

ଶନିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସାବାଲେଙ୍କା ୭-୬(୮/୭), ୬-୪ ସେଟ୍‌ରେ ଏମା ରାଡୁକାନୁଙ୍କୁ ହରାଇଛନ୍ତି। ସେହିଭଳି ସପ୍ତମ ସିଡ୍ ମିରା ଆଣ୍ଡ୍ରିଭା ୬-୧, ୬-୩ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ, ବ୍ରାଜିଲର ଜେସିକା ବୌଜାସ ମାନେରୋ ୬-୧, ୨-୬, ୬-୩ ସେଟ୍‌ରେ ଡାୟନା ୟସ୍ତ୍ରେମସ୍କାଙ୍କୁ, ସୁଇଜରଲାଣ୍ଡର ବେଲିଣ୍ଡା ବେନକିକ ୬-୪, ୩-୬, ୭-୬ (୧୦/୭) ସେଟ୍‌ରେ ଏଲିସାବେଟା କୋକିଆରେଟୋଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ଦଶମ ସିଡ୍ ଏମା ନାଭାରୋ ୨-୬, ୬-୩, ୬-୪ ସେଟ୍‌ରେ କ୍ରେଜିକୋଭା, କ୍ଲାରା ଟୌସନ ୭-୬(୮/୬), ୬-୩ ସେଟ୍‌ରେ ରିବାକିନାଙ୍କୁ ହରାଇ ଦେଇଛନ୍ତି।

ପୁରୁଷ ସିଙ୍ଗଲ୍ସରେ ୱାର୍ଲ୍ଡ ନଂ-୧ ସିନର ୬-୧, ୬-୩, ୬-୧ ସେଟ୍‌ରେ ପେଡ୍ରୋ ମାର୍ଟିନେଜଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ମ୍ୟାଚରେ ୨୨ତମ ସିଡ୍ ଫ୍ଲାଭିଓ କୋବୋଲି ୬-୨, ୬-୪, ୬-୨ ସେଟ୍‌ରେ ୧୫ତମ ସିଡ୍ ଜ୍ୟାକୁବ ମେନସିକଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ଜାନିକ ସିନର।




# ଭାରତ-ବାଂଲାଦେଶ ସିରିଜ୍ ବର୍ଷେ ଘୁଞ୍ଚିଲା

**ନୂଆଦିଲ୍ଲୀ, ୫।୭(ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ଆପୋଷ ବୁଝାମଣାରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ହ୍ୱାଇଟ୍ ବଲ କ୍ରିକେଟ୍ ସିରିଜ୍‌କୁ ଆସନ୍ତା ବର୍ଷ ସେପ୍ଟେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ଏହି ସିରିଜ୍ ଆସନ୍ତା ଅଗଷ୍ଟରେ ହେବାର ଥିଲା। ଏହି ସିରିଜ୍‌ରେ ୩ ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳାଯିବାର ଅଛି। ସିରିଜ୍‌ର ସମସ୍ତ ମ୍ୟାଚ୍ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟାଗଙ୍ଗ ଓ ଢାକାରେ ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ ଚୁକ୍ତି ଓ ଉଭୟ ଦଳର କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଉଭୟ ବୋର୍ଡ ମଧ୍ୟରେ ଆଲୋଚନା ପରେ ସିରିଜ୍‌କୁ ଘୁଞ୍ଚାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି।

# ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି

**ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସ**

**ଭୁବନେଶ୍ୱର, ୫।୭ (ତପନ ସ୍ୱାଇଁ)**

ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଓଡ଼ିଶା ପ୍ରତିଯୋଗୀଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଅଶୋକ ଦଣ୍ଡସେନା ଶନିବାର ସୁଦ୍ଧା ଏକାକୀ ୫ଟି ପଦକ ହାସଲ କରିଛନ୍ତି। ପୂର୍ବରୁ ୮୦୦, ୧,୫୦୦ ଓ ୫,୦୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ଦଣ୍ଡସେନା ଶନିବାର ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଏବଂ ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଦଣ୍ଡସେନା ନିଜର ନିଷ୍ଠା, ଆଗ୍ରହ, ଦୃଢ଼ତା ଓ ପରିଶ୍ରମ ଦ୍ୱାରା ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି। ମହିଳା ୪x୪୦୦ ମିଟର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି ସୁସ୍ମିତା ଟିଗା। ସେ ପୂର୍ବରୁ ୧,୫୦୦ ମିଟରରେ ସ୍ୱର୍ଣ୍ଣ ଓ ୮୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ। ଅନ୍ୟଜଣେ ମହିଳା ଆଥ୍‌ଲେଟ ସବିତା ଟପ୍ପୋ ୧୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ଓ ୪୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୧୪ରେ ପହଞ୍ଚିଛି।

କରାଟେର ପୁରୁଷ ୮୪ କେଜି ବର୍ଗରେ ରିତେଶ ରାୟ ସ୍ୱର୍ଣ୍ଣ ଓ ଅଭିଷେକ ପଟ୍ଟନାୟକ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୁରୁଷ ୮୪ କେଜିରୁ କମ୍ ବର୍ଗ କରାଟେରେ ସୁମନ ଶେଖର ଦାସ ଏବଂ ୬୪ କେଜିରୁ କମ୍ ବର୍ଗରେ ଭଗବାନ ରେଙ୍ଗୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ଓଡ଼ିଶା ପୋଲିସକୁ ଅନ୍ତର୍ଜାତୀୟ ମଞ୍ଚରେ ଗର୍ବିତ କରାଇଛନ୍ତି। ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ଶନିବାର ପଦକ ହାସଲ ପରେ ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

# ଜାତୀୟ ରେକର୍ଡ ଭାଙ୍ଗିଲେ ଅନିମେଶ

**ନୂଆଦିଲ୍ଲୀ, ୫।୭(ପି.ଟି.)**

ଓଡ଼ିଶା ଏଚ୍‌ପିସିର ତାରକା ଧାବକ ଅନିମେଶ କୁଜୁର ଶନିବାର ଗ୍ରୀସରେ ଡ୍ରୋମିଆ ଇଣ୍ଟରନ୍ୟାଶନାଲ ସ୍ପ୍ରିଣ୍ଟ ଓ ରେଲେଜ ପ୍ରତିଯୋଗିତାରେ ୧୦.୧୮ ସେକେଣ୍ଡ ଟାଇମିଂ ସହ ୧୦୦ ମିଟର ଇଭେଣ୍ଟର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଗୁରିନ୍ଦରବୀର ସିଂଙ୍କ ନାମରେ ଥିଲା। ସେ ୧୦.୨୦ ସେକେଣ୍ଡରେ ରେସ ଶେଷ କରିଥିଲେ। କୁଜୁରଙ୍କ ନାମରେ ଏବେ ଉଭୟ ୧୦୦ ମି. ଓ ୨୦୦ ମି. ବର୍ଗରେ ଜାତୀୟ ରେକର୍ଡ ରହିଛି। ସେ ଗତ ମେ' ମାସରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ୨୦୦ ମି. ଇଭେଣ୍ଟକୁ ୨୦.୩୨ ସେ. ଶେଷ କରି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଗ୍ରୀସର ରାଜଧାନୀ ଏଥେନ୍ସର ନିକଟସ୍ଥ ସହର ଭାରୀରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗ୍ରୀସର ସୋଟିରିଅସ ଗାରାଗାନିସ (୧୦.୨୩ ସେ.) ଓ ସାମୁଲି ସାମୁଏଲସନ (୧୦.୨୮ ସେ.) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ପୋଲାଣ୍ଡର ପୋଜନାନଠାରେ ମେମୋରିଆଲ ଜେସ୍ଲାୱ ସିବୁଲସ୍କିଏଗୋ ପ୍ରତିଯୋଗିତାର ପୁରୁଷ ୮୦୦ ମି. ଇଭେଣ୍ଟରେ ମହମ୍ମଦ ଅଫଜଲ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ୮୦୦ ମି. ଇଭେଣ୍ଟକୁ ୧: ୪୫ ମିନିଟ୍ ମଧ୍ୟରେ ଶେଷ କରିଛନ୍ତି। ଅଫଜଲ ୧:୪୪.୯୬ ମି. ଟାଇମିଂ ସହ ହିଟ୍ ଏ/୧ରେ ଷଷ୍ଠ ସ୍ଥାନରେ ରହିଥିଲେ। ଗତ ମେ'ରେ ୨୯ ବର୍ଷୀୟ ଅଫଜଲ ୧:୪୫.୬୧ ମିନିଟ୍ ଟାଇମିଂ ସହ ୭ ବର୍ଷ ପୁରୁଣା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ତାଙ୍କ ପୂର୍ବରୁ ଜିନସନ ଜନସନ(୧:୪୫.୬୫ ମି.)ଙ୍କ ନାମରେ ଏହି ଜାତୀୟ ରେକର୍ଡ ଥିଲା।


ଚାଇନାରେ ହେବାକୁ ଯାଉଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଭାଗ ନେବାକୁ କଶିକା ପ୍ରଧାନ ମନୋନୀତ ହୋଇଛନ୍ତି। ଓଡ଼ିଶା ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟରରେ କଶିକା ଟ୍ରେନିଂ ନେଉଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ